

শাহারুখঙ্କু ଟକ୍କର ଦେବେ ଅଭିଷେକ

▶ପୃଷ୍ଠା 9 ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-24 ♦BHUBANESWAR ♦FRIDAY ♦19 JULY 2024 ♦PAGE-16 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୨୪ ♦ଭୁବନେଶ୍ୱର ♦ଶୁକ୍ରବାର ♦୧୯ ଜୁଲାଇ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦


# ଆଜି ଦାରୁଦିଅଁଙ୍କ ନୀଳାଦ୍ରି ବିଜେ

## ଅପରାହ୍ଣ ୪ଟାରୁ ପହଣ୍ଡି

■ **ପୁରୀ, ୧୮।୭ (ସମିସ):** ଶ୍ରୀମନ୍ଦିର ବାହାରେ ସରିଆସୁଛି ମହାପ୍ରଭୁଙ୍କ ଲୀଳାଖେଳା। ପବିତ୍ର ବାହୁଡ଼ା ଯାତ୍ରାରେ ଜନ୍ମବେଦୀରୁ ବାହୁଡ଼ି ଆସିଛନ୍ତି ଦାରୁବ୍ରହ୍ମ। ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ତିନିରଥ। ରଥାରୂଢ଼ ଠାକୁର ସୁନାବେଶରେ ଲକ୍ଷ ଲକ୍ଷ ଭକ୍ତଙ୍କୁ ଦର୍ଶନ ଦେଇ ସେମାନଙ୍କୁ କୃତାର୍ଥ କରିଛନ୍ତି। ଗୁରୁବାର ରଥ ଉପରେ ସମ୍ପନ୍ନ ହୋଇଛି ଅଧରପଣା ନୀତି। ଶୁକ୍ରବାର ନୀଳାଦ୍ରିବିଜେ। ଏହି ପବିତ୍ର ତିଥିରେ ରତ୍ନବେଦୀକୁ ବିଜେ କରିବେ ଦାରୁଦିଅଁ। ଏହାସହ ଶେଷ ହେବ ଶ୍ରୀଗୁଣ୍ଡିଚା ଯାତ୍ରା। ଆଉ ଶନିବାରଠୁ ଭକ୍ତଙ୍କୁ ମିଳିବ ନୀଳାଚଳ ଅବଢ଼ା। ପୁଣି ଶ୍ରୀମନ୍ଦିରରେ ଲାଗିବ ଗହଳିଚହଳି।

ନୀଳାଦ୍ରିବିଜେ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ରହିଛି ପ୍ରଶାସନ। ଜିଲ୍ଲା ପ୍ରଶାସନ, ପୁଲିସ ଓ ଶ୍ରୀମନ୍ଦିର ପ୍ରଶାସନ ନିଜ ନିଜର ପ୍ରସ୍ତୁତି ସାରିଛନ୍ତି। ଏହି ମହାନ ପର୍ବର ଅନ୍ତିମ ଯାତ୍ରାଙ୍କୁ ଶୃଙ୍ଖଳିତ କରିବା ପାଇଁ ସମସ୍ତେ ଅପେକ୍ଷାରତ। ନୀଳାଦ୍ରିବିଜେ ନୀତି ପାଇଁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରଥ ଉପରେ ଠାକୁରଙ୍କ ନୀତିକୁ ତ୍ୱରାନ୍ୱିତ କରି ଅପରାହ୍ନ ୪ଟା ସୁଦ୍ଧା ଚତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି ଆରମ୍ଭ ହେବ।



## ତିନିରଥରେ ଭାଙ୍ଗିଲା ୯ ଅଧରହାଣ୍ଡି

■ **ପୁରୀ, ୧୮।୭ (ସମିସ):** ଅନ୍ତିମ ପର୍ଯ୍ୟାୟରେ ଶ୍ରୀଗୁଣ୍ଡିଚା ଯାତ୍ରା। ରତ୍ନସିଂହାସନକୁ ଯିବା ପାଇଁ ପ୍ରସ୍ତୁତ ହେଲେଣି ଦାରୁବିଗ୍ରହ। ଶୁକ୍ରବାର ନୀଳକନ୍ଦରକୁ ବିଜେ କରିବେ ମହାପ୍ରଭୁ। ଏହାର ଅବ୍ୟବହିତ ପୂର୍ବରୁ ଗୁରୁବାର ସିଂହଦ୍ୱାର ସମ୍ମୁଖ ତିନିରଥ ଉପରେ ସମ୍ପନ୍ନ ହୋଇଛି ଅଧରପଣା ନୀତି। ରଥାରୂଢ଼ ଠାକୁରଙ୍କ ସମ୍ମୁଖରେ ଭଙ୍ଗାଯାଇଛି ୯ଟି ଅଧରପଣା ହାଣ୍ଡି। ମହାପ୍ରଭୁଙ୍କ ଏହି ଅନନ୍ୟ ନୀତି ଦେଖିବା ପାଇଁ ସିଂହଦ୍ୱାର ସମ୍ମୁଖରେ ଜମିଥିଲା ଭକ୍ତଙ୍କ ଭିଡ଼। ତେବେ ଧାର୍ଯ୍ୟ ସମୟ ରାତି ୮ଟା ମଧ୍ୟରେ ଏହି ନୀତି ସରିବାକୁ ସମୟ ନିର୍ଘଣ୍ଟ ହୋଇଥିଲା। ମାତ୍ର ୧ଘଣ୍ଟା ୨୦ ବିଳମ୍ବରେ ଶେଷ ହୋଇଥିଲା ଅଧରପଣା ନୀତି। ରାତି ୯ଟା ୨୦ରେ ନନ୍ଦିଘୋଷ ରଥରେ ଭାଙ୍ଗିଥିଲା ଅଧରହାଣ୍ଡି।

ଗୁରୁବାର ଆଷାଢ଼ ଶୁକ୍ଳ ଦ୍ୱାଦଶୀ। ତିନିରଥରେ ମଧ୍ୟାହ୍ନ ଧୂପ ବଢ଼ିବା ପରେ ଆରମ୍ଭ ହୋଇଥିଲା ଅଧରପଣା ପାଇଁ ପ୍ରସ୍ତୁତି। ସିଂହଦ୍ୱାର ସମ୍ମୁଖ ଛାଉଣୀ ମଠ କୂଅରୁ ପାଣିଆ ଆପଟ ସେବକମାନେ ଗରାରେ ଜଳ ଆଣି ରଥ ଉପରେ ରହିଥିବା ପିତଳ ହଣ୍ଡାରେ ଭର୍ତ୍ତି କରିଥିଲେ। ମଠ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅଧରପଣା ପାଇଁ ▶ପୃଷ୍ଠା-୯

### ନିଟ୍-ୟୁଜି ପ୍ରସଙ୍ଗରେ ଏନ୍‌ଟିଏକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ସହର ଏବଂ ପରୀକ୍ଷା କେନ୍ଦ୍ର ଅନୁଯାୟୀ ଫଳ ପ୍ରକାଶ କର

■ **ନୂଆଦିଲ୍ଲୀ, ୧୮।୭ (ଏଜେନ୍ସି):** ନିଟ୍-ୟୁଜି ପ୍ରସଙ୍ଗରେ ସୁପ୍ରିମକୋର୍ଟ ଗୁରୁବାର ଶୁଣାଣି କରିବା ସହିତ ୨୦ ତାରିଖ ଦିନ ୧୨ଟା ସୁଦ୍ଧା ଏନଟିଏ(ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି) ଏହାର ୱେବସାଇଟ୍‌ରେ ପରୀକ୍ଷା ଫଳାଫଳ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପରୀକ୍ଷାର୍ଥୀଙ୍କ ପରିଚୟ ଗୋପନ ରଖି ସହର ଏବଂ ପରୀକ୍ଷା କେନ୍ଦ୍ର ଅନୁଯାୟୀ କେଉଁ ଛାତ୍ର କେତେ ମାର୍କ ହାସଲ କରିଛନ୍ତି ତାହାର ତଥ୍ୟ ପୃଥକ ଭାବେ ପ୍ରକାଶ କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ ଏନଟିଏକୁ କହିଛନ୍ତି।




**ସହର କିମ୍ବା ପରୀକ୍ଷା କେନ୍ଦ୍ର ବଦଳାଇଥିବା ପରୀକ୍ଷାର୍ଥୀଙ୍କ ତଥ୍ୟ ଦେବାକୁ ନିର୍ଦ୍ଦେଶ**

ନିଟ୍ ପରୀକ୍ଷା ଦେବା ବେଳେ ଯେଉଁ ଛାତ୍ର ପରୀକ୍ଷା କେନ୍ଦ୍ର କିମ୍ବା ସହର ବଦଳାଇଥିଲେ ସେ ସମ୍ପର୍କରେ ସୁପ୍ରିମକୋର୍ଟ ▶ପୃଷ୍ଠା-୯

**ଆଜି ବିଜେଡି ସଂସଦୀୟ ଦଳ ବୈଠକ**

# ଗୁରୁମନ୍ତ୍ର ଦେବେ ନବୀନ

■ **ଭୁବନେଶ୍ୱର, ୧୮।୭ (ସମିସ):** ଆସନ୍ତା ୨୨ ତାରିଖରୁ ସଂସଦର ଗୁରୁତ୍ୱପୂର୍ଣ୍ଣ ବଜେଟ ଅଧିବେଶନ ଆରମ୍ଭ ହେବ। ଏହାର ଅବ୍ୟବହିତ ପୂର୍ବରୁ ଆସନ୍ତାକାଲି ସନ୍ଧ୍ୟାରେ ନବୀନ ନିବାସରେ ବସିବ ବିଜେଡି ସଂସଦୀୟ ଦଳ ବୈଠକ। ଏଥିରେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଅଧ୍ୟକ୍ଷତା କରିବେ ଏବଂ ସମସ୍ତ ୯ ଜଣ ରାଜ୍ୟସଭା ସାଂସଦ ବୈଠକରେ ଉପସ୍ଥିତ ରହିବେ। ବିଭିନ୍ନ କାରଣ ଦୃଷ୍ଟିରୁ ବିଜେଡି ପାଇଁ ଏହି ବୈଠକ ବେଶ୍ ଗୁରୁତ୍ୱ ବହନ କରୁଛି। ନିକଟରେ ଅନୁଷ୍ଠିତ ସଂସଦର ସଂକ୍ଷିପ୍ତ ଅଧିବେଶନରେ ବିଜେଡି ରାଜ୍ୟସଭାରେ

**ଗତ ସଂକ୍ଷିପ୍ତ ଅଧିବେଶନରେ ପ୍ରଭାବୀ ପ୍ରଦର୍ଶନ କରିଥିଲା ବିଜେଡି**

**ସମାନ ଆଭିମୁଖ୍ୟ ବଜାୟ ରଖିବା ନେଇ ବିଶେଷଜ୍ଞଙ୍କ ଆକଳନ**

ବେଶ୍ ପ୍ରଭାବୀ ପ୍ରଦର୍ଶନ କରିବାରେ ସକ୍ଷମ ହୋଇଛି। ନିଟ୍ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରସଙ୍ଗରେ ବିଜେଡିର ସାଂସଦମାନେ ଗୃହରେ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିବା ସହ ଜବାବ୍ ତଲବ କରିଛନ୍ତି। ଏପରିକି ▶ପୃଷ୍ଠା-୯

### ରାଜ୍ୟ ମନ୍ତ୍ରୀ ପରିଷଦ ଓ କ୍ୟାବିନେଟ ବୈଠକ

# ୩ ଲକ୍ଷ କୋଟି ଟଙ୍କା ଛୁଇଁପାରେ ବଜେଟ !

■ **ଭୁବନେଶ୍ୱର, ୧୮।୭ (ସମିସ):** ଆସନ୍ତା ୨୨ ତାରିଖରୁ ରାଜ୍ୟ ବଜେଟ୍ ଅଧିବେଶନ ଆରମ୍ଭ ହେବ। ଅର୍ଥ ବିଭାଗ ହାତରେ ରଖିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଜେପି ସରକାରର ପ୍ରଥମ ବଜେଟ୍ ଆଗତ କରିବେ। ବଜେଟ୍ ଅଧିବେଶନର ଅବ୍ୟବହିତ ପୂର୍ବରୁ ଗୁରୁବାର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି ରାଜ୍ୟ କ୍ୟାବିନେଟ୍ ଓ ମନ୍ତ୍ରୀ ପରିଷଦ ବୈଠକ।

**ଜୁଲାଇ ୨୫ରେ ବଜେଟ, ସେପ୍ଟେମ୍ବର ୧୦ରେ ବିନିଯୋଗ ବିଲ୍**

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ବୈଠକରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୩.୦୩ ଲକ୍ଷ କୋଟିର ଏକ ପୂର୍ଣ୍ଣାଙ୍ଗ ବଜେଟ୍ ଚିଠା ଉପରେ ମନ୍ତ୍ରୀ ପରିଷଦରେ ଆଲୋଚନା ହୋଇଛି। ତେବେ ନିର୍ଦ୍ଦିଷ୍ଟ ଭାବରେ ଗୋଟିଏ ଯୋଜନା ସମ୍ପର୍କରେ ନିଷ୍ପତ୍ତି ଅସମାଧିତ ରହିଥିବାରୁ ଏଥିରେ ସାମାନ୍ୟ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି। ତେବେ ବଜେଟ୍ ପରିମାଣ ୩ ଲକ୍ଷ କୋଟି ଅତିକ୍ରମ କରିପାରେ ବୋଲି ଏହି ସୂତ୍ରରୁ ଜଣାପଡ଼ିଛି। ଗତ ଫେବ୍ରୁଆରୀ ମାସରେ ତତ୍କାଳୀନ ବିଜେଡି ସରକାର ୨.୫୫ ଲକ୍ଷ କୋଟି ଟଙ୍କାର ବଜେଟ ଆଗତ କରିଥିବା ବେଳେ ନବ ନିର୍ବାଚିତ ମୋହନ ସରକାର ନିର୍ବାଚନୀ ପ୍ରତିଶ୍ରୁତି ପୂରଣ ପାଇଁ ଏଥିରେ ଆଉ ପ୍ରାୟ ୫୦ ହଜାର କୋଟି ଟଙ୍କା ଯୋଡ଼ିଥିବା ନେଇ ଖବର ମିଳିଛି। ପରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ମନ୍ତ୍ରୀ ପରିଷଦ ନିଷ୍ପତ୍ତିକୁ ଅନୁମୋଦନ କରାଯାଇଛି।

ଆସନ୍ତା ୨୫ ତାରିଖରେ ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ସଂଶୋଧିତ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବେ। ସେପ୍ଟେମ୍ବର ୧୦ ତାରିଖରେ ୨୦୨୪-୨୫ ମସିହା ପାଇଁ ବଜେଟ ଉପରେ ବିନିଯୋଗ ବିଲ୍ ଆସିବାକୁ ଧାର୍ଯ୍ୟ କରାଯାଇଛି। ▶ପୃଷ୍ଠା-୯

### ଚଣ୍ଡିଗଡ଼-ଦିବ୍ରୁଗଡ଼ ଏକ୍ସପ୍ରେସ୍ ଲାଇନଚ୍ୟୁତ

# ୩ ମୃତ, ୩୦ ଆହତ



■ **ଲକ୍ଷ୍ନୌ, ୧୮।୭ (ଏଜେନ୍ସି):** ଚଣ୍ଡିଗଡ଼-ଦିବ୍ରୁଗଡ଼ (୧୫୯୦୪) ଏକ୍ସପ୍ରେସ୍ ଗୁରୁବାର ଉତ୍ତରପ୍ରଦେଶର ଗୋଣ୍ଡା ନିକଟସ୍ଥ ଝିଲାହି ରେଳ ଷ୍ଟେସନ ଓ ଗୋସାଇ ଡିହୱା ମଧ୍ୟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଟ୍ରେନର ୧୨ଟି ବଗି ଲାଇନଚ୍ୟୁତ ହୋଇଥିଲା ବେଳେ ୩ ଜଣଙ୍କର ମୃତ୍ୟୁ ହେବା ସହିତ ୩୦ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି। ଘଟଣା ସ୍ଥଳରେ ରେଳବାଇ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସମେତ ଏସ୍ଡିଆର୍‌ଏଫ୍ ଏବଂ ଏନଡିଆରଏଫ୍‌ର ବହୁ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି। ଆହତଙ୍କୁ ନିକଟସ୍ଥ ହସପିଟାଲରେ ଭର୍ତ୍ତି କରାଯାଇଛି। ▶ପୃଷ୍ଠା-୯

**ମୃତକଙ୍କ ପରିବାରକୁ ୧୦ ଲକ୍ଷ, ଆହତଙ୍କୁ ୨.୫ ଲକ୍ଷର ସହାୟତା ଘୋଷଣା**

### ଏଏସ୍‌ଓ ବୈକୁଣ୍ଠ ପ୍ରଧାନଙ୍କୁ ରାଜ୍ୟପାଳଙ୍କ ପୁଅଙ୍କ ମାଡ଼ ପ୍ରସଙ୍ଗ

# 'ଅସ୍ମିତା' ଭୁଲୁଣ୍ଠିତ; ଛତ୍ରଛାୟାରେ ଅଭିଯୁକ୍ତ

■ **ଭୁବନେଶ୍ୱର, ୧୮।୭ (ସମିସ):** ଓଡ଼ିଆ 'ଅସ୍ମିତା'କୁ ନିର୍ବାଚନୀ ପ୍ରସଙ୍ଗ କରି କ୍ଷମତାସୀନ ହୋଇଥିବା ବିଜେପି ସରକାରରେ ଓଡ଼ିଆ ସରକାରୀ କର୍ମଚାରୀଙ୍କ ସମ୍ମାନ ଭୁଲୁଣ୍ଠିତ। ରାଜ୍ୟପାଳଙ୍କ ପୁଅ, ତାଙ୍କର ସହଯୋଗୀ ଓ ଅଙ୍ଗରକ୍ଷୀ ଜଣେ ଏଏସ୍‌ଓ

**ନ୍ୟାୟ ଦାବି କରି ରାଜଭବନ ସମ୍ମୁଖରେ ଯୁବ-ଛାତ୍ର ବିଜେଡିର ଗର୍ଜନ**

**ପୂର୍ବରୁ ରାଜଭବନ ସମ୍ମୁଖରେ ଛାତ୍ର ଓ ଯୁବ କଂଗ୍ରେସ କରିଛି ହରତାଳ**

ବୈକୁଣ୍ଠ ପ୍ରଧାନଙ୍କୁ ମାଡ଼ ମାରି ଲହୁଲୁହାଣ କରିବା ସତ୍ତ୍ୱେ ସରକାର ନିରବ। ମାମଲା ରୁଜୁ ହେବାର ସପ୍ତାହଟିଏ ବିତି ଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନାହିଁ; ଅନ୍ୟପକ୍ଷରେ ରାଜ୍ୟ ସରକାର ସମ୍ପୃକ୍ତ ଏଏସ୍‌ଓଙ୍କୁ ରାଜଭବନରୁ ଗୃହ ବିଭାଗକୁ ବଦଳି ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଏହି ପ୍ରସଙ୍ଗରେ ଯୁବ ଓ ଛାତ୍ରକଂଗ୍ରେସ ହରତାଳ କରିବା ସହ ଅଣ୍ଡାମାଡ଼ ଚେତାବନୀ ଦେଇଥିବାବେଳେ ଗୁରୁବାର ରାଜଭବନ ସମ୍ମୁଖରେ ବୈକୁଣ୍ଠଙ୍କୁ ନ୍ୟାୟ ଦାବିରେ ଗର୍ଜିଛି ଛାତ୍ର ଓ ଯୁବ ବିଜେଡି। ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ ରାଜରାସ୍ତାରେ ଦୁଇ ବିରୋଧୀ ବିଜେଡି ଓ କଂଗ୍ରେସ ଗର୍ଜନ କରୁଥିବାବେଳେ ଅଭିଯୁକ୍ତଙ୍କୁ ସରକାର ସୁରକ୍ଷା ଛତ୍ର ଆଢୁଆଳରେ ରଖିଥିବା ଅଭିଯୋଗ ହୋଇଛି। ▶ପୃଷ୍ଠା-୯






# ମଧୁମେହ ରୋଗୀଙ୍କ ପାଇଁ ସୁନିଦ୍ରା ଆଣିବ ଏହି ଡିଭାଇସ୍




ଆଜିକାଲି ବହୁ ଲୋକ ମଧୁମେହରେ ପୀଡ଼ିତ। ମଧୁମେହ ରୋଗୀଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାକୁ ସାମ୍ନା କରିବାକୁ ପଡ଼ିଥାଏ। ସେହିପରି ରାତିରେ ଭଲ ନିଦ ନ ହେବା ମଧ ମଧୁମେହ ରୋଗୀଙ୍କ ପାଇଁ ଅନ୍ୟତମ ସମସ୍ୟା। ତେବେ ଏବେ ମଧୁମେହ ରୋଗୀଙ୍କୁ ସୁନିଦ୍ରା ପ୍ରଦାନ କରିବ ଗ୍ଲୁକୋଜ ମନିଟର। ଏହା ହେଉଛି ଏକ ପିନ୍ଧିବାଯୋଗ୍ୟ ସେନ୍‌ସର। ସ୍ୱିସ୍ ଔଷଧ ନିର୍ମାତା କମ୍ପାନି 'ରୋଚେ' ଖୁବ୍‌ଶୀଘ୍ର ଏହି ଭିନ୍ନ ଧରଣର ଡିଭାଇସ୍ ଲଞ୍ଚ୍ କରିବାକୁ ଯାଉଛି। ଏହି ଡିଭାଇସ୍ କୃତ୍ରିମ ବୁଦ୍ଧିମତ୍ତାକୁ ଉପଯୋଗ କରିଥାଏ। ରାତିରେ ରକ୍ତ ଶର୍କରାର ପୂର୍ବାନୁମାନ କରିବା ପାଇଁ ଏହା ଉପଯୋଗୀ ସାବ୍ୟସ୍ତ ହେବ। ଏହାକୁ ପିନ୍ଧିବା ଦ୍ୱାରା ମଧୁମେହ ରୋଗୀ ବିନା କୌଣସି ସମସ୍ୟା ତଥା ଚିନ୍ତାରେ ଆରାମରେ ଶୋଇବାକୁ ସକ୍ଷମ ହୋଇପାରିବେ। ସାଧାରଣତଃ ରାତିରେ ମଧୁମେହ ରୋଗୀଙ୍କ ରକ୍ତ ଶର୍କରା ସ୍ତର ହ୍ରାସ ପାଇ ହାଇପୋଗ୍ଲାଇକେମିଆ କାରଣ ପାଲଟେ। ଏହି ହାଇପୋଗ୍ଲାଇକେମିଆ ହିଁ ମଧୁମେହ ରୋଗୀଙ୍କ ନିଦରେ ବାଧା ସୃଷ୍ଟି କରିଥାଏ। ଏହି ସେନ୍‌ସର୍ ପ୍ରତି ପାଞ୍ଚ ମିନିଟ୍‌ରେ ରକ୍ତ ଶର୍କରା ସ୍ତରକୁ ଜାଣିଥାଏ। ଅନ୍ୟପଟେ ଏହି ଡିଭାଇସ୍‌କୁ ଏଆଇ ଆପ୍ ସହ ଯୋଡ଼ା ଯାଇଛି। ଏହା ୩୦ ମିନିଟ୍ ମଧ୍ୟରେ ହାଇପୋଗ୍ଲାଇକେମିଆକୁ ଚିହ୍ନଟ କରିଥାଏ। କେବଳ ସେତିକି ନୁହେଁ, ଆଗାମୀ ୨ ଘଣ୍ଟା ମଧ୍ୟରେ ଗ୍ଲୁକୋଜ ସ୍ତର କିଭଳି ବିକଶିତ ହେବ, ସେନେଇ ପୂର୍ବାନୁମାନ କରିବା ଦିଗରେ ଏହି ଡିଭାଇସ୍ ସାହାଯ୍ୟ କରେ।

# ମିଠାରାଜା

## ରସଗୋଲା ଦିବସ

ମିଠା ଭିତରେ ରାଜା ହେଉଛି 'ରସଗୋଲା'। ଏହାର ସମ୍ବନ୍ଧ ଭାରତୀୟ ଧର୍ମ, ସଂସ୍କୃତି ଓ ପରମ୍ପରା ସହ ଜଡ଼ିତ। ଓଡ଼ିଶା ସହ ରସଗୋଲାର ସଂପର୍କ ବହୁ ପୁରୁଣା। ଆନନ୍ଦ ଉଲ୍ଲାସର ମୁହୂର୍ତ୍ତ ହେଉ କି ଉତ୍ସବ, ଅତିଥିଚର୍ଚ୍ଚା ସବୁଠି ଲୋଡ଼ାହୁଏ ରସଗୋଲା। ରସଗୋଲାର ପରମ୍ପରା ବହୁ ପ୍ରାଚୀନ କାଳରୁ ଶ୍ରୀଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ହୋଇ ରହିଛି। ପ୍ରତିବର୍ଷ ଚତୁର୍ଦ୍ଧା ମୂରତିଙ୍କ ନୀଳାଦ୍ରି ବିଜେ ଅବସରରେ ରସଗୋଲା ଭୋଗ ଲାଗୁଥିବାରୁ ଏହି ଦିନକୁ ରସଗୋଲା ଦିବସ ଭାବେ ପାଳନ କରାଯାଉଛି। ଏହାସହ ସାରା ବିଶ୍ୱରେ ରସଗୋଲାକୁ ଅଧିକ ପରିଚିତ କରିବା ଉଦ୍ଦେଶ୍ୟରେ ମଧ ଏହି ଦିବସକୁ ପାଳନ କରାଯାଏ। ୨୦୧୫ ଜୁଲାଇ ୩୦ ନୀଳାଦ୍ରି ବିଜେ ଦିନ ଏହା ପ୍ରଥମେ ଆରମ୍ଭ ହୋଇଥିଲା। ତେବେ ପ୍ରଥମେ ସୋସିଆଲ ମିଡିଆ ପ୍ରଚାରରୁ ଏହା ଆରମ୍ଭ ହୋଇଥିଲା। ଏହାପରେ ୧୭ ଜୁଲାଇ ୨୦୧୬ଠାରୁ ଏହି ଦିବସ ପାଳନ ହେଉଛି। ରସଗୋଲାକୁ ନେଇ ଓଡ଼ିଶା ଓ ପଶ୍ଚିମବଙ୍ଗ ମଧ୍ୟରେ 'ମିଠାଯୁଦ୍ଧ' ହୋଇଥିଲା। ପଶ୍ଚିମବଙ୍ଗ 'ରସଗୁଲ୍ଲା' ତାଙ୍କର ବୋଲି ଦାବି କରିଥିଲା। ୧୮୬୮ ମସିହାରେ କଲିକତାରେ ନବୀନ ଚନ୍ଦ୍ର ଦାସ ପ୍ରଥମେ 'ରସଗୁଲ୍ଲା' ତିଆରି କରିଥିଲେ ବୋଲି ପଶ୍ଚିମବଙ୍ଗ ଯୁକ୍ତି ବାଢ଼ିଥିଲା। ତେବେ ୨୦୧୯ ମସିହା ଜୁଲାଇ ମାସ ୨୯ ତାରିଖରେ ଓଡ଼ିଶାର ରସଗୋଲାକୁ ଜିଆଇ ଟ୍ୟାଗ୍ ମିଳିଥିଲା। ଅନ୍ୟପକ୍ଷରେ ଓଡ଼ିଶା ଓ ପଶ୍ଚିମବଙ୍ଗର ରସଗୋଲାର ସ୍ୱାଦ ବି ଭିନ୍ନ। ଶ୍ରୀମନ୍ଦିର ନୀତି ଅନୁଯାୟୀ, ସୁନାବେଶ ଓ ଅଧରପଣା ପରେ ଚତୁର୍ଦ୍ଧାମୂର୍ତ୍ତି ରତ୍ନସିଂହାସନକୁ ପ୍ରତ୍ୟାବର୍ତ୍ତନ କରନ୍ତି। ଏହାକୁ 'ନୀଳାଦ୍ରି ବିଜେ' କୁହାଯାଏ। ରଥଯାତ୍ରାରେ ପ୍ରଭୁ ଜଗନ୍ନାଥ ମହାଲକ୍ଷ୍ମୀଙ୍କୁ ସାଙ୍ଗରେ ନ ନେଇ, ବଡ଼ ଭାଇ ବଳଭଦ୍ର ଓ ଭଉଣୀଙ୍କ ସହ ଗୁଣ୍ଡିଚା ମନ୍ଦିରକୁ ଚାଲିଯାଇଥାନ୍ତି। ଯେଉଁଥିପାଇଁ ଅଭିମାନରେ ଥାନ୍ତି ମା'ଲକ୍ଷ୍ମୀ। ଜଗନ୍ନାଥ ବଡ଼ଦେଉଳକୁ ଫେରୁଥିବା ଜାଣି ମା' ଲକ୍ଷ୍ମୀ ଅଭିମାନରେ ଜୟବିଜୟ ଦ୍ୱାର ବନ୍ଦ କରି ଦେଇଥାନ୍ତି। ଜୟ ବିଜୟ ଦ୍ୱାର ଖୋଲିବା ପରେ ମା' ଲକ୍ଷ୍ମୀଙ୍କ ମାନଭଞ୍ଜନ କରିବାକୁ ଯାଇ ଶ୍ରୀଜଗନ୍ନାଥ ରସଗୋଲା ଦିଅନ୍ତି। ବର୍ଷ ବର୍ଷ ହେଲା ଚାଲି ଆସୁଛି ଏହି ପରମ୍ପରା। ଏହି ଦିନ ଶ୍ରଦ୍ଧାଳୁମାନେ ମଧ ରଥାରୂଢ଼ ଶ୍ରୀଜଗନ୍ନାଥଙ୍କୁ ରସଗୋଲା ଅର୍ପଣ କରନ୍ତି। ଓଡ଼ିଶାର ପ୍ରସିଦ୍ଧ ରସଗୋଲା ଭିତରେ ରହିଛି ପାହାଳରେ ପ୍ରସ୍ତୁତ ରସଗୋଲା ଓ ବିକଳାନନ୍ଦ କରଙ୍କ ସାଲେପୁର ରସଗୋଲା, ଯାହାକି ଦେଶ ବିଦେଶରେ ବେଶ୍ ପରିଚିତ।



# ମୋଟରସାଇକଲ ଚାଳକଙ୍କ ପାଇଁ ସିଟ୍ ବେଲ୍ଟ



ସାଧାରଣତଃ ଲୋକେ କାର୍ ଚଳାଇବା ସମୟରେ ସିଟ୍ ବେଲ୍ଟ ବାନ୍ଧିଥାନ୍ତି। ତେବେ ବାଇକ୍ ଚାଳକଙ୍କ ପାଇଁ ସିଟ୍ ବେଲ୍ଟ କଥା ଶୁଣି ନିଶ୍ଚୟ ଅଡୁଆ ଲାଗୁଥିବ। ଏଭଳି ଏକ ନିଆରା କଳ୍ପନା କରିଛି ଚୀନ୍‌ର ମୋଟରସାଇକଲ ନିର୍ମାଣ କରୁଥିବା କମ୍ପାନି 'ସିଏଫ୍ ମୋଟୋ'। ସାଧାରଣତଃ ମୋଟରସାଇକଲ ଚାଳକମାନଙ୍କୁ ହେଲମେଟ୍ ପିନ୍ଧିବା ଉପରେ ଗୁରୁତ୍ୱ ଦିଆଯାଏ। ଚୀନ୍‌ର ଏହି କମ୍ପାନି ଏବେ ବାଇକ୍ ଚାଳକଙ୍କ ପାଇଁ ସିଟ୍ ବେଲ୍ଟ ଆଣିବା ପାଇଁ ଯୋଜନା କରିଛି। କମ୍ପାନି ଏହାର ପେଣ୍ଟେଟ୍ ମଧ କରାଇଛି। ତେବେ ଏହାକୁ ନେଇ ଅନେକ ପ୍ରଶ୍ନ ମଧ ଉଠିଛି। ବାଇକ୍ ଚାଳନା କାର୍ ଚାଳନା ଠାରୁ କଷ୍ଟକର ହୋଇଥାଏ। କାରଣ ବାଇକ୍‌ରେ କାର୍ ଭଳି ସେଫ୍ଟି ଫିଚର୍ସ ସବୁ ନ ଥାଏ। ତେବେ ଏନେଇ କିଛି ଲୋକଙ୍କର କହିବା ଅନୁଯାୟୀ, ବାଇକ୍‌ରେ ସିଟ୍ ବେଲ୍ଟ ଲଗାଇବା ଦ୍ୱାରା ଦୁର୍ଘଟଣା ସମୟରେ ଚାଳକ ଗାଡ଼ିଠାରୁ ଅଲଗା ହେବାରେ ଅସୁବିଧା ହେବ। ଏହାସହ ଦୁର୍ଘଟଣା ସ୍ଥିତିରେ ସିଟ୍ ବେଲ୍ଟ ଥିବାରୁ ବାଇକ୍ ସହ ଲୋକଟି ରାସ୍ତାରେ ଘୋଷାରି ହୋଇଯିବାର ଆଶଙ୍କା ଥାଏ। ଏହା ଫଳରେ ଚାଳକଙ୍କୁ ଅଧିକ ଆଘାତ ମଧ ଲାଗିପାରେ। କିନ୍ତୁ କମ୍ପାନି ପକ୍ଷରୁ କୁହାଯାଇଛି, ଏହି ସିଟ୍ ବେଲ୍ଟ ଯୋଗୁ ଚାଳକଙ୍କୁ ସେପରି କୌଣସି ବିପଦର ସାମ୍ନା କରିବାକୁ ପଡ଼ିବ ନାହିଁ। ଅନ୍ୟପକ୍ଷରେ କିଛି ସ୍ୱତନ୍ତ୍ର ପରିସ୍ଥିତିରେ ଏହା ବାଇକ୍ ଚାଳକଙ୍କୁ ରକ୍ଷା କରିବ। ଯେପରିକି ଯଦି ସାମ୍ନା ପଟୁ କୌଣସି ଜିନିଷ ଚାଳକଙ୍କ ସହ ବାଡ଼େଇ ହେଉଛି, ସେତେବେଳେ ଏହା ଚାଳକଙ୍କୁ ଟାଣି ଆଣି ସୁରକ୍ଷା ପ୍ରଦାନ କରିବ। ସେହିଭଳି ଯଦି ବାମ କିମ୍ବା ଡାହାଣ ପାର୍ଶ୍ୱରୁ ବାଇକ୍‌କୁ ଧକ୍କା ଲାଗୁଛି, ଏହି ସିଟ୍ ବେଲ୍ଟ ଆପେଆପେ ଖୋଲିଯିବ, ଯଦ୍ୱାରା ବାଇକ୍ ଚାଳକଙ୍କୁ ଆଘାତ ଲାଗିବ ନାହିଁ। ତେବେ ଏହା କେବଳ ଚାଳକଙ୍କୁ ସୁରକ୍ଷା ଦେବ ତାହା ନୁହେଁ, ପଛରେ ବସିଥିବା ଲୋକଙ୍କୁ ମଧ ସୁରକ୍ଷା ପ୍ରଦାନ କରିବ। ଏହା ସ୍ପ୍ରିଙ୍ଗ୍ ମେକାନିଜିମ୍ ଉପରେ କାମ କରେ। ଯାହାଦ୍ୱାରା ବାଇକ୍ କୌଣସି ଜିନିଷର ମାଡ଼ ହେଲା ସମୟରେ ସିଟ୍ ବେଲ୍ଟ ଖୋଲିଯିବ। ଏହାବାଦ୍ ଏଥିରେ ଏକ ଅଟୋମେଟିକ୍ ବ୍ରେକ୍ ଲଗାଇବା ପାଇଁ କମ୍ପାନି ଯୋଜନା କରୁଛି। ଯଦ୍ୱାରା ଦୁର୍ଘଟଣା ସମୟରେ ଏହା ସ୍ୱୟଂଚାଳିତ ଭାବେ ବ୍ରେକ୍ ମାରିବ। ତେବେ କମ୍ପାନି ଏହାକୁ ବଜାରକୁ ଛାଡ଼ିବା ପୂର୍ବରୁ ଏହା ଉପରେ ଆହୁରି ଅଧିକ ଗବେଷଣା କରୁଛି।

# ବିଶ୍ୱର ସବୁଠୁ ଲମ୍ବା କାଚ ପୋଲ



ବିଶ୍ୱର ଏଭଳି ଅନେକ ସ୍ଥାନ ରହିଛି, ଯାହା ନିଜର ସ୍ୱତନ୍ତ୍ରତା ପାଇଁ ଚର୍ଚ୍ଚାରେ ରହିଥାଏ। ଏହିକ୍ରମରେ ବିଶ୍ୱରେ ଏମିତି ଏକ ପୋଲ ରହିଛି, ଯାହାର ନିର୍ମାଣ ଶୈଳୀ ବେଶ୍ ଭିନ୍ନ ଓ ଆଶ୍ଚର୍ଯ୍ୟଜନକ। ଏହି ବ୍ରିଜ୍‌ଟି ହେଉଛି ଭିଏତନାମରେ ଅବସ୍ଥିତ ବାଚ୍ ଲଙ୍ଗ୍ ବ୍ରିଜ୍। ସ୍ଥାନୀୟ ଭାଷାରେ ଏହାର ଅର୍ଥ ହ୍ୱାଇଟ୍ ଡ୍ରାଗନ୍। ହାନୋଇରୁ ୨୦୦ କିଲୋମିଟର ଦୂରରେ ଅବସ୍ଥିତ। ଏହି ପୋଲର ଚଟାଣ କାଠ କି ଷ୍ଟିଲ୍ ନୁହେଁ, କେବଳ କାଚରେ ନିର୍ମାଣ କରାଯାଇଛି। ଏହାକୁ ବିଶ୍ୱର ସବୁଠୁ ଲମ୍ବା କାଚ ପୋଲ କୁହାଯାଉଛି। ଏହା ଏକ ଜଙ୍ଗଲ ଉପରେ ନିର୍ମାଣ କରାଯାଇଛି। ଏହି ବ୍ରିଜ୍‌ଟି ୬୩୨ ମିଟର ଲମ୍ବା। ଏହାର ଉଚ୍ଚତା ୪୯୨ ଫୁଟ। ବ୍ରିଜ୍‌ର ଚଟାଣକୁ ଫ୍ରେଞ୍ଚ୍ ନିର୍ମାତାଙ୍କ ଦ୍ୱାରା ଟେମ୍ପର୍ଡ ଗ୍ଲାସ୍‌ରେ ନିର୍ମାଣ କରାଯାଇଛି। କାଚଗୁଡ଼ିକ ପୂରା ସ୍ୱଚ୍ଛ ଓ ନିର୍ମଳ ହୋଇଥିବାରୁ ଲୋକେ ପୋଲ ଉପରୁ ତଳର ପ୍ରାକୃତିକ ଦୃଶ୍ୟକୁ ଉପଭୋଗ କରିଥାନ୍ତି। ଅବଶ୍ୟ କିଛି ଲୋକ ଏହି ପୋଲ ଉପରେ ଚାଲୁଥିବାବେଳେ ତଳକୁ ଅନାଇବା ପାଇଁ ସାହସ ଜୁଟାଇ ପାରନ୍ତି ନାହିଁ। ତେବେ ଏହି କାଚ ପୋଲ ଉପରେ ଏକାସାଙ୍ଗେ ୪୫୦ ଜଣ ଲୋକ ଚାଲିପାରିବେ। ତେବେ ଭିଏତନାମରେ ଏଭଳି ଆହୁରି ଦୁଇଟି କାଚ ନିର୍ମିତ ପୋଲ ରହିଛି।

## ଆଜିର ଇତିହାସ

- ୧୮୨୭- କ୍ରାନ୍ତିକାରୀ ମଙ୍ଗଲ ପାଣ୍ଡେଙ୍କ ଜନ୍ମ।
- ୧୯୦୦- ପ୍ୟାରିସ୍‌ରେ ପ୍ରଥମ ମେଟ୍ରୋ ଟ୍ରେନ୍ ଚାଲିଲା।
- ୧୯୬୧- ପ୍ରଥମ ଥର ପାଇଁ ବିମାନରେ ଫିଲ୍ମର ପ୍ରଦର୍ଶନ କରାଗଲା।
- ୧୯୬୯ - ଭାରତ ସରକାର ଦେଶର ୧୪ଟି ବଡ଼ ବ୍ୟାଙ୍କର ରାଷ୍ଟ୍ରୀୟକରଣ କଲେ।
- ୧୯୭୬- ନେପାଳରେ ସାଗରମାଥା ରାଷ୍ଟ୍ରୀୟ ଉଦ୍ୟାନ ନିର୍ମାଣ କରାଗଲା।
- ୨୦୦୧- ନେପାଳ ପ୍ରଧାନମନ୍ତ୍ରୀ ଗିରିଜା ପ୍ରସାଦ କୋଇରାଲା ନିଜ ପଦରୁ ଇସ୍ତଫା ଦେଲେ।
- ୨୦୦୫- ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଆମେରିକୀୟ କଂଗ୍ରେସକୁ ସମ୍ବୋଧନ କଲେ।

# 'କିଙ୍ଗ୍'ରେ ଶାହାରୁଖ୍‌ଙ୍କୁ ଟକ୍କର ଦେବେ ଅଭିଷେକ





ଗତବର୍ଷ ରିଲିଜ୍ ହୋଇଥିବା କିଙ୍ଗ୍ ଖାନ୍ ଶାହାରୁଖ୍‌ଙ୍କ ତିନୋଟି ଯାକ ଫିଲ୍ମ 'ଡଙ୍କି', 'ଜୱାନ୍' ଓ 'ପଠାନ୍' ବକ୍ସ ଅଫିସ୍‌ରେ ହୋଇଥିଲା। ଏବେ ପ୍ରଶଂସକମାନେ ତାଙ୍କର ଆଗାମୀ ଫିଲ୍ମକୁ ଅପେକ୍ଷା କରିଛନ୍ତି। ତେବେ 'କିଙ୍ଗ୍' ତାଙ୍କର ଆଗାମୀ ଫିଲ୍ମ ହେବ ବୋଲି ନିଜେ ଶାହାରୁଖ୍ ଏବିଷୟରେ ଘୋଷଣା କରିଛନ୍ତି। ଏଥିରେ ଶାହାରୁଖ୍‌ଙ୍କ ଝିଅ ସୁହାନା ମଧ ଅଭିନୟ କରିବେ। ନିକଟରେ ଶାହାରୁଖ୍ ଅନନ୍ତ ଅମ୍ବାନି ଓ ରାଧିକା ମର୍ଚ୍ଚାଣ୍ଟଙ୍କ ବିବାହ ଉତ୍ସବରେ ଯୋଗ ଦେଇଥିଲେ। କିନ୍ତୁ ରିସେପସନ୍ ପାର୍ଟିରେ ତାଙ୍କୁ ଦେଖିବାକୁ ମିଳି ନ ଥିଲା। ଶାହାରୁଖ୍ ବାହାଘର ପରେ 'କିଙ୍ଗ୍'ର ସୁଟିଂ ପାଇଁ ଲଣ୍ଡନ ଚାଲି ଯାଇଥିଲେ। ଏବେ ଏହି ଫିଲ୍ମରେ ବଲିଉଡ୍‌ର ଆଉ ଜଣେ ଆଗଧାଡ଼ିର ଅଭିନେତାଙ୍କ ଏଣ୍ଟ୍ରି ହୋଇଛି। ଅଭିଷେକ ବଚ୍ଚନ ଏଥିରେ ଖଳନାୟକ ଭାବେ ଦେଖାଯିବେ ବୋଲି ଜଣାପଡ଼ିଛି। ସୁଜୟ ଘୋଷ ଏହାର ନିର୍ଦ୍ଦେଶନା ଦେଉଛନ୍ତି। ତେବେ ସିଦ୍ଧାର୍ଥ ଆନନ୍ଦ, ଶାହାରୁଖ୍ ଓ ଅଭିଷେକଙ୍କ ମଧ୍ୟରେ ଆକ୍ସନ୍ ସିନ୍‌ଗୁଡ଼ିକର ସୁଟ୍ କରିବେ। ଏଥିରେ ଅଭିଷେକ ଜଣେ ଗ୍ୟାଙ୍ଗଷ୍ଟାର୍ ଭୂମିକାରେ ଅଭିନୟ କରି ସୁହାନାଙ୍କୁ ତାଲିମ ଦେଉଥିବାର ଦେଖାଯିବେ। ତେବେ ଏହି ଫିଲ୍ମ ୨୦୨୫ରେ ପରଦାକୁ ଆସିପାରେ ବୋଲି କୁହାଯାଉଛି।

# ଉପକାରୀ ଘିକୁଆଁରୀ



ଘିକୁଆଁରୀ ଉଭୟ ସ୍ୱାସ୍ଥ୍ୟ ଓ ତ୍ୱଚା ପାଇଁ ଖୁବ୍ ଉପକାରୀ। ପ୍ରସାଧନ ସାମଗ୍ରୀଗୁଡ଼ିକରେ ଏହାର ବ୍ୟବହାର କରାଯାଏ। ଏହାର ପତ୍ରଗୁଡ଼ିକ ଅପେକ୍ଷାକୃତ ଲମ୍ବା ଓ ମାଂସଳ ହୋଇଥିବାରୁ ଏଥିରେ ଲାଳ ଅଂଶ ରହିଥାଏ। ଏହି ରସ ରୋଗ ନିରାକରଣରେ ସାହାଯ୍ୟ କରେ। ଘିକୁଆଁରୀ ରସ ପିଇବା ଦ୍ୱାରା ଶରୀରକୁ ବିଭିନ୍ନ ପ୍ରକାର ଉପକାର ମିଳିଥାଏ।

- ଘିକୁଆଁରୀ ରସ ଅନ୍ତନାଳୀକୁ ସଫା ରଖିଥାଏ। ଏହାଦ୍ୱାରା ଏସିଡିଟି ସମସ୍ୟା ଦେଖାଯାଏ ନାହିଁ। ପାଚନକ୍ରିୟାରେ ମଧ ସୁଧାର ଆସିଥାଏ।
- ଏହି ରସରେ ଅଧିକ ମାତ୍ରାରେ ଜଳୀୟ ଅଂଶ ରହୁଥିବାରୁ ଏହା ଶରୀରକୁ ହାଇଡ୍ରେଟ୍ କରି ରଖିଥାଏ। ବିଶେଷକରି ଖରାଦିନେ ଏହାକୁ ସେବନ କରିବା ଦ୍ୱାରା ଶରୀରର ତାପମାତ୍ରା ସନ୍ତୁଳିତ ରହିଥାଏ।
- ବ୍ରଣ ଓ ଦାଗ ସମସ୍ୟା ଥିଲେ ଘିକୁଆଁରୀ ରସକୁ ମୁହଁରେ ଲଗାଇବା ଦ୍ୱାରା ଏହା ଭଲ ହୋଇଥାଏ। ଘିକୁଆଁରୀ ରସକୁ ପାଣିରେ ମିଶାଇ ପିଇବା ଦ୍ୱାରା ଏହା ଶରୀରକୁ ସଫା କରିବା ସହ ଚେହେରାରେ ଚମକ ଆଣିଥାଏ।
- ଘିକୁଆଁରୀ ରସରେ ଭିଟାମିନ୍-ବି, ଭିଟାମିନ୍-ସି', ଭିଟାମିନ୍-ଇ, ଫଲିକ୍ ଏସିଡ୍ ଓ ଖଣିଜ ତତ୍ତ୍ୱ ଥାଏ। ଯାହା ଶରୀରର ପୋଷକ ତତ୍ତ୍ୱ ଅଭାବକୁ ଦୂର କରିଥାଏ।
- ଏହା ଶରୀରରୁ ବିଷାକ୍ତ ତତ୍ତ୍ୱ ବାହାର କରିବାରେ ସାହାଯ୍ୟ କରେ। ଏହାସହ ପୂରା ଶରୀରକୁ ଡିଟକ୍ସିଫିକେସନ୍ କରିଥାଏ।
- ଏଥିରେ ଜୀବାଣୁରୋଧୀ ଗୁଣ ଥିବାରୁ ଶରୀରକୁ ବିଭିନ୍ନ ପ୍ରକାରର ସଂକ୍ରମଣରୁ ରକ୍ଷା କରିଥାଏ।

## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜକୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ।

**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

# ଭିତର ରତ୍ନଭଣ୍ଡାର ଅଳଙ୍କାର ସ୍ଥାନାନ୍ତରିତ

**ପୁରୀ,୧୮।୭(ସମିସ):** ଦୀର୍ଘ ସାଢ଼େ ୭ଘଣ୍ଟାର ନିରବଚ୍ଛିନ୍ନ ପରିଶ୍ରମ ପରେ ଭିତର ରତ୍ନଭଣ୍ଡାରରେ ଥିବା ମହାପ୍ରଭୁଙ୍କ ସମସ୍ତ ଅଳଙ୍କାର ସ୍ଥାନାନ୍ତର ହୋଇଛି। ୧୧ ଜଣିଆ ଅଧିକୃତ ସଦସ୍ୟଙ୍କ ଉପସ୍ଥିତିରେ ଭଣ୍ଡାର ମେକାପଙ୍କ ସହାୟତାରେ ଭିତର ଭଣ୍ଡାରରେ

- ■ ସ୍ଥାନାନ୍ତର ପୂର୍ବରୁ ଭିତର ରତ୍ନଭଣ୍ଡାର ଦେଖିଲେ ଗଜପତି ମହାରାଜା
- ■ ରହିଥିଲା ୪ଟି ଆଲମିରା, ୩ଟି ସିନ୍ଦୁକ ଭର୍ତ୍ତି ରତ୍ନ ଅଳଙ୍କାର
- ■ ସ୍ଥାନାନ୍ତର ପାଇଁ ଲାଗିଗଲା ସାଢ଼େ ୭ ଘଣ୍ଟା
- ■ ଗୁପ୍ତ କୋଠରି ଏବଂ ସୁଡ଼ଙ୍ଗ ଚର୍ଚ୍ଚା ଏକ ଗୁଜବ



ଥିବା ରତ୍ନ ଅଳଙ୍କାରକୁ ଖଟଶେଯ ଘରେ ପ୍ରସ୍ତୁତ ଅସ୍ଥାୟୀ ରତ୍ନଭଣ୍ଡାର ବା ଷ୍ଟ୍ରଙ୍ଗରୁମ୍‌କୁ ସ୍ଥାନାନ୍ତର କରାଯାଇଛି। ଫଳରେ ଦୀର୍ଘ ୪୬ ବର୍ଷ ପରେ ପୁଣିଥରେ ମହାପ୍ରଭୁଙ୍କ ଦୁର୍ମୂଲ୍ୟ ରତ୍ନ ଅଳଙ୍କାରର ଗଣତି ମଣତି ହେବା ଏକପ୍ରକାର ସ୍ପଷ୍ଟ ହୋଇଛି।

ରତ୍ନଭଣ୍ଡାର ଖୋଲିବାକୁ ଅଧିକୃତ ୧୧ଜଣିଆ କମିଟି ସଦସ୍ୟ ଗୁରୁବାର ସକାଳୁ ସିଂହଦ୍ୱାର ସମ୍ମୁଖରେ ରଥାରୂଢ଼ ମହାପ୍ରଭୁଙ୍କ ଦର୍ଶନ କରି ଆଶୀର୍ବାଦ ଲାଭ କରିଥିଲେ। ଏହାପରେ ସମସ୍ତେ ଏକାଠି ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ। ମା ବିମଳା, ମା' ଲକ୍ଷ୍ମୀଙ୍କ ସହ ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ କରିବା ପରେ ପାରମ୍ପରିକ ଧୋତି ଗାମୁଛା ପରିଧାନ କରିଥିଲେ ସମସ୍ତ ସଦସ୍ୟ। ଶୁଭ ମୁହୂର୍ତ୍ତ ସକାଳ ୯ଟା ୫୧ ମିନିଟ୍‌ରେ ଭିତର ଭଣ୍ଡାରକୁ ପ୍ରବେଶ କରିଥିଲେ। ଟ୍ରେଜେରୀରୁ ଆସିଥିବା ଚାବିରେ ଭଣ୍ଡାର ଖୋଲାଯିବା ସହ ସମସ୍ତ ଅଳଙ୍କାର ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌କୁ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସ୍ଥାନାନ୍ତର ପୂର୍ବରୁ ଗଜପତି ମହାରାଜା ଦିବ୍ୟସିଂହଦେବ ମଧ୍ୟ ନିଜେ ଶ୍ରୀମନ୍ଦିରକୁ ଯାଇ ଭିତର ରତ୍ନଭଣ୍ଡାରର ସ୍ଥିତି ଅନୁଧ୍ୟାନ କରିଥିଲେ। ସନ୍ଧ୍ୟା ପ୍ରାୟ ୬ଟାରେ କମିଟି ସଦସ୍ୟ ବାହାରକୁ ଆସିଥିଲେ।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖି କହିଛନ୍ତି ଯେ ମହାପ୍ରଭୁଙ୍କ ଆଶୀର୍ବାଦରୁ ଭିତର ରତ୍ନଭଣ୍ଡାରର ସମସ୍ତ ସ୍ୱର୍ଣ୍ଣ ଅଳଙ୍କାର ଅସ୍ଥାୟୀ ରତ୍ନଭଣ୍ଡାରକୁ ସ୍ଥାନାନ୍ତର ପ୍ରକ୍ରିୟା ଶେଷ ହୋଇଛି। ଏହାପରେ ତଦାରଖ କମିଟି ଅଧ୍ୟକ୍ଷ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ବିଶ୍ୱନାଥ ରଥ ସମ୍ପୂର୍ଣ୍ଣ ପ୍ରକ୍ରିୟା ଉପରେ ପ୍ରତିକ୍ରିୟା ରଖିଥିଲେ। ଜଷ୍ଟିସ ରଥ କହିଥିଲେ ଯେ ଭିତର ରତ୍ନଭଣ୍ଡାର ପାଇଁ ସକାଳ ସାଢ଼େ ୮ଟାରେ ଆମେ ଶ୍ରୀମନ୍ଦିରରେ ପ୍ରବେଶ କରିଥିଲୁ। ରଥାରୂଢ଼ ତିନିଠାକୁର, ମା' ଲକ୍ଷ୍ମୀ, ବିମଳା, ଭୁବନେଶ୍ୱରୀ ଏବଂ ଭଣ୍ଡାର ରକ୍ଷକ ଶ୍ରୀ ଲୋକନାଥଙ୍କଙ୍କ ଆଶୀର୍ବାଦ ନେଇ ଶୁଭ ମୁହୂର୍ତ୍ତ ୯ଟା ୫୧ରେ ଚାବି ଖୋଲାଯାଇଥିଲା। ୯ଟା ୫୧ରୁ ଅପରାହ୍ଣ ୫ଟା ୧୫ ପ୍ରାୟ ସାଢେ ୭ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ କରି ଭିତର ରତ୍ନଭଣ୍ଡାରର ଅଳଙ୍କାର ଖଟଶେଯ ଘରେ ହୋଇଥିବା ଅସ୍ଥାୟୀ ଭଣ୍ଡାର ଘରକୁ ସ୍ଥାନାନ୍ତର କରାଯାଇଛି। ସ୍ଥାନାନ୍ତରଣ ପାଇଁ ୧୧ ସଦସ୍ୟଙ୍କ ସହ ଅନ୍ୟମାନଙ୍କ ସହାୟତା ନେଇଥିଲୁ। କେବଳ କଟର୍ ଓ ବିଦ୍ୟୁତ୍ ସହାୟକଙ୍କ ଛଡ଼ା ଆଉ କାହାର ସହଯୋଗ ଆବଶ୍ୟକ ପଡ଼ିଲା ନାହିଁ। ରତ୍ନଭଣ୍ଡାରରେ ୪ଟି ଆଲମିରା ଓ ୩ଟି ସିନ୍ଦୁକ ଥିଲା। ଏସବୁକୁ ଖୋଲାଯାଇ ଅଳଙ୍କାର ସ୍ଥାନାନ୍ତର ହୋଇଛି। ତେବେ ୪ଟି ଆଲମିରା ମଧ୍ୟରେ ଗୋଟିଏ ଷ୍ଟିଲ ଏବଂ ୩ଟି କାଠ ନିର୍ମିତ ଥିଲା। ସେହିପରି '୩ଟି ସିନ୍ଦୁକ ମଧ୍ୟରୁ ଦୁଇଟି କାଠ ଏବଂ ଗୋଟିଏ ଲୁହା ନିର୍ମିତ ଥିଲା। ଯେହେତୁ ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌କୁ ସିନ୍ଦୁକ ପଶିବାର ସମ୍ଭାବନା ନ ଥିଲା, ତେଣୁ ୩ଟି ଯାକ ସିନ୍ଦୁକରେ ଥିବା ସମସ୍ତ ଅଳଙ୍କାରକୁ ଆଲମିରାକୁ ସ୍ଥାନାନ୍ତର କରାଯାଇଛି। ସମସ୍ତ ପ୍ରକ୍ରିୟାର ଭିଡିଓଗ୍ରାଫି କରାଯାଇଛି।

ଅଳଙ୍କାର ସ୍ଥାନାନ୍ତର କାର୍ଯ୍ୟ ଶେଷ ହେବା ପରେ ଭିତରଭଣ୍ଡାର ଯଥାରୀତି ଚାବି ପଡ଼ିଲା। ସେହିପରି ଅସ୍ଥାୟୀ ନୂଆ ଭିତର ଭଣ୍ଡାରରେ ଏସ୍‌ଓପି ଅନୁଯାୟୀ ୨ଟି ତାଲା ପଡ଼ି ତାର ଚାବି ଜିଲ୍ଲାପାଳଙ୍କୁ ହସ୍ତାନ୍ତର କରାଯାଇଛି। ଏହାର ଚାବି ଟ୍ରେଜେରୀରେ ଦାଖଲ ହେବ। ପରବର୍ତ୍ତୀ ସମୟରେ ଏସ୍‌ଓପି ଅନୁଯାୟୀ ଚାବି ଟ୍ରେଜେରୀରୁ ଅଣାଯିବ।

ସେହିପରି ରତ୍ନଭଣ୍ଡାରରେ ଗୁପ୍ତ କୋଠରୀ ଥିବା ଖବରକୁ ଗୁଜବ ବୋଲି କହିଛନ୍ତି ଜଷ୍ଟିସ ରଥ। ସେ କହିଛନ୍ତି, ଗୁପ୍ତ ରତ୍ନଭଣ୍ଡାର ଓ ସୁଡ଼ଙ୍ଗ ଥିବା ଯେଉଁ ଚର୍ଚ୍ଚା ହେଉଛି, ତାହା ତଥ୍ୟ ପର୍ଯ୍ୟବସିତ ନୁହେଁ। ଆମେ ଖାଲି ଆଖିରେ ସେମିତି କିଛି ଗୁପ୍ତ କୋଠରୀ ଦେଖିବାକୁ ପାଇଲୁ ନାହିଁ। ଏହା ଏକ ଗୁଜବ। ଏହା ଉପରେ କୌଣସି ବିଶ୍ୱାସ ଓ ଅନୁଧ୍ୟାନ କରନ୍ତୁ ନାହିଁ। ଏଭଳି ଉଡ଼ାଖବର, ମନଗଢ଼ା ଖବରକୁ ଦୟା କରି ଜନସାଧାରଣଙ୍କ ଗୋଚରକୁ ଅଣାଯିବା ଅନୁଚିତ। ଆମେ କାନ୍ଥକୁ ଅନୁଧ୍ୟାନ କରିଛୁ। ଏହାର ଭିଡିଓଗ୍ରାଫି ମଧ୍ୟ କରାଯାଇଛି। ଭିତର ରତ୍ନଭଣ୍ଡାର ମଧ୍ୟରେ ସାପ କିମ୍ବା ଅନ୍ୟ କିଛି ସରୀସୃପ ନ ଥିଲେ। ଅଳଙ୍କାର ସ୍ଥାନାନ୍ତର ବେଳେ କୌଣସି ଅଘଟଣ ଘଟି ନ ଥିଲା। ତେଣୁ ଅଗ୍ନିଶମ କିମ୍ବା ସ୍ନେକ୍-ହେଲପ୍ ଲାଇନ୍ କାହାର ଆବଶ୍ୟକତା ପଡ଼ି ନ ଥିଲା ବୋଲି କହିଛନ୍ତି।

ଭଗବାନ ଏଇ କାମରେ ଆମକୁ ଆଗେଇ ନେଉଥିବାର ଅନୁଭବ ହେଲା। ଯେହେତୁ ସୁଡ଼ଙ୍ଗ ଏବଂ କୋଠରୀ ଚର୍ଚ୍ଚା ହେଉଛି, ତେବେ ସୁଯୋଗ ଆସିଛି, ହେଲେ ଏ ଦିଗରେ ଆମକୁ ମାର୍ଗଦର୍ଶିକା ନାହିଁ। ଯଦି ସରକାର ଅନୁମତି ଦିଅନ୍ତି ତେବେ ସ୍କାନିଂ ପାଇଁ ବିଭିନ୍ନ ବୈଜ୍ଞାନିକ ପଦ୍ଧତି ଅନୁସରଣ କରାଯିବ। ଏହି ପ୍ରକ୍ରିୟା ସରିଲେ ଏଏସ୍‌ଆଇକୁ ମରାମତି ପାଇଁ ଅନୁମତି ଦିଆଯିବ ବୋଲି କହିଛନ୍ତି ଜଷ୍ଟିସ ରଥ।

## ସୁଡ଼ଙ୍ଗ ଅଛି କି ନାହିଁ ଲେଜର୍ ସ୍କାନିଂ ପରେ ଜଣାପଡ଼ିବ: ଗଜପତି

**ପୁରୀ, ୧୮।୭(ସମିସ):** ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଗଜପତି ମହାରାଜା କହିଛନ୍ତି ଯେ କେଉଁ କାଳରୁ ଓ କେବେ ରତ୍ନଭଣ୍ଡାରର ମରାମତି ହୋଇଥିଲା, କେହି ଜାଣନ୍ତି ନାହିଁ। ୧୯୭୧ରୁ ଏଏସ୍‌ଆଇ ଦାୟିତ୍ୱ ନେବା ମରାମତି ହେବାର କୌଣସି ପ୍ରମାଣ ନାହିଁ। ତା' ପୂର୍ବରୁ କେବେ ହୋଇଥିଲା କହିପାରିବା ନାହିଁ।



ମରାମତି ନିତାନ୍ତ ଆବଶ୍ୟକ। ତେବେ ମରାମତି କାର୍ଯ୍ୟ ଶେଷ ହେଲା ପରେ ଅଳଙ୍କାର ଗଣତି ମଣତି ହେବ। ତଦାରଖ କମିଟି ଓ ପରିଚାଳନା କମିଟି ଉପସ୍ଥିତିରେ ଗଣତି ମଣତି କରାଯିବା

**'କେବେ ରତ୍ନଭଣ୍ଡାର ମରାମତି ହୋଇଥିଲା ସୂଚନା ନାହିଁ'**

ପରେ ଅଳଙ୍କାରଗୁଡ଼ିକୁ ପୁନଶ୍ଚ ରତ୍ନଭଣ୍ଡାର ଭିତରକୁ ନିଆଯିବ। ଏଥିପାଇଁ ସମୟ ଲାଗିବ। ସେହିପରି ରତ୍ନଭଣ୍ଡାରରେ ସୁଡ଼ଙ୍ଗ ଥିବା ନେଇ ହେଉଥିବା ଚର୍ଚ୍ଚା ଆଲୋଚନା ସମ୍ପର୍କରେ ଗଜପତି ମହାରାଜା କହିଛନ୍ତି, ରତ୍ନଭଣ୍ଡାରରେ ସୁଡ଼ଙ୍ଗ ଅଛି କି ନାହିଁ? ସେଠାରେ ଗୁପ୍ତ ବାଟ ରହିଛି କି ନାହିଁ, ସେସବୁ ଭିତର ରତ୍ନଭଣ୍ଡାର ଖାଲି ହେବା ପରେ ଏଏସ୍‌ଆଇ ପକ୍ଷରୁ ଲେଜର୍ ସ୍କାନିଂ କରାଯିବ। ଏହାପରେ ସେମାନେ ସୂଚନା ଦେବା ପରେ ସବୁ ଜିନିଷ ସେତେବେଳକୁ ଜଣାପଡ଼ିଯିବ। ସେହିପରି ମରାମତି ବେଳେ ନୀତିକାନ୍ତି ଓ ଦର୍ଶନ ଉଭୟ ପ୍ରଭାବିତ ନ ହେବାକୁ ଗୁରୁତ୍ୱ ଦିଆଯିବ। ଏ ସମ୍ପର୍କରେ ସମନ୍ୱୟ ରକ୍ଷା କରି ମୁଖ୍ୟ ପ୍ରଶାସକ ମରାମତି ସମୟ ନିର୍ଦ୍ଧାରଣ କରିବେ। ମୁଖ୍ୟ ପ୍ରଶାସକଙ୍କ ନିର୍ଦ୍ଧାରିତ ସମୟରେ ଏଏସ୍‌ଆଇ ମରାମତି କରିବ ବୋଲି ଗଜପତି ସ୍ପଷ୍ଟ କରିଛନ୍ତି।

## ବଦଳିପାରେ 'ଆହାର' ଯୋଜନା ନାଁ

- 'ଆହାର କେନ୍ଦ୍ର'ର ସ୍ଥିତି ପରଖିଲେ ନଗର ଉନ୍ନୟନ ମନ୍ତ୍ରୀ
- ୨୦୧୫ରେ ଯୋଜନା ଆରମ୍ଭ କରିଥିଲେ ନବୀନ ସରକାର
- ୧୬୮ ଆହାର କେନ୍ଦ୍ରରେ ଲକ୍ଷେ ଲୋକଙ୍କୁ ଦାନା ଯୋଗାଉଛି ଯୋଜନା

**ଭୁବନେଶ୍ୱର,୧୮।୭(ସମିସ):** ରାଜ୍ୟରେ ଗରିବ ଲୋକଙ୍କୁ ୫ ଟଙ୍କାରେ ପେଟପୂରା ଖାଦ୍ୟ ଯୋଗାଇଦେବା ପାଇଁ ଜାରି ରହିଥିବା 'ଆହାର' ଯୋଜନାର ନାଁ ବଦଳିପାରେ। ଗୁରୁବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଗୋଟିଏ ଆହାର କେନ୍ଦ୍ର ପରିଦର୍ଶନ କରିବା ଅବସରରେ ଦେଇଥିବା ମନ୍ତବ୍ୟରୁ ଏଭଳି ଆଭାସ ମିଳିଛି। ମନ୍ତ୍ରୀ ଡ. ମହାପାତ୍ର ଆଜି କ୍ୟାପିଟାଲ ହସପିଟାଲ ପରିସରରେ ଥିବା ଆହାର କେନ୍ଦ୍ରକୁ ଅଚାନକ ପରିଦର୍ଶନ କରିଥିଲେ। ସେଠାରେ ପହଞ୍ଚିବା ପରେ ମନ୍ତ୍ରୀ କୁପନ କିଣି ସେଠାରେ ପରଷା ଯାଉଥିବା ଖାଦ୍ୟ ଖାଇଥିଲେ। ଏହି ଅବସରରେ ଭୋଜନ କରୁଥିବା ଲୋକମାନଙ୍କ ସହ ଖାଦ୍ୟର ଗୁଣବତ୍ତା ସମ୍ପର୍କରେ ଆଲୋଚନା କରିବା ସହ ଯୋଜନା ସମ୍ପର୍କରେ ସେମାନଙ୍କର ମତାମତ ପଚାରି ବୁଝିଥିଲେ। ସେହିପରି ଆହାର କେନ୍ଦ୍ରର ପରିଷ୍କାର ପରିଚ୍ଛନ୍ନତା ଓ ଖାଦ୍ୟର ଗୁଣବତ୍ତା ଉପରେ ଗୁରୁତ୍ୱ ଦେବା ସହ ଖରାପ ହୋଇଥିବା ବାସନ ସଫାଯନ୍ତ୍ର ତୁରନ୍ତ ମରାମତି କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ଏହି ଅବସରରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଥିଲେ ଯେ ଆହାର ଯୋଜନା ବନ୍ଦ ହେବ ନାହିଁ। ଏହି ଯୋଜନା ପ୍ରତି ଲୋକଙ୍କ ଆଗ୍ରହ ଅଛି। ତେବେ ଆହାର ନାମ ପରିବର୍ତ୍ତନ ନେଇ ପରବର୍ତ୍ତୀ ସମୟରେ ସମୀକ୍ଷା କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ସେହିପରି, ବର୍ତ୍ତମାନ ଡାଲମାରେ ପରିବା କମ୍ ରହୁଥିବା ସମ୍ପର୍କରେ ମନ୍ତ୍ରୀ ଦରଦାମ ଯୋଗୁଁ ଏହି ସମସ୍ୟା ହୋଇଥାଇପାରେ ବୋଲି କହିଛନ୍ତି। ସେ ଦିଗରେ ବିଚାର କରାଯାଉଛି। ରାଜ୍ୟ ସରକାର ଏହି ଯୋଜନା ପାଇଁ ଗୋଟିଏ ମିଲ୍ ପିଛା ୨୩ଟଙ୍କା ପ୍ରଦାନ କରୁଥିବା ବେଳେ ଲୋକେ ୫ ଟଙ୍କା ଦେଉଛନ୍ତି।

## ଆଇପିଏସ୍‌ସ୍ତରରେ ବଡ଼ ଅଦଳବଦଳ ପ୍ରସ୍ତୁତି

**ଭୁବନେଶ୍ୱର,୧୮।୭(ସମିସ):** ରଥଯାତ୍ରା ସରିଛି। ଆଗାମୀ ସପ୍ତାହରେ ଅନୁଷ୍ଠିତ ହେବ ବଜେଟ୍ ଅଧିବେଶନ। ଏହା ମଧ୍ୟରେ ରାଜ୍ୟର ବରିଷ୍ଠ ପୁଲିସ ଅଧିକାରୀସ୍ତରରେ ଏକ ବଡ଼ ଅଦଳବଦଳ ହେବା ଚର୍ଚ୍ଚା ଦାନା ବାନ୍ଧିଛି। ସ୍ୱାଭାବିକ ଭାବରେ ସରକାର ବଦଳିଲେ ଆଇଏଏସ୍, ଆଇପିଏସ୍‌ସ୍ତରରେ ଅଦଳ ବଦଳ ହୁଏ। ନୂଆ ସରକାର ଗଠନ ପରେ ରଥଯାତ୍ରା ଓ ବଜେଟ ଅଧିବେଶନ ଥିବାରୁ କେବଳ ସଂକ୍ଷିପ୍ତ ବଦଳି ଭିନ୍ନ ବଡ଼ଧରଣର ତାଲିକା ପ୍ରକାଶ ପାଇନାହିଁ। ତେଣୁ ଖୁବ୍ ଶୀଘ୍ର ଆଇପିଏସ୍‌ସ୍ତରରେ ବଡ଼ ଅଦଳବଦଳ ହେବା ଆଭାସ ମିଳିଛି। ଖୁବ୍ ଶୀଘ୍ର ଏ ନେଇ ସ୍ପଷ୍ଟ ଚିତ୍ର ମିଳିବାର ସମ୍ଭାବନା ଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଆଇପିଏସ୍ ଅଦଳବଦଳ ସଂକ୍ରାନ୍ତ ନିଷ୍ପତ୍ତି ଆପାତତଃ ଚୂଡ଼ାନ୍ତ ହୋଇ ସାରିଛି। ଏ ସଂକ୍ରାନ୍ତରେ ଆଉ କିଛି ବିଚାରବିମର୍ଷ ବାକି ରହିଛି ଓ ସବୁଜସଙ୍କେତ ମିଳିବା ପରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ଦ୍ୱୈତ ନଗରୀ ପୁଲିସ କମିଶନର ସଞ୍ଜୀବ ପଣ୍ଡା, କଟକ ଓ ଭୁବନେଶ୍ୱର ଡ଼ିସିପିଙ୍କୁ ପରିବର୍ତ୍ତନ କରାଯାଇପାରେ ବୋଲି କୁହାଯାଉଛି। ସିପି ଶ୍ରୀ ପଣ୍ଡାଙ୍କର ବଦଳି ଅବଧି ହୋଇ ନ ଥିଲେ ମଧ୍ୟ ସରକାର ନିଜ ପସନ୍ଦର ଅଧିକାରୀଙ୍କୁ ଏହି ପଦରେ ବସାଇବାକୁ ଚାହୁଁଛନ୍ତି। ଏହା ସହିତ ଏଡ଼ିଜି ପାହ୍ୟାର ଅଧିକାରୀମାନଙ୍କୁ ମଧ୍ୟ ପରିବର୍ତ୍ତନ କରାଯିବ। ଅନୁରୂପ ଭାବରେ ଗୁଇନ୍ଦା ନିର୍ଦ୍ଦେଶକ, ଭିଜିଲାନ୍ସ ନିର୍ଦ୍ଦେଶକ, ଏଡିଜି ଆଇନ୍ ଶୃଙ୍ଖଳା, ଏଡିଜି ଟ୍ରାଫିକ୍‌ଙ୍କ ସହି ଦକ୍ଷିଣାଞ୍ଚଳ, ପୂର୍ବାଞ୍ଚଳ, ଉତ୍ତରାଞ୍ଚଳ, ଦକ୍ଷିଣ ପଶ୍ଚିମାଞ୍ଚଳ ପୁଲିସ ମୁଖିଆଙ୍କୁ ପରିବର୍ତ୍ତନ କରାଯିବ ବୋଲି ଏହି ସୂତ୍ରରୁ ସୂଚନା ମିଳିଛି। ଅନୁରୂପ ଭାବରେ ଗୃହ ବିଭାଗରେ

- ■ ବଦଳିବେ ଦ୍ୱୈତନଗରୀ ପୁଲିସ କମିସନର
- ■ ପରିବର୍ତ୍ତନ ହେବେ କଟକ ଓ ଭୁବନେଶ୍ୱର ଡିସିପି
- ■ ପୁଲିସ ଡିଜିଙ୍କୁ ନେଇ ହୋଇପାରି ନାହିଁ ନିଷ୍ପତ୍ତି
- ■ ୪ ବରିଷ୍ଠ ଅଧିକାରୀଙ୍କ ମଧ୍ୟରୁ ଆଗରେ ସୁଧାଂଶୁ

କାର୍ଯ୍ୟରତ କିଛି ଆଇପିଏସ୍‌ଙ୍କୁ ଅନ୍ୟ ସ୍ଥାନରେ ଅବସ୍ଥାପିତ କରାଯିବା ସମ୍ଭାବନା ଥିବା ମଧ୍ୟ କୁହାଯାଉଛି।

ତେବେ ପରବର୍ତ୍ତୀ ଡ଼ିଜି ପଦକୁ ନେଇ ଅଙ୍କ ଛିଡ଼ୁ ନାହିଁ। ଭାରପ୍ରାପ୍ତ ଡ଼ିଜି ଅରୁଣ ଷଡ଼ଙ୍ଗୀ ନିଜ ପଦ ବଜାୟ ରଖିବେ ନା ସରକାର ନୂଆ ଡ଼ିଜି ନିଯୁକ୍ତ କରିବେ ତାହା ସ୍ପଷ୍ଟ ହୋଇ ନାହିଁ। ୧୯୯୦ ବ୍ୟାଚ୍ ଆଇପିଏସ୍ ଅରୁଣ ଷଡ଼ଙ୍ଗୀ ୨୦୨୩ ଡିସେମ୍ବର ୩୧ରେ ଦାୟିତ୍ୱ ନେଇଥିଲେ। ସଫଳତାର ସହ ୨୦୨୪ ସାଧାରଣ ନିର୍ବାଚନ ପରିଚାଳନା କରିଥିଲେ। ରଥଯାତ୍ରା ସବୁବେଳେ ପୁଲିସ ବିଭାଗ ପାଇଁ ଆହ୍ୱାନ ପାଲଟିଥିବାବେଳେ ତାହାକୁ ମଧ୍ୟ ସେ ଶୃଙ୍ଖଳାର ସହ ସମାପନ କରିବାରେ ସକ୍ଷମ ହୋଇଥିଲେ। ତେଣୁ ସେ ନିଜ ପଦ ବଜାୟ ରଖିପାରନ୍ତି ବୋଲି କୁହାଯାଉଛି। ଏହା ସତ୍ତ୍ୱେ ପରବର୍ତ୍ତୀ ଡିଜି ପଦ ପାଇଁ ୪ ଜଣ ବରିଷ୍ଠ ଅଧିକାରୀଙ୍କ ନାମ ଚର୍ଚ୍ଚାର ପରିଧିରେ ରହିଛି। ୧୯୮୮ ବ୍ୟାଚ୍‌ର ଆଇପିଏସ୍ ତଥା ସରକାରୀ ପ୍ରେସର ମୁଖ୍ୟ ଅରୁଣ ରାୟ, ୧୯୮୯ ବ୍ୟାଚ୍ ଆଇପିଏସ୍ ତଥା ଜେଲ୍ ଡିଜି ଅମୃତ ମୋହନ ପ୍ରସାଦ, ବିଏସ୍ଏଫ୍ ସ୍ୱତନ୍ତ୍ର ଡ଼ିଜି ତଥା ୧୯୯୦ ବ୍ୟାଚ୍ ଆଇପିଏସ୍ ଯୋଗେଶ ବାହାଦୂର ଖୁରାନିଆଙ୍କ ନାମ ଚର୍ଚ୍ଚା ହେଉଥିବାବେଳେ ଅଗ୍ନିଶମ ଡିଜି ତଥା ୧୯୯୦ ବ୍ୟାଚ୍ ଆଇପିଏସ୍ ସୁଧାଂଶୁ ଷଡ଼ଙ୍ଗୀ ଦୌଡ଼ରେ ଆଗରେ ଥିବା କୁହାଯାଉଛି।

## ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ରୂପା ରୋଶନ ସାହୁଙ୍କ ବଦଳି

**ଭୁବନେଶ୍ୱର, ୧୮।୭(ସମିସ):** ଦାୟିତ୍ୱ ଗ୍ରହଣ କରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ କାର୍ଯ୍ୟାଳୟରେ ନୂଆ ଅଧିକାରୀଙ୍କ ନିଯୁକ୍ତି ସହ ପୁରୁଣା ଅଧିକାରୀଙ୍କ ବଦଳି ପ୍ରକ୍ରିୟା ଜାରି ରଖିଛନ୍ତି। ଏହିକ୍ରମରେ ଗୁରବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ)ରେ ଆଉ ଜଣେ ଅନୁସଚିବଙ୍କ ସହ ୫ଜଣ ସଚିବାଳୟ ସେବା ଅଧିକାରୀଙ୍କୁ ନିଯୁକ୍ତି ମିଳିଛି। ଏହାସହ ପୂର୍ବରୁ ସିଏମଓରେ ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟରତ ରୂପାରୋଶନ ସାହୁଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଏନେଇ ସାଧାରଣ ପ୍ରଶାସନ ଓ ଅଭିଯୋଗ ଏବଂ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଆଜି ଜାରି ବିଜ୍ଞପ୍ତି ଅନୁଯାୟୀ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟରତ ୨୦୦୬ ବ୍ୟାଚ୍ ଆଇଏଏସ୍ ରୂପା ରୋଶନ ସାହୁ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଶ୍ରୀମତି ସାହୁଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ପଦରୁ ହଟାଇ ଦିଆଯାଇ କେବଳ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ସଚିବ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗରେ କାର୍ଯ୍ୟରତ ଅନୁସଚିବ ଭାବେ ପ୍ରଦୀପ କୁମାର ସାମଲଙ୍କୁ ବଦଳି ହୋଇଛି। ପୂର୍ତ୍ତ ବିଭାଗର ସେକ୍ସନ ଅଫିସର ବିଶ୍ୱଜିତ୍

**ଆଉ ଜଣେ ଅନୁସଚିବଙ୍କ ସହ ୫ ଅଧିକାରୀଙ୍କୁ ସିଏମ୍‌ଓରେ ନିଯୁକ୍ତି**

ସାମଲ, ଅର୍ଥ ବିଭାଗର ସେକ୍ସନ ଅଫିସର ରୋହିତରଞ୍ଜନ ନାୟକ, ସାଧାରଣ ପ୍ରଶାସନ ବିଭାଗର ସେକ୍ସନ ଅଫିସର ଦୀପକ ମାଝୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ନୂଆ ନିଯୁକ୍ତି ପ୍ରଦାନ କରାଯାଇଛି। ଏହାସହ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଦୁଇଜଣ ଆସିଷ୍ଟାଣ୍ଟ ସେକ୍ସନ ଅଫିସର ସଞ୍ଜୟ କୁମାର ସୋରେନ ଓ ସତ୍ୟସଙ୍କେତ ଜେନାଙ୍କୁ ମଧ୍ୟ ଆଜି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ବଦଳି କରାଯାଇଛି।

## ମାଡ଼ିଗଲା ହାଇୱା; ୩ ଶ୍ରମିକ ମୃତ

**ରାଉରକେଲା, ୧୮।୭ (ସମିସ):** ସୁନ୍ଦରଗଡ଼ ଜିଲ୍ଲାର ରାଜାମୁଣ୍ଡା ବାଇପାସ୍ ନିକଟରେ ଗୁରୁବାର ରାତିରେ ଏକ ସଡ଼କ ଦୁର୍ଘଟଣାରେ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ୩ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଅପରପକ୍ଷେ, ଅନ୍ୟ ୨ଜଣ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ, କେ. ବଲାଙ୍ଗ ଅଞ୍ଚଳର ଦିଲ୍ଲୁ ପାତ୍ର, କେ. ବଲାଙ୍ଗ ଖରିଆବାହାଲ ଗାଁର ଶୁକ୍ରା ମୁଣ୍ଡାରୀ, ବୁଧରାମ ମୁଣ୍ଡାରୀ। ସେମାନଙ୍କ ବୟସ ୩୨ରୁ ୩୫ ବର୍ଷ ଭିତରେ ହେବ। ଗୁରୁତର ଆହତ ଜଣେ ଶ୍ରମିକ ହେଲେ, ନାମ ଗୋପନା ଗାଁର ରମାକାନ୍ତ ମାହାନ୍ତ। ଅନ୍ୟ ଜଣଙ୍କ ପରିଚୟ ମିଳି ପାରିନାହିଁ। ଦୁହିଁଙ୍କୁ ଅତ୍ୟନ୍ତ ସଂକଟାପନ୍ନ ଅବସ୍ଥାରେ ରାଉରକେଲା ସ୍ଥାନାନ୍ତର

- ■ ଦୁଇ ସଂକଟାପନ୍ନଙ୍କୁ ରାଉରକେଲା ସ୍ଥାନାନ୍ତର
- ■ ରାତିରେ ରାସ୍ତା କାମ କରୁଥିଲେ ୫ ଶ୍ରମିକ

କରାଯାଇଛି। ଏହି ଘଟଣାରେ ଲହୁଣୀପଡ଼ା ପୁଲିସ ହାଇୱା ଚାଳକ ନାମରେ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି। ତେବେ ଶ୍ରମିକଙ୍କୁ ରାତିରେ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ଆର୍‌କେଡିକୁ କାହିଁକି ଦାୟୀ କରାଯିବ ନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

ସୂଚନାଯୋଗ୍ୟ, ରାଜାମୁଣ୍ଡା-ପାଣିକୋଇଲି ୫୨୦ ନମ୍ବର ଜାତୀୟ ରାଜପଥର ରାଜାମୁଣ୍ଡା ବାଇପାସ୍ ଛକରେ ଆର୍‌କେଡି ଠିକା ସଂସ୍ଥା ପକ୍ଷରୁ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଛି। ବାଇପାସ ସଂଲଗ୍ନ ଏକ ବ୍ରିଜ ନିର୍ମାଣ କାର୍ଯ୍ୟରେ ୫ ଜଣ ଶ୍ରମିକ ନିୟୋଜିତ ଥିଲେ। ଗୁରୁବାର ସନ୍ଧ୍ୟା ସାଢ଼େ ୭ଟାରେ ଭାରସାମ୍ୟ ହରାଇ ଏକ ଦ୍ରୁତଗାମୀ ହାଇୱା ସେମାନଙ୍କ ଉପରେ ମାଡ଼ି ଯିବାରୁ ଘଟଣାସ୍ଥଳରେ ୨ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟଜଣେ ଶ୍ରମିକଙ୍କର ଲହୁଣିପଡ଼ା ଡାକ୍ତରଖାନାକୁ ନେବା ବାଟରେ ମୃତ୍ୟୁ ହୋଇଥିଲା। ଅପରପକ୍ଷେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି।

**ଅନ୍ଧବିଶ୍ୱାସର ଅନ୍ଧଗଳି**

## ୩ ବର୍ଷ ହେଲା ଯୁବତୀଙ୍କ ମୁଣ୍ଡରେ ୩୦ ଛୁଞ୍ଚି

- ■ ମାନସିକ ରୋଗ ଚିକିତ୍ସା ନାଁରେ ଝଡ଼ାଫୁଙ୍କା
- ■ ଗୁଣିଆ ଗିରଫ, ଚିକିତ୍ସା ପାଇଁ ଡାକ୍ତରଖାନାରେ ଯୁବତୀ
- ■ ଅସ୍ତ୍ରୋପଚାର ଜରିଆରେ କଢ଼ାଯିବ ଛୁଞ୍ଚି

**ବଲାଙ୍ଗିର/କଣ୍ଟାବାଞ୍ଜି, ୧୮।୭ (ସମିସ):** ମାନସିକ ରୋଗ ଠିକ୍ କରିବାକୁ ମଣ୍ଡରେ ଛୁଞ୍ଚି ଫୋଡ଼ିଦେଲା ଗୁଣିଆ। ଗୋଟିଏ କି ଦୁଇଟି ନୁହେଁ, ପ୍ରାୟ ୩୦ଟି ଛୁଞ୍ଚି ଯୁବତୀଙ୍କ ମୁଣ୍ଡରେ ଫୋଡ଼ା ହୋଇଛି। ତା'ଠାରୁ ଆହୁରି ସାଂଘାତିକ କଥା ହେଲା, ଏହି ଛୁଞ୍ଚିଗୁଡ଼ିକ ଗତ ୩ ବର୍ଷ ହେଲା ଯୁବତୀଙ୍କ



ମୁଣ୍ଡରେ ସେମିତି ରହି ପ୍ରତି ମୁହୂର୍ତ୍ତରେ ତାଙ୍କୁ ଅସ୍ତବ୍ୟସ୍ତ କରୁଛି। ନା ସେ ଶାନ୍ତିରେ ବସିପାରୁଛି ନା ଠିକ୍‌ରେ ଶୋଇପାରୁଛନ୍ତି। ବଲାଙ୍ଗିର ଜିଲ୍ଲାରୁ ଆସିଥିବା ଅନ୍ଧବିଶ୍ୱାସର ଏଭଳି ଏକ କ୍ରୂର ଓ ଲୋମହର୍ଷଣକାରୀ ଚିତ୍ର ବୁଦ୍ଧିଜୀବୀମହଲରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ତଥାକଥିତ ସଭ୍ୟ ସମାଜର ମଣିଷ କହୁଥିବା ବ୍ୟକ୍ତିମାନଙ୍କୁ ଏହି ଘଟଣା ପୁଣିଥରେ ଚିନ୍ତାରେ ପକାଇଛି। ଗତ ୩ ବର୍ଷ ହେଲା ଏପରି ଯମଦଣ୍ଡ ଭୋଗି ଆସୁଥିବା ଯୁବତୀଜଣଙ୍କ ହେଲେ, ସିନ୍ଧେକେଲା ଥାନା ଇଚ ଗାଁର ବିଷ୍ଣୁପ୍ରସାଦ ବେହେରାଙ୍କ ଝିଅ ରିଶ୍ମା ବେହେରା (୧୯)। ତାଙ୍କୁ ବର୍ତ୍ତମାନ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅସ୍ତ୍ରୋପଚାର ଜରିଆରେ ତାଙ୍କ ମୁଣ୍ଡରୁ ପ୍ରାୟ ୨୨ଟି ଛୁଞ୍ଚି ବାହାର କରାଯିବ ବୋଲି ଡାକ୍ତର କହିଛନ୍ତି। ଅପରପକ୍ଷେ ଏହି ଘଟଣାରେ ସିନ୍ଧେକେଲା ପୁଲିସ୍ ଅଭିଯୁକ୍ତ ଗୁଣିଆ ଶାନ୍ତିପଡ଼ାର ତେଜରାଜ ରଣାକୁ ଗିରଫ କରି କୋର୍ଟଚାଲାଣ କରିଛି।



ସୂଚନାନୁଯାୟୀ, ୨୦୨୦ ମସିହାରେ ଇଚ ଗାଁର ବିଷ୍ଣୁପ୍ରସାଦଙ୍କ ସ୍ତ୍ରୀଙ୍କ ଦେହାନ୍ତ ହେବା ପରଠାରୁ ରିଶ୍ମାଙ୍କ ମାନସିକ ଅବସ୍ଥା ବିଗିଡ଼ି ଯାଇଥିଲା। ରାତିରେ ଠିକ୍ ଭାବେ ଶୋଇପାରୁ ନଥିଲେ। ଭୟରେ ଚମକି ଉଠି ପଡୁଥିଲେ। ସେତେବେଳେ ସେ ନାବାଳିକା ଥିଲେ। ଏଭଳି ବାରମ୍ବାର ହେବା ପରେ ବିଷ୍ଣୁ ତାଙ୍କୁ କଣ୍ଟାବାଞ୍ଜି ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ। କିନ୍ତୁ ଡାକ୍ତର ସବୁ ଠିକ୍ ଥିବା କହି ଫେରାଇ ଦେଇଥିଲେ। ପରେ କିଛି ଲୋକଙ୍କ ପରାମର୍ଶକ୍ରମେ ସେ ଝିଅକୁ ନେଇ ଜାମୁଟଝୁଲା ଶାନ୍ତିପଡ଼ା ଗାଁର ଗୁଣିଆ ତେଜରାଜ ରଣାଙ୍କୁ ୨୦୨୧ ଜାନୁଆରୀରେ ଦେଖାଇଥିଲେ। ସଂପୃକ୍ତ ଗୁଣିଆ ପାଖକୁ ଆଣିଥିଲେ ଏବଂ ପୂର୍ବବତ୍ ତେଜରାଜ ତାଙ୍କ ମୁଣ୍ଡରେ ଛୁଞ୍ଚି ଫୋଡ଼ିଥିଲା। ଏମିତି ବିଭିନ୍ନ ସମୟରେ ତେଜରାଜ ଯୁବତୀଙ୍କ ମୁଣ୍ଡରେ ୩୦ରୁ ଊର୍ଦ୍ଧ୍ୱ ଛୁଞ୍ଚି ଫୋଡ଼ିଥିଲା। କିଛି ଛୁଞ୍ଚି ଆପେ ବାହାରିଥିବା ବେଳେ ଏବେ ବି ମୁଣ୍ଡରେ ୨୨ଟି ଛୁଞ୍ଚି ରହିଥିବା ଜଣାପଡ଼ିଛି। କିଛି ଦିନ ହେଲା, ରିଶ୍ମାଙ୍କ ମୁଣ୍ଡବ୍ୟଥା ବଢ଼ିବା ସହ ହାତ କଟିଯାଉଥିବା ଦେଖିବାକୁ ମିଳିଥିଲା। ଏନେଇ ବିଷ୍ଣୁପ୍ରସାଦ ପୁଣି ସେ ଗୁଣିଆକୁ ଯୋଗାଯୋଗ କରିଥିଲେ ହେଁ ସେ ଆଉ ଧରାଛୁଆଁ ଦେଇନଥିଲା।



ତେଜରାଜ ଝିଅକୁ ଘର ଭିତରେ ବନ୍ଦ କରି ପୂଜାର୍ଚ୍ଚନା କରିଥିଲେ। ପରେ ତେଜରାଜଙ୍କ ସ୍ତ୍ରୀ ଓ ପୁତୁରା ଖଗେଶ୍ୱର ରଣା ଜୋରଜବରଦସ୍ତ ରିଶ୍ମାଙ୍କୁ ମାଡ଼ି ବସିଥିବା ବେଳେ ତେଜରାଜ ତାଙ୍କ ମୁଣ୍ଡରେ ଛୁଞ୍ଚି ଫୋଡ଼ି ଦେଇଥିଲା। କିନ୍ତୁ ଏଥିରେ ରିଶ୍ମାଙ୍କ ସ୍ୱାସ୍ଥ୍ୟାବସ୍ଥା ସୁଧୁରିବା ପରିବର୍ତ୍ତେ ଆହୁରି ବିଗିଡ଼ିଥିଲା। କିଛି ଦିନ ପରେ ବିଷ୍ଣୁପ୍ରସାଦ ପୁଣି ଝିଅକୁ ପରେ ସେ ଝିଅକୁ ନେଇ ବଲାଙ୍ଗିରର ଏକ ଘରୋଇ ଡାକ୍ତରଖାନାରେ ସିଟି-ସ୍କାନ୍ କରାଇଥିଲେ। ସେଥିରୁ ମୁଣ୍ଡରେ ଛୁଞ୍ଚି ରହିଥିବା ସ୍ପଷ୍ଟ ହୋଇଛି। ବର୍ତ୍ତମାନ ଝିଅକୁ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ଭର୍ତ୍ତି କରି ଚିକିତ୍ସା କରାଯାଉଛି। ଅପରପକ୍ଷେ, ଏ ସଂପର୍କରେ ବିଷ୍ଣୁପ୍ରସାଦଙ୍କ ଅଭିଯୋଗ ଆଧାରରେ ପୁଲିସ୍ ସମ୍ପୃକ୍ତ ଗୁଣିଆକୁ ଗିରଫ କରିଛି।

### ଖୋଲୁଛି ତେଜରାଜର କଳାକାରନାମା

ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଥାନା ଶାନ୍ତିପଡ଼ାରେ ରହୁଥିବା ତାନ୍ତ୍ରିକ ତେଜରାଜ ରଣା ଗିରଫ ହେବା ପରେ ତା'ର କଳା କାରନାମା ସାମ୍ନାକୁ ଆସିବାରେ ଲାଗିଛି। ତେଜରାଜ ଦୀର୍ଘବର୍ଷ ହେଲା



ଘରେ ତନ୍ତ୍ର ସାଧନା କରୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ପ୍ରତିଦିନ ବିଭିନ୍ନ ସମସ୍ୟା ନେଇ ବହୁ ଲୋକ ତା' ଘରକୁ ଆସୁଥିଲେ। ଗୁଣିଗାରେଡ଼ି ନାମରେ ସେ ଲୋକଙ୍କୁ ଠକୁଥିବା ଅଭିଯୋଗ ହୋଇଛି। ଏହି ବେଆଇନ କାରବାରରେ ତେଜରାଜ ସହ ତା' ସ୍ତ୍ରୀ, ପୁତୁରା ମଧ୍ୟ ସାମିଲ ଥିବା ଅଭିଯୋଗ ହୋଇଛି। ତେଜରାଜ ଘରେବି ଭିନ୍ନ ପ୍ରକାର ପଶୁପକ୍ଷୀ ଥିବା ଦେଖିବାକୁ ମିଳିଛି। ବାବାଜଣକ ଭୂତ ଧରିଥିବା ଲୋକଙ୍କୁ ଠିକ କରି ଦେବା ନାଁରେ ତନ୍ତ୍ରମନ୍ତ୍ର କରିବା ସମୟରେ ପଶୁପକ୍ଷୀଙ୍କୁ ବ୍ୟବହାର କରି ବଳି ଦେଉଥିବା ମଧ୍ୟ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ବାବାଙ୍କ ଘରେ ବିଭିନ୍ନ ପ୍ରକାର ପକ୍ଷୀ ପିଞ୍ଜରାରେ ରଖାଯାଇଥିବା ସହ ୩ଟି ଠେକୁଆ ଦେଖାଯାଇଥିଲା। ଏହା ସହ ଅନ୍ୟ ପଶୁପକ୍ଷୀ ରଖାଯାଇଥିବା ମଧ୍ୟ ଅଭିଯୋଗ ହେଉଛି। ଏହା ଉପରେ ବନ ବିଭାଗ ନଜର ଦେଇ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ସେହିପରି ଗୁଣିଆ ତେଜରାଜର ଶାନ୍ତିପଡ଼ାରେ ଥିବା ବାସଗୃହ ଓ ତନ୍ତ୍ରମନ୍ତ୍ର ପୀଠ ଚାରିପଟେ ସିସିଟିଭି କ୍ୟାମେରା ଲଗାଯାଇଥିବା ଦେଖିବାକୁ ମିଳିଛି। ତା' ଘର ଚାରିପଟେ ସିସିଟିଭି ଲଗାଯାଇଛି। ଏହାକୁ ଛାନଭିନ୍ କଲେ ପୁଲିସ୍‌କୁ ବହୁ ତଥ୍ୟ ମିଳିପାରିବ ବୋଲି କୁହାଯାଉଛି।

ଦେଶ ବିଦେଶ
ସକାଳ
www.sakalaepaper.com

## ନିଟ୍ ପ୍ରଶ୍ନପତ୍ର ପ୍ରଘଟ ମାମଲା

# ପାଟନା ଏମ୍ସର ୪ ଛାତ୍ର ଗିରଫ

ନୂଆଦିଲ୍ଲୀ, ୧୮।୭ (ଏଜେନ୍ସି): ନିଟ୍ ୟୁଜି ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ସିବିଆଇ ବୁଧବାର ପାଟନା ଏମ୍ସର ଚାରି ମେଡିକାଲ ଛାତ୍ରଙ୍କୁ ଗିରଫ କରିଛି। ଜେରା କରିସାରିବା ପରେ କେନ୍ଦ୍ରୀୟ ଏଜେନ୍ସି ସମସ୍ତଙ୍କୁ ସାଙ୍ଗରେ ନେଇକି ଯାଇଛି। ଗିରଫ ଛାତ୍ର ଚନ୍ଦନ କୁମାର, ରାହୁଲ ଆନନ୍ଦ ଏବଂ କରଣ ଜୈନ ୨୦୨୧ ବ୍ୟାଚର୍ (ତୃତୀୟବର୍ଷର)। ସେହିପରି କୁମାର ସାନୁ ୨୦୨୨ (ପ୍ରଥମ ବର୍ଷ)ର ଛାତ୍ର। ସମସ୍ତଙ୍କ ପ୍ରକୋଷ୍ଠକୁ ସିବିଆଇ ସିଲ୍ କରିଦେଇଛି। ଏହି ଛାତ୍ରଙ୍କ ଲ୍ୟାପଟପ୍ ଏବଂ ମୋବାଇଲକୁ ମଧ୍ୟ ସିବିଆଇ ଜବତ କରିନେଇଛି। ସୂଚନା ଅନୁଯାୟୀ ସିବିଆଇ ଟିମ୍ ବୁଧବାର ଦ୍ୱିପହରେ ପ୍ରଥମ ଥର ପାଇଁ ପାଟନା ଏମ୍ସକୁ ଯାଇଥିଲା। ଏଠାରୁ ଟିମ୍ ସିୱାନର ବାସିନ୍ଦା ଚନ୍ଦନ କୁମାରଙ୍କୁ ନିଜ ସଙ୍ଗେ ନେଇ ଯାଇଥିଲା। ଏହା ପରେ ପୁଣି ସନ୍ଧ୍ୟା ୬ଟାରେ ପାଟନାର କୁମାର ସାନୁ, ଧାନବାଦର ରାହୁଲ ଆନନ୍ଦକୁ ହେପାଜତକୁ ନେଇଥିଲା। ଚତୁର୍ଥ ଛାତ୍ର ଅରରିଆର କରଣ ଜୈନ ନିଜେ ଯାଞ୍ଚ ଏଜେନ୍ସି ପାଖକୁ ଯାଇଥିଲେ। ଅନ୍ୟପକ୍ଷରେ ପ୍ରଶ୍ନପତ୍ର ଚୋରି କରିଥିବାଠାରୁ ନେଇ ଆଶାୟୀଙ୍କ ପର୍ଯ୍ୟନ୍ତ, ଉତ୍ତର ଘୋଷାଇଥିବା ଲୋକଠାରୁ ନେଇ ଏହି ବିଭ୍ରାଟରେ ସାମିଲ ଥିବା ପ୍ରତ୍ୟେକ ଲୋକଙ୍କୁ ସିବିଆଇ ଗିରଫ କରିବାରେ ଲାଗିଛି। ସମ୍ପୂର୍ଣ୍ଣ ମାମଲାରେ ଏବେ ଗୋଟିଏ ପ୍ରସଙ୍ଗ ଅବୁଝା ରହିଛି। ପ୍ରଶ୍ନପତ୍ର ନେଇ ଯାଉଥିବା ଟ୍ରକ୍‌ର ସୂଚନା ବିଭ୍ରାଟକାରୀଙ୍କ ପାଖରେ କେମିତି ପହଞ୍ଚୁ ଥିଲା? ଏହି ସୂଚନା କିଏ ଦେଉଥିଲା? ଏବେ ଏଜେନ୍ସି ଏହା ଜାଣିବା ପାଇଁ ପ୍ରୟାସ ଜାରି ରଖିଛି।




### ତିନି ଜଣ ତୃତୀୟ, ଜଣେ ପ୍ରଥମ ବର୍ଷର ଛାତ୍ର

### ଅଭିଯୁକ୍ତଙ୍କ ପ୍ରକୋଷ୍ଠ ସିଲ୍ କଲା ସିବିଆଇ

**ଝାଡ଼ଖଣ୍ଡରୁ କେମିତି ବିହାରରେ ପହଞ୍ଚିଲା ପ୍ରଶ୍ନ**

ନିଟ୍ ପ୍ରଶ୍ନପତ୍ର ଆଶାୟୀଙ୍କ ପାଖରେ ୫ଟି ପର୍ଯ୍ୟାୟରେ ପହଞ୍ଚି ଥିଲା। ପଙ୍କଜ ଟ୍ରକ୍‌ରୁ ପ୍ରଶ୍ନପତ୍ର ଚୋରି କରିଥିଲା। ହଜାରିବାଗର ଓଏସିସ୍ ସ୍କୁଲ୍‌ର ପ୍ରିନ୍ସପାଲ ଡ. ଏହସାନ ଉଲ ହକକୁ ରାଜୁ ପ୍ରଶ୍ନପତ୍ର ଦେଇଥିଲା। ପରେ ଉଲ୍ ହକ୍ ଏହାକୁ ସଞ୍ଜୀବ ମୁଖିଆ ପାଖକୁ ପଠାଇ ଥିଲା। ସଞ୍ଜୀବ ପ୍ରଶ୍ନକୁ ରକିକୁ ଦେଇଥିଲା। ରକି ଏହାକୁ ଆଗକୁ ବଢ଼ାଇ ଥିଲା ଏବଂ ପ୍ରଶ୍ନର ସମାଧାନ କରି ଚିଣ୍ଟୁ ପାଖକୁ ପଠାଇ ଥିଲା। ଏହି ଚିଣ୍ଟୁ ଖେମନଚିକ ସ୍କୁଲ୍‌ର ଆଶାୟୀଙ୍କୁ ଉତ୍ତର ଘୋଷାଇ ଥିଲା।

ଏହା ପୂର୍ବରୁ ସିବିଆଇ ମଙ୍ଗଳବାର ପଙ୍କଜ କୁମାର ଏବଂ ରାଜୁକୁ ଗିରଫ କରିଥିଲା। ପଙ୍କଜ ଟ୍ରକ୍‌ରୁ ପ୍ରଶ୍ନପତ୍ର ଚୋରି କରିଥିଲା। ସିବିଆଇ ତାକୁ ହେପାଜତକୁ ନେଇ ଟ୍ରକ୍‌ର ସୂଚନା ଦେଇଥିବା ଲୋକ ବିଷୟରେ ଜାଣିବାକୁ ଜେରା କରୁଛି। ଏଜେନ୍ସି ବୁଧବାର ପଙ୍କଜ ଏବଂ ରାଜୁକୁ ୭ ଘଣ୍ଟା ପର୍ଯ୍ୟନ୍ତ ଜେରା କରିଥିଲା। ସୂଚନାଯୋଗ୍ୟ ଯେ ମାମଲା ସିବିଆଇ ହାତକୁ ଯିବା ପରଠାରୁ ଏ ପର୍ଯ୍ୟନ୍ତ ୨୫ ଦିନରେ ୭ ରାଜ୍ୟରୁ ୪୨ ଜଣଙ୍କୁ ଗିରଫ କରାଗଲାଣି। ଏହା ମଧ୍ୟରେ ପାଟନା ଏମ୍ସର ନିର୍ଦ୍ଦେଶକ ଡ. ଗୋପାଳ କୃଷ୍ଣ ପାଲ୍ ଗୁରୁବାର କହିଛନ୍ତି ଯେ ସିବିଆଇ ଅଧିକାରୀ ତାଙ୍କୁ ଏ ନେଇ ଫୋନ୍ କରି ସୂଚନା ଦେଇଥିଲେ। ୪ ଛାତ୍ରଙ୍କ ଫଟୋ ଏବଂ ପରିଚୟ ପଠାଇ ଥିଲେ। ଏମାନଙ୍କୁ ଜେରା କରାଯିବ ବୋଲି କୁହାଯାଇଥିଲା। ବୁଧବାର କଲେଜ ପରିସରରେ ହେବାକୁ ଥିବା କାର୍ଯ୍ୟକ୍ରମ ତଦାରଖ ପାଇଁ ଯାଇଥିବା ବେଳେ ସିବିଆଇ ଟିମ୍ ଆସିଥିଲା। ପୁଣି ଯାଞ୍ଚ ପାଇଁ ଆସିଲେ ୪ ଛାତ୍ରଙ୍କ ପ୍ରକୋଷ୍ଠ ଖୋଲାଯିବ। ଏଜେନ୍ସି ରିପୋର୍ଟ ଆଧାରରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

■ ସଂରକ୍ଷଣ ବିରୋଧୀ ପ୍ରଦର୍ଶନ

## ବାଂଲାଦେଶରେ ଦିନକରେ ୨୫ ମୃତ

ଢାକା, ୧୮।୭ (ଏଜେନ୍ସି): ବାଂଲାଦେଶରେ ସରକାରୀ ଚାକିରିରେ ସଂରକ୍ଷଣ ବିରୋଧରେ ଜାରି ବିକ୍ଷୋଭ ଉଗ୍ର ହୋଇ ଚାଲିଛି। ଗୁରୁବାର ସନ୍ଧ୍ୟାରେ ପ୍ରଦର୍ଶନକାରୀ ମୁଖ୍ୟ ସରକାରୀ ଟିଭି ଚ୍ୟାନେଲ 'ବିଟିଭି' ମୁଖ୍ୟାଳୟରେ ନିଆଁ ଲଗାଇ ଦେଇଛନ୍ତି। ଅନେକ ଲୋକ ଅଫିସ ଭିତରେ ଫସି ରହିଛନ୍ତି। ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଆଜି ଏହି ଚ୍ୟାନେଲକୁ ସାକ୍ଷାତକାର ଦେଇଥିଲେ। ଆଜି ମଧ୍ୟ ପୁଲିସ ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଂଘର୍ଷ ହୋଇଛି। ଏଥିରେ ଅତିକମରେ ୨୫ ଜଣ ପ୍ରାଣ ହରାଇଛନ୍ତି। ହଜାରେରୁ ଅଧିକ ଆହତ ହୋଇଛନ୍ତି।



ବିକ୍ଷୋଭ ପ୍ରଦର୍ଶନ ଆରମ୍ଭ ହେବା ପରଠାରୁ ଏ ପର୍ଯ୍ୟନ୍ତ ୩୨ ଜଣଙ୍କ ମୃତ୍ୟୁ ହେଲାଣି। ଅନ୍ୟପକ୍ଷରେ ଢାକା ସ୍ଥିତ ଭାରତୀୟ ଉଚ୍ଚାୟୁକ୍ତଙ୍କ ପକ୍ଷରୁ ନାଗରିକ ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ଜରୁରୀ ମାର୍ଗଦର୍ଶିକା ଜାରି କରାଯାଇଛି। ଅତି ଜରୁରୀ ନ ହେଲେ ଘରୁ ବାହାରିବା ପାଇଁ ମନା କରାଯାଇଛି।

## ଜମ୍ମୁ-କାଶ୍ମୀରରେ ୨ ଆତଙ୍କବାଦୀ ନିପାତ

ଶ୍ରୀନଗର, ୧୮।୭ (ଏଜେନ୍ସି): ଜମ୍ମୁ-କାଶ୍ମୀର କୁପୱାଡ଼ାର କେରନ ଅଞ୍ଚଳରେ ଏନ୍‌କାଉଣ୍ଟର ହୋଇଛି। ଏଠାରେ ସୁରକ୍ଷାବାହିନୀ ଗୁଳିରେ ୨ ଆତଙ୍କବାଦୀ ନିପାତ ହୋଇଛନ୍ତି। ଏଠାରେ କିଛି ଆତଙ୍କବାଦୀ ଲୁଚିଥିବାର ସୂଚନା ମିଳିବା ପରେ ଅଭିଯାନ ଆରମ୍ଭ ହୋଇଥିଲା। ଅନ୍ୟପକ୍ଷରେ ଡୋଡାର ୨ଟି ସ୍ଥାନରେ ଏନ୍‌କାଉଣ୍ଟର ଚାଲିଛି। ଗୁରୁବାର ବଡ଼ି ଭୋରରେ କାସ୍ତିଗଡ଼ ଅଞ୍ଚଳର ଜଦ୍ଦନ ବାଟା ଗ୍ରାମ ସ୍କୁଲ୍‌ରେ ହୋଇଥିବା ଅସ୍ଥାୟୀ ସୁରକ୍ଷା ଶିବିର ଉପରେ ଆତଙ୍କବାଦୀ ଗୁଳିମାଡ଼ କରିଥିଲେ। ଏଥିରେ ୨ ଯବାନ ଆହତ ହୋଇଥିଲେ। ସେନା ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରେ ଆତଙ୍କବାଦୀ ଜଙ୍ଗଲକୁ ପଳାଇ ଥିଲେ। ଜିଲ୍ଲାର ଆଉ ଏକ ସ୍ଥାନରେ ମଧ୍ୟ ଏନ୍‌କାଉଣ୍ଟର ଜାରି ରହିଛି। ଅନ୍ୟପକ୍ଷରେ କାଶ୍ମୀର ସ୍ଥିତିକୁ ନେଇ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ କମିଟି (ସୁରକ୍ଷା) ବୈଠକରେ ସ୍ଥିତି ସମୀକ୍ଷା କରାଯାଇଛି।

**ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ**

## ବିଚ୍ ରାସ୍ତାରେ ୱାଇଏସ୍‌ଆର୍ ନେତାଙ୍କୁ ହତ୍ୟା କଲେ ଟିଡିପି ନେତା

ଅମରାବତୀ, ୧୮।୭ (ଏଜେନ୍ସି): ଆନ୍ଧ୍ର ପ୍ରଦେଶରୁ ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଛି। ପାଲନାଡୁ ଜିଲ୍ଲା ଭିନୁକୋଣ୍ଡାରେ ବୁଧବାର ରାତି ପ୍ରାୟ ୮ଟା ୩୦ରେ ଜଣେ ୱାଇଏସଆରସିପି ନେତା ଶେଖ ରସିଦଙ୍କୁ ଜଣେ ଯୁବକ ରାସ୍ତା ମଝିରେ ଅତି ନିର୍ମମ ଭାବେ ଧାରୁଆ ଅସ୍ତ୍ରରେ ଦୁଇ ହାତ ଏବଂ ବେକ କାଟି ହତ୍ୟା କରିଛି। ଶାସକ ଦଳ ଟିଡିପିର ସ୍ଥାନୀୟ ନେତା ଶେଖ୍ ଜିଲାନୀ ଏହି ହତ୍ୟାକାଣ୍ଡ ଘଟାଇଛି। ସୂଚନା ମିଳିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକକୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରିଥିଲା। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ବ୍ୟକ୍ତିଗତ ଶତ୍ରୁତା ଯୋଗୁଁ ଏହି ହତ୍ୟା ହୋଇଛି ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ହତ୍ୟାକାଣ୍ଡ ସମୟରେ ଅନେକ ଲୋକ ଉପସ୍ଥିତି ଥିଲେ ବି କେହି ରୋକିବାକୁ ପ୍ରୟାସ କରି ନ ଥିଲେ। ଜିଲ୍ଲା ପୁଲିସ ମୁଖ୍ୟ କାଞ୍ଚି ଶ୍ରୀନିବାସ ରାଓ କହିଛନ୍ତି ଯେ ଏହି ମାମଲାରେ କୌଣସି ରାଜନୈତିକ ଦଳର ସମ୍ବନ୍ଧ ନାହିଁ ବୋଲି ତଦନ୍ତରୁ ଜଣାପଡ଼ିଛି। ତେବେ ମାମଲାର ଗମ୍ଭୀରତାକୁ ଦେଖି ଭିନୁକୋଣ୍ଡାରେ ୧୪୪ ଧାରା କାର୍ଯ୍ୟକାରୀ କରାଯାଇଛି। ଏହି ଘଟଣାକୁ ନେଇ ୱାଇଏସଆର କଂଗ୍ରେସ ଶାସକ ଦଳକୁ ତୀବ୍ର ସମାଲୋଚନା କରିଛି। ରାକ୍ଷସ ପାଲଟି ଥିବା ଟିଡିପି ଅତି ନୃଶଂସ ଭାବେ ହତ୍ୟା କରୁଛି। ଟିଡିପି ନେତା ପକ୍ଷପାତ କରୁଛନ୍ତି। ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ୱାଇଏସ ଜଗନମୋହନ ରେଡ୍ଡୀ କହିଛନ୍ତି ଯେ ବିରୋଧୀଙ୍କୁ ଦବାଇବା ପାଇଁ ସରକାର ଘୃଣ୍ୟ ଷଡ଼ଯନ୍ତ୍ର କରୁଛନ୍ତି। ସେ ଏହାକୁ ନେଇ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କୁ ଚେତାବନୀ ଦେଇଛନ୍ତି। କ୍ଷମତା ସ୍ଥାୟୀ ନୁହେଁ। ରାଜ୍ୟର ଆଇନ ବ୍ୟବସ୍ଥା ପ୍ରତି ଧ୍ୟାନ ଦେବାକୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିବେଦନ କରିଛନ୍ତି।



■ ଶଙ୍କରାଚାର୍ଯ୍ୟଙ୍କ ବୟାନକୁ କଙ୍ଗନାଙ୍କ ବିରୋଧ

## ନେତା ରାଜନୀତି ନ କଲେ କ'ଣ ଗୁପ୍‌ଚୁପ୍ ବିକିବେ ?

ମୁମ୍ବଇ, ୧୮।୭ (ଏଜେନ୍ସି): ବଲିଉଡ ଅଭିନେତ୍ରୀ ତଥା ବିଜେପିର ମଣ୍ଡି ସାଂସଦ ଯୋଶୀମଠ (ଜ୍ୟୋତିର୍ମଠ)ର ଶଙ୍କରାଚାର୍ଯ୍ୟ ଅବିମୁକ୍ତେଶ୍ୱରାନନ୍ଦଙ୍କ ମନ୍ତବ୍ୟକୁ ବିରୋଧ କରିଛନ୍ତି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କୁ ବିଶ୍ୱାସଘାତକ କହିବାକୁ ନେଇ କଙ୍ଗନା ତାଙ୍କୁ ପ୍ରତିଆକ୍ରମଣ କରିଛନ୍ତି। ଏଭଳି ହୀନ ଏବଂ ନୀଚ ମନ୍ତବ୍ୟ ଶଙ୍କରାଚାର୍ଯ୍ୟଙ୍କୁ ଶୋଭା ଦେଉନାହିଁ। ଏଭଳି ମନ୍ତବ୍ୟ ଦେଇ ଶଙ୍କରାଚାର୍ଯ୍ୟ ହିନ୍ଦୁ ଧର୍ମର ଗରିମାକୁ ଆଘାତ ଦେଇଛନ୍ତି। ରାଜନୀତିରେ ମେଣ୍ଟ, ଚୁକ୍ତି ଏବଂ ଦଳର ବିଭାଜନ ସାଧାରଣ କଥା। ଏହା ସମ୍ବିଧାନ ସମ୍ମତ। ପ୍ରଥମେ ୧୯୦୭ରେ ଏବଂ ପରେ ୧୯୭୧ରେ କଂଗ୍ରେସର ବିଭାଜନ ହୋଇଥିଲା। ଯଦି ନେତା ରାଜନୀତି ନ କରିବେ ତେବେ କ'ଣ ଯାଇ ଗୁପ୍‌ଚୁପ୍ ବିକିବ? ଶଙ୍କରାଚାର୍ଯ୍ୟ ନିଜ ଶବ୍ଦାବଳୀ, ପ୍ରଭାବ ଏବଂ ଧାର୍ମିକ ଶିକ୍ଷାର ଅପବ୍ୟବହାର କରୁଛନ୍ତି। ଯଦି ରାଜା ପ୍ରଜାଙ୍କ ଶୋଷଣ କରନ୍ତି ତେବେ ରାଜଦ୍ରୋହ ହିଁ ଶେଷ ପନ୍ଥା ବୋଲି ଧର୍ମ କହୁଛି।

## ରାଷ୍ଟ୍ରପତି ବାଇଡେନଙ୍କୁ କରୋନା

ୱାଶିଂଟନ, ୧୮।୭ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ନିର୍ବାଚନ ପାଇଁ ଜୋରଦାର ପ୍ରଚାରପ୍ରସାର ଚାଲିଛି। ଏହା ମଧ୍ୟରେ ୮୧ ବର୍ଷୀୟ ରାଷ୍ଟ୍ରପତି ଜୋ ବାଇଡେନ କରୋନାରେ ସଂକ୍ରମିତ ହୋଇଛନ୍ତି। ସେ ତୃତୀୟ ଥର ପାଇଁ ଏହି ମହାମାରୀରେ କବଳିତ ହୋଇଛନ୍ତି। ସେ ସଙ୍ଗରୋଧରେ ରହି କାମ କରିବେ ବୋଲି ଗୁରୁବାର ହ୍ୱାଇଟ୍ ହାଉସ ପକ୍ଷରୁ କୁହାଯାଇଛି। ଏହାର ଦିନକ ପୂର୍ବରୁ ବାଇଡେନ କହିଥିଲେ ଯେ ଯଦି ଡାକ୍ତର ତାଙ୍କୁ ଅଯୋଗ୍ୟ ଘୋଷଣା କରନ୍ତି ତେବେ ସେ ରାଷ୍ଟ୍ରପତି ନିର୍ବାଚନ ଦୌଡ଼ରୁ ବାହାରି ଯିବେ। ବର୍ତ୍ତମାନ ସେ କି ନିଷ୍ପତ୍ତି ନେବେ ତାହାକୁ ନେଇ ପ୍ରଶ୍ନ ଉଠୁଛି। ଅନ୍ୟପକ୍ଷରେ ପୂର୍ବତନ ବାଚସ୍ପତି ନାନ୍‌ସୀ ପେଲୋସି ବାଇଡେନଙ୍କୁ ରାଷ୍ଟ୍ରପତି ନିର୍ବାଚନ ନ ଲଢ଼ିବା ପାଇଁ କହିଥିବା ରିପୋର୍ଟ ଆସିଛି। ବାଇଡେନ ନିଜ ବୟସ ଦ୍ୱାରା ଡେମୋକ୍ରାଟ୍ସ ଦଳର ବିଜୟ ସମ୍ଭାବନାକୁ ନଷ୍ଟ କରିଚାଲିଛନ୍ତି।



## ଉପନିର୍ବାଚନ ସ୍ଥିର କରିବ ଆଦିତ୍ୟନାଥଙ୍କ ଭବିଷ୍ୟତ



ଲକ୍ଷ୍ନୌ,୧୮।୭ (ଏଜେନ୍ସି): ୨୦୨୪ ଲୋକସଭା ନିର୍ବାଚନ ଫଳାଫଳ ଏବେ ଉତ୍ତରପ୍ରଦେଶ ବିଜେପି ପାଇଁ କାଳ ହୋଇଛି। ସ୍ଥିତି ଏଭଳି ହୋଇଛି ଯେ,ଦେଶର ସବୁଠାରୁ ଚର୍ଚ୍ଚିତ ମୁଖ୍ୟମନ୍ତ୍ରୀ ଭାବେ ସ୍ଥାନ ପାଇଥିବା ଯୋଗୀ ଆଦିତ୍ୟନାଥଙ୍କ ଚୌକି ଟଳମଳ ହୋଇପଡ଼ିଛି। କେବଳ ମୁଖ୍ୟମନ୍ତ୍ରୀ ନୁହନ୍ତି, ସାଙ୍ଗଠିକ ସ୍ତରରେ ଯେଭଳି ବିବାଦ ତେଜିଛି ତଦ୍ୱାରା ଆଗକୁ ଏହି ରାଜ୍ୟରେ ବିଜେପିର ସ୍ଥିତି କ'ଣ ହେବ ତାହାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଗତ କିଛି ଦିନ ମଧ୍ୟରେ ଜଣକ ପରେ ଜଣେ ନେତା କେନ୍ଦ୍ରୀୟ ନେତୃତ୍ୱଙ୍କୁ ଭେଟିଥିଲା ବେଳେ ରାଜ୍ୟ ବିଜେପିରେ ବଢୁଥିବା ବିଦ୍ରୋହ ସ୍ୱର ନେତୃତ୍ୱ ପରିବର୍ତ୍ତନ ପାଇଁ ସଙ୍କେତ ବହନ କରୁଛି। ଏହିକ୍ରମରେ ଆଗାମୀ ବିଧାନସଭା ଉପ ନିର୍ବାଚନ ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥଙ୍କ ଭବିଷ୍ୟତ ସ୍ଥିର କରିବା ଏକ ପ୍ରକାର ନିଶ୍ଚିତ ହୋଇଥିବା ରାଜନୀତିକ ପଣ୍ଡିତମାନେ ଆକଳନ କରିଛନ୍ତି। ଲୋକସଭା ନିର୍ବାଚନରେ ଦଳର ପ୍ରଦର୍ଶନ ଅତ୍ୟନ୍ତ ଖରାପ ପାଇଁ ବହୁ କାରଣ ରହିଥିଲେ ହେଁ ଦଳୀୟ କ୍ୟାଡର ନେତା ଏବଂ ଭୋଟରଙ୍କ ମଧ୍ୟରେ ସମ୍ପର୍କ ଛିନ୍ନ ହେବା ଏକ ପ୍ରମୁଖ କାରଣ ବୋଲି ଏବେ ଚର୍ଚ୍ଚା ଜୋର ଧରିଛି। ସରକାରୀ କଳ ଦଳୀୟ କର୍ମୀଙ୍କୁ ଆଦୌ ଗୁରୁତ୍ୱ ନ ଦେବା ଏବଂ ସେମାନଙ୍କ କଥା ନ ଶୁଣିବା ମଧ୍ୟ ଆଉ ଏକ କାରଣ। ଯେଉଁଥିପାଇଁ ନିକଟରେ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ପରୋକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଟିପ୍ପଣୀ ଦେବା ସହିତ ସରକାର ଠାରୁ ଦଳ ବଡ଼ ବୋଲି କହିଥିଲେ। କେବଳ ସେତିକି ନୁହେଁ, ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକକୁ ମଧ୍ୟ ସେ ଏଡାଇ ଯାଇଥିଲେ। ଏହାମଧ୍ୟରେ ଉପ ନିର୍ବାଚନ ପାଖେଇ ଆସୁଥିବାରୁ ଆଦିତ୍ୟନାଥ ପ୍ରତ୍ୟେକ ବିଧାନସଭା ଆସନ ପାଇଁ ଜଣେ ଜଣେ ମନ୍ତ୍ରୀଙ୍କୁ ଦାୟିତ୍ୱ ଦେଇଛନ୍ତି। କିନ୍ତୁ ଦଳ ଭିତରେ ଚାଲୁଥିବା କନ୍ଦଳକୁ ନେଇ ମନ୍ତ୍ରିମଣ୍ଡଳରେ ପରିବର୍ତ୍ତନ ସହ ସାଙ୍ଗଠନିକ ସ୍ତରରେ ପରିବର୍ତ୍ତନ ଆଣିବାକୁ ଉଦ୍ୟମ ଚାଲୁଥିବାରୁ ଉପ ନିର୍ବାଚନ ପାଇଁ ମନ୍ତ୍ରୀମାନେ କେତେ ଗୁରୁତ୍ୱ ଦେଇ କାର୍ଯ୍ୟ କରିବେ ତାହା ମଧ୍ୟ ଏକ ବଡ଼ ପ୍ରଶ୍ନ ହୋଇଛି। ଉପ ନିର୍ବାଚନ ଆଦିତ୍ୟନାଥଙ୍କ ପାଇଁ ଅଗ୍ନି ପରୀକ୍ଷା ସଦୃଶ ହୋଇଥିବାରୁ କୌଣସି ପରିସ୍ଥିତିରେ ସେ ସଫଳତା ହାସଲ କରିବାକୁ ଉଦ୍ୟମ କରୁଛନ୍ତି। କିନ୍ତୁ ଏଥିରେ ବିଫଳ ହେଲେ ତାଙ୍କ ପଦ ଯାଇପାରେ ବୋଲି କୁହାଯାଉଛି। ଏହାକୁ ଦୃଷ୍ଟିରେ ରଖି ସମାଜବାଦୀ ପାର୍ଟି ମୁଖିଆ ଅଖିଳେଶ ଯାଦବ ଫାଇଦା ଉଠାଇବାକୁ ରଣନୀତି ପ୍ରସ୍ତୁତ କରୁଥିବା କୁହାଯାଉଛି।

## ମଧ୍ୟପ୍ରଦେଶରେ ସିବିଆଇ ତଦନ୍ତକୁ ନା

ଭୋପାଳ, ୧୮।୭ (ଏଜେନ୍ସି): ବିଜେପି ଶାସିତ ମଧ୍ୟପ୍ରଦେଶ ବିରୋଧୀ ରାଜ୍ୟଙ୍କ ଗୋଷ୍ଠୀରେ ସାମିଲ ହୋଇଛି। ପଶ୍ଚିମବଙ୍ଗ, ତାମିଲନାଡୁ, ପଞ୍ଜାବ, କେରଳ, ତେଲଙ୍ଗାନା ପରେ ଏହି ଡବଲ ଇଞ୍ଜିନ ପ୍ରଦେଶ ସିବିଆଇର ତଦନ୍ତ ଉପରେ କଟକଣା ଲଗାଇ ଦେଇଛି। ଏବେ ଯାଞ୍ଚ ପୂର୍ବରୁ ସିବିଆଇକୁ ସରକାରଙ୍କ ଠାରୁ ଅନୁମତି ନେବାକୁ ପଡ଼ିବ। ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷର ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ଗୃହ ବିଭାଗ ସଚିବ ଗୌରବ ରାଜପୁତ ଆଦେଶ ଜାରି କରିଦେଇଛନ୍ତି। ନୂଆ ଆଦେଶ ଜୁଲାଇ ୧ରୁ ପ୍ରଭାବୀ ରହିବ। ରାଜ୍ୟ ସରକାରଙ୍କଠାରୁ ଲିଖିତ ଅନୁମତି ନେବା ପରେ ଯାଇ ସରକାରୀ, ଘରୋଇ ଏବଂ ଅନ୍ୟ ଲୋକଙ୍କ ବିରୋଧରେ ଯାଞ୍ଚ କରିପାରିବ। ବିଜେପି ଶାସିତ ରାଜ୍ୟର ଏହି ନିଷ୍ପତ୍ତି ସମସ୍ତଙ୍କୁ ଚମକାଇ ଦେଇଛି। ବିରୋଧୀ ରାଜ୍ୟଗୁଡିକର ଏହି ନିଷ୍ପତ୍ତିକୁ ବିଜେପି ସମାଲୋଚନା କରୁଥିବାବେଳେ ଏବେ ନିଜ ରାଜ୍ୟରେ ଏଭଳି ନିଷ୍ପତ୍ତି ନିଆଯାଇଛି।

## ଟ୍ରେନି ଆଇଏଏସ୍ ପୂଜାଙ୍କ ମା' ଅଟକ



ପୁନେ, ୧୮।୭ (ଏଜେନ୍ସି): ବିବାଦୀୟ ଟ୍ରେନି ଆଇଏଏସ୍ ଅଫିସର ପୂଜା ଖେଡକରଙ୍କ ମା' ମନୋରମା ଖେଡକରଙ୍କୁ ପୁଲିସ୍ ଆଜି ମହାରାଷ୍ଟ୍ରର ରାଇଗଡ଼ ଜିଲ୍ଲାସ୍ଥ ମାହାଡରୁ ଉଠାଇ ଆଣିଛି। ପୁନେ ଗ୍ରାମୀଣ ପୁଲିସ୍ ମନୋରମା, ତାଙ୍କ ସ୍ୱାମୀ ଦିଲ୍ଲୀପ ଖେଡକର ଓ ଅନ୍ୟ ୫ଜଣଙ୍କୁ ଅଭିଯୁକ୍ତ ଦର୍ଶାଇ ଏଫଆଇଆର ପଞ୍ଜିକୃତ କରିଛି। ଏଫଆଇଆର ହେବା ପରେ ଖେଡକର ଦମ୍ପତି ଗିରଫଦାରୀ ଏଡ଼ାଇବାକୁ ଚାହିଁ ଆତ୍ମଗୋପନ କରିଥିଲେ ଓ ଫୋନ୍ ସୁଇଚ୍‌ଅଫ୍ କରିଦେଇଥିଲେ। କିନ୍ତୁ ପୁଲିସ୍ ପତ୍ତା ଲଗାଇ ମନୋରମାଙ୍କୁ ମାହାଡ଼ରେ ଠାବ କରିଥିଲା ଓ ସେଠାରୁ ଧରିଆଣିଛି। ଦିଲ୍ଲୀପ ଓ ମନୋରମା ଖେଡକର ପୁନେ ଜିଲ୍ଲାର ମୁଲସି ତାଲୁକର ଜଣେ ଚାଷୀଙ୍କୁ ଜୁନ୍ ୨୦୨୩ରେ ବନ୍ଧୁକ ଦେଖାଇ ଧମକଚମକ ଦେଇ ଡରାଇ ଥିବା ଅଭିଯୋଗ ହୋଇଛି।

**ଶାହାଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ**

## ମାଗିଲେ ୫୨ହଜାର କୋଟି ଟଙ୍କାର ଆର୍ଥିକ ପ୍ୟାକେଜ୍

ହାଇଦ୍ରାବାଦ, ୧୮।୭(ଏଜେନ୍ସି): ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଭେଟି ରାଜ୍ୟର ବିପର୍ଯ୍ୟସ୍ତ ଅର୍ଥନୀତିକୁ ସଜାଡ଼ିବା ପାଇଁ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ୍ ମାଗିଛନ୍ତି। ପୂର୍ବର ଜଗନ ମୋହନ ରେଡ୍ଡିଙ୍କ ୱାଇଏସଆର କଂଗ୍ରେସ ପାର୍ଟି ସରକାରଙ୍କ ଭୁଲ ଆର୍ଥିକ ନୀତି ଯୋଗୁଁ ରାଜ୍ୟ ରାଜକୋଷ ଫାଙ୍କା ହୋଇଯାଇଥିବା ଓ ରାଜ୍ୟ ଆର୍ଥିକ ସଙ୍କଟର ଆବର୍ତ୍ତରେ ପଡ଼ିଥିବା ବିଷୟରେ ଚନ୍ଦ୍ରବାବୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଜଣାଇଛନ୍ତି। ଜଗନଙ୍କ ଶାସନ କାଳରେ ୨୦୧୯ରୁ ୨୦୨୪ ମଧ୍ୟରେ ଆନ୍ଧ୍ର ସରକାର ଏତେ ଋଣ କରିଛନ୍ତି ଯେ ରାଜ୍ୟର ଅର୍ଥ ବ୍ୟବସ୍ଥା ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି ଓ ଆର୍ଥିକ କୁପରିଚାଳନା ତଥା ବ୍ୟାପକ ସ୍ତରରେ ଦୁର୍ନୀତି କାରଣରୁ ରାଜ୍ୟ ଋଣଯନ୍ତାରେ ପଡ଼ିଯାଇଛି। ଏହି କ୍ରମରେ ଚନ୍ଦ୍ରବାବୁ ନାଇଡୁ କେନ୍ଦ୍ର ସରକାରଙ୍କ ନିକଟରେ ୫୨ହଜାର କୋଟି ଟଙ୍କାର ଆର୍ଥିକ ସହାୟତା ପ୍ୟାକେଜ୍‌'ର ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।



# ଭାରତରେ ପ୍ରତି ମିନିଟରେ ୩ ବାଲ୍ୟ ବିବାହ

ନୂଆଦିଲ୍ଲୀ, ୧୮।୭(ଏଜେନ୍ସି): ଏକବିଂଶ ଶତାବ୍ଦୀର ୨୪ ବର୍ଷ ସରିଲାଣି। ଭାରତରେ କିନ୍ତୁ ଚାଲିଛି ପ୍ରତି ମିନିଟରେ ୩ ବାଲ୍ୟ ବିବାହ। ଅପରାଧ ପରିସଂଖ୍ୟାନ(କ୍ରାଇମ୍ ଡାଟା)ରୁ ଏ ତଥ୍ୟ ମିଳିବ ନାହିଁ। ସେଠାରେ ମୋଟ ବାଲ୍ୟ ବିବାହର ଏକ କ୍ଷୁଦ୍ରାଂଶ ହିଁ ରେକର୍ଡ କରାଯାଏ। ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରୋ(ଏନସିଆରବି) ଅନୁଯାୟୀ ୨୦୨୨ରେ ଦେଶରେ ଦିନକୁ ହାରାହାରି ୩ଟି ବାଲ୍ୟ ବିବାହ ହୋଇଥିବା ରେକର୍ଡ ମିଳୁଛି। ଅଥଚ ସମସ୍ୟା ଅତି ଗମ୍ଭୀର। ଅନେକ ବାଲ୍ୟ ବିବାହ ସମ୍ପନ୍ନ ହେଉଛି, କିନ୍ତୁ ତାହା ରେକର୍ଡଭୁକ୍ତ ହୋଇପାରୁନାହିଁ। ୫୮%କ୍ଷେତ୍ରରେ କନ୍ୟା ନାବାଳିକା ହୋଇଥିବାବେଳେ ବରର ବୟସ ୨୧ରୁ ଅଧିକ ରହୁଛି। ୪୨% କ୍ଷେତ୍ରରେ ଉଭୟ କନ୍ୟା ଓ ବର ହେଉଛନ୍ତି ନାବାଳିକା ଓ ନାବାଳକ। ଇଣ୍ଡିଆ ଚାଇଲଡ ପ୍ରୋଟେକ୍ସନ ରିସର୍ଚ୍ଚ ଟିମର ଅଧ୍ୟୟନରୁ ଏହା ଜଣାପଡ଼ିଛି। ରିସର୍ଚ୍ଚ ଟିମ୍ ୨୦୧୧ ଜନଗଣନା, ଏନସିଆରବି ଡାଟା ଓ ନ୍ୟାସନାଲ ଫେମିଲୀ ହେଲଥ୍ ସର୍ଭେ (ଏନ୍‌ଏଫ୍‌ଏଚ୍‌ଏସ)-୫ (୨୦୧୯-୨୧)ର ଡାଟାକୁ ଅନୁଶୀଳନ କରି ଏହି ତଥ୍ୟ ପରିବେଷଣ କରିଛି।

ଏନସିଆରବି ଡାଟା ଅନୁଯାୟୀ ୨୦୧୮ରୁ ୨୦୨୨ ମଧ୍ୟରେ ଦେଶରେ ୩୮୬୩ଟି ବାଲ୍ୟ ବିବାହ ଅନୁଷ୍ଠିତ ହୋଇଥିଲା। କିନ୍ତୁ ୨୦୧୧ ଜନଗଣନା ତଥ୍ୟ ଅନୁଯାୟୀ ଦେଶରେ ଦିନକୁ ୪୪୦୦ ଓ ବର୍ଷକୁ ୧୬ ଲକ୍ଷ ବାଲ୍ୟ ବିବାହ ହେଉଛି। ଏନ୍‌ଏଫ୍‌ଏଚ୍‌ଏସ)-୫ ଅନୁଯାୟୀ ଆସାମରେ ବାଲ୍ୟ ବିବାହ ଗତ ୩ବର୍ଷରେ ୮୧% କମିଛି। ୨୦ରୁ ୨୪ ବର୍ଷ ବୟସର ମହିଳାଙ୍କ ମଧ୍ୟରୁ ୨୩.୩% ମହିଳା ବିବାହ କରିଥିଲେ ଯେତେବେଳେ ସେମାନଙ୍କ ବୟସ ୧୮ ବର୍ଷରୁ କମ୍ ଥିଲା। ୨୦୨୩ରେ ଆସାମରେ ବାଲ୍ୟ ବିବାହ ଅପରାଧରେ ୩୦୦୦ରୁ ଅଧିକ ଲୋକଙ୍କୁ ଗିରଫ କରାଯାଇଥିଲା। ବାଲ୍ୟ ବିବାହକୁ ରୋକିବା ପାଇଁ ଆସାମ ସରକାର ଆଇନକୁ କଡ଼ାକଡ଼ି ଭାବେ ଲାଗୁ କରୁଥିବାରୁ ରାଜ୍ୟରେ ବାଲ୍ୟ ବିବାହ ବହୁତ କମିଥିବା କୁହାଯାଇଛି। ଦେଶରେ ପ୍ରଥମେ ୧୯୨୯ରେ ବାଲ୍ୟ ବିବାହକୁ ବେଆଇନ ଘୋଷଣା କରାଯାଇ ଆଇନ ପ୍ରଣୟନ କରାଯାଇଥିଲା। ଏହା ପରେ ଏହି ଆଇନରେ ଅଦଳବଦଳ କରାଯାଇ ଏହାକୁ ଅଧିକ ପ୍ରଭାବୀ କରାଇବାକୁ ଉଦ୍ୟମ ହୋଇଛି। କିନ୍ତୁ ଆଜି ସୁଦ୍ଧା ବାଲ୍ୟ ବିବାହ ତିଷ୍ଠି ରହିଛି ଓ ହେଉଛି। ଏହା ଏକ ସାମାଜିକ ସମସ୍ୟା। କିନ୍ତୁ ସାମାଜିକ ସ୍ୱୀକୃତି ବିନା କୌଣସି ପ୍ରାଚୀନ ପରମ୍ପରା ତିଷ୍ଠି ପାରିବ ନାହିଁ। ତେଣୁ ସରକାର ଓ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ଏ କ୍ଷେତ୍ରରେ ଜନସଚେତନତା ସୃଷ୍ଟି ପାଇଁ ବଳିଷ୍ଠ ପଦକ୍ଷେପ ନେବା ଆବଶ୍ୟକ। ବାଲ୍ୟ ବିବାହକୁ ରୋକାଗଲେ ମାତୃ ମୃତ୍ୟୁ ଓ ଶିଶୁ ମୃତ୍ୟୁ ହାର ଯଥେଷ୍ଟ କମିବ, ଲିଙ୍ଗଗତ ଅସମାନତା ଦୂରହେବ ଓ କର୍ମକ୍ଷେତ୍ରରେ ମହିଳାଙ୍କ ଯୋଗଦାନ ବଢ଼ିବ।



**ଦିନକୁ ୪୪୦୦, ବର୍ଷକୁ ୧୬ ଲକ୍ଷ ବାଲ୍ୟ ବିବାହ**

**୫୮ % କ୍ଷେତ୍ରରେ କନ୍ୟା ନାବାଳିକା**

# ପୌରପାଳିକା କିଣିବ ଶବବୁହା ଗାଡ଼ି

**ଅନୁଗୋଳ, ୧୮ ।୭(ସମିସ):** ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗୋଟିଏ ଶବବୁହା ଗାଡ଼ି ରହିଛି । ମହାପ୍ରୟାଣ ନାମକ ଏହି ଗାଡ଼ିର ଅନେକ ଚାହିଦା ରହିଛି । ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସୁଥିବା ରୋଗୀଙ୍କ ମଧ୍ୟରୁ ଦିନକୁ ପାଞ୍ଚରୁ ସାତଜଣଙ୍କ ମୃତ୍ୟୁ ଘଟୁଛି । ଘରକୁ ଶବ ନେବା ପାଇଁ ରୋଗୀଙ୍କ ସମ୍ପର୍କୀୟ ମାନଙ୍କୁ ଘରୋଇ ଶବବୁହା ଗାଡ଼ି ନେବାକୁ ପଡୁଛି । ସେମାନେ ଏଥିପାଇଁ ଆଖିବୁଜା ପଇସା ଦାବି କରୁଛନ୍ତି । ଅନେକ ସମୟରେ ମହାପ୍ରୟାଣ ଗାଡ଼ି ପାଇଁ ଲୋକଙ୍କୁ ଦୁଇ ଚାରି ଘଣ୍ଟା ଅପେକ୍ଷା କରିବାକୁ ପଡୁଛି । ନିକଟରେ ଏମସିଏଲ ଏକ ଶବବୁହା ଗାଡ଼ି ଅନୁଗୋଳ ମେଡିକାଲକୁ ଦେଇଛି । ଯାହାର ଭଡ଼ା ଅଧିକ ପଡ଼ିବ, କାରଣ ଏହି ଗାଡ଼ିଟି ଅଧିକ କ୍ଷମତା ବିଶିଷ୍ଟ ଗାଡ଼ି । ତେଣୁ ପୌରବାସୀଙ୍କ କାମରେ ଲାଗିବା ପାଇଁ ଏକ ଶବବୁହା ଗାଡ଼ି କିଣିବାକୁ ଗତ ପରିଷଦରେ କାଉନସିଲର ବଳରାମ ଜେନା ଦାବି କରିଥିଲେ । ପୌରପାଳିକା ଏହା ଉପରେ ବିଚାର କରି ଏକ ଶବବୁହା ଗାଡ଼ି କିଣିବାକୁ ନିଷ୍ପତ୍ତି ନେଇଛି ।

# ୪୯ ୟୁନିଟ୍ ରକ୍ତ ସଂଗୃହୀତ



**ବଣ୍ଡଁରପାଳ, ୧୮ ।୭(ସମିସ):** ପ୍ରତ୍ୟେକ ବର୍ଷ ଭଳି ଦିବ୍ୟଦର୍ଶନ ସଂଘର ପ୍ରତିଷ୍ଠାତା ସଦଗୁରୁ ଶ୍ରୀ ଶ୍ରୀ ଅର୍ଜୁନଙ୍କ ୯୨ ତମ ଜୟନ୍ତୀ ଉପଲକ୍ଷେ ଦିବ୍ୟଦର୍ଶନ ସଙ୍ଘ ପକ୍ଷରୁ ସ୍ଥାନୀୟ ଦିବ୍ୟଦର୍ଶନ ଶିଶୁ ମନ୍ଦିରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଗୋଳ ରକ୍ତଭଣ୍ଡାର ସହଯୋଗରେ ଅନୁଷ୍ଠିତ ହୋଇଥିଲା । ଶିକ୍ଷାନୁଷ୍ଠାନ ପରିଚାଳନା କମିଟିର ସଭାପତି ଉଦୟ କୁମାର ସାହୁ, ସମ୍ପାଦକ ସଞ୍ଜୟ କୁମାର ସାହୁ, ଫେଡେରାଲ ବ୍ୟାଙ୍କର ଶାଖା ପରିଚାଳକ ସିଦ୍ଧେଶ୍ୱର ଦଳେଇ, ପ୍ରଧାନ ଆଚାର୍ଯ୍ୟା ଅନୁପମା ସାହୁ, ଦିବ୍ୟଦର୍ଶନ ସଂଘର ସଦସ୍ୟ ହେମନ୍ତ କୁମାର ସାହୁ ପ୍ରମୁଖ ଶିବିରରେ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଡ଼ ସଂଗ୍ରାମ ପରିଡ଼ା ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଅନୁଗୋଳ ରକ୍ତଭଣ୍ଡାରର ବୈଷୟିକ କର୍ମଚାରୀ ଅନୀଲ କୁମାର ବିଶ୍ୱାଳ, ମଞ୍ଜୁଲତା ଶତପଥୀ, ହରିଶ ଚନ୍ଦ୍ର ଜେନା, ରମେଶ ଚନ୍ଦ୍ର ପାତ୍ର, ଅଭିମନ୍ୟୁ ବେହେରା ଓ ସିପୁନ ବେହେରା ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ । ପ୍ରତିକୂଳ ପାଗ ସତ୍ତ୍ୱେ ଶିବିରରୁ ସର୍ବମୋଟ ୪୯ ୟୁନିଟ୍ ରକ୍ତ ସଂଗ୍ରହ କରା ଯାଇଥିଲା ।

# ଅନୁଗୋଳ- ଜରପଡ଼ା ରାସ୍ତାରେ ବୁଲା ଗୋରୁଙ୍କ ଦୌରାତ୍ମ୍ୟ: ଦୁର୍ଘଟଣା ଆଶଙ୍କା

**ଅନୁଗୋଳ, ୧୮ ।୭(ସମିସ):** ଅନୁଗୋଳ ଜରପଡ଼ା ରାସ୍ତାରେ ବୁଲା ଗାଇଗୋରୁଙ୍କ



ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିଚାଲିଛି । ଯାହା ଫଳରେ ଟ୍ରକ୍ ଠାରୁ ବାଇକ୍ ଆରୋହୀଙ୍କ ଯାତାୟାତ ପାଇଁ ଅସୁବିଧା ହେଉଛି । ଅନୁଗୋଳ ଲିଙ୍ଗରାପୋଲ ଠାରୁ ଆରମ୍ଭ କରି ୫୫ ଜାତୀୟ ରାଜପଥର ଗାଁ ଗଣ୍ଡା ଥିବା ଅଞ୍ଚଳର ଗାଇ ଗୋରୁ ରାସ୍ତାକୁ ଚାଲିଆସି ଶୋଇପଡୁଛନ୍ତି । ଏହାଦ୍ୱାରା ଅନେକ ସମୟରେ ଦୁର୍ଘଟଣା ଘଟି ଧନ ଜୀବନହାନି ଘଟିବା ସହ ଗାଇଗୋରୁ ମଧ୍ୟ ଆହତ ହେଉଛନ୍ତି । ଆଜିକାଲି କାଞ୍ଜିଆହୁଦା ନଥିବାରୁ ଏଭଳି ଅସୁବିଧା ହେଉଛି । ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ମଶାଣିକୁ ନେବା ବେଳେ ଶବ ଜବତ କଲା ପୁଲିସ

**ଛେଣ୍ଡିପଦା,୧୮ ।୭(ସମିସ):** ଅନୁଗୋଳ ଜିଲ୍ଲା ବାଗଡ଼ିଆ ଥାନା ପାତ୍ରପଡ଼ା ଗାଁରେ ଘଟିଛି ଅଭାବନୀୟ ଘଟଣା । ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଖବର ପାଇଁ ଶବକୁ ମଶାଣିକୁ ନେଇ ଯାଉଥିବା ବେଳେ ମହିଳାଙ୍କ ଶବକୁ ଜବତ କରିଛି ବାଗଡ଼ିଆ ଥାନା ପୁଲିସ । ଏହିଁ ଘଟଣାରେ ପୁଲିସ ମୃତ ମହିଳାଙ୍କ ସମ୍ପର୍କୀୟ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି । ମୃତ ମହିଳା ଜଣଙ୍କ ହେଲେ ପାତ୍ରପଡ଼ା ଗ୍ରାମର ଜନ୍ମୀ ବେହେରା । ଘଟଣାରୁ ପ୍ରକାଶ ଯେ, ପାତ୍ରପଡ଼ା ଗାଁରେ ମୃତ ମହିଳା ଜଣଙ୍କ ତାଙ୍କ ପୁଅ ସହିତ ଘରେ ରହୁଥିଲେ । ଗତ ରାତିରେ ହଠାତ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ମୃତକଙ୍କ ପରିବାର ଲୋକ ଗ୍ରାମର କିଛି ଲୋକଙ୍କ ସହାୟତାରେ ଶବ ସତ୍କାର ପାଇଁ ମଶାଣିକୁ ନେଉଥିଲେ । ତେବେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଖବର ପାଇ ବାଗଡ଼ିଆ ଥାନା ପୁଲିସ ଖବର ପାଇଁ ପାତ୍ରପଡ଼ା ଗ୍ରାମରେ ପହଞ୍ଚି ମଶାଣିକୁ ନେଉଥିବା ବେଳେ ମହିଳାଙ୍କ ଶବକୁ ଜବତ କରିଥିଲେ । ଶବ ଜବତ ପରେ ପୁଲିସ ମୃତକଙ୍କ ଜଣେ ସମ୍ପର୍କୀୟଙ୍କୁ ଥାନାରେ ଅଟକ ରଖିବା ସହିତ ମହିଳାଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ତଦନ୍ତ କରିଥିଲେ । ତେବେ ପ୍ରାଥମିକ ତଦନ୍ତ ପରେ ପୁଲିସ ଅଟକ ସମ୍ପର୍କୀୟଙ୍କୁ ଛାଡ଼ିଦେଇଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ପ୍ରକାଶ କରିଛି ।

## ରେଳ ରାଜସ୍ୱ ଆଦାୟରେ ରେକର୍ଡ କରିଛି ତାଳଚେର

# ସନ୍ଧ୍ୟା ପରେ କିନ୍ତୁ ରାଜଧାନୀକୁ ନାହିଁ ଟ୍ରେନ୍

ତାଳଚେର ,୧୮ ।୭(ସମିସ)

୨୦୨୩- ୨୪ ଆର୍ଥିକ ବର୍ଷରେ ପୂର୍ବତଟ ରେଳପଥ ୨୫୦ ମିଲିୟନ ଟନ୍ ମାଲା ପରିବହନ କରି ଗତବର୍ଷ ଠାରୁ ଚଳିତବର୍ଷ ୭.୬% ଅଭିବୃଦ୍ଧି ସହ ୨୩୮୭୨.୬୯ କୋଟି ଟଙ୍କା ରାଜସ୍ୱ ଆଦାୟ କରିଛି । ଏହି ସମୟ ମଧ୍ୟରେ ଖୋର୍ଦ୍ଧାରୋଡ ପୂର୍ବତଟ ରେଳବାଇ ଡିଭିଜନ୍ ଏକଶହ ୫୬ ପଏଣ୍ଟ ୧୭ମେଟ୍ରିକ ଟନ୍ ମାଲ ପରିବହନ କରିଥିବା ବେଳେ କେବଳ ତାଳଚେରରୁ ୫୪ ନିୟୁତ ଟନ୍ କୋଲ ପରିବହନ କରି ପ୍ରାୟ ୬ହଜାର କୋଟି ଟଙ୍କା ରେଳବାଇ ରାଜସ୍ୱ ଆଦାୟ କରିଛି । ପ୍ରତିବର୍ଷ ହଜାର ହଜାର କୋଟି ଟଙ୍କା ରେଳବାଇ କେବଳ ତାଳଚେର ଅଞ୍ଚଳରୁ କୋଇଲା ପରିବହନ ବାବଦରେ ରାଜସ୍ୱ ଆଦାୟ କରୁଥିଲେ ମଧ୍ୟ କ୍ରମାଗତଭାବେ ତାଳଚେର ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଧରିଛି । ଖୋର୍ଦ୍ଧାରୋଡ ଓ ସମ୍ବଲପୁର ଡିଭିଜନର ତାଳଚେର- ସମ୍ବଲପୁର ଓ ତାଳଚେର - ନିର୍ଗୁଣ୍ଡି ମୁଖ୍ୟ ରେଳପଥ ଦେଇ ରେଳବାଇ କୋଇଲା ପରିବହନ କରୁଛି । ମାତ୍ର ସାଧାରଣ ଲୋକଙ୍କ ଚଳପ୍ରଚଳ ପାଇଁ ଶିଳ୍ପନଗରୀ ତାଳଚେର ଷ୍ଟେସନକୁ ସମସ୍ତ ଯାତ୍ରୀବାହୀ ଟ୍ରେନ ଚଳାଚଳ କରିବାକୁ ନେଇ ନକରାତ୍ମକ ମନୋଭାବ ପୋଷଣ କରାଯାଉଛି । ସନ୍ଧ୍ୟା ହେଲେ ତାଳଚେରରୁ ରାଜଧାନୀ ଭୁବନେଶ୍ୱରକୁ ଯିବା ଲାଗି କୌଣସି ଟ୍ରେନ ସୁବିଧା ମିଳୁ ନଥିବା ତାଳଚେରବାସୀଙ୍କ ପାଇଁ ଅଭିଶପ୍ତ ହୋଇଛି ବୋଲି କୁହାଯାଉଛି । ଫଳରେ ଏ ଅଞ୍ଚଳର ଜନସାଧାରଣ ଏଠାରୁ ୧୦ କିମି ଦୂର ଅନୁଗୋଳ ଚାଇଁପାଳ ସ୍ଥିତ ତାଳଚେର ରୋଡ ଷ୍ଟେସନ ଉପରେ ନିର୍ଭର କରିଥାନ୍ତି । ଅତିତରେ ବହୁ




ଅନୁଷ୍ଠାନ ଓ ରାଜନୈତିକ ଦଳ ପକ୍ଷରୁ ତାଳଚେରକୁ ସମସ୍ତ ଯାତ୍ରୀବାହୀ ଟ୍ରେନ ଚଳାଚଳ କରିବା ଦାବିରେ ଆନ୍ଦୋଳନ କରିବା ସହିତ ଏଥିନେଇ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହାପରେ ପ୍ରଶାସନିକ ଚାପ ଓ ରେଳବାଇ ମିଥ୍ୟା ପ୍ରତିଶ୍ରୁତିରେ ଆନ୍ଦୋଳନ ମଧ୍ୟ ପ୍ରତ୍ୟାହୃତ ହୋଇଥିବା ନଜିର ରହିଛି । ତାଳଚେର ଷ୍ଟେସନ ଗଠନ ହେବା ଦିନଠାରୁ ବର୍ତ୍ତମାନ ସୁଦ୍ଧା ଏଷ୍ଟେସନର ସେଭଳି କୌଣସି ଉନ୍ନତି ହୋଇପାରିନାହିଁ । କେବଳ ଆରମ୍ଭରୁ ଚାଲୁଥିବା ତାଳଚେର- ପୁରୀ ପାସେଞ୍ଜର ଟ୍ରେନ ସିଧାସଳଖ ଥିବା ବେଳେ ତାଳଚେର- ଅନୁଗୋଳ- ପୁରୀ ମେମୋ ଟ୍ରେନ ଚଳାଚଳ କରୁଛି । ଏହି ଟ୍ରେନରେ ଅସମ୍ଭବ ଭିଡ଼ ହେବା ସହିତ ଟ୍ରେନଟି ନିର୍ଦ୍ଧାରିତ ସମୟ ଭିତରେ ରାଜଧାନୀରୁ ତାଳଚେରରେ ପହଞ୍ଚି ପାରି ନଥାଏ ବୋଲି ଅଭିଯୋଗ ହୋଇଥାଏ । କୋଇଲା ବୋଝେଇ ଟ୍ରେନଗୁଡ଼ିକ ଆଗ ଯିବାକୁ ଅନୁମତି ଦିଆଯାଉଥିବାରୁ ଏହି ଟ୍ରେନ ମେରାମଣ୍ଡଳୀ, ବୁଢ଼ାପଙ୍କ କିମ୍ବା ଚାଇର୍ପାଳଠାରେ ଅଟକାଇ ଦିଆଯାଇଥାଏ । ଫଳରେ ଟ୍ରେନ ବିଳମ୍ବ ଘଟିବା ଯୋଗୁଁ ଏଥିରେ ଆସୁଥିବା ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ସକାଳୁ କେବଳ ୨ଟି ଟ୍ରେନ ଭୁବନେଶ୍ୱରକୁ ଯାଉଥାଏ । ତେବେ ରାଉରକେଲା- ଭୁବନେଶ୍ୱର ଇଣ୍ଟରସିଟି ଟ୍ରେନକୁ ତାଳଚେର ଷ୍ଟେସନ ଦେଇ ଓ ତାଳଚେର ଷ୍ଟେସନକୁ ସମସ୍ତ ଯାତ୍ରୀବାହୀ ଟ୍ରେନ ଚଳାଚଳ କରାଇବାକୁ ଦାବି ହେଉଛି । ତାଳଚେର ଷ୍ଟେସନ ଯାଏ ୨ଟି ଅପ୍ ଓ ଡାଉନ୍ ଲାଇନ୍ ଥିବା ବେଳେ ତୃତୀୟ ଲାଇନ୍ କାର୍ଯ୍ୟ ଦୀର୍ଘଦିନ ହେବ ଚାଲୁ ରହିଛି । ଯେତେ ଶୀଘ୍ର ହେଉ ଏହି ତୃତୀୟ ଲାଇନ କାର୍ଯ୍ୟ ସମାପ୍ତ ହୋଇପାରିଲେ ସେହି ଲାଇନରେ ଆଉ କିଛି ଯାତ୍ରୀବାହୀ ଟ୍ରେନ ଚଳାଚଳ କରିବ ବୋଲି ଜଣାପଡ଼ିଛି । ଏହା ସହ ତାଳଚେର ଅନୁଗୋଳ ଲୁପ୍ ଲାଇନ କାର୍ଯ୍ୟ ଏପର୍ଯ୍ୟନ୍ତ ଆରମ୍ଭ ହୋଇପାରିଲା ନାହିଁ । ତାଳଚେର ରେଳଷ୍ଟେସନ ପର୍ଯ୍ୟନ୍ତ ତୃତୀୟ ଲାଇନ୍‌ରେ ବିଳମ୍ବ ଓ ତାଳଚେର ଅନୁଗୋଳ ଲୁପ୍ ଲାଇନ ପାଇଁ ପ୍ରତ୍ୟେକ ବର୍ଷ ରେଳବାଇ ବଜେଟରେ ଆଖି ଦୃଶିଆ ଅର୍ଥ ବରାଦ୍ କରାଯାଉନାହିଁ । ଏହ ରେଳବାଇର ତାଳଚେର ପ୍ରତି କ୍ରମାଗତ ଅବହେଳା ବୋଲି ତାଳଚେର ରେଳ ବ୍ୟବହାରୀ ଫୋରମ ପକ୍ଷରୁ ତୁରନ୍ତ ଏହି ସମସ୍ୟା ଗୁଡ଼ିକୁ ଦୃଷ୍ଟିଦେବାକୁ ତାଳଚେରବାସୀଙ୍କ ପକ୍ଷରୁ ଦାବି ହୋଇଛି । ସେହିଭଳି କଣିହାଁ, ଏନଟିପିସି, ଜିନ୍ଦଲରୁ ଶହଶହ ସଂଖ୍ୟକ ଯାତ୍ରୀ ଟ୍ରେନ ଉପରେ ନିର୍ଭର କରିଥାନ୍ତି । ମାତ୍ର ତାଳଚେର ଷ୍ଟେସନକୁ ତାଳଚେର ୩୦କିମି ଦୂରତା ହୋଇଥିବାରୁ ଉକ୍ତ ଅଞ୍ଚଳବାସୀ ନାହିଁ ନଥିବା ହଇରାଣ ହରକତ ହେଉଛନ୍ତି ବୋଲି ଯାତାୟାତ କରୁଥିବା ଯାତ୍ରୀମାନେ ଏହା ପ୍ରକାଶ କରିଛନ୍ତି । ତେଣୁ ତୁରନ୍ତ ଉକ୍ତ ସ୍ଥାନକୁ ଟ୍ରେନ ଚଳାଚଳ କରିବାନେଇ ଦାବି କହେଉଛି ।

# କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଭେଟିଲେ ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ

**ପାଲଲହଡ଼ା/ ଖମାର, ୧୮ ।୭(ସମିସ):** ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ତଥା ପାଲଲହଡ଼ା ଶ୍ରଦ୍ଧା ସେବା ସହଯୋଗ ଅନୁଷ୍ଠାନର ଅଧ୍ୟକ୍ଷ ଅବନୀକାନ୍ତ ସାହୁ ବୁଧବାର ସକାଳେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ତାଙ୍କ ଧର୍ମପତ୍ନୀ ମୃଦୁଳା ଠାକୁର ପ୍ରଧାନଙ୍କୁ ନୂଆଦିଲ୍ଲୀ ବାସଭବନରେ ଭେଟି ଶୁଭେଚ୍ଛା ଜଣାଇବା ସହ ପାଲଲହଡ଼ା ନିର୍ବାଚନ ମଣ୍ଡଳୀର ୧୫ଟି ମୌଳିକ ସମସ୍ୟାର ସମାଧାନ କରିବାକୁ ଅନୁରୋଧପତ୍ର ଦେଇଛନ୍ତି । ପିଟିରି ପର୍ଯ୍ୟନ୍ତ ଚାରିଥାକିଆ ରାସ୍ତା କରିବା, ପାଲଲହଡ଼ା ଓ କଣିହାଁ ବ୍ଲକରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା, ରେଙ୍ଗାଳି ଡ୍ୟାମ୍ ସାଇଟରେ ଇକୋ ପର୍ଯ୍ୟଟନସ୍ଥଳ ନିର୍ମାଣ ସହ



ଓଡ଼ିଶା ବାହାରୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ସୁବ୍ୟବସ୍ଥା କରିବା ପାଇଁ ସେ ଅନୁରୋଧପତ୍ରରେ ଉଲ୍ଲେଖ କରିଛନ୍ତି । ପାଲଲହଡ଼ା ଦ୍ୱିତୀୟ ଚିଲିକାକୁ ବିଦେଶୀ ପକ୍ଷୀମାନେ ଆସୁଛନ୍ତି । ଏହାର ଉନ୍ନତୀକରଣ ସହ ସରକାରଙ୍କ ପକ୍ଷରୁ ଏହାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ପାଇଁ ସେ ଅନୁରୋଧ କରିଛନ୍ତି । କଣିହାଁ ଦୁର୍ଗାପୁରରେ ଜିଲାଣ୍ଡି ନାଳରୁ କେନାଲ ନିର୍ମାଣ କରାଯିବା, ପାଲଲହଡ଼ାର ଦୁର୍ଗମ ପଞ୍ଚାୟତ ନଗିରା, ବରଡ଼ିହ, ପେଚାମୁଣ୍ଡି, ବନ୍ଧାଭୂଇଁ ଓ ସଇଡ଼ା ଅଞ୍ଚଳରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବା, ବରଡ଼ିହ ଓ ନଗିରା ମଧ୍ୟସ୍ଥଳରେ ଆଦିବାସୀ ପିଲାଙ୍କ ପାଇଁ ଆଶ୍ରମ ସ୍କୁଲ୍ ଖୋଲିବା, ଏହି ଅଞ୍ଚଳରେ ଫୋନ୍ ଟାୱାର ନିର୍ମାଣ କରାଯିବା, ୧୯୭୮ମସିହାରୁ ବାକିଥିବା ଚକ୍ରଧର ଡ୍ୟାମ୍ ନିର୍ମାଣ କରାଯିବା ନିମନ୍ତେ ଶ୍ରୀ ସାହୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

■ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜରେ ନାମଲେଖା ବିଜ୍ଞପ୍ତି ପ୍ରକାଶ ହେଉ

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

**ତାଳଚେର ସଦର, ୧୮।୭(ସମିସ):** ତାଳଚେର ଠାରେ ନିର୍ମିତ ପବିତ୍ର ମୋହନ ପ୍ରଧାନ ମେଡିକାଲ୍ କଲେଜ୍‌ରେ ଚଳିତ ବର୍ଷଠାରୁ ନାମ ଲେଖା ପାଇଁ ବିଜ୍ଞପ୍ତି ପ୍ରକାଶ କରିବା ନେଇ ସରକାରୀ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । କମିଟିର ଆବାହାକ ପଦ୍ମଚରଣ ସାମଲଙ୍କ ନେତୃତ୍ୱରେ ସଦସ୍ୟମାନେ ଉପଜିଲ୍ଲାପାଳ ମନୋଜ କୁମାର ତ୍ରିପାଠୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ । ତାଳଚେରବାସୀଙ୍କ ବାରମ୍ବାର ଦାବି ଫଳରେ ଗତ ୩ ସେପ୍ଟେମ୍ବର ୨୦୧୫ ରେ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ତାଳଚେର ଠାରେ ମେଡିକାଲ୍ କଲେଜର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ଏବଂ ୨୦୧୭-୧୮ ରେ ମେଡିକାଲ୍ କଲେଜରେ ନାମ ଲେଖା ହେବ ବୋଲି ଘୋଷଣା କରିଥିଲେ । ୪୯୨ କୋଟି ଟଙ୍କା ବ୍ୟୟରେ ମେଡିକାଲ୍ ପାଇଁ ୨୦୧୮ ରୁ କୋଠା ନିର୍ମାଣ କରିସାରିଛନ୍ତି । ମେଡିକାଲ୍ କଲେଜ୍ ହେଲେ ସ୍ୱାସ୍ଥ୍ୟ ସେବାର ସୁଧାର ଆସିବ ବୋଲି ଜନସାଧାରଣ ଆଶା କରିଥିଲେ । ବଡ଼ ଖୁସିର ଖବର ଗତ କିଛି ଦିନ ପୂର୍ବରୁ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଓଡ଼ିଶାରେ ୩ଟି ମେଡିକାଲ୍ କଲେଜ୍ କାର୍ଯ୍ୟକ୍ଷମ କରିବା ପାଇଁ ଘୋଷଣା କରିଥିବାରୁ ତାହାକୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସ୍ୱାଗତ କରାଯାଇଛି । ଭବାନୀପାଟଣା ଓ



ଯାଜପୁର ମେଡିକାଲ୍ କଲେଜ୍‌ରେ ନାମଲେଖା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । କିନ୍ତୁ ପବିତ୍ର ମୋହନ ପ୍ରଧାନ ମେଡିକାଲ୍ କଲେଜ୍‌ରେ ନାମଲେଖା ପାଇଁ କେବେ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଜନସାଧାରଣଙ୍କ ମନରେ ପ୍ରଶ୍ନ ଉଙ୍କି ମାରୁଛି । ପୁନଶ୍ଚ ମେଡିକାଲ୍ କଲେଜ୍ ହେବା ପୂର୍ବରୁ ପବିତ୍ର ମୋହନ ପ୍ରଧାନ ସରକାରୀ ମେଡିକାଲ୍ ସ୍ଥାପନ ହୋଇଥିଲେ ମଧ୍ୟ ସେଠାରେ ଆବଶ୍ୟକ ମୁତାବକ ପ୍ରଫେସର, ସହକାରୀ ପ୍ରଫେସର, ବିଶେଷଜ୍ଞ ଡାକ୍ତର, ପାରା ମେଡିକାଲ୍ ଷ୍ଟାଫ ଓ ଯନ୍ତ୍ରପାତି ନଥିବାରୁ ଚିକିତ୍ସା ପାଇଁ କୌଣସି ରୋଗୀ ଆସୁନାହାନ୍ତି । ଏହାକୁ ଗୁରୁତର ସହ ବିଚାର କରି ତୁରନ୍ତ ପବିତ୍ର ମୋହନ ମେଡିକାଲ୍ କଲେଜ୍‌ରେ ଚଳିତବର୍ଷ ଠାରୁ ନାମଲେଖା ପାଇଁ ବିଜ୍ଞପ୍ତି ପ୍ରକାଶ କରିବା ପାଇଁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବି ଉପସ୍ଥାପନ କରାଯାଇଛି । ଆଜିର ଏହି ଦାବିପତ୍ର ପ୍ରଦାନ ବେଳେ ବିନୋଦ ଲାଲ୍, ମନମୋହନ ନାଏକ, ସୁକାନ୍ତ ଦାସ, ମନୋଜ କୁମାର ଜେନା, ପ୍ରେମାନନ୍ଦ ମହାନ୍ତି, ଅନ୍ତର୍ଯ୍ୟାମୀ ପ୍ରଧାନ, ଶୋଭାଗିନୀ ଦାସ, ସୁଶିଲ କୁମାର ନାଏକ, ନଖିଆ ସାହୁ, କିଶୋର ଚନ୍ଦ୍ର ବିଶ୍ୱାଳ, ଉଲ୍ଲାସ କୁମାର ମୁଦୁଲି, ପ୍ରହ୍ଲାଦ ଚନ୍ଦ୍ର ସାହୁ, କାଳନ୍ଦି ବିଶ୍ୱାଳ, ଭିକାରୀ ଚରଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଶାଗୁଆନ କାଠ ଜବତ; ତିନି ଗିରଫ

**ପାଲଲହଡ଼ା, ୧୮ ।୭(ସମିସ):** ଅନୁଗୋଳ ଜିଲ୍ଲା ଦେବଗଡ଼ ବନଖଣ୍ଡ ପାଲଲହଡ଼ା ବନାଞ୍ଚଳ ସଦର ମହକୁମାରେ ଶାଗୁଆନ କାଠରୁ ପଟ୍ଟା ତିଆରି ଚାଲିଥିବା ବେଳେ ଗୁରୁବାର ବନବିଭାଗ ଦ୍ୱାରା ଅଚାନକ ଚଢ଼ଉ କରାଯାଇ ତିନିଜଣଙ୍କୁ ଗିରଫ କରାଯାଇଛି । ୦.୧୬୫୫ ସିୟୁଏମ୍ ଜବତ ଶାଗୁଆନ କାଠର ଆନୁମାନିକ ମୂଲ୍ୟ ୧୬ ହଜାର ଟଙ୍କା ହେବ । ଏନେଇ ଗିରଫ ହୋଇଥିବା ତିନିଜଣ ହେଉଛନ୍ତି ସଞ୍ଜ୍ୟାମ ହେମ୍ବ୍ରମ, ରାଇସିଂ ହେମ୍ବ୍ରମ ଏବଂ ବୀର ମହାନ୍ତ । ବୀର ମହାନ୍ତଙ୍କ ଘରେ ଶାଗୁଆନ ଗଛକୁ ସଞ୍ଜ୍ୟାମ ହେମ୍ବ୍ରମ ଓ ରାଇସିଂ ହେମ୍ବ୍ରମ କରତ ସାହାଯ୍ୟରେ କାଟି ପଟା ତିଆରି କରୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ପାଲଲହଡ଼ା ବନାଞ୍ଚଳ ଅଧିକାରୀ ରମେଶ ଚନ୍ଦ୍ର ତ୍ରିପାଠୀଙ୍କ ନିର୍ଦ୍ଦେଶରେ ବନପାଳ ଶ୍ୟାମସୁନ୍ଦର ବେହେରା ନିଜ ସହକର୍ମୀଙ୍କ ସହିତ ଅଚାନକ ଚଢ଼ଉ କରିଥିଲେ । ଶୁକ୍ରବାର ଗିରଫ ତିନିଜଣଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ବନପାଳ ଶ୍ରୀଯୁକ୍ତ ବେହେରା ପ୍ରକାଶ କରିଛନ୍ତି ।

# ବ୍ରାହ୍ମଣୀ ନଦୀରୁ ନିଖୋଜ ବୃଦ୍ଧାଙ୍କ ଶବ ଉଦ୍ଧାର

**ତାଳଚେର ସଦର, ୧୮।୭(ସମିସ):** ତାଳଚେର ବ୍ଲକ ଅନ୍ତର୍ଗତ ସନ୍ଥପଡ଼ା ଗ୍ରାମର ସାଧୁଚରଣ ଭୂକ୍ତା ସବୁଦିନ ପରି ଆଜି ମଧ୍ୟ ବ୍ରାହ୍ମଣୀନଦୀକୁ ସ୍ନାନ କରିବାକୁ ଯାଇଥିଲେ । ମାତ୍ର ସେ ଘରକୁ ନଫେରିବାରୁ ଘରଲୋକ ବହୁ ଖୋଜାଖୋଜି କରିବାପରେ ନିରାଶ ହୋଇ ସ୍ଥାନୀୟପୋଲିସ୍ ଷ୍ଟେସନ ଓ ଅଗ୍ନିଶମ ବାହିନୀକୁ ଏସମ୍ପର୍କରେ ଜଣାଇଥିଲେ । ଖୋଜାଖୋଜି ପରେ ଅଗ୍ନିଶମ ବାହିନୀ ଆଜି ଦାସନାଳୀ ଠାରେ ତାଙ୍କର ମୃତଦେହ ଠାବକରି ନଦୀରୁ ବାହାର କରିଥିଲେ । ପୁଲିସ୍ ମୃତ ଭୂକ୍ତାଙ୍କୁ ତାଳଚେର ସରକାରୀ ମଣ୍ଡାପାଳ ଡାକ୍ତରଖାନାକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ ଏବଂ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା । ତେବେ ସେହି ଖବର ପ୍ରଚାରିତ ହେବାପରେ ଗ୍ରାମରେ ଏକ ଶୋକର ଛାୟା ଖେଳିଯାଇଥିଲା ।

# କିଶୋରନଗର ସମିତି ବୈଠକ ସ୍ଥଗିତ

**କିଶୋରନଗର, ୧୮ ।୭(ସମିସ):** ୧୯ତାରିଖରେ ହେବାକୁ ଥିବା କିଶୋରନଗର ପଞ୍ଚାୟତ ସମିତି ବୈଠକକୁ ସ୍ଥଗିତ କରାଯାଇଛି ବୋଲି ବିଡିଓ ବିନୋଦ ବିହାରୀ ବେହେରା ସୂଚନା ଦେଇଛନ୍ତି । ପ୍ରକାଶ ଯେ, ଆସନ୍ତାକାଲି ହେବାକୁ ଥିବା ସମିତି ବୈଠକକୁ ୨୧ ତାରିଖରେ ବସୁଥିବା ବିଧାନସଭା ଯୋଗୁଁ ସ୍ଥଗିତ କରାଯାଇଛି । ପରେ ଧାର୍ଯ୍ୟ ତାରିଖରେ ବୈଠକ କରାଯିବ ବୋଲି ବିଡିଓ ସୂଚନା ଦେଇଛନ୍ତି । ସମିତି ବୈଠକ ନ ହେବା ଦ୍ୱାରା ଉନ୍ନୟନ କାର୍ଯ୍ୟରେ ଅନେକ ପ୍ରତିବନ୍ଧକ ସୃଷ୍ଟି ହେଉଛି ବୋଲି ସମିତି ସଭ୍ୟମାନେ କହିଛନ୍ତି ।

## ଆସନ୍ନ ମରୁଡ଼ିର ମୁକାବିଲା ଜରୁରୀ

# ଜଳସେଚନ, ସାର ଓ ବିହନ ଯୋଗାଣ ପାଇଁ ଦାବିପତ୍ର

ଅନୁଗୋଳ, ୧୮ ।୭(ସମିସ)



ଚଳିତ ବର୍ଷ ମୌସୁମୀ ବାୟୁ ଅଭାବରୁ ସ୍ୱଳ୍ପ ବୃଷ୍ଟିପାତ ଫଳରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚାଷକାର୍ଯ୍ୟ ଠିକ୍ ଭାବରେ ହୋଇପାରିନାହିଁ । ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଚାଷୀମାରଣ ନୀତି ଫଳରେ ବିହନ, ସାର, ଔଷଧ ଓ କୃଷି ଯନ୍ତ୍ରପାତିର ସବସିଡି ହ୍ରାସ ଏବଂ ଅହେତୁକ ମୂଲ୍ୟବୃଦ୍ଧି କରିଛନ୍ତି । ଚାଷଜମି ଓ ଜନବସତି ଅଞ୍ଚଳରେ କୋଇଲା ଖଣି ପାଇଁ ଘରୋଇ କମ୍ପାନୀମାନଙ୍କୁ ଜମି, ଜଳ, ଜଙ୍ଗଲ ଯୋଗାଇ ଦାଣ୍ଡର ଭିକାରୀରେ ପରିଣତ କରିବା ପାଇଁ ଚକ୍ରାନ୍ତ କରୁଛନ୍ତି । କିନ୍ତୁ ଦୁଃଖର ବିଷୟ ଜିଲ୍ଲାରେ ପ୍ରସ୍ତାବିତ ଓ ଶୁଭ ଦିଆଯାଇଥିବା ଜଳସେଚନ ଯୋଜନା ଗୁଡିକୁ କାର୍ଯ୍ୟକାରୀ ନକରି ଘରୋଇ କମ୍ପାନୀଙ୍କୁ ଜଳ ଯୋଗାଇଦେବାର ବ୍ୟବସ୍ଥା କରୁଛନ୍ତି । ଅପରପକ୍ଷେ ପାଣି ପଞ୍ଚାୟତ ଆଇନ୍ ଫଳରେ ବହୁ ଉଠା ଜଳସେଚନ ପଏଣ୍ଟ ଓ ଚେକ୍ ଡ୍ୟାମ୍ ଅଚଳ ଅବସ୍ଥାରେ ପଡିରହିବା ଫଳରେ ପ୍ରତିବର୍ଷ ମରୁଡ଼ିର ସାମ୍ନା କରିବାକୁ ପଡୁଛି । କୃଷିକାର୍ଯ୍ୟ ପାଇଁ ଚାଷୀମାନଙ୍କୁ ସାର, ବିହନ, କୀଟନାଶକ ଔଷଧ ଓ କୃଷି ଯନ୍ତ୍ରପାତିରେ ୭୫ଶତାଂଶ ସବସିଡିରେ ଯୋଗାଇଦେବା, ଯୁଦ୍ଧକାଳୀନ ଭିତ୍ତିରେ ଅଚଳ ଉଠା ଜଳସେଚନ ପଏଣ୍ଟ ଓ ଚେକଡ୍ୟାମ୍ ଗୁଡିକର ମରାମତି କରିବା, ସାରର କଳାବଜାରୀ ବନ୍ଦକରି ପ୍ରତି ପଞ୍ଚାୟତରେ ସରକାରୀ ଦୋକାନ ମାଧ୍ୟମରେ ସବସିଡିରେ ଆବଶ୍ୟକ ମୁତାବକ ସାର ଯୋଗାଇଦେବା, ବହୁ ପ୍ରତୀକ୍ଷିତ ସୁରେଶ୍ୱରୀ, ଧଉରାଗୋଠ, ଡୋଲଡୁମୁରି, କାଣିଘାଇ, ଚୁଡ଼ାଖିଆ ଆଦି ଜଳସେଚନ ଯୋଜନା ଗୁଡିକୁ ତୁରନ୍ତ କାର୍ଯ୍ୟକାରୀ କରିବା, ହାତୀ, ମାଙ୍କଡ଼, ବାର୍ହା ଓ ବୁଲା ଷଣ୍ଢ ଉପଦ୍ରବରୁ ଫସଲ ଓ ଧନଜୀବନର ରକ୍ଷା କରିବାକୁ ବାସ୍ତବ ପଦକ୍ଷେପ ନେବା, ସରକାରୀ ଉଦ୍ୟୋଗରେ ସମସ୍ତ ବ୍ଲକରେ ଶୀତଳ ଭଣ୍ଡାର ନିର୍ମାଣ କରିବା, କୃଷିକାର୍ଯ୍ୟ ପାଇଁ ମାଗଣାରେ ବିଦ୍ୟୁତ୍ ଯୋଗାଇଦେବା, ସମସ୍ତ କୃଷିଜାତ ଦ୍ରବ୍ୟର ଏମ୍.ଏସ୍.ପି.କୁ ଆଇନର ଗ୍ୟାରେଣ୍ଟି ଦେବା, ଅତ୍ୟାବଶ୍ୟକ ସାମଗ୍ରୀର ଆକାଶଛୁଆଁ ମୂଲ୍ୟବୃଦ୍ଧି ବନ୍ଦ କରିବା ଆଦି ଦାବିରେ ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନ, ଅନୁଗୋଳ ଜିଲ୍ଲା କମିଟି ପକ୍ଷରୁ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରିବା ସହିତ ଜିଲ୍ଲା କୃଷି ଅଧିକାରୀଙ୍କ ଉପସ୍ଥିତିରେ ସମସ୍ୟାର ସମାଧାନ ସମ୍ପର୍କରେ ଏକ ଆଲୋଚନା ହୋଇଯାଇଛି । ଆଗାମୀ ଦିନରେ ସମସ୍ୟାର ସମାଧାନ ପାଇଁ ସରକାର ବାସ୍ତବ ପଦକ୍ଷେପ ନନେଲେ ଜିଲ୍ଲାବ୍ୟାପୀ ଶକ୍ତିଶାଳୀ ଚାଷୀ ଆନ୍ଦୋଳନ କରିବାକୁ ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନ, ଅନୁଗୋଳ ଜିଲ୍ଲା କମିଟିର ଜିଲ୍ଲା ସଭାପତି ସୁବାସ ପ୍ରଧାନ, ଉପସଭାପତି ନବକିଶୋର ପ୍ରଧାନ, ସମ୍ପାଦକ ରଣଜିତ ପ୍ରଧାନ, ସହସମ୍ପାଦକ ସଞ୍ଜୟ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି ।

# ନୂତନ ମହିମା ମଠ ପ୍ରତିଷ୍ଠା

**ଛେଣ୍ଡିପଦା, ୧୮ ।୭(ସମିସ):** ଛେଣ୍ଡିପଦା ବ୍ଲକ ସୀମାନ୍ତ ବୁଢ଼ାପାଳ ନିକଟସ୍ଥ ପରା ଗ୍ରାମରେ ନୂତନ ଭାବେ ଏକ ଅଲେଖ ମହିମା ଧର୍ମର ମଠ ସ୍ଥାପନ କରାଯାଇଛି । ବ୍ରହ୍ମର୍ଷି ଶ୍ରୀମତ୍ ବାବା ପ୍ରଭାକର ଦାସଙ୍କ ଆଦର୍ଶ ଓ ନୀତିନିୟମକୁ ପାଥେୟ କରି ପୁଲିସ ଅଧିକାରୀ ତପନ କୁମାର ନାୟକ 'ଗୁରୁସ୍ୱାମୀ ମହିମା ମଠ' ନାମରେ ଏହି ଧର୍ମାନୁଷ୍ଠାନ ପ୍ରତିଷ୍ଠା କରିଛନ୍ତି । ମଠ ଶୁଭାରମ୍ଭ ଅବସରରେ ନାମ ସଙ୍କୀର୍ତ୍ତନ ସହ ଏକ ସଭାକାର୍ଯ୍ୟରେ ମଠ କମିଟି ଗଠନ କରାଯାଇଛି । ସର୍ବସମ୍ମତି କ୍ରମେ ପରିଚାଳକ ଭାବେ ତପନ କୁମାର ନାୟକ, ସମ୍ପାଦକ ଭାବରେ ପ୍ରକାଶ ନାଏକ ତଥା ସଭାପତି ଭାବରେ ନରୋତ୍ତମ ନାଏକ ଦାୟିତ୍ୱ ଗ୍ରହଣ କରିଛନ୍ତି । ପ୍ରତିଷ୍ଠା ଉତ୍ସବର ପ୍ରାରମ୍ଭରେ ମହିମା ସାଧୁମାନେ ଅଲେଖ ମହିମା ଠାକୁରଙ୍କୁ ସ୍ମରଣ କରି ବ୍ରହ୍ମର୍ଷି ପ୍ରଭାକର ବାବାଙ୍କ ଫଟୋ ଆଗରେ ମହାଦ୍ୱୀପ ପ୍ରଜ୍ୱଳନ ପୂର୍ବକ ଗୁରୁପୂଜା କରି ଜଗତ କଲ୍ୟାଣ ନିମିତ୍ତ ମହିମା ଗୋସାଇଁଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ତାପରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ମହିଳା



ସଙ୍କୀର୍ତ୍ତନ ମଣ୍ଡଳୀ ଦ୍ୱାରା ନାମ ସଙ୍କୀର୍ତ୍ତନ ପରିବେଷଣ କରାଯାଇଥିଲା । ଡେରେଙ୍ଗ ମା' ଭଣେଶ୍ୱରୀ ମହିଳା ସଙ୍କୀର୍ତ୍ତନ ମଣ୍ଡଳୀ ଗୁରୁବନ୍ଦନା କରିଥଲେ । ଉକ୍ତ କାର୍ଯ୍ୟକ୍ରମରେ ଛେଣ୍ଡିପଦା, କଣିହାଁ, ରେଙ୍ଗାଳି, ପାଲଲହଡ଼ା, ରେଢ଼ାଖୋଲ ଓ ଦେବଗଡ଼ ଅଞ୍ଚଳରୁ ଶତାଧିକ ମହିମା ଧର୍ମାବଲମ୍ବୀ ଲୋକ ଯୋଗଦାନ କରିଥିଲେ । ଭକ୍ତ ଶ୍ରୀଧର ନାଏକ, ସନ୍ତୋଷ ନାଏକ, କୁବେର ନାଏକ, ଭୁବନ ନାଏକ, ବସନ୍ତ ନାଏକ, ପତି ନାଏକ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ସ୍ଥାନୀୟ ହିରୋ କ୍ଲବ ସଭାପତି ବିଶିକେଶନ ନାଏକ ଓ ସମ୍ପାଦକ ତରୁଣ ନାଏକ ସମେତ ସଦସ୍ୟ ମଳୟ, ପବନ, ତ୍ରିଲୋଚନ, ଭାଗ୍ୟରଥି, କାଳିଆ, ଅଭିମନ୍ୟୁ, ସୌମ୍ୟରଞ୍ଜନ, ରାଜୁ, ଲିପୁ, କାଜଲ ଓ ଶୁକଦେବ ପ୍ରମୁଖ ସହଯୋଗ କରିଥିଲେ ।

# ବଳଦେବଜୀଉଙ୍କ ରଘୁନାଥ ବେଶ



କେନ୍ଦ୍ରାପଡ଼ା,୧୮।୭(ସମିସ):କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ସିଦ୍ଧ ବଳଦେବଜୀଉଙ୍କ ରଘୁନାଥ ବେଶ ଗୁରୁବାର ସନ୍ଧ୍ୟାରେ ହୋଇଛି । ଏହି ବେଶ ଦେଖିବା ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା । ଏ ଅବସରରେ ମହାଲକ୍ଷ୍ମୀ ଓ ମହାପ୍ରଭୂଙ୍କ ଭେଟ ହେଲା । ସେବାୟତଙ୍କ ଶିରିପା ବନ୍ଧା ହୋଇଥିଲା । ପରେ ପଣା ଭୋଗ ହୋଇଥିଲା । ଏହାପରେ ରାତି ୧୦ଟାରେ ଶ୍ରୀଜୀଉଙ୍କୁ ପହଣ୍ଡି କରାଯାଇ ନିଳାଦ୍ରୀ ବିଜେ କରାଯାଇଥିଲା ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ।

### ସେବାୟତଙ୍କ ମଧ୍ୟରେ ବିବାଦ

# ୪ ଘଣ୍ଟା ବିଳମ୍ବରେ ହେଲା ନୀତିକାନ୍ତି

କେନ୍ଦ୍ରାପଡ଼ା,୧୮ ।୭(ସମିସ): ସେବାୟତଙ୍କ ମଧ୍ୟରେ ମନୋମାଳିନ୍ୟ ଆଉ ପେଲାଠେଲାକୁ ନେଇ ମହାପ୍ରଭୁଙ୍କ ନୀତିକାନ୍ତିରେ ୪ ଘଣ୍ଟା ବିଳମ୍ବ ହୋଇଛି ।ସକାଳ ୯ରୁ କେନ୍ଦ୍ରାପଡା ଜିଲ୍ଲାର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ସମସ୍ତ ନୀତି ବନ୍ଦ ରହିଥିଲା । ପ୍ରାୟ ୨ଟା ପରେ ପୁଣିଥରେ ନୀତି ଆରମ୍ଭ ହୋଇଥିଲା ।ଗତ ମଙ୍ଗଳବାର ରଥ ଚକଡ଼ା ଲାଗିବା ପରେ ଏକାଦଶୀ ତିଥି ପଡ଼ିଥିଲା । ଗତ ବୁଧବାର ମହାପ୍ରଭୁ ନିଳାଦ୍ରୀ ବିଜେ କରିନଥିବା ବେଳେ ଆଜି ତିନୋଟି କାର୍ଯ୍ୟ ଏକାଧାରରେ ସମ୍ପନ୍ନ ହେବା ପାଇଁ ଧାର୍ଯ୍ୟ କରାଯାଇଥିଲା ।ହେଲେ ସକାଳୁ ସେବାୟତଙ୍କ ମଧ୍ୟରେ ମନୋମାଳିନ୍ୟ କାରଣରୁ ସକାଳୁ ସ୍ନାନ, ସକାଳ ଧୂପ, ନୀତି ବଲ୍ଲଭ ଇତ୍ୟାଦି ହେବାରେ ବିଳମ୍ବ ହୋଇଛି ।ଅପରାହ୍ନ ୨ ଘଟିକା ବାଜି ଯାଇଥିଲେ ସୁଦ୍ଧା ମହାପ୍ରଭୁଙ୍କ ନୀତିକାନ୍ତିକୁ ନେଇ ଭକ୍ତଙ୍କ ମହଲରେ ଅସନ୍ତୋଷ ଦେଖାଦେଇଥିଲା ।ସୂଚନାନୁଯାୟୀ, ଆଜି ସକାଳେ ଜଣେ ଭକ୍ତଙ୍କ ତୁଳସୀମାଳ ଲାଗି କରିବାକୁ ନେଇ ପୂଜା ପଣ୍ଡା ଓ ମହାଜନ ପାଣିଗ୍ରାହୀ ସେବାୟତଙ୍କ ମଧ୍ୟରେ ବଚସା ହୋଇଥିଲା । ପରେ ପରିସ୍ଥିତି ବିଶୃଙ୍ଖଳା ଆଡକୁ ଗତି କରି ଉଭୟ ସେବାୟତ ଗୋଷ୍ଠୀରେ ବିଭକ୍ତ ହୋଇ ଯାଇଥିଲେ । ତେବେ ପୂଜାପଣ୍ଡାଙ୍କ ପ୍ରତି ଅସମ୍ମାନକୁ ନେଇ ମୀମାଂସା ହେବା ପରେ ଶ୍ରୀଜୀଉମାନଙ୍କର ଯାହା ନୀତିକାନ୍ତି ସମ୍ପନ୍ନ କରାଯିବ ବୋଲି ପୂଜାପଣ୍ଡା ସେବାୟତ ଅଡ଼ି ବସିଥିଲେ । ସେହିପରି ମହାଜନ ପାଣିଗ୍ରାହୀ ମଧ୍ୟ ଘଟଣାର ସମାଧାନ ନହେବା ପର୍ଯ୍ୟନ୍ତ ଆଜି ପହଣ୍ଡି କରିବେ ନାହିଁ ବୋଲି ଅଡ଼ି ବସିଥିବା ବେଳେ ବଳଦେବଜୀଉ ଦେବୋତ୍ତର ବିଭାଗର ସଭାପତି ତଥା କେନ୍ଦ୍ରାପଡା ଉପ ଜିଲ୍ଲାପାଳ, କେନ୍ଦ୍ରାପଡା ତହସିଲଦାରଙ୍କ ସମେତ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ବୈଠକ କରାଯାଇ ଆଜିର ନୀତିକାନ୍ତି ସମାପ୍ତି ପରେ ଆସନ୍ତା ଶନିବାର ଦିନ ଉଭୟ ପକ୍ଷର ୪ ଜଣ ଲେଖାଏଁ ସେବାୟତ ବସି ଘଟଣାର ସମାଧାନ କରିବା ଓ ଯାହାର ଭୁଲ ବାହାରିବ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପ୍ରତିଶୃତି ଦେବା ପରେ ଅପରାହ୍ନ ୨ ଟାରେ ମହାପ୍ରଭୁଙ୍କ ସେବାକାର୍ଯ୍ୟ ଓ ନୀତିକାନ୍ତି ଆରମ୍ଭ ହୋଇଥିଲା ।ତେବେ ଆଜି ଗୋଟିଏ ଦିନରେ ରଘୁନାଥ ବେଶ, ଅଧର ପଣା ଓ ନୀଳାଦ୍ରି ବିଜେ କାର୍ଯ୍ୟକ୍ରମ ରହିଥିବା ବେଳେ ସେବାୟତଙ୍କ ମଧ୍ୟରେ ଏହି ଗଣ୍ଡଗୋଳକୁ ନେଇ ଭକ୍ତଙ୍କ ମହଲରେ ଅଶାନ୍ତି ଦେଖାଯାଇଛି ।

## ଶିଶୁ ଶ୍ରମିକଙ୍କୁ ଉଦ୍ଧାର କଲେ ଜିଲ୍ଲା ଶ୍ରମ ବିଭାଗ

ଡେରାବିଶ, ୧୮।୭ (ସମିସ): ଡେରାବିଶ ବ୍ଲକ କାଉପଡ଼ା ପଞ୍ଚାୟତ ଅନ୍ତର୍ଗତ ଥକେଇ ନେଉଳିଠାରେ ଜଣେ ଠିକାଦାର ନିର୍ମାଣ କାର୍ଯ୍ୟରେ ଶିଶୁ ଶ୍ରମିକଙ୍କୁ ନିୟୋଜିତ କରିଥିବା ଘଟଣା ଆଜି ନଜରକୁ ଆସିଥିଲା । ଏ ସମ୍ପର୍କରେ ଖବର ପାଇ ଜିଲ୍ଲା ଅତିରିକ୍ତ ଶ୍ରମ ଅଧିକାରୀ ଓ ଡେରାବିଶ ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ଜଣେ ନାବାଳିକା ଶ୍ରମିକଙ୍କୁ ଉଦ୍ଧାର କରି ସିଡବ୍ଲୁସିଙ୍କ ହେପାଜତରେ ରଖାଯାଇଥିବା ଜଣାଯାଇଛି । ତେବେ ଆସନ୍ତା କାଲି ଏହି ମହିଳାଙ୍କର ଆଧାରକାଡର୍ ଓ ସାର୍ଟିଫିକେଟ୍ ଆଦି ଯାଞ୍ଚ କରି ତାଙ୍କ ବୟସ ସମ୍ବନ୍ଧରେ ଜାଣିବା ପରେ ଯାହା କିଛି ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ଜିଲ୍ଲା ଶ୍ରମ ଅଧିକାରୀ ପ୍ରକାଶ କରିଛନ୍ତି ।

## ଜିଲ୍ଲାସ୍ତରୀୟ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ପାଳିତ



ରାଜନଗର, ୧୮।୭(ସମିସ): ରାଜନଗର ବ୍ଲକ କେରେଡାଗଡ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ପାଳନ କରାଯାଇଛି । ପ୍ରଥମେ ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ ଉଚ୍ଚ ରକ୍ତଚାପ ସମ୍ବନ୍ଧିୟ ଏକ ସଚେତନତା ସଭା ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ପୁରୁଷ ଓ ମହିଳା, ସ୍ୱାସ୍ଥ୍ୟ କର୍ମୀ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀଙ୍କୁ ନେଇ ଏକ ସଚେତନତା ର୍‌ୟାଲି କେରେଡାଗଡ ଗାଁ ପରିକ୍ରମା କରିଥିଲା । କେରେଡାଗଡ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଉଚ୍ଚ ରକ୍ତଚାପ ସମ୍ପର୍କିତ ଏକ ସଚେତନତା ବୈଠକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାଃ. ରଶ୍ମୀ ରଂଜନ ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି ।ଏଥିରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାଃ. ଅନିତା ପଟ୍ଟନାୟକ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନୃପେନ ଶତପଥି, ଡାଃ. ଅଶୋକ କୁମାର ସାହୁ, ଶ୍ୟାମ ସୁନ୍ଦର ବିଶ୍ୱାଳ, ଡାଃ. ମନୋରଞ୍ଜନ ନାଥ, ଡାଃ. ଟିଟି ମିଶ୍ର, ଡାଃ. ସୁଧାଂଶୁବାଳା ବେହେରା ପ୍ରମୁଖ ଯୋଗଦେଇ ଉଚ୍ଚ ରକ୍ତଚାପର କାରଣ, ନିରାକରଣ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ । ଏହି ଅବସରରେ ଏକ ସ୍ୱାସ୍ଥ୍ୟ ମେଳା ଅନୁଷ୍ଠିତ ହୋଇଥିଲା । ଏଥିରେ ୧୬୮ ଜଣ ପୁରୁଷ ଓ ମହିଳା ନିଜର ରକ୍ତଚାପ ଓ ମଧୁମେହ ପରୀକ୍ଷା କରିଥିଲେ । ସେମାନଙ୍କ ମଧ୍ୟରୁ ୩୧ଜଣ ଉଚ୍ଚ ରକ୍ତଚାପ ଓ ୩୦ଜଣ ମଧୁମେହ ରୋଗୀ ଚିହ୍ନଟ ହୋଇଥିଲେ । ରୋଗୀମାନଙ୍କୁ ଔଷଧ ବିତରଣ କରାଯାଇଥିଲା ଏବଂ ସୁସ୍ଥ ଜୀବନଶୈଳୀ ଆପଣେଇବାକୁ ପରାମର୍ଶ ଦିଆଯାଇଥିଲା । ଅନୁଷ୍ଠିତ କୁଇଜ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୁରୁଷ ଓ ମହିଳା ସ୍ୱାସ୍ଥ୍ୟ କର୍ମୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଓ ଆଶାକର୍ମୀମାନେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ବିପିଏମ ଶ୍ରୀକାନ୍ତ ଦାସ, ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ତରୁଲତା ନାୟକ, ପୁରୁଷ ସ୍ୱାସ୍ଥ୍ୟ ପରିଦର୍ଶକ ହିମାଂଶୁ ଶେଖର ଦାସ, ନିର୍ମଳ କୁମାର ଦାସ ପ୍ରମୁଖ ପରିଚାଳନା କରିଥିଲେ ।

## କିଡ୍‌ନୀ ରୋଗରେ ଆକ୍ରାନ୍ତ ଯବାନଙ୍କ ମୃତ୍ୟୁ



ଡେରାବିଶ, ୧୮।୭ (ସମିସ): ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ଅନ୍ତର୍ଗତ ଡାଳିଜୀ ଗ୍ରାମର ସ୍ୱର୍ଗତ ସର୍ବେଶ୍ୱର ଜେନାଙ୍କ ପୁଅ ତଥା ବିଏସ୍‌ଏଫ ଯବାନ କ୍ଷୀରୋଦ କୁମାର ଜେନା (୫୨)ଙ୍କ ଗୁରୁବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସପିଟାଲ୍‌ରେ ପରଲୋକ ଘଟିଛି । ମୃତକ କ୍ଷୀରୋଦ ଛତିଶଗଡ଼ରେ ବଡର୍‌ର ସିକ୍ୟୁରିଟି ଫୋର୍ସର ଯବାନ ଭାବେ କାର୍ଯ୍ୟରତ ଥିଲେ । ମାତ୍ର ସେ ସେଠାରେ ଅସୁସ୍ଥ ହେବାପରେ ତାଙ୍କର ଚିକିତ୍ସା କରାଯାଇଥିଲା । ଚିକିତ୍ସାରୁ କ୍ଷୀରୋଦଙ୍କ କିଡ୍‌ନୀ ଜନିତ ସମସ୍ୟା ଥିବା ଡାକ୍ତର ଜାଣି ପାରିଥିଲେ । ତେବେ ପରିବାର ଲୋକ କ୍ଷୀରୋଦଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସପିଟାଲ୍‌ରେ ଦୀର୍ଘଦିନ ଧରି ଚିକିତ୍ସା କରାଉଥିଲେ । ଆଜି ଅପରାହ୍ନରେ କ୍ଷୀରୋଦଙ୍କ ମୃତ୍ୟୁ ଖବର ଗାଁରେ ପହଞ୍ଚିବା କ୍ଷଣି ଶୋକର ଛାୟା ଖେଳିଯାଇଥିଲା । ଜଣେ ମିଷ୍ଟଭାଷୀ, ପରୋପକାରୀ ଯୁବକଭାବେ କ୍ଷୀରୋଦ ଗାଁରେ ପରିଚିତ ଥିଲେ । ତେବେ ତାଙ୍କର ଏଭଳି ଅକାଳ ବିୟୋଗକୁ ଗ୍ରାମଲୋକ ସହଜରେ ବିଶ୍ୱାସ କରିପାରୁ ନାହାଁନ୍ତି । କ୍ଷୀରୋଦଙ୍କ ବିଧବା ପତ୍ନୀଙ୍କ ସହ ଦୁଇଝିଅ ଓ ଗୋଟିଏ ପୁଅ ଅଛନ୍ତି ।

## କେନ୍ଦ୍ରାପଡ଼ା ଜିଲ୍ଲା ସଭାପତିଙ୍କୁ ବରଖାସ୍ତ କଲା ରାଜ୍ୟ ଯାତ୍ରା କମିଟି ମହାସଂଘ

ଡେରାବିଶ, ୧୮।୭ (ସମିସ):କେନ୍ଦ୍ରାପଡ଼ା ଜିଲ୍ଲା ଯାତ୍ରାକମିଟି ସଭାପତି ମିହିର କୁମାର ସାମଲଙ୍କୁ ଜିଲ୍ଲା ସଭାପତି ପଦରୁ ରାଜ୍ୟ ଯାତ୍ରା କମିଟି ମହାସଂଘ ଗତ କାଲି ବରଖାସ୍ତ କରିଛି । ଏ ନେଇ ଚିଠି ନଂ-ଜେସିଏମ୍/ ୯/୨୦୨୩-୨୪ରେ ରାଜ୍ୟ କମିଟିର ସଭାପତି ପ୍ରଦୀପ ଦାସ, ସମ୍ପାଦକ ଉମାକାନ୍ତ ମିଶ୍ର ଓ ରାଜ୍ୟ ସଂଯୋଜକ ମାନସ ରଞ୍ଜନ ରାୟଙ୍କ ଦସ୍ତଖତରେ ମିହିରଙ୍କୁ ବରଖାସ୍ତ କରାଯାଇଛି । ପୂର୍ବରୁ ଚଳିତ ମାସ ୧୦ ତାରିଖରେ ରାଜ୍ୟ ଯାତ୍ରା କମିଟି ମହାସଂଘର ଚିଠି ନଂ-୭/୨୩-୨୪ରେ ଶ୍ରୀ ସାମଲଙ୍କୁ କାରଣ ଦର୍ଶାଅ ନୋଟିସ୍ ହୋଇଥିଲା । ନୋଟିସ୍‌ରେ ରାଜ୍ୟ ଯାତ୍ରା କମିଟି ମହାସଂଘର ନିର୍ଦ୍ଦିଷ୍ଟ ନିୟମକୁ ବେଖାତିର କରି ପଦ ଓ କ୍ଷମତାର ଦୁରୁପଯୋଗ କରି ଅନେକ ଅନିୟମିତତା ଓ ବ୍ୟକ୍ତିଗତ ସ୍ୱାର୍ଥରେ ଲିପ୍ତ ରହିଥିବା ନେଇ ଅଭିଯୋଗ ଆସିଥିଲା । ୭ ଦିନ ମଧ୍ୟରେ ଏହି କାରଣ ଦର୍ଶାଅ ନୋଟିସ୍‌ର କୌଣସି ସନ୍ତୋଷଜନକ ଉତ୍ତର ନମିଳିବାରୁ ଯାତ୍ରା କମିଟି ମହାସଂଘ ତାଙ୍କ ବିରୋଧରେ ଏହି କଡ଼ା ପଦକ୍ଷେପ ନେଇଥିବା ଜଣାଯାଇଛି । ଏ ସମ୍ପର୍କରେ ଶ୍ରୀ ସାମଲଙ୍କୁ ପଚାରିବାରୁ ସେ ରାଜ୍ୟ ଯାତ୍ରାକମିଟି ମହାସଂଘଭୁକ୍ତ ନୁହଁନ୍ତି । ସେ କେନ୍ଦ୍ରାପଡ଼ା ଜିଲ୍ଲା ଯାତ୍ରା ସଂଘର ସଭାପତି ବୋଲି ପ୍ରକାଶ କରିଛନ୍ତି ।

## ମନରେଗା କାର୍ଯ୍ୟରେ ଅନିୟମିତତା ଅଭିଯୋଗ, ଲୋକାୟୁକ୍ତଙ୍କ ତଦନ୍ତ

ଗୋବିନ୍ଦପୁର,୧୮।୭(ସମିସ): ଆଳି ବ୍ଲକ ଅନ୍ତର୍ଗତ ଜୁଆଣିଆ ପଞ୍ଚାୟତରେ ମନରେଗା କାମରେ ଅନିୟମିତତା ନେଇ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଥିଲା । ଏହି ଅଭିଯୋଗର ତଦନ୍ତ ପାଇଁ ଆଜି ଲୋକାୟୁକ୍ତ ଉପନିର୍ଦ୍ଦେଶକ ମାନଗୋବିନ୍ଦ ବିଶ୍ୱାଳ, ସହକାରୀ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ କୁମାର ସାହୁ, ସହକାରୀ ଯନ୍ତ୍ରୀ ହିମାଂଶୁ ଶେଖର ପଡ଼ିହାରୀ ପ୍ରମୁଖ ଜୁଆଣିଆ ପଞ୍ଚାୟତରେ ବିଭିନ୍ନ ଯୋଜନାର ତଦନ୍ତ କରିଛନ୍ତି ।

## ପାଣିକୁ ନେଇ ଚିନ୍ତାରେ ଗରଦପୁର ଅଞ୍ଚଳର ଚାଷୀ

ଗରଦପୁର,୧୮।୭(ସମିସ): ଦିନକୁ ଦିନ ଚାଷ କାର୍ଯ୍ୟର ସମୟ ଗଡ଼ିଚାଲିଛି । ହେଲେ ଏପର୍ଯ୍ୟନ୍ତ ଚାଷ କାର୍ଯ୍ୟହୋଇପାରିନାହିଁ । ବହୁ ବିଳମ୍ବ ହୋଇଯାଉଥିବାରୁ କିଭଳି ଚାଷ କାର୍ଯ୍ୟ ହେବ ସେନେଇ ଚିନ୍ତାରେ ଗରଦପୁର ଅଞ୍ଚଳର ଚାଷୀ । ଗରଦପୁରର ବ୍ରହ୍ମପୁର ବାସିନ୍ଦାଙ୍କ ପାଇଁ ଏବେ ମରୁଡି ଚିନ୍ତା ଘାରିଛି । ଚଳିତବର୍ଷ କେନ୍ଦ୍ରାପଡ଼ା ଜିଲ୍ଲାରେ ସ୍ୱାଭାବିକ ଠାରୁ କମ୍ ବର୍ଷା ହୋଇଥିବାରୁ ଜଳସଙ୍କଟ ଦେଖା ଦେଇଛି । ନିଅଣ୍ଟିଆ ବର୍ଷା ଯୋଗୁ ଗରଦପୁର ବ୍ଲକ୍‌ର ଶତାଧିକ ହେକ୍ଟର ଚାଷଜମି ଏବେ ମରୁଡି ଆଶଙ୍କାରେ । କାହିଁକି ନା ଜମିକୁ ପାଣି ପହଞ୍ଚି ପାରୁନି । ଶ୍ରାବଣ ମାସ ଆରମ୍ଭ ହେଲାଣି ହେଲେ ଏପର୍ଯ୍ୟନ୍ତ ଗରଦପୁର ଅଞ୍ଚଳର ପୋଖରୀରେ ଟୋପାଏ ପାଣି ଦେଖିବାକୁ ମିଳୁନି । କିଛି ପଞ୍ଚାୟତକୁ କେନାଲ ସଂଯୋଗ ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରୁନି । କାରଣ ବର୍ଷା ପୂର୍ବରୁ କେନାଲ ସଫେଇ କରାଯାଉନାହିଁ । ଯାହା ଫଳରେ ଚାଷ ଜମିକୁ ପାଣି ନାହିଁ ।ଏହାସହ କିଛି ଅଞ୍ଚଳରେ ନିର୍ମାଣ କରାଯାଇଥିବା ଉଠା ଜଳସେଚନ ପ୍ରକଳ୍ପ କେବଳ ନାମକୁ ମାତ୍ର ହୋଇ ରହିଛି । ଗୋଟେ ପଟେ ନଦୀରେ ବର୍ଷାଜଳ ପ୍ରବାହିତ ହେଉଥିବା ବେଳେ ନଦୀରୁ ଚାଷ ଜମିକୁ ପାଣି ଯିବାର ସୁବିଧା ସୁଯୋଗ ନାହିଁ । ପୂର୍ବରୁ ଚାଷୀଙ୍କ ସୁବିଧା ପାଇଁ ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଥିଲା । ବିଭାଗୀୟ ଅଧିକାରୀଙ୍କ ଅପାରଗତା ପାଇଁ ତାହା କେବଳ ଫଟୋ ଓ କାଗଜ କଲମରେ ସୀମିତ ରହିଛି । ଏବେ ଚାଷୀ ପାଣି ଖୋଜୁଥିବାବେଳେ ଏଥିପ୍ରତି କାହାର ନଜର ମଧ୍ୟ ପଡୁନି ।ଏହି ବିଭାଗର ଯନ୍ତ୍ରୀଙ୍କୁ ପ୍ରଶ୍ନ କଲେ ମଧ୍ୟ କୌଣସି ସନ୍ତୋଷ ଜନକ ଉତ୍ତର ମିଳିପାରିନାହିଁ । ବିଭାଗୀୟ ଯନ୍ତ୍ରୀଙ୍କ କହିବା ଅନୁସାରେ ସ୍ଥାନୀୟ ପାଣି ପଞ୍ଚାୟତର ସଭାପତି ଓ ସମ୍ପାଦକଙ୍କ ନିକଟରେ ଇଲେକ୍ଟ୍ରି ମଟର ଓ କେବୁଲ୍ ତାର ରଖାଯାଇଥିବା କହିଛନ୍ତି । ହେଲେ ଇଲେକ୍ଟ୍ରି ଖୁଣ୍ଟରେ କେବୁଲ ବାନ୍ଧି ତାକୁ ବିଦ୍ୟୁତ୍ ସଂଯୋଗ କରି କିଏ କାର୍ଯ୍ୟକାରୀ କରିବ ସେକଥା କେହି ଚିନ୍ତା ମଧ୍ୟ କରୁନାହାନ୍ତି । ଚଳିତ ବର୍ଷ ଗରଦପୁର ଅଞ୍ଚଳରେ ଚାଷ କିପରି ହେବ କେବେ ଚାଷୀଙ୍କ ଜମିକୁ ପାଣିର ସଂଯୋଗ ହେବ ତାକୁ ନେଇ ଗରଦପୁର ଅଞ୍ଚଳର ଚାଷୀଙ୍କୁ ଚିନ୍ତା ଘାରିଛି । ଯାହାକୁ ନେଇ ଗରଦପୁର ଅଞ୍ଚଳର ସମାଜସେବୀ ନବାବ କୁମାର ପଣ୍ଡା, ରମାକାନ୍ତ ବେହେରା, ଗୁରୁପଦ ଦାଶ, ଚାଷୀ ଗୋବିନ୍ଦ ଚନ୍ଦ୍ର କର, ପ୍ରଫୁଲ୍ଲ ମହାନ୍ତି,ଅଲେଖ ସ୍ୱାଇଁ , ଲକ୍ଷ୍ମୀଧର ପରିଡ଼ା, ନୃସିଂହ ସାମଲ,ଗୋଲେଖ ପରିଡ଼ାଙ୍କ ସମେତ ଅଧିକାଂଶ ଚାଷୀ ଏ ନେଇ କ୍ଷୋଭ ପ୍ରକାଶ କରିବା ସହିତ ନୂତନ ସରକାର ଏ ନେଇ ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି ।

## ପେଙ୍ଗୁଳାଇ ପୀଠରେ ଚାରାରୋପଣ



ଗୋବିନ୍ଦପୁର, ୧୮ ।୭ (ସମିସ): ଆଳି ବ୍ଲକ ଅନ୍ତର୍ଗତ ଧୋୟା ଅଞ୍ଚଳର ମଦନ ଗିରି ଗ୍ରାମ ନିକଟ ଅଧିଷ୍ଠାତ୍ରୀ ମା ପେଙ୍ଗୁଲାଇ ପୀଠ ରାସ୍ତାର ଉଭୟ ପାଶ୍ୱର୍ରେ ୧୦୦ ରୁ ଉର୍ଦ୍ଧ୍ୱ ବୃକ୍ଷରୋପଣ କରାଯାଇଛି । ବିଚିତ୍ରେଶ୍ୱର୍ ନୋଡାଲ ସରକାରୀ ଉପ୍ରା ବିଦ୍ୟାଳୟ ଛାତ୍ରଛାତ୍ରୀ ଓ ମଦନ ଗିରି ଗ୍ରାମର ସକ୍ରିୟ କାର୍ଯ୍ୟରତ ପାଞ୍ଚ ଗୋଟି ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ପ୍ରଧାନ , ପ୍ରଧାନ ଶିକ୍ଷକ ରଜତ କୁମାର ବେହେରା, ମଦନ ଗିରି ଗ୍ରାମର ପୁରୁଷୋତ୍ତମ ବେହେରା, ପ୍ରଭାସ ସାମଲ, ଓ ଦର୍ପହରି ନାୟକଙ୍କ ତତ୍ତ୍ୱବଧାନରେ ବୃକ୍ଷରୋପଣ କରଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟିକା ଗୋଷ୍ଠିର ସଭ୍ୟା ସୁବାସିନି ସାମଲ, ନମିତା ସାମଲ, କଳ୍ପନା ସାମଲ, ବିଶାଖା ସାମଲ, ନିରୁପମା ସାମଲ, ସୁଲୋଚନା ସାମଲ, ସାବିତ୍ରୀ ସାମଲ, ମଞ୍ଜୁଲତା ବେହେରା, ଚୁମା ବେହେରା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଚଳିତ ବର୍ଷ ୧୦୦୦ ଚାରା ରୋପଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି ।

## ଭାଗ୍ୟଧରଙ୍କ ଭାଗ୍ୟ ଖରାପ

## ଦୁଇଟି କିଡ୍‌ନୀ ନଷ୍ଟ; ଚିକିତ୍ସାରେ ଅର୍ଥ ବାଧକ



ଡେରାବିଶ,୧୮।୭(ସମିସ): ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ନୋଳସାହି ଗ୍ରାମର ଭାଗ୍ୟଧର ସେଠୀ (୫୦) । ପରିବାର କହିଲେ ସ୍ତ୍ରୀ ,ଦୁଇ ଝିଅ ଓ ଗୋଟିଏ ପୁଅ । ଭାଗ୍ୟଧର ରାଜମିସ୍ତ୍ରୀ ଭାବେ କାମ କରି ତାଙ୍କ ପରିବାର ଚଳାଇ ଆସୁଥିଲେ । ହେଲେ ଗତ ୮ ମାସ ତରେ ତାଙ୍କର ଦୁଇଟି କିଡ୍‌ନୀ ଖରାପ ହୋଇଯାଇଥିଲା । ସେ ଆଉ କାମ କରିବାକୁ ଯାଇ ପାରିନଥିଲେ । ଏପଟେ ଯାହାକିଛି ସଞ୍ଚିତ ଅର୍ଥ ଥିଲା ତାହା ମଧ୍ୟ ଏହି ଦୂରାରୋଗ୍ୟ ଚିକିତ୍ସାରେ ସମ୍ପୂର୍ଣ୍ଣ ଖର୍ଚ୍ଚ ହୋଇଯାଇଛି । ଦିନମଜୁରିଆ ଭାଗ୍ୟଧର ଆଉ ମୂଲ ମଜୁରୀ ଲାଗି ପାରୁନଥିବା ବେଳେ ତାଙ୍କ ପିଲାଙ୍କ ପାଠପଢ଼ାରେ ଡୋରି ବନ୍ଧା ହେବା ସହିତ ଘରେ ଦିନକୁ ଥରେ ଚୁଲି ଜଳିବା ସମ୍ଭବ ହେଉନି । ଗତ ୮ ମାସ ମଧ୍ୟରେ ସେ ତାଙ୍କ ଔଷଧ ପାଇଁ ଘରର ଜିନିଷପତ୍ର ବନ୍ଧା ପକାଇବା ସହିତ ଘରେ ପାଳିଥିବା ଗାଈ ଗୋରୁଙ୍କୁ ମଧ୍ୟ ବିକ୍ରି କରିଦେଇଛନ୍ତି । ଏବେ ଡାକ୍ତର ସପ୍ତାହରେ ଦୁଇଥର ଡାଇଲୋସିସ୍ କରିବା ପାଇଁ ପରାମର୍ଶ ଦେଇଛନ୍ତି । ରାସନ ଚାଉଳରେ ପରିବାର ପ୍ରତିପୋଷଣ କରୁଥିବା ଭାଗ୍ୟଧରଙ୍କୁ ଚିକିତ୍ସାରେ ଅର୍ଥ ବାଧକ ସାଜିଛି । ତେବେ ଭାଗ୍ୟଧରଙ୍କ ଚିକିତ୍ସା ପାଇଁ କୌଣସି ସହୃଦୟ ବ୍ୟକ୍ତି କିମ୍ବା ଅନୁଷ୍ଠାନ ସହାୟତା ପାଇଁ ନିବେଦନ କରିଛନ୍ତି ।

### ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ବୈଠକ

# ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଶିଶୁ ବିକାଶ ଉପରେ ଗୁରୁତ୍ୱ





ପଟ୍ଟାମୁଣ୍ଡାଇ,୧୮।୭(ସମିସ): ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତିର ୩ୟ ଅଧିବେଶନ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ସମିତି ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ବୈଠକରେ ପୌରହିତ୍ୟ କରି ସମସ୍ତ ସରକାରୀ ଯୋଜନାର ସଫଳ ରୂପାୟନ କରି ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତିକୁ ଏକ ଅଗ୍ରଣୀ ଆଦର୍ଶ ପଞ୍ଚାୟତ ସମିତି ଭାବେ ଗଢି ତୋଳିବା ପାଇଁ ଉପସ୍ଥିତ ସମସ୍ତ ବିଭାଗୀୟ ଅଧିକାରୀ ଓ ପଞ୍ଚାୟତ ପ୍ରତିନିଧିମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗ ଦେଇ ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଣ,ପରିମଳ ଓ ମହିଳା ଶିଶୁ ବିକାଶ କ୍ଷେତ୍ରରେ ଲାଗି ରହିଥିବା ସମସ୍ୟା ଦୂର କରି ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ ।କେନ୍ଦ୍ର ସରକାର ପଟ୍ଟାମୁଣ୍ଡାଇ ବ୍ଲକର ୮ଟି ଗାଁକୁ ଇକୋ ସେନସିଟିଭ ଜୋନରେ ସାମିଲ କରିଥିବା ସୂଚନା ଦେଇ ପଞ୍ଚାୟତପ୍ରତିନିଧିଙ୍କ ମତ ଅନୁଯାୟୀ ଅଞ୍ଚଳବାସୀ ସଠିକ ଫୋରମରେ ଏହାର ପ୍ରତିବାଦ କରିବାକୁ ଆହ୍ୱାନ ଦେଇଥିଲେ । କେନ୍ଦ୍ରାପଡ଼ା ବିଧାୟକ ପୂର୍ବତନମନ୍ତ୍ରୀ ଗଣେଶ୍ୱର ବେହେରା ବିଭିନ୍ନ କ୍ଷେତ୍ରରେ ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ନିଜର ଦକ୍ଷତା ପ୍ରଦର୍ଶନ କରିଛି ।ଜନସାଧାରଣଙ୍କ ମୌଳିକ ସମସ୍ୟା ସମାଧାନ ଉପରେ ଗୁରୁତ୍ୱାରୋପ କରି ପାନୀୟଜଳ, ଯୋଗାଣ, ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ ଆଦି କ୍ଷେତ୍ରରେ ରହିଥିବା ସମସ୍ୟା ଦୂର ଦିଗରେ ସରକାରୀ ଅଧିକାରୀମାନେ ନିଷ୍ଠାର କାର୍ଯ୍ୟ କରିବାକୁ ପରାମର୍ଶ ଦେଇ ଏ ଦିଗରେ ସରକାରୀ ସ୍ତରରେ ସମସ୍ତ ସହଯୋଗ ଯୋଗାଇବାକୁ ପ୍ରତିଶୃତି ଦେଇଥିଲେ । କେନ୍ଦ୍ରାପଡ଼ା ସାଂସଦ ପ୍ରତିନିଧି ଶଶିକାନ୍ତ ସ୍ୱାଇଁ ଉନ୍ନତ ମାନର ଛତୁଆ ଯୋଗାଣ, ସ୍ୱଚ୍ଛ ଭାରତ ଅଭିଯାନରେ ଅନିୟମିତତାର ତଦନ୍ତ ଦାବୀ କରିବା ସହିତ ଶିକ୍ଷକ ଓ ଡାକ୍ତର ନିଯୁକ୍ତି ଓ ପାନୀୟ ଜଳ ସମସ୍ୟା ଦୂର ଦିଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରକାଶ କରିଥିଲେ । ପଞ୍ଚାୟତ ବୈଠକରେ ପାନୀୟଜଳ, ପରିମଳ, ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଣ ଓ ମହିଳା ଶିଶୁ ବିକାଶ ଉପରେ ମୁଖ୍ୟତଃ ଆଲୋଚନା କରାଯାଇଥିଲା । ସିଂହ ଗାଁ ସମିତି ସଭ୍ୟ ଅଭୟ ସ୍ୱାଇଁ କେନ୍ଦ୍ରାପଡ଼ାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବୀ ନେଇ ପଞ୍ଚାୟତ ସମିତି ରିଜୋଲେସନ କରିବାକୁ ଅନୁରୋଧ କରିବା ସହିତ ସିଂହ ଗାଁ ପଞ୍ଚାୟତର ବିଭିନ୍ନ ସମସ୍ୟା ଉଠାଇ ଥିଲେ । ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ ନପଙ୍ଗ ପାନୀୟଜଳ ସମସ୍ୟା, ଉପଯୁକ୍ତ ହିତାଧିକାରୀଙ୍କୁ ରାସନକାର୍ଡ ଓ ପଞ୍ଚାୟତରେ ୨ଟି ଡିଲର ନିଯୁକ୍ତି ଦାବି କରିଥିଲେ । ଶାସନ ସରପଞ୍ଚ ସଂଗ୍ରାମ ବାରିକ ମାଳିପୁର ଗ୍ରାମକୁ ପାନୀୟ ଜଳ ଯୋଗାଇବା ଓ ଶିକ୍ଷକ ଡେପୁଟେସନ ବନ୍ଦ କରିବାକୁ ଦାବି କରିଥିଲେ ।ବିଲିକଣା ସରପଞ୍ଚ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ ସ୍ୱଚ୍ଛ ଭାରତ ମିଶନରେ ପାଇଖାନା ନିର୍ମାଣରେ ଅନିୟମିତତାର ତଦନ୍ତ ପାଇଁ ଦାବି କରିଥିଲେ । ସାନଜରିଆ ସରପଞ୍ଚ ନିରାକାର ନାୟକ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ବେଳେ କ୍ଷତିଗ୍ରସ୍ତ ରାସ୍ତା ମରାମତି ଓ ଖାଦ୍ୟ ସୁରକ୍ଷା ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ ସାମିଲ କରିବାକୁ ଦାବି କରିଥିଲେ । ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲରେ ମଞ୍ଜୁରୀ ପାଇଥିବା ୫୮ ଡାକ୍ତର ପଦବୀ ମଧ୍ୟରୁ ୯ ଜଣ ଡାକ୍ତର ନିଯୁକ୍ତି ଦିଆଯାଇଥିବାରୁ ଉପସ୍ଥିତ ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ଉଦବେଗ ପ୍ରକାଶ କରି ସବଡ଼ିଭିଜନ ହସ୍ପିଟାଲ ସମେତ ସମସ୍ତ ଗ୍ରାମାଞ୍ଚଳ ଡାକ୍ତରଖାନାରେ ଖାଲି ପଡ଼ିଥିବା ଡାକ୍ତର ନିଯୁକ୍ତି କରିବାକୁ ଦାବି କରିଥିଲେ ।ପଟ୍ଟାମୁଣ୍ଡାଇ ବିଡ଼ିଓ ଶୁଭ୍ରାଂଶୁ ସାହୁ ବିଗତ ବୈଠକ ବିବରଣୀ ପାଠ କରିବା ସହିତ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ ।ଏହି ବୈଠକରେ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ବ୍ଲକ ସହନିର୍ବାହୀ ଯନ୍ତ୍ରୀ ଇଂ ଜଳଧର ବେହେରା, ସବଡିଭିଜନ ହସ୍ପିଟାଲ ମୁଖ୍ୟଚିକିତ୍ସାଧିକାରୀ ଡା ନିରାକାର ପରିଡା, ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ, ଜିଲ୍ଲାପରିଷଦ ସଦସ୍ୟା ଜ୍ୟୋତିର୍ମୟୀ ବେହେରା ଓ ପ୍ରିୟଦର୍ଶନୀ ତରାଇ, ସରପଞ୍ଚ ସର୍ବଶ୍ରୀ ଅନିଲ ଲେଙ୍କା, ରାଜଲକ୍ଷ୍ମୀ ବେହେରା, ଅନ୍ନପୂର୍ଣ୍ଣା ସେଠୀ, ଦେବେନ୍ଦ୍ର ନାୟକ, ଗଣେଶ ଦାସ, ରଂଜିତା ସାହୁ, ବନୋଜ ସେଠୀ, ବୁଦ୍ଧିରାମ ବେହେରା,ଜ୍ଞାନେନ୍ଦ୍ର ଖଣ୍ଡାୟୀ ଶ୍ରୀମନ୍ତିନି ଜେନା, ସମିତିସଭ୍ୟ ଶଶାଙ୍କ ଶେଖର ବିଶ୍ୱାଳ, ରାମ ଚନ୍ଦ୍ର ସେଠୀ,ଅନ୍ନପୂର୍ଣ୍ଣା ମଲ୍ଲିକ,ସୁରେଶ ଜେନା, ପର୍ଶୁରାମ ବେହେରା, ନିରଞ୍ଜନ ବାରିକ, ସୁମିତ୍ରା ସାହୁ, ରାଜଲକ୍ଷ୍ମୀ ବେହେରା, ତୃପ୍ତିମୟୀ ମଲିକ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ ।ଶେଷରେ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ । ଏହି ବୈଠକକୁ ପ୍ରଭାତ ମଲ୍ଲିକ, ମାନସ ନନ୍ଦ ଓ ପ୍ରିୟରଂଜନ ସାମଲ ପରିଚାଳନା କରିଥିଲେ ।



ରଥ ଉପରେ ଅଧରପଣା ନୀତି ଦେଖିବାକୁ ଶ୍ରୀକ୍ଷେତ୍ର ଆକାଶରେ ମେଘମାଳା, ବଡ଼ଦାଣ୍ଡରେ ଭକ୍ତଙ୍କ ଗହଳି (ଫଟୋ-ଅନିଲ)

■ ସୋମବାରରୁ ଶ୍ରାବଣ ଆରମ୍ଭ

# ଧବଳେଶ୍ୱର ପୀଠରେ ପ୍ଲାଷ୍ଟିକ୍ ବ୍ୟାନ୍

**ଆଠଗଡ଼, ୧୮।୭ (ସମିସ):** ଆସନ୍ତା ସୋମବାରଠାରୁ ଆରମ୍ଭ ହେଉଛି ଚଳିତବର୍ଷର ପ୍ରଥମ ଶ୍ରାବଣ ମାସ। ରାଜ୍ୟର ବିଭିନ୍ନ ଶୈବପୀଠଗୁଡ଼ିକରେ ଜଳଲାଗି କରିବେ ଶ୍ରଦ୍ଧାଳୁ। ଏଥିପାଇଁ ଚଳଚଞ୍ଚଳ ହୋଇପଡ଼ିଛି ଧବଳେଶ୍ୱର ପୀଠ। ଆଜି ଧବଳେଶ୍ୱର ପୀଠ ପ୍ରଶାସନ ଓ ପୂଜକ ସମିତି ପକ୍ଷରୁ ଏନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ଏଥର ଜଳଲାଗି ନିମନ୍ତେ ପ୍ଲାଷ୍ଟିକ୍ ଡାଳ ବା ଗଡୁକୁ ସମ୍ପୂର୍ଣ୍ଣ ରୂପେ ନିଷେଧ କରାଯାଇଛି। କୌଣସି ପ୍ଲାଷ୍ଟିକ୍ ପାତ୍ରରେ ମହାପ୍ରଭୁଙ୍କ ନିକଟରେ ଜଳ ଲାଗି ହେବନାହିଁ। ଭକ୍ତମାନେ ମାଟିପାତ୍ର କିମ୍ବା ପିତ୍ତଳ ଗଡୁ ସାହାଯ୍ୟରେ ବ୍ୟାରିକେଡ୍‌ରେ ଧାଡ଼ି ବାନ୍ଧି ଶୃଙ୍ଖଳିତ ଭାବରେ ଜଳଲାଗି କରିବେ ବୋଲି ନିଷ୍ପତ୍ତି ନିଆଯାଇଛି।

**ପ୍ଲାଷ୍ଟିକ୍ ପାତ୍ରରେ ହେବ ନାହିଁ ଜଳଲାଗି**

ବୁଧବାର ପୂର୍ବାହ୍ନ ୧୧ଘଟିକା ସମୟରେ ବାବା ଧବଳେଶ୍ୱରଙ୍କ ପୀଠରେ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି ବୈଠକରେ ଆଠଗଡ଼ ତହସିଲଦାର କ୍ଷେତ୍ରମୋହନ ସ୍ୱାଇଁଙ୍କ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଶ୍ରାବଣ ମାସର ପ୍ରତ୍ୟେକ ସୋମବାରରେ କାଉଡ଼ିଆଙ୍କ ଦ୍ୱାରା ଅର୍ପଣ କରାଯାଉଥିବା ଜଳ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟକ୍ରମ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ବିଶେଷକରି ପରିମଳ ବ୍ୟବସ୍ଥା, ଭକ୍ତଙ୍କ ନିମନ୍ତେ ପାନୀୟଜଳର ସୁବିଧା, ସ୍ୱାସ୍ଥ୍ୟ, ଆଲୋକୀକରଣ, ଆଇନଶୃଙ୍ଖଳା ବ୍ୟବସ୍ଥା, ଅଗ୍ନିଶମ ସେବା, ବିଦ୍ୟୁତ ସରବରାହ ଉପରେ ତହସିଲଦାର ଶ୍ରୀ ସ୍ୱାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ତତ୍‌ସମ୍ବନ୍ଧୀୟ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ।

**ସିଂହାସନ ମାଜଣା ଆଜି**

# ବନ୍ଧାଯିବ କନକମୁଣ୍ଡି ଚାନ୍ଦୁଆ

**ପୁରୀ,୧୮।୭(ସମିସ):** ମଠ ସଂସ୍କୃତି ଓ ପରମ୍ପରାକୁ ନେଇ ଶ୍ରୀକ୍ଷେତ୍ର ବେଶ୍ ସମୃଦ୍ଧ। ଶ୍ରୀମନ୍ଦିରରେ ଅଧିକାଂଶ ରୀତିନୀତି ଓ ଯାନିଯାତ୍ରା ସହିତ ମଠଗୁଡ଼ିକର ସମ୍ପର୍କ ବହୁ ପ୍ରାଚୀନ କାଳରୁ ରହିଆସିଛି। ସମ୍ପ୍ରତି ସେହି ପରମ୍ପରା କେତେକାଂଶରେ ଲୋପ ପାଇଯାଇଥିଲେ ହେଁ କେତେକ ରୀତିନୀତି, ବେଶ, ପର୍ବପର୍ବାଣି ସହ ନିର୍ଦ୍ଦିଷ୍ଟ ମଠମାନଙ୍କ ସମ୍ପର୍କ ଏବେ ବି ଅକ୍ଷୁଣ୍ଣ ରହିଛି। ଏଥିମଧ୍ୟରୁ ବଡ଼ଓଡ଼ିଆ ମଠ ଅନ୍ୟତମ। ଶୁକ୍ରବାର ନୀଳାଦ୍ରିବିଜେ। ରତ୍ନସିଂହାସନକୁ ଫେରିଯିବେ ଚତୁର୍ଦ୍ଧାବିଗ୍ରହ। ଏହି ଅବସରରେ ବଡ଼ଓଡିଆ ମଠ ପକ୍ଷରୁ ରତ୍ନସିଂହାସନ ଉପରେ କନକମୁଣ୍ଡି ଚାନ୍ଦୁଆ ବନ୍ଧାଯିବ। ଏଥିସହ ମଠ ମହନ୍ତ ସିଂହାସନ ମାଜଣା କରିବେ। ନୀଳଚକ୍ରରେ ମଠ ପକ୍ଷରୁ ଧ୍ୱଜା ବନ୍ଧାଯିବା ପରେ ରଥାରୁଢ ଠାକୁର ପହଣ୍ଡି ହୋଇ ଶ୍ରୀମନ୍ଦିରକୁ ବିଜେ କରିବା ପରମ୍ପରା ରହିଛି।

ଏ ସମ୍ପର୍କରେ ବଡ଼ଓଡ଼ିଆ ମଠ ମହନ୍ତ ଅଧିକାରୀ ବଂଶୀଧର ଦାସ ଗୋସ୍ୱାମୀ କୁହନ୍ତି, ଗଜପତି ମହାରାଜା ପ୍ରତାପରୁଦ୍ରଦେବଙ୍କ ସମୟରୁ ମଠ ରତ୍ନସିଂହାସନର ରକ୍ଷଣାବେକ୍ଷଣ ଏବଂ ମାଜଣା କରିଆସୁଛି। ପରମ୍ପରା ମୁତାବକ, ନୀଳାଦ୍ରିବିଜେ ଦିନ ସକାଳେ ରତ୍ନସିଂହାସନ ଉପରେ ମଠ ପକ୍ଷରୁ କନକମୁଣ୍ଡି ଚାନ୍ଦୁଆ ବନ୍ଧାଯିବ। ଏଥିପାଇଁ ପାଟ ଏବଂ ସୂତା କପଡ଼ାରେ ଚାନ୍ଦୁଆ ତିଆରି ସରିଛି। ସେହିପରି ମଠ ପକ୍ଷରୁ ନୀଳଚକ୍ରରେ ୧୪ ହାତର ପତାକା (ଧ୍ୱଜା) ବିନା ଦେୟରେ ବନ୍ଧାଯିବ। ସନ୍ଧ୍ୟା ଧୂପ ପରେ ସିଂହାସନ ମାଜଣା ହେବ ବୋଲି ମଠ ମହନ୍ତ କହିଛନ୍ତି।

**ନୀଳଚକ୍ରରେ ଉଡ଼ିବ ୧୪ ହାତର ଧ୍ୱଜା**

ସୂଚନାଯୋଗ୍ୟ, ଗଜପତି ମହାରାଜା ପ୍ରତାପରୁଦ୍ରଦେବଙ୍କ ସମୟରୁ ବଡ଼ଓଡ଼ିଆ ମଠ ମହନ୍ତମାନେ ରତ୍ନସିଂହାସନ ମାଜଣା କରିଆସୁଛନ୍ତି। ନୀଳାଦ୍ରିବିଜେ ଦିନ ମାଜଣା କରାଯାଇଥାଏ। ଶ୍ରୀମନ୍ଦିର ପ୍ରଶାସନଠାରୁ ସୂଚନା ପାଇବା ପରେ ମଠ ମହନ୍ତ ଶ୍ରୀମନ୍ଦିର ଅଭିମୁଖେ ବାହାରିଥାନ୍ତି। ଗର୍ଭଗୃହ ଭିତରକୁ ଯାଇ ସିଂହାସନ ମାଜଣା କରିଥାନ୍ତି। ପୂର୍ବରୁ ମଠରେ ଘୋରା ଯାଇଥିବା ଚନ୍ଦନ, କର୍ପୂର, କେଶର, କସ୍ତୁରୀ ଏବଂ ଚୁଆରେ ମହନ୍ତ ମାଜଣା କରନ୍ତି। ପ୍ରାୟ ଦୁଇଘଣ୍ଟା ଧରି ଏହା ଚାଲେ। ମାଜଣା ସରିବା ପରେ ସିଂହଦ୍ୱାର ଦେଇ ମଠ ମହନ୍ତ ମଠକୁ ଫେରିଥାନ୍ତି।

# ଶ୍ରୀମନ୍ଦିରରେ ଗୋଟିଏ ଦିନ ରସଗୋଲା ଭୋଗ

**ପୁରୀ, ୧୮।୭ (ସମିସ):** ଶ୍ରୀଗୁଣ୍ଡିଚା ଯାତ୍ରାର ଶେଷ ପର୍ବ ନୀଳାଦ୍ରିବିଜେରେ ଶ୍ରୀଜୀଉମାନେ ରତ୍ନସିଂହାସନକୁ ବିଜେ କରିଥାନ୍ତି। ଏହି ଗୋଟିଏ ଦିନ ହିଁ ଶ୍ରୀମନ୍ଦିରରେ ରସଗୋଲା ଭୋଗ ହୋଇଥାଏ। ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ନୀଳାଦ୍ରିବିଜେ ଦିନ ତିନିରଥରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ନୀତି ବଢ଼ିବା ପରେ ପ୍ରତି ରଥରେ ଚାରମାଳ ବନ୍ଧା ଯାଇଥାଏ। ବିଜେ କାହାଳୀ ବାଜିବା ପରେ ବନ୍ଦାପନା ଓ ଭୋଗ ଲାଗି ନୀତି ସମ୍ପନ୍ନ ହୁଏ। ପ୍ରଥମେ ମହାଜନ ସେବକ ମଦନମୋହନ, ରାମ ଓ କୃଷ୍ଣ ବିଗ୍ରହଙ୍କୁ ହସ୍ତରେ ଧରି ଦକ୍ଷିଣୀଘରକୁ ବିଜେ କରାଇଥାନ୍ତି। ଏହାପରେ ଗୋଟି ପହଣ୍ଡି କ୍ରମରେ ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ରତ୍ନସିଂହାସନକୁ ନିଆଯାଏ।

ମହାପ୍ରଭୁ ଶ୍ରୀଜଗନ୍ନାଥ ପହଣ୍ଡି ବିଜେ କରି ଚାର ଉପରକୁ ଓହ୍ଲାଇ ଆସିଲେ ମହାଲକ୍ଷ୍ମୀ ଠାକୁରାଣୀ ରୋଷଘର ନିକଟବର୍ତ୍ତୀ ଭେଟ ମଣ୍ଡପକୁ ଆସିଥାନ୍ତି। ମହାପ୍ରଭୁ ଓ ମହାଲକ୍ଷ୍ମୀଙ୍କର ଭେଟ ହୋଇଥାଏ। ଏହାପରେ ମା' ଲକ୍ଷ୍ମୀ ଠାକୁରାଣୀଙ୍କ ତରଫରୁ ଭିତରଚ୍ଛ ମହାପାତ୍ର ଓ ଶ୍ରୀଜଗନ୍ନାଥଙ୍କ ପକ୍ଷରୁ ପତିମହାପାତ୍ର ସେବକ ବନ୍ଦାପନା ନୀତି ବଢ଼ାଇଥାନ୍ତି।



**ରସଗୋଲା ଖୁଆଇ ଲକ୍ଷ୍ମୀ ସାଆନ୍ତାଣୀଙ୍କ ମାନଭଞ୍ଜନ କରନ୍ତି ମହାପ୍ରଭୁ**

ପରମ୍ପରା ଅନୁଯାୟୀ, ପହଣ୍ଡି ବିଜେ କରି ମହାପ୍ରଭୁ ଶ୍ରୀଜଗନ୍ନାଥ ସିଂହଦ୍ୱାର ନିକଟରେ ପହଞ୍ଚିବା ବେଳେ କିଛି ସମୟ ପାଇଁ ଦ୍ୱାର ବନ୍ଦ ରହେ ଓ ପରେ ଖୋଲି ଦିଆଯାଏ। ମହାପ୍ରଭୁ ଜୟ ବିଜୟ ଦ୍ୱାର ନିକଟରେ ବିଜେ କରିବା ସମୟରେ ଏହି ଦ୍ୱାରକୁ ଭିତରପଟୁ ବନ୍ଦ କରାଯାଏ। ଲକ୍ଷ୍ମୀ ଠାକୁରାଣୀଙ୍କ ତରଫରୁ ଜୟବିଜୟ ଦ୍ୱାରର ଭିତରପଟେ ଜଣେ ଓ ମହାପ୍ରଭୁଙ୍କ ପକ୍ଷରୁ ଜଣେ ଦ୍ୱାରର ଅପରପାର୍ଶ୍ୱରେ ରହନ୍ତି। ଉଭୟଙ୍କ ମଧ୍ୟରେ ଲୋକ ପରମ୍ପରାଗତ ବଚନିକା ହୁଏ। ବଚନିକା ପରେ ଜୟବିଜୟ ଦ୍ୱାର ଖୋଲାଯାଏ। ମହାପ୍ରଭୁ ପହଣ୍ଡିରେ ଯାଇ ଭଣ୍ଡାରଘର ସମ୍ମୁଖରେ ପହଞ୍ଚିବା ପରେ ରୁକ୍ମିଣୀ ବିବାହକାଳୀନ ଗଇଁଠାଳ ଫିଟେ। ଭିତରଚ୍ଛ ମହାପାତ୍ର ବନ୍ଦାପନା ଓ ରସଗୋଲା ଭୋଗ କରିଥାନ୍ତି। ଏହାପରେ ଘଷାବିଡ଼ିଆ ମଣୋହି ସରିଲେ ମହାପ୍ରଭୁ ରତ୍ନସିଂହାସନକୁ ବିଜେ କରିଥାନ୍ତି। ବର୍ଷକ ମଧ୍ୟରେ ଏହି ଗୋଟିଏ ଦିନ ଶ୍ରୀମନ୍ଦିର ଭିତରେ ରସଗୋଲା ଭୋଗ କରାଯାଇଥାଏ। ଭିତରଚ୍ଛ ମହାପାତ୍ରଙ୍କ ଘରେ ଶୁଦ୍ଧପୂତ ଭାବେ ଏହି ରସଗୋଲା ପ୍ରସ୍ତୁତ ହୋଇଥାଏ। କଥିତ ଅଛି, ରଥଯାତ୍ରାରେ ମହାଲକ୍ଷ୍ମୀଙ୍କୁ ସଙ୍ଗରେ ନେଇ ନ ଥିବାରୁ ସେ ମାନ କରିଥାନ୍ତି। ଏହିଦିନ ମହାପ୍ରଭୁ ରସଗୋଲା ଖୁଆଇ ଅଭିମାନିନୀ ଲକ୍ଷ୍ମୀ ସାଆନ୍ତାଣୀଙ୍କ ମାନଭଞ୍ଜନ କରିଥାନ୍ତି। ଏହିଦିନ ଅନେକ ବ୍ୟକ୍ତିବିଶେଷ, ମଠବାଡ଼ି ଓ ସେବକମାନେ ରଥ ଉପରେ ମହାପ୍ରଭୁଙ୍କୁ ରସଗୋଲା ଭୋଗ ଲଗାଇଥାନ୍ତି।

● ପୁଲିସ ଇନ୍ସପେକ୍ଟରଙ୍କୁ ହତ୍ୟା ମାମଲା

# ଜେଲ୍ ଫେରିଲେ ନାରାୟଣ ରେଡ୍ଡୀଙ୍କ ସମେତ ୧୩

**ବ୍ରହ୍ମପୁର, ୧୮।୭ (ସମିସ):** ଟାଟା ଜମି ଅଧିଗ୍ରହଣ ବେଳେ ଜଣେ ପୁଲିସ୍ ଇନ୍ସପେକ୍ଟରଙ୍କୁ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ଛତ୍ରପୁରର ପୂର୍ବତନ ବିଧାୟକ ଏନ୍. ନାରାୟଣ ରେଡ୍ଡୀଙ୍କ ସମେତ ୧୩ ଜଣଙ୍କୁ ଅନ୍ତରୀଣ ଜାମିନ୍ ମିଳିଥିଲା। ଜାମିନ ଅବଧି ସରିବା ପରେ ପୂର୍ବତନ ବିଧାୟକ ନାରାୟଣଙ୍କ ସମେତ ଚମାଖଣ୍ଡିର ଏନ୍. ଦିଲ୍ଲୀପ କୁମାର ରେଡ୍ଡୀ ଓ ଲକ୍ଷ୍ମୀପୁରର ଡି. କାମରାଜୁ ବର୍ମାଙ୍କ ସମେତ ୧୩ଜଣ କୋର୍ଟରେ ହାଜର ହୋଇଥିଲେ। ସମସ୍ତଙ୍କୁ ପୁଣିଥରେ ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ୨୬ ବର୍ଷ ତଳେ ଛତ୍ରପୁରର ସିନ୍ଧିଗାଁଠାରେ ଟାଟା କମ୍ପାନୀର ଜମି ଅଧିଗ୍ରହଣ ବେଳେ ବୋମାମାଡ଼ରେ ରିଜର୍ଭ ପୁଲିସ୍ ଇନ୍ସପେକ୍ଟର୍ ବିନୟ ମେହେରଙ୍କ ମୃତ୍ୟୁ ଘଟିଥିଲା। ଏହି ମାମଲାର ବିଚାର କରି ୨୦୨୩ ଜୁଲାଇ ୩୧ ତାରିଖରେ ବ୍ରହ୍ମପୁରସ୍ଥିତ ଅତିରିକ୍ତ ଜିଲ୍ଲା ଜଜ୍-୩ ପୂର୍ବତନ ବିଧାୟକ ନାରାୟଣଙ୍କ ସମେତ ମୋଟ ୧୩ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଏହାପରେ ନାରାୟଣଙ୍କ ସମେତ ସମସ୍ତ ଦୋଷୀଙ୍କୁ ମଣ୍ଡଳ କାରାଗାରକୁ ପଠାଯାଇଥିଲା। ତଳ କୋର୍ଟର ରାୟକୁ ଚାଲେଞ୍ଜ କରି ନାରାୟଣଙ୍କ ସହ ଅନ୍ୟ ଦୋଷୀମାନେ ନିଜ ଓକିଲଙ୍କ ଜରିଆରେ ହାଇକୋର୍ଟରେ ମୋଟ ୫ଟି ଅପିଲ୍ ଦାଏର କରିଥିଲେ। ହାଇକୋର୍ଟର ୨ ଜଣିଆ ଖଣ୍ଡପୀଠ ଆବେଦନର ଶୁଣାଣି କରିବା ସହ ସମସ୍ତ ଦୋଷୀଙ୍କୁ ଗତ ମେ' ମାସ ୨୧ ତାରିଖରେ ୮ ସପ୍ତାହ ପାଇଁ ଅନ୍ତରୀଣ ଜାମିନ୍ ପ୍ରଦାନ କରିଥିଲେ। ଏହାପରେ ପର୍ଯ୍ୟାୟକ୍ରମେ ପୂର୍ବତନ ବିଧାୟକ ନାରାୟଣଙ୍କ ସମେତ ଅନ୍ୟମାନେ ଜେଲ୍‌ରୁ ବାହାରିଥିଲେ। ଜାମିନ୍ ଅବଧି ସରିବା ପରେ ସମସ୍ତେ କୋର୍ଟରେ ଆତ୍ମସମର୍ପଣ କରି ପୁଣି ଜେଲ୍‌କୁ ଯାଇଛନ୍ତି।

**ଅନ୍ତରୀଣ ଜାମିନ ଅବଧି ଶେଷ**

**ହାଇକୋର୍ଟରେ ୭ଟି ନିର୍ବାଚନୀ ମାମଲା ରୁଜୁ**

# ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନଙ୍କ ସମେତ ୬ବିଧାୟକ ଓ ଜଣେ ସାଂସଦଙ୍କ ନିର୍ବାଚନକୁ ଚାଲେଞ୍ଜ

**କଟକ,୧୮।୭(ସମିସ):** ଓଡ଼ିଶା ହାଇକୋର୍ଟରେ ଗୋଟିଏ ପରେ ଗୋଟିଏ ନିର୍ବାଚନୀ ମକଦ୍ଦମା ରୁଜୁ ହେବାରେ ଲାଗିଛି। ଏହି କ୍ରମରେ ଆଜି ୭ଗୋଟି ନିର୍ବାଚନୀ ମକଦ୍ଦମା ଦାୟର କରାଯାଇଛି। ବିଭିନ୍ନ ବିଧାନସଭା ଆସନ ଓ ସଂସଦୀୟ କ୍ଷେତ୍ର ନିର୍ବାଚନରେ ମିଥ୍ୟା ସତ୍ୟପାଠ, ଗଣତିରେ ଅନିୟମିତତା ଆଦି ପ୍ରସଙ୍ଗରେ ନିର୍ବାଚନୀ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।

ପାଟଣାଗଡ଼ ବିଧାନସଭା ଆସନରୁ ପରାଜିତ ହୋଇଥିବା ବିଜେଡି ପ୍ରାର୍ଥୀ ସରୋଜ କୁମାର ମେହେରଙ୍କ ପକ୍ଷରୁ ଉପ-ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା ପାଇଁ ହାଇକୋର୍ଟରେ ମାମଲା ଦାୟର ହୋଇଛି। ଶ୍ରୀ ସିଂହଦେଓ ସତ୍ୟପାଠରେ ତ୍ରୁଟିପୂର୍ଣ୍ଣ ତଥ୍ୟ ଦେଇଥିବା ଓ ସଠିକ ଭୋଟ ଗଣତି ପ୍ରକ୍ରିୟା ହୋଇନଥିବା ନେଇ ଆବେଦନରେ ଦର୍ଶାଯାଇଛି। ବିଜେପି ପ୍ରାର୍ଥୀ ଶ୍ରୀ ସିଂହଦେଓ ୯୩୮୨୩ ଖଣ୍ଡ ଭୋଟ ପାଇ ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବେଳେ ବିଜେଡି ପ୍ରାର୍ଥୀ ଶ୍ରୀ ମେହେର ୯୨୪୬୬ ଖଣ୍ଡ ଭୋଟ ପାଇଥିଲେ।

ସେହିପରି ବାସୁଦେବପୁର ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ହୋଇ ମାତ୍ର ୬୩୧ଖଣ୍ଡ ଭୋଟରେ ପରାଜିତ ହୋଇଥିବା ବିଷ୍ଣୁବ୍ରତ ରାଉତରାୟଙ୍କ ପକ୍ଷରୁ ଏକ ନିର୍ବାଚନୀ ମାମଲା ରୁଜୁ ହୋଇଛି। ଏଥିରେ ସେ ନିର୍ବାଚିତ କଂଗ୍ରେସ ବିଧାୟକ ଅଶୋକ ଦାସଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା ପାଇଁ ପ୍ରାର୍ଥନା କରିଛନ୍ତି। ଭୁବନେଶ୍ୱର ମଧ୍ୟ ଆସନରୁ ବିଜୟୀ ବିଜେଡି ପ୍ରାର୍ଥୀ ଅନନ୍ତ ନାରାୟଣ ଜେନାଙ୍କ ନିର୍ବାଚନକୁ ଚାଲେଞ୍ଜ କରି ପରାଜିତ ବିଜେପି ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ, ଭୁବନେଶ୍ୱର ଏକାମ୍ର ଆସନରୁ ବିଜୟୀ ବିଜେପି ପ୍ରାର୍ଥୀ ବାବୁ ସିଂଙ୍କ ନିର୍ବାଚନକୁ ଚାଲେଞ୍ଜ କରି ପରାଜିତ ବିଜେଡି ପ୍ରାର୍ଥୀ ଅଶୋକ ପଣ୍ଡା ଓ ବ୍ରହ୍ମପୁର ଆସନରୁ ବିଜୟୀ ବିଜେପି ପ୍ରାର୍ଥୀ କେ.ଅନୀଲ କୁମାରଙ୍କ ନିର୍ବାଚନକୁ ଚାଲେଞ୍ଜ କରି ମନୋଜ କୁମାର ପଣ୍ଡା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। କଣ୍ଟାବାଞ୍ଜିରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବିଜେପି ପ୍ରାର୍ଥୀ ଲକ୍ଷ୍ମଣ ବାଗଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା ପାଇଁ ଗିରିରାଜ ସିଂହ ମାଝୀ ଏକ ମାମଲା ରୁଜୁ କରିଛନ୍ତି।

ଅନ୍ୟପଟରେ ଯାଜପୁର ଲୋକସଭା ଆସନରେ ୧୫୮୭ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ ହୋଇଥିବା ବିଜେଡି ପ୍ରାର୍ଥୀ ଶର୍ମିଷ୍ଠା ସେଠୀଙ୍କ ପକ୍ଷରୁ ନିର୍ବାଚିତ ସାଂସଦ ରବୀନ୍ଦ୍ରନାରାୟଣ ବେହେରାଙ୍କ ନିର୍ବାଚନକୁ ଚାଲେଞ୍ଜ କରାଯାଇଛି। ପ୍ରକାଶଥାଉକି ପୂର୍ବରୁ ନର୍ଲା, ସୋର, ବାଲେଶ୍ୱର, ଝାରସୁଗୁଡା, ସୁକିନ୍ଦା ନିର୍ବାଚନୀ ମାମଲା ହାଇକୋର୍ଟରେ ରୁଜୁ ହୋଇସାରିଛି।

# ପଦ୍ମଶ୍ରୀ କମଳା ପୂଜାରୀ ଅସୁସ୍ଥ; ଏସ୍‌ସିବିରେ ଭର୍ତ୍ତି



**କଟକ/କୋରାପୁଟ,୧୮।୭(ସମିସ):** ପୁଣିଥରେ ଅସୁସ୍ଥ ହୋଇ ଏସ୍‌ସିବି ମେଡିକାଲକୁ ଆସିଛନ୍ତି ପଦ୍ମଶ୍ରୀ କମଳା ପୂଜାରୀ। ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ତାଙ୍କୁ କଟକ ଅଣାଯାଇଥିଲା। ବଡ଼ ମେଡିକାଲର ଭେଷଜ ବିଭାଗ ଆଇସିୟୁରେ ତାଙ୍କର ଚିକିତ୍ସା ଆରମ୍ଭ ହୋଇଛି। ବିଭାଗର ବରିଷ୍ଠ ପ୍ରଫେସର ଡାକ୍ତର ଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଗଠନ ହୋଇଛି। ଏଥିରେ ଭେଷଜ, ପଲମ୍ୟୁନାରୀ ଏବଂ ନେଫ୍ରୋଲୋଜି ବିଭାଗୀୟ ଡାକ୍ତରଙ୍କୁ ସାମିଲ କରାଯାଇଛି। ପଦ୍ମଶ୍ରୀ ପୂଜାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ଡାକ୍ତରୀ ଦଳ ବିଶେଷ ଦୃଷ୍ଟି ଦେଉଛନ୍ତି ବୋଲି ପ୍ରଫେସର ଡାକ୍ତର ପଣ୍ଡା କହିଛନ୍ତି। ସେ ଏହା ମଧ୍ୟ କହିଥିଲେ ଯେ ପୂର୍ବରୁ କିଡନୀ ଜନିତ ସମସ୍ୟାରେ ପଦ୍ମଶ୍ରୀ ପୂଜାରୀ ପୀଡ଼ିତ ଅଛନ୍ତି। ହଠାତ୍ ଜ୍ୱର ହେବାରୁ ତାଙ୍କୁ ଜୟପୁର ମେଡିକାଲକୁ ନିଆଯାଇଥିଲା। ତାଙ୍କ ପାଟିରେ ସଂକ୍ରମଣ ରହିଥିବାରୁ ସେ ଖାଦ୍ୟ ଖାଇ ପାରୁନଥିଲେ। ତାଙ୍କର ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ରକ୍ତହୀନତା ଚିହ୍ନଟ ହୋଇଥିବା ବେଳେ ଶରୀରରେ ୟୁରିଆ କ୍ରିଏଟିନ୍ ବୃଦ୍ଧି ପାଇଛି। ବର୍ତ୍ତମାନ ତାଙ୍କୁ ଡାଏଲିସିସର ଆବଶ୍ୟକତା ପଡ଼ିନାହିଁ। ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ବୋଲି ପ୍ରଫେସର ଡାକ୍ତର ପଣ୍ଡା ଜଣାଇଛନ୍ତି। ପ୍ରକାଶ ଥାଉକି, ଗତ ଜାନୁୟାରୀ ଏବଂ ମାର୍ଚ୍ଚରେ ମଧ୍ୟ ପଦ୍ମଶ୍ରୀ କମଳା ପୂଜାରୀ ଅସୁସ୍ଥ ହୋଇ ଏସସିବି ମେଡିକାଲରେ ଭର୍ତ୍ତି ହୋଇଥିଲେ।

■ ଅନାସ୍ଥା ନୋଟିସ୍‌କୁ ଚାଲେଞ୍ଜ ପ୍ରସଙ୍ଗ

# ଫୁଲବାଣୀ ପୌରପାଳିକା ଅଧ୍ୟକ୍ଷାଙ୍କ ଆବେଦନ ଖାରଜ

**କଟକ, ୧୮।୭(ସମିସ):** ଅନାସ୍ଥା ପ୍ରସ୍ତାବ ନୋଟିସ୍‌କୁ ଚାଲେଞ୍ଜ କରି ଫୁଲବାଣୀ ପୌରପାଳିକା ଅଧ୍ୟକ୍ଷା ସ୍ମିତାରାଣୀ ମହାନ୍ତିଙ୍କ ପକ୍ଷରୁ ରୁଜୁ ମାମଲାକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଫଳରେ ପୌରାଧ୍ୟକ୍ଷାଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ଉପରେ ଆସନ୍ତା ୧୯ରେ ଭୋଟ ପାଇଁ ପଥ ପରିଷ୍କାର ହୋଇଛି।

ସୂଚନାଥାଉକି ଅନାସ୍ଥା ପ୍ରସ୍ତାବ ଉପରେ ଭୋଟ ପାଇଁ କନ୍ଧମାଳ ଜିଲ୍ଲାପାଳ ଗତ ୨୦୨୪, ଏପ୍ରିଲ ୧୫ରେ ଜାରି କରିଥିବା ନୋଟିସକୁ ହାଇକୋର୍ଟ ୨୦୨୪, ଜୁନ ୨୮ ରେ ରଦ୍ଦ କରିଥିଲେ ଓ ସାନି ବୈଠକ ତାରିଖ କର୍ତ୍ତୃପକ୍ଷ ଧାର୍ଯ୍ୟ କରିପାରିବେ ବୋଲି ହାଇକୋର୍ଟ କହିଥିଲେ। ଏହି ଅନୁସାରେ ଅନାସ୍ଥା ଭୋଟ ପାଇଁ ଜିଲ୍ଲାପାଳଙ୍କ ପକ୍ଷରୁ ଦ୍ୱିତୀୟ ନୋଟିସ କରାଯାଇଥିଲା। ଏହାକୁ ଚାଲେଞ୍ଜ କରି ପୌରାଧ୍ୟକ୍ଷା ସ୍ମିତାରାଣୀ ପୁଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବର୍ଷକ ଭିତରେ ଜିଲ୍ଲାପାଳ ଦୁଇଥର ଅନାସ୍ଥା ପ୍ରସ୍ତାବ ନୋଟିସ୍ ଜାରି କରିବା ଆଇନସମ୍ମତ ନୁହେଁ ବୋଲି ଆବେଦନକାରୀ ଦର୍ଶାଇଥିଲେ। ତେବେ ପୂର୍ବରୁ ଯେଉଁ ଗୃହୀତ ପ୍ରସ୍ତାବ ଆଧାରରେ ଏପ୍ରିଲ ୧୫ର ନୋଟିସ୍ ଜାରି କରାଯାଇଥିଲା, ସେହି ସମାନ ପ୍ରସ୍ତାବ ଅନୁସାରେ ଜିଲ୍ଲାପାଳ ସାନି ନୋଟିସ୍ ଜାରି କରିଥିଲେ ବୋଲି ଶୁଣାଣି ସମୟରେ ସ୍ପଷ୍ଟ ହୋଇଥିଲା। ଏଣୁ ହାଇକୋର୍ଟ ସ୍ମିତାରାଣୀଙ୍କ ଆବେଦନ ଖାରଜ କରିଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ ଫୁଲବାଣୀ ପୌରପାଳିକାର ୧୩ଜଣଙ୍କ ମଧ୍ୟରୁ ୧୧ଜଣ କାଉନସିଲର ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ପ୍ରଥମ ଅନାସ୍ଥା ନୋଟିସ ଅଧ୍ୟକ୍ଷାଙ୍କୁ ଛାଡ଼ି ସମସ୍ତ କାଉନସିଲରଙ୍କୁ ପ୍ରଦାନ କରାଯାଇଥିବାରୁ ଜିଲ୍ଲାପାଳଙ୍କ ଏହି ନୋଟିସ୍‌କୁ ହାଇକୋର୍ଟ ରଦ୍ଦ କରି ଅଧ୍ୟକ୍ଷାଙ୍କୁ ନୋଟିସ୍ ଦେଇଥିଲେ। ସାନି ଅନାସ୍ଥା ବୈଠକ ପାଇଁ କର୍ତ୍ତୃପକ୍ଷ ତାରିଖ ଧାର୍ଯ୍ୟ କରିପାରିବେ ବୋଲି ହାଇକୋର୍ଟ କହିଥିଲେ। ଏହି ଅନୁସାରେ ଜିଲ୍ଲାପାଳ ସାନି ଅନାସ୍ଥା ବୈଠକ ନୋଟିସ କରିବାକୁ ଆବେଦନକାରୀ ପୁନର୍ବାର ହାଇକୋର୍ଟରେ ଚାଲେଞ୍ଜ କରିଥିଲେ ମଧ୍ୟ ତାଙ୍କୁ ନିରାଶ ହେବାକୁ ପଡ଼ିଛି।

**ଯାଜପୁର ମେଡିକାଲ କଲେଜକୁ ୫୦ ସିଟ୍ ଅନୁମୋଦନ**

# ଅଧା ସିଟ୍ କଟାଯିବାକୁ ନବୀନଙ୍କ ନାପସନ୍ଦ

**ଭୁବନେଶ୍ୱର,୧୮।୭(ସମିସ):** ଯାଜପୁରରେ ସ୍ଥାପିତ ଯଯାତିକେଶରୀ ମେଡିକାଲ କଲେଜରେ ଏମ୍‌ବିବିଏସ୍ ପାଠ୍ୟକ୍ରମ ପାଇଁ ୫୦ ସିଟ୍‌କୁ ଅନୁମୋଦନ କରିଛି ଭାରତ ସରକାରଙ୍କ ଜାତୀୟ ଆୟୁର୍ବିଜ୍ଞାନ ଆୟୋଗ(ଏନ୍‌ଏମ୍‌ସି)। ଯାଜପୁର ମେଡ଼ିକାଲ କଲେଜ ଚଳିତ ବର୍ଷ କାର୍ଯ୍ୟକ୍ଷମ ହେଉଥିବାରୁ ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଖୁସିବ୍ୟକ୍ତ କରିଛନ୍ତି। ଯାଜପୁରବାସୀଙ୍କୁ ଏଥିପାଇଁ ଶୁଭେଚ୍ଛା ଜଣାଇଛନ୍ତି। ମାତ୍ର ଏନ୍‌ଏମ୍‌ସି ୧୦୦ ଆସନ ବଦଳରେ ୫୦ ଆସନ ଅନୁମୋଦନ କରିଥିବାରୁ ଶ୍ରୀ ପଟ୍ଟନାୟକ ନିରାଶାବ୍ୟକ୍ତ କରିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଯାଜପୁରବାସୀଙ୍କ ସ୍ୱପ୍ନ ବାସ୍ତବତାରେ ପରିଣତ ହୋଇଛି। ଡାକ୍ତରୀ ଶିକ୍ଷା ଓ ରୋଗୀଙ୍କ ଉନ୍ନତ ଯତ୍ନ ସୁବିଧା ଯୋଗାଇ ଦେବା ପାଇଁ ତାଙ୍କ ସରକାର ମେଡିକାଲ କଲେଜ ଖୋଲିବା ନିରନ୍ତର ପ୍ରୟାସ କରୁଥିଲେ ବୋଲି ଉଲ୍ଲେଖ କରି ନବୀନ ଓଡ଼ିଶାବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଅନ୍ୟ ନୂଆ ମେଡ଼ିକାଲ କଲେଜ ଭଳି ଏହି କଲେଜରେ ଖୁବ୍‌ଶୀଘ୍ର ୧୦୦ ସିଟ୍‌ରେ ନାମ ଲେଖା ଅନୁମତି ଦେବାକୁ କେନ୍ଦ୍ର ସରକାର ବିଚାର କରିବେ ବୋଲି ନବୀନ ଆଶା ପ୍ରକଟ କରିଛନ୍ତି।

**ଯାଜପୁରବାସୀଙ୍କୁ ନବୀନଙ୍କ ଶୁଭେଚ୍ଛା**

ନବୀନଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ଏହି ମେଡିକାଲ୍ କଲେଜ ପ୍ରତିଷ୍ଠାନ ହୋଇଥିବା ବେଳେ ୧୦୦ ସିଟ୍‌ରେ ଏମ୍‌ବିବିଏସ୍ ପାଠ ପଢ଼ା ଅନୁମତି ପାଇଁ ଏନ୍‌ଏମ୍‌ସିକୁ ଆବେଦନ କରାଯାଇଥିଲା। ଚଳିତ ବର୍ଷ ଯାଜପୁର ମେଡିକାଲ କଲେଜରେ ପାଠପଢ଼ା ଆରମ୍ଭ ହେବ। ୨୦୧୮ ମସିହାରୁ ରାଜ୍ୟ ସରକାରଙ୍କ ତତ୍ତ୍ୱାବଧାନରେ ଯାଜପୁର ମେଡିକାଲ କଲେଜ କର୍ତ୍ତୃପକ୍ଷ ୧୦୦ ଜଣ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ନିର୍ମାଣ କରିଛନ୍ତି। ରାଜ୍ୟରେ ନୂତନ ଭାବେ ପୂର୍ବରୁ ସ୍ଥାପିତ ମେଡିକାଲ କଲେଜରେ ପୂର୍ବ ନିର୍ଦ୍ଧାରିତ ସିଟ୍ ସଂଖ୍ୟା ମୁତାବକ, କଲେଜରେ ଆଡମିଶନ ହେଉଥିବା ବେଳେ ଯାଜପୁର ମେଡିକାଲ କଲେଜର ସିଟ୍ ସଂଖ୍ୟା ୫୦% ହ୍ରାସ ହେବା ଘଟଣା ରାଜ୍ୟ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଗତରୋଧ କରିବା ଆଶଙ୍କା ସୃଷ୍ଟି କରିଛି।

# ଶିମିଳିପାଳରେ ଝିଙ୍କ ଶିକାର; ପ୍ରଧାନଶିକ୍ଷକଙ୍କ ସମେତ ୨ ଗିରଫ

**ବାରିପଦା,୧୮।୭(ସମିସ):** ଶିମିଳିପାଳ ଅଭୟାରଣ୍ୟରୁ ଝିଙ୍କ ଶିକାର ଘଟଣାରେ ବନ ବିଭାଗ ଜଣେ ପ୍ରାଥମିକ ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ସମେତ ୨ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୧ କେଜି ୧୫୦ଗ୍ରାମ ଝିଙ୍କ ମାଂସ ଓ ୮୮ଟି କଣ୍ଟା (ପର) ସହ ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ଧନୁ ଓ ୩ଟି ତୀର ଜବତ ହୋଇଛି। ଗିରଫ ଶିକାରୀଜଣକ ହେଲେ, କୁଳିଅଣା ଥାନା ଅନ୍ତର୍ଗତ ଆଲୁବଣି ଗ୍ରାମର ଚାମୁଟୁ ହେମ୍ବ୍ରମ (୪୦) ଏବଂ ଗ୍ରାହକଜଣକ ହେଲେ ସେହି ଗ୍ରାମର ବାଇଧର ସୋରେନ (୫୪)। ବାଇଧର ଶ୍ୟାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ହଳଦୀବଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ (ଦକ୍ଷିଣ) ଅଧୀନ ପିଠାବଟା ବନ୍ୟପ୍ରାଣୀ ଉତ୍ତର ରେଞ୍ଜ ଅଞ୍ଚଳରେ ଝିଙ୍କ ଶିକାର ପରେ ଶିକାରୀଜଣଙ୍କ ଶିକ୍ଷକଙ୍କୁ ମାଂସ ବିକ୍ରି କରିବା ସମୟରେ ବନବିଭାଗ କର୍ମଚାରୀ ଧରିବାରେ ସଫଳ ହୋଇଛନ୍ତି। ଅନ୍ୟ ଏକ ଘଟଣାକ୍ରମେ ବନ ବିଭାଗ ଆଜି ଉଦଳାସ୍ଥିତ ପାଟପୁର ଜଙ୍ଗଲରୁ ଜଣେ ଶିକାରୀକୁ ଗିରଫ କରିବା ସହ ବନ୍ଧୁକ, ଗୁଳି ଓ ବାଇକ୍ ଜବତ କରିଛି।

■ ବନ୍ଧୁକ ଓ ଧନୁତୀର ଜବତ
■ ପାଟପୁର ଜଙ୍ଗଲରୁ ଆଉ ଜଣେ ଶିକାରୀ ଗିରଫ

# ୧୧ ଲକ୍ଷ ଟଙ୍କା ନେଇ ପେଟ୍ରୋଲ୍ ପମ୍ପ ମ୍ୟାନେଜର ଫେରାର୍

**ବ୍ରହ୍ମପୁର, ୧୮।୭(ସମିସ):** ସ୍ଥାନୀୟ ଗୋପାଳପୁର କଲେଜ ନିକଟରେ ଥିବା ପ୍ରମୋଦ କିସାନ ସେବା କେନ୍ଦ୍ର ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପରେ କାର୍ଯ୍ୟରତ ମ୍ୟାନେଜର ସାଢ଼େ ୧୧ଲକ୍ଷ ଟଙ୍କା ନେଇ ଫେରାର ହୋଇଯାଇଥିବା ନେଇ ପମ୍ପ ମାଲିକ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ମ୍ୟାନେଜର ମୋବାଇଲକୁ ଟ୍ରାକିଂ କରୁଥିବା ଜଣାପଡ଼ିଛି। ବର୍ତ୍ତମାନ ମ୍ୟାନେଜରଙ୍କ ମୋବାଇଲ ଅଫ ରହିଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, ଗୋପାଳପୁର କଲେଜ ନିକଟରେ ଥିବା ପ୍ରମୋଦ କିସାନ ସେବା କେନ୍ଦ୍ର ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପରେ କେ. ଆଶିଷ ରାଓ ମ୍ୟାନେଜର ଭାବେ କାମ କରନ୍ତି। ଗତକାଲି ପମ୍ପର ମାଲିକ ଚିତ୍ତ ରଞ୍ଜନ ପାଢ଼ୀ ପମ୍ପର ବିକ୍ରି ହୋଇଥିବା ଦୁଇ ଦିନର ୧୧ଲକ୍ଷ ୨୨ହଜାର ୨୩୩ ଟଙ୍କା ମୋନାର୍କ ଛକସ୍ଥିତ ଆକ୍ସିସ ବ୍ୟାଙ୍କରେ ଜମା କରିବାକୁ ଆଶିଷକୁ ଦେଇଥିଲେ। ଟଙ୍କା ଦେବାର କିଛି ସମୟ ପରେ ଆଶିଷକୁ ଫୋନ କରି ଜମା କରିବା କଥା ମାଲିକ ପଚାରି ବୁଝିଥିଲେ। ଦୀର୍ଘ ସମୟ ଧରି ବ୍ୟାଙ୍କରେ ଟଙ୍କା ଜମା ହୋଇନଥିବା ଜାଣିପାରି ମାଲିକ ପୁଣି ଆଶିଷକୁ ଫୋନ କରିଥିଲେ। କିନ୍ତୁ ମ୍ୟାନେଜର ଆଶିଷଙ୍କ ଫୋନ ବନ୍ଦ ଥିଲା। ମ୍ୟାନେଜର ଆଶିଷ ଉକ୍ତ ଟଙ୍କା ଧରି ଫେରାର ହୋଇଯାଇଥିବା ଜାଣିପାରି ଆଜି ମାଲିକ ଚିତ୍ତ ରଞ୍ଜନ ପାଢ଼ୀ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରିଛି। ଏହାସହ ମ୍ୟାନେଜରଙ୍କ ୩ଜଣ ସହଯୋଗୀଙ୍କୁ ଥାନାକୁ ଡାକି ପଚରା ଉଚରା କରୁଥିବା ବେଳେ ମ୍ୟାନେଜର ଆଶିଷ ଫେରାର ଥିବା ପୁଲିସ କହିଛି। ଖୁବଶୀଘ୍ର ମ୍ୟାନେଜରକୁ ପୁଲିସ କାବୁ କରିବ ବୋଲି ପୁଲିସ କହିଛି।

ପୁରାଣ ଓ କିମ୍ବଦନ୍ତୀ ଆମ ପରିଚୟର ଅଂଶ ଓ ଅସ୍ତିତ୍ୱର ଆଧାର
-ସୁଧାମୂର୍ତ୍ତି



ସକାଳ
THE SAKALA

# ଛାୟା ମନ୍ତ୍ରିସଭା: ଏକ ଉତ୍ତମ ପ୍ରୟୋଗ

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଓଡ଼ିଶା ବିଧାନସଭାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ରାଜନୀତିକ ଦୃଷ୍ଟିରୁ ଜଣେ ସର୍ଜନାତ୍ମକ ଓ ପ୍ରୟୋଗବାଦୀ ନେତା। ଶାସନ ହେଉ ବା ପ୍ରଶାସନ କିମ୍ବା ସାଂଗଠନିକ କାର୍ଯ୍ୟ- ସବୁଥିରେ ସେ ନୂତନତ୍ୱର ପରୀକ୍ଷା ନିରୀକ୍ଷା କରନ୍ତି, ଯାହାକୁ ବର୍ତ୍ତମାନର ଯୁଗ 'ଇନୋଭେଟିଭ' ବୋଲି କହୁଛି। ତାଙ୍କର କ୍ରମାଗତ ୨୪ ବର୍ଷର ଶାସନକାଳରେ ଏହି ଶାସନ ଓ ପ୍ରୟୋଗର ନୂଆ ବିଚାର ଓଡ଼ିଶାର ସ୍ଥିତିକୁ ବଦଳାଇ ଏହାକୁ ଦେଶର ଦରିଦ୍ରତମ ଓ ଅନଗ୍ରସର ରାଜ୍ୟରୁ ପ୍ରମୁଖ ପ୍ରଦେଶ ମଧ୍ୟରେ ସ୍ଥାନ ଦେବାରେ ସକ୍ଷମ ହୋଇଥିଲା। ପ୍ରାୟ ଅଢ଼େଇ ଦଶକର ନିରବଚ୍ଛିନ୍ନ ଶାସନ ପରେ ଓଡ଼ିଶା ଲୋକେ ତାଙ୍କୁ ଓ ତାଙ୍କ ଦଳକୁ ବିରୋଧୀ ଆସନରେ ବସାଇଛି ସତ, କିନ୍ତୁ ସମ୍ପୂର୍ଣ୍ଣ ପରିତ୍ୟାଗ କରିନାହିଁ। ବିଧାନସଭାରେ ୫୧ ଜଣ ସଦସ୍ୟ ବିଶିଷ୍ଟ ବିଜେଡି ଉପରେ ଏକ ଶକ୍ତିଶାଳୀ ବିରୋଧୀଦଳର ଦାୟିତ୍ୱ ପଡ଼ିଛି।

ପରିବର୍ତ୍ତିତ ପରିସ୍ଥିତିରେ ନବୀନବାବୁ ବିରୋଧୀ ଦଳରେ ତାଙ୍କ ଦାୟିତ୍ୱ ବୁଝିପାରିଛନ୍ତି ଏବଂ ବିପକ୍ଷରେ ରହି ମଧ୍ୟ ଲୋକଙ୍କର ସେବା କିପରି କରି ହେବ ଏବଂ ରାଜ୍ୟର ପ୍ରଗତିର ଧାରାକୁ ତ୍ୱରାନ୍ୱିତ କରାଯାଇପାରିବ, ସେଥିପାଇଁ ପ୍ରଥମ ଥର ନିମନ୍ତେ ଏକ ନୂଆ ପ୍ରୟୋଗ ଆରମ୍ଭ କରିଛନ୍ତି, ଯାହା 'ଛାୟା ମନ୍ତ୍ରିମଣ୍ଡଳ' ବା 'ଶାଡୋ କ୍ୟାବିନେଟ୍' ଭାବେ ପରିଚିତ। ଏହି ତତ୍ତ୍ୱଟି ଭାରତୀୟ ରାଜନୀତିରେ ବିଶେଷ ପରିଚିତ ନୁହେଁ, ଯଦିଓ ପୂର୍ବରୁ ମହାରାଷ୍ଟ୍ର, ଗୋଆ, ପଞ୍ଜାବ ଓ ଦିଲ୍ଲୀରେ ବିଜେପି ଓ ମଧ୍ୟପ୍ରଦେଶରେ କଂଗ୍ରେସ ଏବଂ କେରଳ ଭଳି କେତେକ ରାଜ୍ୟରେ ଏଭଳି ରାଜନୈତିକ ପ୍ରୟୋଗ କେତେକାଂଶରେ ଦେଖିବାକୁ ମିଳିଥିଲା। ତେବେ ମୋଟାମୋଟି ଭାବେ ଭାରତୀୟ ରାଜନୀତିରେ ଏହା ଏକ ନୂଆ ପ୍ରୟୋଗ ଏବଂ ଏହା ବ୍ରିଟିଶ ସଂସଦୀୟ ପଦ୍ଧତିର ଏକ ଢାଞ୍ଚା। ଅନ୍ୟଭାଷାରେ ଏହାକୁ 'ୱେଷ୍ଟ ମିନିଷ୍ଟର ମଡେଲ' କୁହାଯାଏ ଏବଂ କାନାଡ଼ା, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଭଳି ରାଜ୍ୟଗୋଷ୍ଠୀ (କମନୱେଲ୍‌ଥ) ଭୁକ୍ତ ରାଷ୍ଟ୍ରରେ ଦେଖିବାକୁ ମିଳେ।

ଏହି ଢାଞ୍ଚାର ଉଦ୍ଦେଶ୍ୟ ହେଲା ବିରୋଧୀ ଦଳ ପକ୍ଷରୁ ଶାସକଦଳର କାର୍ଯ୍ୟକୁ ନିରୀକ୍ଷଣ କରିବା ସହ ତ୍ରୁଟିବିଚ୍ୟୁତିକୁ ଲୋକଲୋଚନକୁ ଆଣିବା ଏବଂ ବିକଳ୍ପ ଶାସନର ମାର୍ଗ ବା ଢାଞ୍ଚା ଲୋକଙ୍କ ଆଗରେ ଉପସ୍ଥାପନ କରିବା। ଏଥିରେ ବିରୋଧୀ ଦଳ ନେତା 'ଛାୟା ମୁଖ୍ୟମନ୍ତ୍ରୀ / ପ୍ରଧାନମନ୍ତ୍ରୀ' ଏବଂ ତାଙ୍କ ଦ୍ୱାରା ବିଭିନ୍ନ ବିଭାଗ ପାଇଁ ନିଯୁକ୍ତ 'ଛାୟାମନ୍ତ୍ରୀ'ମାନେ କାର୍ଯ୍ୟ କରିଥା'ନ୍ତି। ଏହି ଛାୟା ମନ୍ତ୍ରିସଭା ବା 'ଶାଡୋ କ୍ୟାବିନେଟ୍'ର କାର୍ଯ୍ୟନିର୍ବାହୀ କ୍ଷମତା ନ ଥିଲେ ମଧ୍ୟ ଏହା ଏକ ଅତି ଦାୟିତ୍ୱସମ୍ପନ୍ନ ବିରୋଧୀ ଦଳ ଭାବେ କାର୍ଯ୍ୟ କରେ ଏବଂ ସରକାରଙ୍କ ପ୍ରତ୍ୟେକ ବିଭାଗର କାର୍ଯ୍ୟ ଏବଂ ପ୍ରତିଟି ନିଷ୍ପତ୍ତି ଉପରେ ଛାୟାମନ୍ତ୍ରୀଙ୍କ କର୍ତ୍ତୃକ ନଜର ରଖି ଦୋଷ ଦୁର୍ବଳତା ପଦାରେ ପକାଏ କିମ୍ବା ଆବଶ୍ୟକ ସ୍ଥଳେ ଗଠନମୂଳକ ପ୍ରସ୍ତାବ ଦେଇଥାଏ। ଏହି ଛାୟା ମନ୍ତ୍ରିମଣ୍ଡଳର ସଦସ୍ୟମାନେ ବିରୋଧୀ ପକ୍ଷର ପୂର୍ବଭାଗର ଆସନ ଅଳଙ୍କୃତ କରି ଯଥାର୍ଥ ବିରୋଧୀ ଦଳର ଦାୟିତ୍ୱ ନିର୍ବାହ କରନ୍ତି।

ଭାରତର ସଂସଦ ସହ ବିଭିନ୍ନ ରାଜ୍ୟରେ ଶାସକ-ବିରୋଧୀଙ୍କ କଥା କଟାକଟି, ଯୁକ୍ତିତର୍କ, ହଙ୍ଗାମା, ହଟ୍ଟଗୋଳ, ବିତଣ୍ଡା ଯୁକ୍ତି, ଧାରଣା ଓ କକ୍ଷତ୍ୟାଗ ଭଳି ଯେଉଁ ସବୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି, ସେଥିରେ ସଂସଦ, ବିଧାନସଭାର ଅତି ମୂଲ୍ୟବାନ ସମୟ ଓ ସର୍ବସାଧାରଣଙ୍କ ଅର୍ଥ ବରବାଦ ହେଉଛି। ସଂସଦୀୟ ବିତର୍କର ମାନ କମିବା ସହିତ ଅପ୍ରୀତିକର ସ୍ଥିତି ସୃଷ୍ଟି ହେଉଛି। ସେ ଦୃଷ୍ଟିରୁ ଦେଖିଲେ ଓଡ଼ିଶା ପାଇଁ ନବୀନ ବାବୁଙ୍କ ଦଳର ଏହି ପ୍ରୟୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଗଠନମୂଳକ ମନେ ହୁଏ। ଅଯଥା ଯୁକ୍ତି, ହଟ୍ଟଗୋଳ ଓ ପାଟିତୁଣ୍ଡରେ ବିଶ୍ୱାସ କରୁ ନଥିବା ବିଜେଡି ଓ ଏହାର ସଂସ୍ଥାପକ ନେତା ଏକ ପୁରୁଣା ସଂସଦୀୟ ଢାଞ୍ଚା ଆପଣାଇ ବିରୋଧୀଦଳର ସକ୍ରିୟତା ତଥା ଉତ୍ତରଦାୟିତ୍ୱକୁ ଅଧିକ ଶୃଙ୍ଖଳିତ, ପଦ୍ଧତିଗତ ତଥା ଗଣତାନ୍ତ୍ରିକ କରିବାକୁ ଚେଷ୍ଟା କରିଛନ୍ତି। ଗଣତନ୍ତ୍ର ନୂଆ ବିଚାର ଓ ପଦ୍ଧତିର ସର୍ବଦା ଏକ ପ୍ରୟୋଗଶାଳା। ଏଥିରେ କିଛି ନୂଆ କରାଯିବା ସମୟର ଆବଶ୍ୟକତା।

ଓଡ଼ିଶାରେ ପ୍ରଥମଥର କ୍ଷମତାକୁ ଆସିଥିବା ବିଜେପିର ବିଧାନସଭାରେ ପ୍ରଚଣ୍ଡ ବହୁମତ ନାହିଁ। ମୋଟ୍ ୧୪୭ ଆସନ ମଧ୍ୟରୁ ଏହି ଦଳକୁ ମିଳିଛି ୭୮ ଆସନ ଓ ତିନିଜଣ ସ୍ୱାଧୀନ ବିଧାୟକ ଶାସକଦଳକୁ ସମର୍ଥନ କରୁଛନ୍ତି। ତୁଳନାତ୍ମକ ଭାବେ ଦେଖିଲେ ବିଜେଡିର ୫୧ ସହିତ ୧୪ କଂଗ୍ରେସ ଓ ଜଣେ ସିପିଆଇଏମ୍ ସଦସ୍ୟଙ୍କ ସମେତ ମୋଟ ୬୬ ଜଣ ବିଧାୟକ ବିରୋଧୀ ଦଳରେ ଅଛନ୍ତି। ଆହୁରି ମଧ୍ୟ ବିଜେପି ସରକାରରେ କେବଳ ଜଣେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କୁ ଛାଡ଼ି ଦେଲେ ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟ କୌଣସି ମନ୍ତ୍ରୀଙ୍କର ଶାସନଗତ ଅଭିଜ୍ଞତା ନାହିଁ ଏବଂ ସେମାନେ ସମସ୍ତେ ପ୍ରଥମଥର ମନ୍ତ୍ରିପଦ ପାଇଛନ୍ତି। ତେଣୁ ଶାସନଗତ ଅଭିଜ୍ଞତା ନଥିବା ଏକ ସରକାର ପାଇଁ ଶାସନ ଚଳାଇବା ଓ ଦୈନନ୍ଦିନ ପ୍ରଶାସନିକ କାର୍ଯ୍ୟ ବୁଝିବା ହଠାତ୍ ସହଜ ହେବ ନାହିଁ ଏବଂ ପ୍ରାରମ୍ଭିକ ସମସ୍ୟା ତଥା ସମନ୍ୱୟର ଅଭାବ ଦେଖାଦେବ। ଏହାଫଳରେ ଦୀର୍ଘ ଅଢ଼େଇ ଦଶନ୍ଧି ଧରି ଚାଲି ଆସିଥିବା ବିକାଶ ପ୍ରକ୍ରିୟା ଉପରେ ଏହାର ପ୍ରଭାବ ପଡ଼ିବା ମଧ୍ୟ ଅସମ୍ଭବ ନୁହେଁ। ତେଣୁ ଛାୟା ମନ୍ତ୍ରିମଣ୍ଡଳ ବିରୋଧୀ ଆସନରେ ରହି ସରକାରଙ୍କ କାର୍ଯ୍ୟକ୍ରମକୁ ଜଗିବା ସହ ଉପଯୁକ୍ତ ପରାମର୍ଶ ଓ ବିକଳ୍ପ ବିକାଶ ମଡେଲ ଦେଇପାରିବ।

ବିଜେଡି ଓ ଏହାର ନେତାଙ୍କର ଏହା ନିଶ୍ଚୟ ଏକ ଗଠନମୂଳକ ଓ ଦୂରଦର୍ଶୀ ପଦକ୍ଷେପ। ଏଥିରେ ସଂସଦୀୟ ଗରିମା ବଢ଼ିବ, ବିରୋଧୀ ପକ୍ଷଙ୍କ ଦାୟିତ୍ୱ ବୃଦ୍ଧି ପାଇବ ଏବଂ ଶାସକଦଳ ମଧ୍ୟ ସତର୍କତାର ସହିତ କାର୍ଯ୍ୟ କରିବାକୁ ବାଧ୍ୟ ହେବ। ଦଳ ପାଇଁ ବଡ଼କଥା ହେଲା ଏହି ଛାୟା କ୍ୟାବିନେଟ୍‌ରେ ବିଜେଡିର ଅନେକ ଯୁବ ବିଧାୟକ ତଥା ନୂଆ ପିଢ଼ିର ନେତା ସ୍ଥାନ ପାଇଛନ୍ତି। ସରକାରଙ୍କ ଛାୟାରେ ହେଉ ପଛେ ସେମାନେ ବିଧାନସଭାରେ ଶାସନ, ଦାୟିତ୍ୱବୋଧ ଓ ସଂସଦୀୟ ଅଭିଜ୍ଞତା ଅର୍ଜନ କରିବେ, ଯାହା ଦଳ ପାଇଁ ଭବିଷ୍ୟତରେ ବିଶେଷ ଉପଯୋଗୀ ହେବ। ଆଞ୍ଚଳିକ ଦଳ ସର୍ବଦା ବ୍ୟକ୍ତି ଓ ନେତା ଆଧାରିତ। ନୂଆ ଯୋଗ୍ୟ ନେତାଙ୍କୁ ଆଗକୁ ଆଣି ଦଳ ଓ ସଂଗଠନକୁ ଆଗେଇ ନେବା ଆଜିର ସମୟର ଆହ୍ୱାନ। ତେଣୁ ନବୀନବାବୁ ଏହି ଛାୟା କ୍ୟାବିନେଟ୍ ମାଧ୍ୟମରେ ନିଜ ଦଳର ବିଧାୟକମାନଙ୍କ ପାଇଁ ନେତୃତ୍ୱର ପାଠଶାଳା ଓ ଅଭିଜ୍ଞତା ଅର୍ଜନର ତାଲିମ ବ୍ୟବସ୍ଥା କରିଛନ୍ତି।

ଏହି ବିଚାର ଓ ପ୍ରୟୋଗକୁ ଆମେ ସ୍ୱାଗତ କରୁଛୁ। ଆହୁରି ମଧ୍ୟ ଆଶା କରୁଛୁ ଯେ ଆମ ସଂସଦରେ ମଧ୍ୟ ଏଭଳି ବ୍ୟବସ୍ଥା ତିଆରି ହୋଇ ଏକ ଅଭିନବ ଗଣତାନ୍ତ୍ରିକ ପ୍ରୟୋଗ ହେଲେ ଭାରତର ଗଣତନ୍ତ୍ର ଓ ଶାସନ ବ୍ୟବସ୍ଥା ସୁଦୃଢ଼ ହେବ।

# ପରିଚୟ ସଙ୍କଟ



ଅମାତ୍ୟ କୁମାର ପ୍ରଧାନ
ସୁନ୍ଦରଗଡ଼, ମୋ: ୯୪୩୭୨୧୯୬୧୩

କିଛିଦିନ ତଳେ ସମାଜ ଦ୍ୱାରା ବିଜ୍ଞ ପରିଗଣିତ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଆୟୋଜିତ ଏକ ରାଜ୍ୟସ୍ତରୀୟ ଉତ୍ସବରେ ଲକ୍ଷ୍ୟ କରାଗଲା ଯେ କେତେଜଣ ମାନ୍ୟଗଣ୍ୟ ଆମନ୍ତ୍ରିତ ଶ୍ରୋତା ବସିବା, ଶୁଣିବା ଓ ଧୈର୍ଯ୍ୟବାନ୍ ହେବାରେ ଅସହଜ ମନେ ହେଉଛନ୍ତି। ସେମାନଙ୍କ ମନ ସଭାର ମୂଳ ଉଦ୍ଦେଶ୍ୟରେ ନିବଦ୍ଧ ନ ରହି ଇତସ୍ତତଃ ଚଳଚଞ୍ଚଳ ହେଉଛି। ସେମାନଙ୍କ ସହ କଥୋପକଥନ ସମୟରେ ଦ୍ୱନ୍ଦ୍ୱ ଓ ଯନ୍ତ୍ରଣାକୁ ଠଉରାଇ ହେଲା। କଥା ହେଲା, ଆୟୋଜକଙ୍କଠାରୁ ଆମନ୍ତ୍ରଣ ପାଇଥିବା ସେହି ଅତିଥିଶ୍ରୋତାମାନେ ମଞ୍ଚ ଉପରେ ସେମାନଙ୍କ ଆସ୍ଥାନ ଥିବ ଭାବି ଅନ୍ୟାନ୍ୟ ଜରୁରୀ କାମ ଛାଡ଼ି ପ୍ରୋକ୍ତ ସଭାକୁ ଆସିଥିଲେ। କିନ୍ତୁ ଆଶା ମଉଳିଗଲା ଯେତେବେଳେ ସେମାନଙ୍କୁ ଶ୍ରୋତା ଆସନରେ ବସିବାକୁ କୁହାଗଲା। ଏହା ହିଁ ସେମାନଙ୍କ ବ୍ୟତିବ୍ୟସ୍ତତାର କାରଣ। ସେମାନେ ମଧ୍ୟ ବକ୍ତାଙ୍କ ଭାଷଣର ଭାବକୁ ଶୁଣି ପାରୁ ନ ଥିଲେ। କାରଣ ସେମାନେ ନିଜକୁ ନିଜେ ବକ୍ତାମାନଙ୍କଠାରୁ ଅଧିକ ପ୍ରଜ୍ଞାବାନ ତଥା ପ୍ରଗଲଭ ବକ୍ତା ବୋଲି ବିବେଚନା କରୁଥିଲେ। କିଛିସମୟ ପରେ ଦୁଇଜଣ ଅଣନିଃଶ୍ୱାସୀ ହୋଇ ସଭା ପ୍ରକୋଷ୍ଠରୁ ବାହାରିଗଲେ।

ଏହାକେବଳ ସେହି ଗୋଟିଏ ନିର୍ଦ୍ଦିଷ୍ଟ ସଭାସମିତି କଥା ନୁହେଁ, ବରଂ ଭିନ୍ନ ଭିନ୍ନ ଅବସରରେ ଏହିଭଳି ଦୃଶ୍ୟ ଓ ଉଦାହରଣର ଅନୁଭୂତି ଆପଣମାନେ ସାଉଁଟି ଥିବେ। ସଭାରେ ଉପସ୍ଥିତି କେତେକ ବ୍ୟକ୍ତି ସଭାର ମୂଳ ଉଦେଶ୍ୟ ଅପେକ୍ଷା ସେମାନଙ୍କର ବ୍ୟକ୍ତିଗତ ସମ୍ମାନକୁ ଆୟୋଜନକାରୀ କେତେମାତ୍ରାରେ ଗୁରୁତ୍ୱ ଦେଉଛନ୍ତି ତା' ଉପରେ ହିଁ ଧ୍ୟାନ କେନ୍ଦ୍ରିତ କରନ୍ତି। ଏହାକୁ ମନସ୍ତତ୍ତ୍ୱବିତ୍‌ମାନଙ୍କ ଭାଷାରେ 'ପରିଚୟ ସଙ୍କଟ' ଦ୍ୱାରା ଆକ୍ରାନ୍ତ ବୋଲି ଅଭିହିତ କରାଯାଇଛି। ଏହି 'ପରିଚୟ ସଙ୍କଟ' ସିଦ୍ଧାନ୍ତ ସମ୍ପର୍କରେ ୧୯୫୦ ମସିହାରେ ପ୍ରଥମେ ପ୍ରଖ୍ୟାତ ମନସ୍ତତ୍ତ୍ୱବିତ୍ ଏରିକସନ ବିଧିବଦ୍ଧ ଭାବେ ଅନୁଧ୍ୟାନ, ଅନୁଶୀଳନ ଓ ଉପସ୍ଥାପନ କରିଥିଲେ। କିଶୋରାବସ୍ଥାରେ ପ୍ରାୟ ସମସ୍ତ ଶିଶୁ 'ପରିଚୟ ସଙ୍କଟ' ଦେଇ ଗତି କରିଥିବା ଲକ୍ଷ୍ୟ କରାଯାଏ। ଏରିକସନ୍‌ଙ୍କ ମତରେ ଏହି ଅବସ୍ଥାରେ ଶିଶୁ ନିଜର ଭୂମିକା ଓ ପରିଚୟ ସ୍ଥାପନ କରିବା ଦିଗରେ ଅନେକ ପରୀକ୍ଷା, ନିରୀକ୍ଷା ଓ ଅନୁଭୂତି ଦେଇ ଗତି କରିଥାଏ, ଯାହାକି ଏକ ସାଧାରଣ ଘଟଣା। ଶିଶୁ ଏହି ପର୍ଯ୍ୟାୟକୁ ପ୍ରାକୃତିକ ଭାବେ ସହଜରେ ଅତିକ୍ରମ କରିଯାଏ। ଶିଶୁର ମାନସିକ ସ୍ୱାସ୍ଥ୍ୟ ଓ ଜୀବନର ପର ପର୍ଯ୍ୟାୟର ସାମାଜିକ ସହାବସ୍ଥାନ ପାଇଁ ଏହା ଏକ ସାହାଯ୍ୟକାରୀ ଅଙ୍ଗ ହୋଇପାରେ। ଆମ ଜୀବନର ଏହିପରି ଆତ୍ମପରିଚୟ ସଂଘାତ ଅନୁଭୂତି ଏକ ସାଧାରଣ କଥା ହୋଇପାରେ, ଯାହାକି ସାମୟିକ। କିନ୍ତୁ ଏହି 'ପରିଚୟ ସଙ୍କଟ' ଦେଇ ଅଧିକ ସମୟ ଧରି ଗତି କରୁଥିବା ବ୍ୟକ୍ତି ପାଇଁ ତାହା ମାନସିକ ବିଷାଦର କାରଣ ହୋଇପାରେ ଏବଂ ଆଧିକ୍ୟ ମାନସିକ ଅସୁସ୍ଥତା ଭଳି ସ୍ଥିତି ସୃଷ୍ଟି କରିପାରେ।

ମାନସିକ ଅବସ୍ଥାରେ ବ୍ୟକ୍ତିଜଣକ କିଏ ଓ ସେ କ'ଣ ଚାହୁଁଛନ୍ତି, ତାହା ସ୍ଥିର କରି ନ ପାରି ଅନିଶ୍ଚିତତା ତଥା ଅତ୍ୟଧିକ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇଥା'ନ୍ତି। ବେଳେବେଳେ ସମାଜଠାରୁ ବିଚ୍ଛିନ୍ନ ମନେ କରିବା, ନିଜ ଜୀବନର ଉଦ୍ଦେଶ୍ୟକୁ ଜାଣି ନ ପାରିବା, ନିଜ ପ୍ରତି ବିଶ୍ୱାସର ଅଭାବ ବୋଧ ଅନୁଭବ କରିବା ତଥା ନିଜର ବର୍ତ୍ତମାନର ଅସ୍ତିତ୍ୱ ସମ୍ପର୍କରେ ସନ୍ଦୀହାନ ହେବା ଭଳି ଲକ୍ଷଣ ପ୍ରକାଶ ପାଇଥାଏ। ଏହିସବୁ ଲକ୍ଷଣଗୁଡ଼ିକ ଅସ୍ଥିରତା ବୃଦ୍ଧି କରିବା ସହିତ ଆତ୍ମପ୍ରତ୍ୟୟକୁ ନିମ୍ନଗାମୀ କରିଥାଏ। ଆମେ ଯେତେବେଳେ ଆମ ନିକଟ ସାମାଜିକ ପରିଧିରେ ଆମର ଉପାଦେୟତା ସମ୍ପର୍କରେ ଆଶଙ୍କାଗ୍ରସ୍ତ ହେଉ, ସେତେବେଳେ ମଧ୍ୟ ଆମ ପରିଚୟ ସଂକଟରେ ଥିଲା ବୋଲି କହିପାରିବା।

ମଣିଷ ସହଜାତ ଭାବେ ଜଣେ ପରିଚୟ ପିପାସୁ ପ୍ରାଣୀ। ସମାଜରେ ଆମେ ନିଜକୁ ଯେତେମାତ୍ରାରେ ପ୍ରତିଷ୍ଠିତ, ବିଜ୍ଞ ବା ଶିକ୍ଷିତ ବୋଲି ଆତ୍ମପ୍ରଚାରରେ ସଂଶ୍ଳିଷ୍ଟ ହେବା ସେହିମାତ୍ରାରେ 'ପରିଚୟ ସଙ୍କଟ'ର ସାମନା କରିବାର ଆଶଙ୍କା ବଢ଼ି ଚାଲିବ। ଜୀବନ ଧାରଣ ପାଇଁ ଅତ୍ୟାବଶ୍ୟକ ଉପାଦାନ ଖାଦ୍ୟ, ବସ୍ତ୍ର ଓ ବାସଗୃହ, ପରିଷ୍କାର ପରିଚ୍ଛନ୍ନତା, ଗମନାଗମନ ଭଳି କେତେକ ଭୌତିକ ଆବଶ୍ୟକତା ପୂରଣ ହେଲା ପରେ ମଧ୍ୟ ମଣିଷ ଯେ ଶାନ୍ତିରେ ରହିବ ତାହାର କୌଣସି ନିଶ୍ଚିତତା ନାହିଁ। ଉପଯୁକ୍ତ ଶିକ୍ଷା, ସ୍ୱାସ୍ଥ୍ୟ ପ୍ରଭୃତି ଭୌତିକ ଉପଲବ୍ଧି ସହ ମଣିଷ ବିଭିନ୍ନ କ୍ଷେତ୍ରରେ 'ସ୍ୱତନ୍ତ୍ର ପରିଚୟ'ର ଆବଶ୍ୟକତା ପାଇଁ ଧାବମାନ। ଜୀବିକା ବା ବୃତ୍ତି କିମ୍ବା ବୟସର ଅବସ୍ଥାନ୍ତର ସମୟରେ ଏହିପରି 'ପରିଚୟ ସଙ୍କଟ'ର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ଜଣେ ଯଦି ଯୌବନରୁ ପ୍ରୌଢ଼ତ୍ୱକୁ ଅଗ୍ରସର ହୁଏ, ସେତେବେଳେ ନିଜର କେଶ ପାଚିବା, ପେଟ ବଢ଼ିବା, ଚର୍ମର ଆକର୍ଷଣ କମିଯିବାକୁ ଲକ୍ଷ୍ୟ କରି ନିଜ 'ପରିଚୟ' ପ୍ରତି ସଂକୋଚଗ୍ରସ୍ତ ହୋଇପାରେ। ଅନେକ ସମୟରେ ଦେଖାଯାଇଛି ଯେ ଚାକିରି ଜୀବନରୁ ଅବସର ଗ୍ରହଣ ସମୟରେ ଅନେକ ବ୍ୟକ୍ତି ସମାଜ ଦ୍ୱାରା ଅଲୋଡ଼ା ମନେକରି ଗଭୀର 'ପରିଚୟ ସଙ୍କଟ' ଦେଇ ଗତି କରିଥା'ନ୍ତି। ଚାକିରି ଜୀବନର ପଦପଦବୀକୁ ଯିଏ ସ୍ଥାୟୀ ବିବେଚନା କରନ୍ତି, ସେମାନଙ୍କ କ୍ଷେତ୍ରରେ ପରବର୍ତ୍ତୀ ବିଷାଦଗ୍ରସ୍ତ ଜୀବନ ବିତେଇବା ପ୍ରାୟ ନିଶ୍ଚିତ।

ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ପାଇଁ ଜଣେ ଅତ୍ୟନ୍ତ ସୃଜନଶୀଳ ହୋଇପାରେ, ଭଲ ଅଭିନେତା, ଭଲ ଚିତ୍ରକର, ଭଲ ସମାଜସେବୀ ବି ହୋଇପାରେ। କିନ୍ତୁ 'ପରିଚୟ ସଙ୍କଟ' ଦେଇ ଗତି କରୁଥିବା ବ୍ୟକ୍ତି ଭିନ୍ନପ୍ରକାର ଜୀବନଶୈଳୀର ଆଶ୍ରୟ ନେଇପାରନ୍ତି। ଅନେକ ସମୟରେ ଏମାନେ ଗୋଷ୍ଠୀରେ ପ୍ରଚଳିତ ନୈତିକତା, ମୂଲ୍ୟବୋଧକୁ ପ୍ରଶ୍ନ କରି ନିଜର ସ୍ୱତନ୍ତ୍ର ମୂଲ୍ୟବୋଧ, ନିଜକୁ ନିଜେ ଜଣେ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ବୋଲି ଅଭିହିତ କରିବା ତଥା ନିଜର ପରିବାରଠାରୁ ଦୂରେଇ ରହିବା ଭଳି ମାନସିକ ଲକ୍ଷଣ ମଧ୍ୟ ଦେଖାଯାଏ। ତେବେ ଏରିକସନଙ୍କ ମତରେ ବ୍ୟକ୍ତି ନିଜ ପାଇଁ ଏକ ଧରାବନ୍ଧା ବା କଠୋର ପରିଚୟ ରଖିବା ଅପେକ୍ଷା ଏକ ନମନୀୟ ବ୍ୟକ୍ତିତ୍ୱ ଭାବେ ରହିଲେ 'ପରିଚୟ ସଙ୍କଟ' ଦେଇ ଗତି କରିବା ଅବସ୍ଥା ଆସିବା ସମ୍ଭାବନା କ୍ଷୀଣ।

ସ୍ଥାନ, କାଳ, ପାତ୍ର ଅନୁଯାୟୀ ପ୍ରାୟ ସମସ୍ତଙ୍କ କ୍ଷେତ୍ରରେ ଏହିପରି 'ପରିଚୟ ସଙ୍କଟ' ସାମୟିକ ଭାବେ ଅନୁଭୂତ ହୋଇପାରେ। 'ପରିଚୟ ସଙ୍କଟ' ଏକ ମାନସିକ ରୋଗ ନୁହେଁ, ଯେଉଁଥିପାଇଁ ପ୍ରାଥମିକ ସ୍ତରରେ ଆମେ ଚିକିତ୍ସକଙ୍କ ସହାୟତା ନେବାକୁ ପଡ଼ିବ। ଏଥିରୁ ମୁକ୍ତ ରହିବାକୁ ହେଲେ 'ସଙ୍କଟ' କୁ ଏକ ସୁଯୋଗର ଅବସର ବୋଲି ମନେ କରିବା ଦ୍ୱାରା ଏହାର ସମାଧାନ ହୋଇପାରିବ। ନିଜର ନିକଟ ସମ୍ପର୍କୀୟଙ୍କ ସହିତ ଗୁଣାତ୍ମକ ସମୟ ଅତିବାହିତ କରିବା ଅଥବା ମୁକ୍ତ ଆଲୋଚନା ଦ୍ୱାରା 'ପରିଚୟ ସଙ୍କଟ' ଜନିତ ବିକାରରୁ ନିଜକୁ ମୁକ୍ତ ରହିପାରିବା। ବ୍ୟକ୍ତିର ପରିଚୟ ଅନ୍ୟମାନେ ନୁହେଁ, ବରଂ ନିଜେ ସ୍ଥିର କରିବାର ମାନସିକତାରୁ 'ପରିଚୟ ସଙ୍କଟ' ଜନିତ ମାନସିକ ଯନ୍ତ୍ରଣାରୁ ମୁକ୍ତ ରହିବାରେ ସହାୟକ ହୋଇଥାଏ। ଭଗବାନଙ୍କ ସୃଷ୍ଟିରେ ସମସ୍ତେ ଅନନ୍ୟ - ଏହି ଧାରଣା ପୋଷଣ ହିଁ ଆମକୁ 'ପରିଚୟ ସଙ୍କଟ' ଜନିତ ବିକାରରୁ ଦୂରେଇ ରଖିପାରିବ। କିନ୍ତୁ 'ପରିଚୟ ସଙ୍କଟ' ଯୋଗୁଁ ଯଦି ନିଦ ନ ହେବା, ଟ୍ରମା, ଅତ୍ୟଧିକ ମାନସିକ ଅସ୍ଥିରତା, ମାନସିକ ବିଷାଦଗ୍ରସ୍ତ ଯୋଗୁଁ ଦୈନନ୍ଦିନ କାର୍ଯ୍ୟ ସମ୍ପାଦନା କରିବାରେ ଅସୁବିଧା ଅନୁଭୂତ ହେବା ଆଦି ଶାରୀରିକ ଓ ମାନସିକ ଲକ୍ଷଣ ଦେଖାଦେଲେ ମନସ୍ତତ୍ତ୍ୱବିତ୍ ଓ ଚିକିତ୍ସକଙ୍କ ପରାମର୍ଶ ଅନୁଯାୟୀ ଔଷଧ ସେବନ ଅଥବା କାଉନ୍‌ସେଲିଂ ଆବଶ୍ୟକ।

# ଓଡ଼ିଶୀ ନୃତ୍ୟରେ 'ରଙ୍ଗ ପୂଜା'



ଡ. ସଙ୍ଗୀତା ଗୋସାଇଁ
ଭୁବନେଶ୍ୱର, ମୋ: ୯୪୩୭୨୮୭୬୨୨

ସାଧାରଣରେ ପ୍ରଶ୍ନଉଠେ 'ରଙ୍ଗ ପୂଜା' କ'ଣ? ଏହା ସବୁବେଳେ କଳାତ୍ମକ କାର୍ଯ୍ୟ ବା ସୃଜନ ସହିତ ଜଡ଼ିତ। 'ରଙ୍ଗ' ଶବ୍ଦଟି ସର୍ବଦା ହସ, ଖୁସି, ଆନନ୍ଦ, ଉତ୍ସବକୁ ସୂଚେଇଥାଏ। ଜୀବନରେ ଅନେକ ରଙ୍ଗର ଅନୁଭବ ହୁଏ। ଇନ୍ଦ୍ରଧନୁର ରଙ୍ଗ, ହୋଲିର ରଙ୍ଗ, ଆମୋଦ ପ୍ରମୋଦର ରଙ୍ଗ। ଏଇ ଜୀବନଟା ବି ଏକ ରଙ୍ଗମଞ୍ଚ। ଆଉ ସେହି ରଙ୍ଗମଞ୍ଚରେ ସମସ୍ତେ ସତସତିକା ଅଭିନୟ କରିଚାଲନ୍ତି। କିନ୍ତୁ ବାସ୍ତବିକ ଜୀବନର ବିଭିନ୍ନ ରଙ୍ଗ ରସକୁ ଫୁଟେଇବାକୁ ଆଉ ପୁନଃସର୍ଜନ କରିବାକୁ ତିଆରି ହୁଏ ରଙ୍ଗମଞ୍ଚ, ଯାହାକି ସମ୍ପୂର୍ଣ୍ଣ ରୂପେ କଳା ପାଇଁ ଉଦ୍ଦିଷ୍ଟ। ଜୀବନର ନିଚ୍ଛକ ସତ୍ୟକୁ କଳା ମାଧ୍ୟମରେ ପରିସ୍ଫୁଟନ କରାଯାଏ ରଙ୍ଗମଞ୍ଚରେ। ସେଥିପାଇଁ ଆବଶ୍ୟକ ହୁଏ କଳାପ୍ରତି ସମର୍ପଣ ଭାବ, ଗୁରୁଙ୍କ ପ୍ରତି ସମ୍ମାନ, ବିଭୁ ପ୍ରୀତି, ସାଧନା ଓ ମାନବିକତା। ତେଣୁ ନିଚ୍ଛକ ପରିପ୍ରକାଶ ବା ସଫଳ ପ୍ରଦର୍ଶନ ପାଇଁ ମଞ୍ଚରେ କଳା ପ୍ରଦର୍ଶନ ପୂର୍ବରୁ କଳାକାର ଭକ୍ତିପୂତ ଚିତ୍ତରେ ରଙ୍ଗମଞ୍ଚକୁ ପ୍ରଣାମ କରିଥାଏ। ଏହି ସମର୍ପଣ ଭାବ ଓ ବାସ୍ତବତାର ପରିପ୍ରକାଶର ପୂର୍ଣ୍ଣତା ସହିତ ଯୋଡ଼ି ହୋଇଛି 'ରଙ୍ଗପୂଜା'। ଭରତଙ୍କ ନାଟ୍ୟଶାସ୍ତ୍ରରେ ମଧ୍ୟ ରଙ୍ଗର ବର୍ଣ୍ଣନା ରହିଛି। ଭାରତୀୟ ସଂସ୍କୃତି ସର୍ବଦା ଶିକ୍ଷା ଦେଇଛି ଯେ କୌଣସି ଭଲକାମର ପ୍ରାରମ୍ଭରୁ ସେହି ଭଗବାନ ବା ନିଜର ବିଶ୍ୱାସ ବା ସେହି ଅଦୃଶ୍ୟ ଶକ୍ତିର ଆରାଧନା କରିବା ଉଚିତ, ଯାହା କି ସଫଳତାର ମାର୍ଗ ଦର୍ଶାଇଥାଏ।

ବିଭିନ୍ନ ଶାସ୍ତ୍ରୀୟ ନୃତ୍ୟ ଶୈଳୀରେ ଯେତେବେଳେ ଛାତ୍ର ବା ଛାତ୍ରୀଟିଏ ଗୁରୁଙ୍କ ଦୃଷ୍ଟିରେ ଏକକ ପରିବେଷଣ ପାଇଁ ଯୋଗ୍ୟ ବିବେଚିତ ହୁଏ, ସେତେବେଳେ ତା'ର ମଞ୍ଚପ୍ରବେଶ ବା ଅନ୍ୟ ଶବ୍ଦରେ କହିଲେ 'ରଙ୍ଗପୂଜା' କରାଯାଏ। ରଙ୍ଗର ଅର୍ଥ ଏଠି ମଞ୍ଚ ଏବଂ କଳା ନୈବେଦ୍ୟ ହିଁ ପୂଜା। ଅତି କମ୍‌ରେ ୬ / ୮ ବର୍ଷ ନୃତ୍ୟ ଶିକ୍ଷା ଓ ରୀତିମତ ଅଭ୍ୟାସ ପରେ ଗୁରୁ ଯଦି ଶିଷ୍ୟକୁ ଉପଯୁକ୍ତ ମଣନ୍ତି, ତେବେ ଯାଇ 'ରଙ୍ଗପୂଜା' ଅନୁଷ୍ଠିତ ହୁଏ ମହାସମାରୋହରେ। ବିଶେଷକରି ଓଡ଼ିଶୀ ନୃତ୍ୟ ଶୈଳୀରେ ନୃତ୍ୟଶିଳ୍ପୀଙ୍କର ପ୍ରଥମ ମଞ୍ଚପ୍ରବେଶ ଏବଂ ସେହି ନୃତ୍ୟଶୈଳୀର ସମସ୍ତ ବିଭବକୁ ଏକକ ଭାବରେ ଦୁଇ ଅଢ଼େଇଘଣ୍ଟା ପ୍ରସ୍ତୁତ କରପାରୁଥିବାର କ୍ଷମତା ତଥା ରସିକ ଦର୍ଶକଙ୍କ ସମ୍ମୁଖରେ ଉପସ୍ଥାପିତ କରିପାରିବାର କୁଶଳତା ହିଁ ସେହି ନିର୍ଦ୍ଦିଷ୍ଟ ଶିଳ୍ପୀଙ୍କର 'ରଙ୍ଗପୂଜା'। କେଉଁଠି ସାଧନାର ଅଭାବ, କେଉଁଠି ବା ନିରୁତ୍ସାହିତ ଭାବ, ପୁଣି ଅବା ପିତାମାତାଙ୍କର ଅନିଚ୍ଛା 'ରଙ୍ଗପୂଜା'ରେ ବାଧକ ହୋଇଥାଏ।

ବର୍ତ୍ତମାନ ସମୟରେ 'ରଙ୍ଗପୂଜା' ଶବ୍ଦଟି ବିଶେଷ ଭାବରେ ବିଦେଶରେ ପ୍ରବାସୀ ଓଡ଼ିଆଙ୍କ ଓଡ଼ିଶୀ ନୃତ୍ୟରେ ବିଶେଷ ଗୁରୁତ୍ୱ ଦିଆଯାଏ। ଆମେରିକାର ଅନେକ ସ୍ଥାନରେ ଓଡ଼ିଶୀ ନୃତ୍ୟର ଆଦର ରହିଛି ଏବଂ ଓଡ଼ିଶୀ ନୃତ୍ୟର ପ୍ରଚାର ପ୍ରସାର ଅଧିକତର ହୋଇପାରୁଛି। ବିଶେଷକରି ଓଡ଼ିଶାରୁ ତଥା ଓଡ଼ିଶା ବାହାରୁ ନୃତ୍ୟଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ଅନୁଷ୍ଠାନ କରି ଶିକ୍ଷାଦାନରେ ବ୍ରତୀ ହୋଇ ପରୋକ୍ଷରେ ଓଡ଼ିଶୀ ନୃତ୍ୟ ପ୍ରତି ଭାରତୀୟ ତଥା ଅଣଭାରତୀୟଙ୍କ ମନକୁ ଆକର୍ଷିତ କରୁଛନ୍ତି। ଅନେକେ ଆଗ୍ରହୀ ହୋଇ ଏହି ନୃତ୍ୟଶିକ୍ଷା କରୁଛନ୍ତି। ସେଥିପାଇଁ ଦେଖିବାକୁ ଓ ଶୁଣିବାକୁ ମିଳୁଛି ବିଦେଶରେ (ବିଶେଷକରି ଆମେରିକାରେ) ଏବଂ ଭାରତରେ ବିଭିନ୍ନ ରାଜ୍ୟରେ (ବିଶେଷକରି ଅଣଓଡ଼ିଆ ସମାଜରେ) 'ରଙ୍ଗପୂଜା'। ଏ ଦିଗରେ ବିଶିଷ୍ଟ ନୃତ୍ୟଗୁରୁ ଓ ନୃତ୍ୟଶିଳ୍ପୀ ଶ୍ରୀମତି ଜ୍ୟୋତି ରାଉତଙ୍କ ଅବଦାନ ଓ ପରିଶ୍ରମ ଧନ୍ୟବାଦାର୍ହ। ସେହିପରି 'ରଙ୍ଗପୂଜା' କଥା ପଡ଼ିଲେ ନୃତ୍ୟଗୁରୁ ନୃତ୍ୟାଙ୍ଗନା ଶ୍ରୀମତୀ ଗାୟତ୍ରୀ ଯୋଶୀ ମାନସପଟ୍ଟକୁ ଆସିଯାଆନ୍ତି।

ପ୍ରାୟତଃ ଏହି ରଙ୍ଗପୂଜା ଜୁନ୍/ଜୁଲାଇ ମାସରେ କରାଯାଇଥାଏ। ବିଶେଷ କରି ନବମ, ଦଶମ ଗ୍ରେଡ୍‌ର ପିଲା, କଲେଜ୍ ପ୍ରବେଶ ପୂର୍ବରୁ ଏହି କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥାଆନ୍ତି। ପ୍ରସ୍ତୁତି ଆରମ୍ଭ ହୋଇଯାଏ ପ୍ରାୟ ବର୍ଷେ ପୂର୍ବରୁ। ଓଡ଼ିଶାରୁ ବା ଭାରତରୁ ପରିବେଷଣ ନିମନ୍ତେ ନିର୍ଦ୍ଧାରିତ ଆଇଟମ୍‌ଗୁଡ଼ିକୁ ରେକର୍ଡିଂ କରି ପଠେଇ ଦିଆଯାଏ। ଓଡ଼ିଶାରୁ ସଙ୍ଗୀତ ସହଯୋଗୀମାନେ ପହଞ୍ଚିଯାଆନ୍ତି ଅନ୍ୟୂନ କାର୍ଯ୍ୟକ୍ରମର ଏକ ସପ୍ତାହ ପୂର୍ବରୁ। ତା'ପରେ ଆରମ୍ଭ ହୋଇଯାଏ ଶିଳ୍ପୀଟିକୁ ନେଇ ଦୁଇବେଳା ଦମଦାର ଅଭ୍ୟାସ।

ବିଦେଶରେ ମୋର ଅନୁଭବରୁ ମୁଁ ଦେଖିଛି ସେଠାକାର ଛାତ୍ରଛାତ୍ରୀଙ୍କୁ ଯେତେଥର ଅଭ୍ୟାସ କରିବାକୁ କହିଲେ ବି ସେମାନେ ହତୋତ୍ସାହିତ ହୁଅନ୍ତି ନାହିଁ କି ଅଭିଯୋଗ କରନ୍ତି ନାହିଁ। ବରଂ ଆହୁରି ଉତ୍ସାହରେ ନୃତ୍ୟାଭ୍ୟାସ କରନ୍ତି। ସେମାନଙ୍କ ମା' ବାପାଙ୍କୁ ଯେତେ ପ୍ରଶଂସା କଲେ ବି କମ୍ ହବ। ସ୍ୱାମୀ, ସ୍ତ୍ରୀ ନିଜ ଭିତରେ କାମ ବାଣ୍ଟି ନେଇଥିବେ। କିଏ ଝିଅକୁ ଷ୍ଟୁଡିଓକୁ ନେବ, କିଏ ଆଣିବ ଇତ୍ୟାଦି। ୧୦୦/୨୦୦ ମାଇଲ୍ ଦୂରରୁ ବି ସେମାନେ ପିଲାମାନଙ୍କୁ ନୃତ୍ୟଶିକ୍ଷା ପାଇଁ ନେଇ ଆସନ୍ତି।

'ରଙ୍ଗପୂଜା' ବ୍ୟୟବହୁଳ। ସତେଯେମିତି ଝିଅ ବାହାଘର। ପ୍ରଥମେ ସଙ୍ଗୀତ ଶିଳ୍ପୀମାନଙ୍କର ଭିସା କରେଇବା, କାର୍ଯ୍ୟକ୍ରମର ରେକର୍ଡିଂ କରାଯିବା, ଯିବା ଆସିବା ଖର୍ଚ୍ଚ, ରହିବା ଖର୍ଚ୍ଚ, ଖାଦ୍ୟପେୟ, ଗୁରୁପୂଜା (ଯେଉଁଦିନ ନୃତ୍ୟଶିଳ୍ପୀଙ୍କ ଘରେ ପୂଜା କରାଯାଇ, ଶିଷ୍ୟାଙ୍କ ପାଦରେ ଗୁରୁ ଘୁଙ୍ଗୁର ପିନ୍ଧେଇ ଦିଅନ୍ତି) ପ୍ରେକ୍ଷାଳୟ ବୁକିଂ, ଶବ୍ଦ ଆଲୋକ ବ୍ୟବସ୍ଥା, ଷ୍ଟେଜ୍ ରିହରସାଲ, କାର୍ଯ୍ୟକ୍ରମ ଦିନ ସମସ୍ତ ଦର୍ଶକଙ୍କର ଟିଫିନ୍ ଓ ଖାଦ୍ୟ ବ୍ୟବସ୍ଥା, ଗୁରୁ ଦକ୍ଷିଣା ଇତ୍ୟାଦି ଇତ୍ୟାଦି। ଏଇ ସବୁର ଖର୍ଚ୍ଚ ବାପା, ମା'ମାନେ ନିଜ ନିଜ ଭିତରେ ବାଣ୍ଟି ନିଅନ୍ତି। ଏକାଗ୍ରତା, ନିଷ୍ଠା, ସମ୍ମାନ 'ରଙ୍ଗପୂଜା'ର ବିଶେଷତ୍ୱ। ସୁବିଧା ନଥିଲେ ଏହି କାର୍ଯ୍ୟକ୍ରମ ରେକର୍ଡିଂରେ ମଧ୍ୟ କରାଯାଏ, ବ୍ୟୟକୁ ଆଖିରେ ରଖି।

କାର୍ଯ୍ୟକ୍ରମ ଦିନର ପୂର୍ବରୁ ପଡୁଥିବା ଗୁରୁବାର ଦିନ, ଦିନବେଳେ ପ୍ରାୟ ଗୁରୁପୂଜା କରାଯାଏ। ନୃତ୍ୟଶିଳ୍ପୀ ଗୁରୁ, ସଙ୍ଗୀତ ସହଯୋଗୀ ଓ ବଡ଼ମାନଙ୍କଠାରୁ ଆଶୀର୍ବାଦ ନିଅନ୍ତି। ଆଉ ଗୁରୁ ତାଙ୍କ ପାଦରେ ନୂଆ ଘୁଙ୍ଗୁର ବାନ୍ଧିଦିଅନ୍ତି। ସେହିଦିନ ଠାରୁ କାର୍ଯ୍ୟକ୍ରମ ନ ସରିବା ପର୍ଯ୍ୟନ୍ତ ଗୁରୁ ଓ ଶିଷ୍ୟଙ୍କର ଆମିଷ ଭକ୍ଷଣ ନିଷେଧ। 'ରଙ୍ଗପୂଜା'ର ଅନ୍ୟ ଏକ ଆକର୍ଷଣ ହୋଇଯାଏ ପାରିବାରିକ ମିଳନ। ଓଡ଼ିଶାରେ, ଭାରତରେ ଓ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ଏହିଭଳି ଦର୍ଶକମାନଙ୍କର ଯୋଗଦାନ ଏହି କାର୍ଯ୍ୟକ୍ରମର ମଜାକୁ ଦ୍ୱିଗୁଣିତ କରିଥାଏ। ସେଥିପାଇଁ ବେଳେବେଳେ ଓଡ଼ିଆ ଏବଂ ସଂସ୍କୃତ ଭାଷା ଛଡ଼ା ସମ୍ପୃକ୍ତ ଶିଳ୍ପୀଙ୍କର ମାତୃଭାଷାକୁ ନେଇ ସଙ୍ଗୀତ ଓ ନୃତ୍ୟ ଓଡ଼ିଶୀ ସଙ୍ଗୀତର ଉପକରଣ ବ୍ୟବହାର କରି ଯଥାସମ୍ଭବ ଓଡ଼ିଶୀ ଶୈଳୀରେ ଗୋଟିଏ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଏ। ପ୍ରବାସୀ ଭାରତୀୟ ଆଉ ପ୍ରବାସୀ ଓଡ଼ିଆଙ୍କର ଆତିଥ୍ୟର ପ୍ରଶଂସା ଯେତେକଲେ ବି କମ୍ ହେବ।

'ରଙ୍ଗପୂଜା' ଆମ ସଂସ୍କୃତି। ଆମର ପରମ୍ପରାର ବାହକ କହିଲେ ବୋଧହୁଏ ଭୁଲ୍ ହେବନାହିଁ। ଦେଶ ବିଦେଶରେ ଏହି 'ରଙ୍ଗପୂଜା' ଆହୁରି ବ୍ୟାପ୍ତ ହେଇ ଆଉ ଓଡ଼ିଶୀ ନୃତ୍ୟ ପ୍ରତି ଅନ୍ୟ ଭାଷାଭାଷୀ ଲୋକଙ୍କର ଶିଖିବା ପାଇଁ ସରାଗ ବଢୁ, ଯାହାକି ପରିଚୟ ଦେବ ଆମ କଳା ସଂସ୍କୃତିର, ଆମ ଭାଷା, ଆମ ସଙ୍ଗୀତ, ଆମ ବସ୍ତ୍ର ତଥା ଆମ ଆଭୂଷଣ ଆଉ କାରିଗରୀର।

# ପ୍ରତିଟି ଓଡ଼ିଆ ରସଗୋଲାର ବ୍ରାଣ୍ଡ ଆମ୍ବାସଡର ହୁଅନ୍ତୁ

ଆଜି ନୀଳାଦ୍ରିବିଜେ। ଦୁଇଟି କାରଣରୁ ଏହି ଦିବସଟି ଆମ ପାଇଁ ମହତ୍ତ୍ୱପୂର୍ଣ୍ଣ। ଗୋଟିଏ ହେଲା ନୀଳାଦ୍ରୀଶ ଶ୍ରୀଜଗନ୍ନାଥ ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଦର୍ଶନଙ୍କ ସହିତ ନବ ଦିନାତ୍ମକ ଘୋଷଯାତ୍ରା ସାରି ନୀଳକନ୍ଦର ରତ୍ନସିଂହାସନକୁ ବାହୁଡ଼ି ଆସନ୍ତି। ଦ୍ୱିତୀୟରେ ଏହି ଦିନଟି ଆମ ଓଡ଼ିଶାର ପ୍ରିୟ ରସଗୋଲାକୁ ଅକୁଣ୍ଠ ଭଲପାଇବାର ନିଦର୍ଶନ ସ୍ୱରୂପ 'ରସଗୋଲା ଦିବସ' ଭାବେ ଗତ ଦଶବର୍ଷ ଧରି ପାଳନ କରାଯାଉଛି।

ଶ୍ରୀଜଗନ୍ନାଥ ସଂସ୍କୃତି ଯେତିକି ପୁରାତନ, ରସଗୋଲା ମଧ୍ୟ ସେତିକି ପ୍ରାଚୀନ। କିନ୍ତୁ ଜାତୀୟ ଗଣମାଧ୍ୟମରେ ରସଗୋଲାକୁ 'ରୋଶୋଗୋଲ୍ଲା / ରସୋଗୋଲ୍ଲା' ଇତ୍ୟାଦି ଭାବରେ ଲେଖାଯାଉଛି କିମ୍ବା ଉଚ୍ଚାରଣ କରାଯାଉଛି। ଏହାଦ୍ୱାରା ଆମ ପ୍ରିୟ ରସଗୋଲା ଉପରେ ବଙ୍ଗାଳୀ ଛାପ ସୃଷ୍ଟି ହେଉଛି। ତେଣୁ ରସଗୋଲା ଓଡ଼ିଶାର ଥିଲା, ରହିଛି ଏବଂ ରହିବ ମଧ୍ୟ। ଏହି ଆପ୍ତ ସତ୍ୟକୁ ଆହୁରି ପ୍ରଚାର ପ୍ରସାର କରିବା ପାଇଁ 'ରସଗୋଲା ଦିବସ'ର ପରିକଳ୍ପନା କରାଯାଇଛି, ଯାହାକୁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ସ୍ୱୀକୃତି ଦେଇଛନ୍ତି।

ବହୁବର୍ଷ ଧରି ଆମ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ ଆମ ରସଗୋଲାକୁ ନିଜ ଆବିଷ୍କାର ବୋଲି ଦାବି କରିଆସୁଥିଲା ଓ ବ୍ୟାପକ ଭାବରେ ପ୍ରଚାର ପ୍ରସାର କରୁଥିଲା। ୨୦୧୫ ପୂର୍ବରୁ ଓଡ଼ିଶାବାସୀଙ୍କ ମଧ୍ୟରୁ ଅନେକେ ଏ ବିଷୟରେ ଅବଗତ ନଥିଲେ। ପଶ୍ଚିମବଙ୍ଗର ଦାବିକୁ ପ୍ରତିହତ କରି 'ରସଗୋଲା ଓଡ଼ିଶାର' - ଏ ବିଷୟରେ ଦୃପ୍ତ କଣ୍ଠରେ ଘୋଷଣା କରିବା ପାଇଁ ପ୍ରଥମରୁ ବୁଦ୍ଧିଜୀବୀ, ଗବେଷକମାନେ ସେତେଟା ଆନ୍ତରିକତା ଓ ନିଷ୍ଠା ପ୍ରଦର୍ଶନ କଲେ ନାହିଁ। ପତ୍ରପତ୍ରିକାରେ ଏ ସମ୍ପର୍କରେ ପର୍ଯ୍ୟାପ୍ତ ଲେଖା ପ୍ରକାଶ ପାଇଲା ନାହିଁ। 'ରସଗୋଲା ଓଡ଼ିଶା'ର - ଏହି ଦୃଢ଼ୋକ୍ତିକୁ ପ୍ରତିଷ୍ଠା କରିବା ପାଇଁ ଏ ଦିଗରେ ପ୍ରଥମେ ଏହି ଲେଖକ ମାର୍ଚ୍ଚ ୧୮ ୨୦୧୫ ରେ ଟ୍ୱିଟରରେ ପ୍ରସ୍ତାବ ଦେଇଥିଲେ। ପରବର୍ତ୍ତୀ ସମୟରେ ବ୍ଲଗ୍ ଓ ସାମାଜିକ ଗଣମାଧ୍ୟମରେ ଫଟୋ ଓ ଲେଖା ମାଧ୍ୟମରେ ଉତ୍ସବ ଆରମ୍ଭ ହୋଇଥିଲା। ସୁଖର କଥା ଅନେକଙ୍କ ଯୋଗଦାନ ଫଳରେ ସାମୂହିକ ଭାବରେ ହ୍ୟାସଟ୍ୟାଗ୍ ବ୍ୟବହାର କରି ଅନଲାଇନରେ ଏ ସମ୍ପର୍କରେ ସୂଚନା ପ୍ରସାରଣ ବ୍ୟାପକ ହୋଇପାରିଲା। ମିଳିତ ଉଦ୍ୟମ, ଯୋଗଦାନ ଏବଂ ଅଂଶଗ୍ରହଣର ଫଳସ୍ୱରୂପ ଜୁଲାଇ ୩୦ ୨୦୧୫ ରେ ଟ୍ୱିଟରରେ 'ହ୍ୟାସଟ୍ୟାଗ-ରସଗୋଲା ଦିବସ' ଆରମ୍ଭ ହେଲା। ଏହାପରେ ଓଡ଼ିଶାର ରସଗୋଲା ସମ୍ପର୍କରେ ଅନେକ ଲେଖା ପ୍ରକାଶ ପାଇଲା। ବାଲୁକା ଶିଳ୍ପ, କାର୍ଟୁନ, ଇତ୍ୟାଦି ପ୍ରସ୍ତୁତ ହେଲା। ଅନଲାଇନ୍ ଯୁଦ୍ଧ ପରେ ଓଡ଼ିଶା ସରକାରଙ୍କ ଉଦ୍ୟମରେ 'ଓଡ଼ିଶା ରସଗୋଲା' ଭାବେ ଆମ ରସଗୋଲା ଜିଆଇ ଟ୍ୟାଗ୍ ପାଇଲା।

ଏ ସବୁ ସତ୍ତ୍ୱେ ସାମାଜିକ ଗଣମାଧ୍ୟମରେ ଛେନା ଓ ରସଗୋଲା ଉଦ୍ଭାବନ ବିଷୟରେ ଭୁଲ ତଥ୍ୟ ପ୍ରକାଶ ପାଉଛି। ଏହି ସବୁ ସୂଚନାର ସମୀକ୍ଷା ପାଇଁ ବିଶେଷଜ୍ଞ ଦ୍ୱାରା ଏକ କମିଟି ଗଠନ କରାଯିବା ଆବଶ୍ୟକ। ଆମକୁ ମଧ୍ୟ ଉତ୍ତମ ଗୁଣବତ୍ତା, ପ୍ୟାକେଜିଂ ଏବଂ ସଠିକ୍ ଉପଲବ୍ଧତା ବଜାୟ ରଖିବା ଆବଶ୍ୟକ। ରସଗୋଲା ବିଷୟରେ ଲେଖିବା ଓ ବିକ୍ରି କରିବା ବେଳେ ଜିଆଇ ଲୋଗୋ ଏବଂ ଟ୍ୟାଗ୍-ଲାଇନ୍ ବ୍ୟବହାର କରିବା ଆବଶ୍ୟକ। ଉପଭୋକ୍ତାମାନଙ୍କୁ ଅଧିକୃତ ବ୍ୟବହାରକାରୀ ଭାବେ ପଞ୍ଜୀକୃତ ହେବାକୁ ପଡ଼ିବ। ରସଗୋଲା ଶ୍ରୀଜଗନ୍ନାଥ ସଂସ୍କୃତି ଏବଂ ବ୍ରାଣ୍ଡ ଓଡ଼ିଶା ସହ ଜଡ଼ିତ। ତେଣୁ ଆମେ ପ୍ରତ୍ୟେକ ଓଡ଼ିଆ ବ୍ରାଣ୍ଡ ରସଗୋଲାର ପ୍ରୋତ୍ସାହିତ ଦୂତ ଭାବେ କାର୍ଯ୍ୟ କରିବା ଜରୁରୀ। ଓଡ଼ିଶାର ରସଗୋଲାକୁ ବିଶ୍ୱଦରବାରରେ ପହଞ୍ଚାଇବାକୁ ହେବ। ତେବେ ହିଁ ଜିଆଇ ମାନ୍ୟତା ସାର୍ଥକ ହେବ ଏବଂ ଆମ ରସଗୋଲା, ଏହାର ପ୍ରସ୍ତୁତକର୍ତ୍ତା, ସଂସ୍କୃତି, ପରମ୍ପରା ଓ ସତ୍ୟର ଜୟ ହେବ।

**ଜୟ ମା'ଲକ୍ଷ୍ମୀ, ଜୟ ଶ୍ରୀଜଗନ୍ନାଥ**
**ବନ୍ଦେ ଉତ୍କଳ ଜନନୀ।**

ଡ. ଅନୀତା ସାବତ
Email- oditatrust@gmail.com

## ଲେଖକ/ଲେଖିକାଙ୍କ ନିମନ୍ତେ ବିଶେଷ ସୂଚନା

୧-'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।

୨- ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।

୩-'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।

୪- ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।

୫-ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।

୬-ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।

୭- 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

**କାର୍ଯ୍ୟନିର୍ବାହୀ ସମ୍ପାଦକ**



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଭୁ ନୃସିଂହନାଥଙ୍କ ବାସି ବାହୁଡ଼ାଯାତ୍ରା



**ବାଲିକୁଦା, ୧୮।୭(ସମିସ):** ବାଲିକୁଦା ବ୍ଲକ ସଂଗ୍ରାମପୁର ପଞ୍ଚାୟତର ପୁରାତନ ଐତିହ୍ୟ ସମ୍ପନ୍ନ ମଠ ଖମାକୁଳ ମଠରେ ବିରାଜିତ ପ୍ରଭୁ ନୃସିଂହନାଥଙ୍କ ବାସି ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପରମ୍ପରା ଅନୁଯାୟୀ ପୁରୀ ଶ୍ରୀ ଜଗନ୍ନାଥଙ୍କ ବାହୁଡା କାର୍ଯ୍ୟ ଶେଷ ହେବାର ପରଦିନ ଏଠାରେ ଅନୁଷ୍ଠିତ ହୋଇଥାଏ।କିନ୍ତୁ ଚଳିତ ବର୍ଷ ଆଷାଢ଼ ସଂକ୍ରାନ୍ତି ହୋଇଥିବା କାରଣରୁ ଏହା ଦୁଇ ଦିନ ବିଳମ୍ବରେ ଅନୁଷ୍ଠିତ ହୋଇଥିଲା।ପ୍ରଥା ଅନୁଯାୟୀ ମହାବାହୁଙ୍କୁ ରଥାରୂଢ କରିବା ପରେ ପୂଜାର୍ଚ୍ଚନା କରାଯାଇ ଶତାଧିକ ଭକ୍ତଙ୍କ ସହାୟତାରେ ବାହୁଡ଼ା ଯାତ୍ରା ଆରମ୍ଭ କରାଯାଇଥିଲା।ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସେବାୟତ ମାନଙ୍କ ସମେତ ସମସ୍ତ ଗ୍ରାମବାସୀ ସହାୟତା ପ୍ରଦାନ କରିଥିଲେ।ସେହିଭଳି କଣିଆ ଗଦାଧର ଜୀଉ ମନ୍ଦିରରେ ବାସି ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଥିଲା।ମନ୍ଦିରର ମାର୍ଫତଦାର ବିରଜା ପ୍ରସାଦ କାନୁନଗୋ ଓ ସାରଦା କାନୁନଗୋଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଏହି ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ କଣିଆ ଗ୍ରାମର ଗ୍ରାମବାସୀମାନେ ସହଯୋଗ କରିଥିଲେ।

### ବାଲିକୁଦା ପଞ୍ଚାୟତ ସମିତି ବୈଠକ

# ୩୦ ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା

ବାଲିକୁଦା, ୧୮।୭(ସମିସ)

ବାଲିକୁଦା ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଷଷ୍ଠ ତମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସ୍ଥାନୀୟ ବିଧାୟକ ଶାରଦା ପ୍ରସନ୍ନ ଜେନା, ବିଡ଼ିଓ ବିକାଶ କୁମାର ମହାନ୍ତି, ବ୍ଲକ ଉପାଧ୍ୟକ୍ଷା ପ୍ରିୟମ୍ବଦା ପଲାଉର, ଜିଲ୍ଲା ପରିଷଦ ସଭ୍ୟ ଜଟାଧାରୀ ଦାସ, ଡଲି ପଣ୍ଡା, ରୁନିଲତା ବେହେରା ଏବିଡ଼ିଓ ସଞ୍ଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ବାଲିକୁଦା ବ୍ଲକର ୩୦ ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ଜନ ପ୍ରତିନିଧି ମାନଙ୍କଠାରୁ ଶୁଣିବା ସହ ଉପରୋକ୍ତ ଅଭିଯୋଗ ସମ୍ପର୍କରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରି ସମାଧାନ କରିବା ପାଇଁ ତାଗିଦ କରିଥିଲେ। ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ ବାଲିକୁଦା ମେଡିକାଲରେ ଦୀର୍ଘ ବର୍ଷ ଧରି ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ସମେତ ନିଶ୍ଚେତକ ଡାକ୍ତର, ମେଡିସିନି ବିଭାଗ ଡାକ୍ତର ନଥିବା ବେଳେ ଶିଶୁ ରୋଗ ବିଶେଷଜ୍ଞ ମେଡିକାଲ ମୁଖ୍ୟ ହୋଇଥିବା କାରଣରୁ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରୁଥିବା କାରଣରୁ ରୋଗୀ ସେବା ବାଧାପ୍ରାପ୍ତ ହେଉଥିବା ନେଇ ଅଭିଯୋଗ କରିଥିଲେ।ଏପରିକି ପ୍ରଶାସନ ଓ ପଞ୍ଚାୟତ ସମିତି ବୈଠକରେ ବାରମ୍ବାର ଏହି ପ୍ରଶ୍ନ ଉତ୍ଥାପନ କରିଥିଲେ ମଧ୍ୟ ତାହା କୌଣସି କାର୍ଯ୍ୟକାରୀ ହେଉ



ନଥିବା କାରଣରୁ କ୍ଷୋଭ ପ୍ରକାଶ କରିଥିଲେ।ସେହିପରି ଜଳ ସମ୍ପଦ ବିଭାଗ ପକ୍ଷରୁ ବାଲିକୁଦା ମୁଖ୍ୟ ବଜାର ମାଛଗାଁ କେନାଲ ନିକଟରେ କେନାଲ ପାଣି ଆସିବା ସମୟରେ ଠିକାଦାର ସଂସ୍ଥା ପକ୍ଷରୁ କାର୍ଯ୍ୟ କରାଯାଉଥିବା ବେଳେ କେନାଲ ମଧ୍ୟରେ ମାଟି ଭର୍ତ୍ତି ରହିଛି।ଫଳରେ ଜଳ ନିଷ୍କାସନରେ ସମସ୍ୟା ସୃଷ୍ଟି କରିବା ସହ ହଜାର ହଜାର ଚାଷୀଙ୍କ ଜୀବନ ଜୀବିକା ଉପରେ ଘୋର ପ୍ରଭାବ ପକାଇବ ବୋଲି ଅଭିଯୋଗ ହୋଇଥିଲା। ବାଲିକୁଦା ବଜାର ଉପରେ ଥିବା ଉଠା ଦୋକାନୀ ମାନଙ୍କ କାରଣରୁ ମୁଖ୍ୟ ବଜାରରେ ଭିଡ଼ ପରିଲକ୍ଷିତ ହେଉଥିବା ବେଳେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଅନେକ ଧନ ଜୀବନ କ୍ଷୟ କ୍ଷତି ଘଟୁଛି।ଏଣୁ ଉକ୍ତ ଦୋକାନୀମାନଙ୍କୁ ଥଇଥାନ କରିବା ସହ ଶୀଘ୍ର ଉଚ୍ଛେଦ ପାଇଁ ବାରମ୍ବାର ଦାବି ହେଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଏହାକୁ ଅଣଦେଖା କରାଯାଉଛି।ସେହିପରି ରାସନକାର୍ଡରେ ଅନେକ ଗରିବ ପରିବାରର ପିଲା ଙ୍କ ନାମ ଯୋଡି ହୋଇ ନଥିବା କାରଣରୁ ସେମାନେ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ ପଡୁଥିବା ବେଳେ ଡିଲର ମନମୁଖୀ ଭାବେ ୩ ମାସର କୋଟାରୁ ୨ କେଜି ଚାଉଳ କାଟି ନେଉଛି।ଏପରିକି ଅନେକ ଡିଲର ଙ୍କ ନିକଟରେ ବହୁତ କାର୍ଡ ରହୁଥିବା ବେଳେ ଖାଉଟି ବହୁ ଦୂରରୁ ଆଣିବାକୁ ବାଧ୍ୟ ହେଉଛନ୍ତି।ତେଣୁ ପଞ୍ଚାୟତ ଆୟତନ ଦୃଷ୍ଟିକୁ ବିଚାରକୁ ନେଇ ଅଧିକ ଡିଲର ପଏଣ୍ଟ ଦେବାକୁ ଦାବି କରିଥିଲେ। ସେହିପରି କାଳିଆ ଯୋଜନାରେ ହିତାଧିକାରୀ ଚୟନ ରେ ଅନିୟମିତା ଓ ସଠିକ ସମୟରେ ସାର ବିହନ ଯୋଗାଇ ଦେବାରେ ବିଫଳ ହେଉଥିବାରୁ କୃଷି ବିଭାଗ ଉପରେ ଅସନ୍ତୋଷ ଜାହିର କରିବା ସହ ସଠିକ ସମୟରେ ସାର ବିହନ ଯୋଗାଇ ଦେବାକୁ ଦାବି ହୋଇଥିଲା।ସେହିପରି ଅପଣ୍ଡରା ପଞ୍ଚାୟତ ପୋଦରୁଆଁ ରାଜସ୍ୱ ଗ୍ରାମରେ ଶ୍ମଶାନ ଗୃହ ନଥିବା କାରଣରୁ ଏଠାରେ ବସବାସ କରୁଥିବା ୧୫୦ ପରିବାର ବର୍ଷା ଦିନର ବର୍ଷାରେ ଜରି ପାଲ ଘୋଡାଇ ଶବ ସଂସ୍କାର କରୁଥିବା କାରଣରୁ ତୁରନ୍ତ ଶ୍ମଶାନ ଗୃହ ଯୋଗାଇ ଦେବାକୁ ଦାବି କରିଥିଲେ ସମିତି ସଭ୍ୟା ସୁମିତ୍ରା ସାହୁ। ଯାହାକୁ ଅଧ୍ୟକ୍ଷ ସମର୍ଥନ କରିବା ସହ ଏହା ଉପରେ ତୁରନ୍ତ ବିଚାର କରାଯିବ ବୋଲି କହିଥିଲେ। ଅଳାଭର ପଞ୍ଚାୟତରେ ବସୁଧା ଯୋଜନା କାର୍ଯ୍ୟ ନିର୍ମାଣ ଅବଧି ଶେଷ ଗୋଟିଏ ବର୍ଷ ବିତିଗଲା ପରେ ମଧ୍ୟ କାର୍ଯ୍ୟ ଶେଷ ହେଉ ନଥିବା ବେଳେ ନଳକୂପ ଯନ୍ତ୍ରପାତି ମିଳୁ ନଥିବା କାରଣରୁ ଅନେକ ନଳକୂପ ଅଚଳ ହୋଇ ପଡ଼ି ରହିଛି। ସେହିପରି କୁଳିଆଗାଁ ଶ୍ମଶାନ ନିକଟରେ ଏକ ଉନ୍ନତ ମାନର ନଳକୂପ ବସାଇବା ପାଇଁ ଦାବି କରିଥିଲେ ସରପଞ୍ଚ ମଧୁଛନ୍ଦା ସ୍ୱାଇଁ। କାରଣ ଶ୍ମଶାନ ନିକଟରେ ଶବ ଦାହ ପୂର୍ବରୁ ବିଧି ଅନୁଯାୟୀ ଯେଉଁ ଗାଧୋଇ କାଠ ପକାଇବା ନିୟମ ରହିଛି ସେଥିରେ ସମସ୍ୟା ସୃଷ୍ଟି ହେଉଛି।ସେହିପରି ଅନେକ ଅଙ୍ଗନବାଡି କର୍ମୀ ନିଯୁକ୍ତିରେ ସାର୍ଟିଫିକେଟ ଜାଲିଆତି ହୋଇଥିବା କାରଣରୁ ଏହାର ତଦନ୍ତ ପାଇଁ ଦାବି କରିଥିଲେ ସମିତି ସଭ୍ୟ ଚିତ୍ତରଞ୍ଜନ ମନ୍ତ୍ରୀ।ଏପରିକି ଦିବ୍ୟାଙ୍ଗ ସଜାଇ ଭେଣ୍ଡିଆ ଭତ୍ତା ଗ୍ରହଣ କରିଥିବା ବିଷୟରେ ଏଥିରେ ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଆଜିର ପଞ୍ଚାୟତ ସମିତି ବୈଠକରେ ସାଂସଦ ବିଭୁ ତରାଇଙ୍କ ପ୍ରତିନିଧି ହିସାବରେ ସତ୍ୟ ସାରଥୀ ମହାନ୍ତି ପ୍ରତିନିଧିତ୍ୱ କରିଥିଲେ।

## ଆରଟିଆଇ ତଥ୍ୟ ଧରାଇଦେଲା ଜାଲିଆତି

# ଡେରାବିଶ ବ୍ଲକ୍‌ରେ ଜାଲ୍ ସାର୍ଟିଫିକେଟ୍‌ରେ ଚାକିରି

**ଡେରାବିଶ, ୧୮।୭ (ସମିସ):** ଗତ କିଛି ଦିନ ତଳେ ଡାକ ବିଭାଗରେ ଜାଲ ସାର୍ଟିଫିକେଟ୍ ଦେଇ ଚାକିରି କରିଥିବା ବହୁ ଛାତ୍ରଛାତ୍ରୀ ଧରାପଡ଼ିବା ଘଟଣା ସାରା ଓଡ଼ିଶାରେ ହଇଚଇ ସୃଷ୍ଟି କରିଥିଲା। ହେଲେ ଏବେ ଡେରାବିଶ ବ୍ଲକରେ ଜାଲ ସାର୍ଟିଫିକେଟ୍ ବଳରେ ଜଣେ ବ୍ୟକ୍ତି ଚାକିରୀ କରିଥିବା ଘଟଣା ଏବେ ନଜରକୁ ଆସିଛି। ଆରଟିଆଇ ତଥ୍ୟ ବଳରେ ଏହି ଘଟଣା ଜଣାପଡ଼ିବା ପରେ ଆଜି ବ୍ଲକ ଅଞ୍ଚଳରେ ହଇଚଇ ସୃଷ୍ଟି ହୋଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଡେରାବିଶ ବ୍ଲକ ମିଶନ ଶକ୍ତି ଅଧୀନରେ ଚାକିରୀ କରିଥିବା ଜଣେ ସିଆରପିଙ୍କ କ୍ଷେତ୍ରରେ।

ସୂଚନା ମୁତାବକ, ଗତ ୨୦୨୩ ମାର୍ଚ୍ଚ ୧ ତାରିଖରେ ଡେରାବିଶ ବ୍ଲକର ୧୮ ଟି ପଞ୍ଚାୟତରେ ସିଆରପି, ଏମ୍‌ବିକେ ଓ ବ୍ୟାଙ୍କମିତ୍ର ପଦବୀ ପୂରଣ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ପଦବୀ ନିମନ୍ତେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନେ ଆବେଦନ କରିପାରିବେ। ସେମାନଙ୍କର ବୟସ ସୀମା ସହିତ ସିଆରପି ପଦବୀ ନିମନ୍ତେ ୧୦ମ ପାସ, ଏମ୍‌ବିକେ



OFFICE OF THE HEADMASTER
SHAKUNTALA VIDYANIKETAN
At- Bodhang, P.O- Benirampur, Via- Tyendakura, Dist- Cuttack, Pin- 754134

ଓ ବ୍ୟାଙ୍କମିତ୍ର ପଦବୀ ନିମନ୍ତେ +୨ ପାଶ୍ ଶିକ୍ଷାଗତ ଯୋଗ୍ୟତା ରହିଥିଲା। ଏଥିରେ ସମ୍ପୃକ୍ତ ପଞ୍ଚାୟତମାନଙ୍କରୁ ବହୁ ଆବେଦନକାରୀ ସେମାନଙ୍କର ଆବଦନ ଫର୍ମ ବ୍ଲକ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ହେଲେ ସେତେବେଳେ ଏହି ପଦବୀ ନିମନ୍ତେ ଚୟନରେ ବହୁ ଅନିୟମିତତା ହୋଇଥିବା ଘଟଣା ସେତେବେଳେ ନଜରକୁ ଆସିଥିଲା। ଯେକୌଣସି ଚୟନ ପ୍ରକ୍ରିୟା ସମୟରେ ଚୟନ କମିଟିରେ ନିଜେ ଆବେଦନକାରୀ ପ୍ରାର୍ଥୀ ନରହିବା ନିୟମ ଥିବା ବେଳେ ଡେରାବିଶ ବ୍ଲକରେ ଏହାର ବ୍ୟତିକ୍ରମ ଦେଖାଦେଇ ଚୟନ କମିଟିରେ ନିଜେ ଆବେଦନକାରୀ ସାମିଲ ହୋଇଥିଲେ। ଏ ସମ୍ପର୍କରେ ବହୁ ଆବେଦନକାରୀ ବ୍ଲକ ମିଶନ ଶକ୍ତି କାର୍ଯ୍ୟାଳୟ, ବିଡ଼ିଓ, ଜିଲ୍ଲା ମିଶନଶକ୍ତି କାର୍ଯ୍ୟାଳୟ ଏପରିକି ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳିନଥିଲା। ଯାହା ଫଳରେ ଏହି ଚୟନ ପ୍ରକ୍ରିୟାରେ ସେତେବେଳେ ବହୁ ଅନିୟମିତତା ହୋଇଥିବାର ଗନ୍ଧ ସ୍ପଷ୍ଟ ବାରି ହୋଇପଡୁଥିଲା। ଏପରିକି କାଉପଡ଼ା ପଞ୍ଚାୟତର ଜଣେ ମେଧାବୀ ଆବେଦନକାରୀ ମଧ୍ୟ ଏହିଭଳି ଅନିୟମିତତା ପାଇଁ ଚାକିରୀରୁ ବଞ୍ଚିତ ହୋଇ ଏବେ ଲୋକାୟୁକ୍ତଙ୍କ ଆଶ୍ରୟ ନେଇଥିବା ଜଣାଯାଇଛି।

ତେବେ ଆଜି ଉପରୋକ୍ତ ପୁରୁଣା ଘଟଣାରେ ଜାଲ ସାର୍ଟିଫିକେଟ ବଳରେ ଚାକିରି ଭଳି ଆହୁରି ଏକ ସଙ୍ଗୀନ ଘୋଟାଲା ଯୋଡ଼ି ହୋଇଯାଇଛି। ଏହି ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଗରାମ ଗ୍ରାମର ସିଆରପି ଚୟନ ତାଲିକାର ଦ୍ୱିତୀୟ ନମ୍ବରରେ ଥିବା ରିନା ପ୍ରତାପଙ୍କ ଆରଟିଆଇ ତଥ୍ୟ ଅନୁସାରେ ଏହି ଗ୍ରାମରେ ସିଆରପି ନିଯୁକ୍ତ ପାଇଥିବା ରାଜଶ୍ରୀ ପରିଜାଙ୍କ ସାର୍ଟିଫିକେଟ ଜାଲ ବୋଲି ଜଣାପଡ଼ିଛି। ରିନା ରାଜଶ୍ରୀଙ୍କ ସ୍କୁଲ ସାର୍ଟିଫିକେଟ ସମ୍ବନ୍ଧରେ ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷା କାର୍ଯ୍ୟାଳୟକୁ ଆରଟିଆଇ ତଥ୍ୟ ମାଗିଥିଲେ। ହେଲେ ଆଟିଆଇ ତଥ୍ୟରେ ଶକୁନ୍ତଳା ବିଦ୍ୟାନିକେତନ ବୋଧଙ୍ଗ ପକ୍ଷରୁ ଲିଖିତ ଭାବେ ଜଣାଇ ଦିଆଯାଇଛି ଯେ, ଗତ ୨୦୧୦ ମସିହା ଆନୁଆଲ୍ ଓ ସପ୍ଲିମେଣ୍ଟାରୀ ମାଟ୍ରିକ ପରୀକ୍ଷାରେ ରାଜଶ୍ରୀ ପରିଜା, ପିତା- ରାଜକିଶୋର ପରିଜା ନାମରେ କୌଣସି ଛାତ୍ରୀ ସେହି ବିଦ୍ୟାଳୟରୁ ପାସ୍ କରିନାହାଁନ୍ତି। ଏଥିରେ ୨୦୧୦ ମସିହାର ରେଜଲ୍ଟ ସିଟ୍ ମଧ୍ୟ ପ୍ରଦାନ କରିଛନ୍ତି। ଏ ଜାଲ ସମ୍ପର୍କରେ ରିନା ଆଜି ଡେରାବିଶ ବିଡ଼ିଓ, ବିପିଏମ୍, ବିପିସିଙ୍କୁ ଅବଗତ କରିଥିବା ଜଣାଯାଇଛି। ତେବେ ଏ ସମ୍ପର୍କରେ ବ୍ଲକ ପ୍ରଶାସନ ପକ୍ଷରୁ କି ପଦକ୍ଷେପ ନିଆଯାଉଛି ତାହା ଦେଖିବାକୁ ବାକି ରହଛି।

## ଦିବ୍ୟାଙ୍ଗଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଇଲା ଆଶୀର୍ବାଦ ସେବା ସଂଗଠନ

**ଜଗତସିଂହପୁର, ୧୮।୭(ସମିସ):** ଜିଲ୍ଲାର ସଦର ବ୍ଲକ ଅନ୍ତର୍ଗତ ଅଁଳା ପଞ୍ଚାୟତ ଅଧିନ ଚାନ୍ଦ ଗାଁର ଯୁଗଳ ନାୟକଙ୍କ ସାନଝିଅ ଦିବ୍ୟାଙ୍ଗ ମଞ୍ଜୁଲତା (୪୨) ନିଜ



ବାପାମାଆ ଓ ଭାଇକୁ ହରାଇବା ପରେ ଅରଣା ଗ୍ରାମରେ ବଡ଼ ଭଉଣୀ ଶକୁନ୍ତଳାଙ୍କ ଘରେ ରହି ଆସୁଥିଲେ। ତେବେ ମଞ୍ଜୁଲତାଙ୍କ ଶରୀର କିଛି ଦିନ ହେବ ଅସୁସ୍ଥ ହେବାପରେ ସେ ରୋଗ ଯନ୍ତ୍ରଣାରେ ଛଟପଟ ହେଉଥିଲେ। ଆଜି ମଞ୍ଜୁଲତା ଗୁରୁତର ହୋଇପଡ଼ିଥିବା ଖବର ପାଇ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଶୀର୍ବାଦ ସେବା ସଂଗଠନ ସଭାପତି ଜଗନ୍ନାଥ ବେହେରା ମଞ୍ଜୁଲତାଙ୍କୁ ଜଗତସିଂହପୁର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଇଥିବା ସୂଚନା ମିଳିଛି।

# ୭୪ ବର୍ଷୀୟ ବୃଦ୍ଧଙ୍କୁ ହାଇକୋର୍ଟରୁ ମିଳିଲା ନ୍ୟାୟ

**କଟକ, ୧୮।୭(ସମିସ):** ପରିବହନ ବିଭାଗରେ କାର୍ଯ୍ୟ କରିଥିବା ଜନୈକ କର୍ମଚାରୀଙ୍କୁ ଅବସରର ୨୩ ବର୍ଷ ପରେ ମିଳିବ ପେନସନ ଓ ଅନ୍ୟ ପ୍ରାପ୍ୟ। ଆବେଦନକାରୀ ୭୪ ବର୍ଷୀୟ ବୃଦ୍ଧଙ୍କୁ ଶେଷରେ ହାଇକୋର୍ଟରୁ ମିଳିଛି ନ୍ୟାୟ। ପେନସନ ପାଇଁ ଆବେଦନକାରୀଙ୍କ ପକ୍ଷରୁ ଦାବିକୁ ସଡ଼କ ଓ

- ଅବସରର ୨୩ବର୍ଷ ପରେ ମିଳିବ ପେନସନ
- ପରିବହନ ବିଭାଗ ସଚିବଙ୍କ ଆଦେଶ ରଦ୍ଦ

ପରିବହନ ବିଭାଗର ସଚିବ ଖାରଜ କରିଦେଇଥିଲେ। ଏହାକୁ ଚାଲେଞ୍ଜ କରି ରୁଜୁ ମାମଲାର ଶୁଣାଣି କରି ପରିବହନ ସଚିବଙ୍କ ଏହି ଆଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ଏଥିସହ ଆସନ୍ତା ୧ ମାସ ମଧ୍ୟରେ ଆବେଦନକାରୀଙ୍କୁ ତାଙ୍କର ପେନସନ ପ୍ରଦାନ ଦିଗରେ ପଦକ୍ଷେପ ନେବାକୁ ରାଜ୍ୟ ପରିବହନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ସନାତନ ଧଳଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ମୁରାରି ଶ୍ରୀ ରମଣ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ ଜଗତସିଂହପୁର ଜିଲ୍ଲା ନିବାସୀ ସନାତନ ପୂର୍ବର ଷ୍ଟେଟ ରୋଡ ଟ୍ରାନ୍ସପୋର୍ଟ(ଏସଟିଏସ)ରେ ଗତ ୧୯୭୩ ନଭେମ୍ବର୧ରେ କ୍ଲିନର ଭାବରେ ଯୋଗ ଦେଇଥିଲେ। ତେବେ ୧୯୭୪ ମେ୧୫ରେ ଏସଟିଏସ ପରିବର୍ତ୍ତନ ହୋଇ ଓଏସଆରଟିସି(ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମ) ହୋଇଥିଲା। ତେବେ ୧୯୭୪ ଏପ୍ରିଲ ୨୨ରେ ଆବେଦନକାରୀଙ୍କୁ ଡ୍ୟୁଟିରୁ ରିଲିଭ କରାଯାଇଥିଲା ଓ ପୁନର୍ବାର ୧୯୭୪ ମେ' ୫ରେ ଓଏସଆରଟିସିରେ କ୍ଲିନର୍ ନିଯୁକ୍ତି ମିଳିଥିଲା। ପୁନର୍ବାର ତାଙ୍କୁ ୧୯୭୪ ଅଗଷ୍ଟ ୨୦ରେ କ୍ଲିନରରୁ ଅବ୍ୟାହତି ଦିଆଯାଇ ସେହି ଦିନ ଟାୟାରମ୍ୟାନ ଭାବେ ନିଯୁକ୍ତି ମିଳିଥିଲା। ୨୦୦୧ ମାର୍ଚ୍ଚ ୧୧ରେ ଆବେଦନକାରୀ ସମ୍ବଲପୁର ଓଏସଆରଟିସିରେ ଟାୟାରମ୍ୟାନ୍ ଥିବା ବେଳେ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ଆବେଦନକାରୀଙ୍କୁ ସେହି ଦିନରୁ ପେନସନ୍ ମିଳି ନଥିଲା। ତେବେ ବିଭାଗର ନିର୍ଦ୍ଦେଶକ୍ରମେ ନିଜ ଇପିଏଫ ସେୟାର ବାବଦରେ ଗତ ୨୦୨୧-୨୨ରେ ୭ ଲକ୍ଷ ୪୨ ହଜାର ଜମା କରିବା ପରେ ପରିବହନ ସଚିବ ଆବେଦନକାରୀଙ୍କର ପେନସନ ଦାବିପତ୍ରକୁ ଖାରଜ କରିଦେଇଥିଲେ। ଏହା ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସୁବିର ପାଳିତଙ୍କ ସମେତ ଆଇନଜୀବୀ ଅମିତାଭ ମିଶ୍ର, ଅଭିଷେକ କେଜ୍ରିୱାଲ ମାମଲା ପରିଚାଳନା କରୁଥିଲେ।

## ପାଲାଗାୟକ ଶେଖର ଜଗନ୍ନାଥ ବେହେରାଙ୍କ ଜୟନ୍ତୀ



ତିର୍ତ୍ତୋଲ, ୧୮।୭(ସମିସ) ବାଲିଘର ଫାଉଣ୍ଡେସନ ତରଫରୁ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଇଦ୍ରିସିଂସ୍ଥିତ ଉତ୍ତରେଶ୍ୱରୀ ମନ୍ଦିର ପରିସରରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପାଲା ଗାୟକ ଶେଖର ଜଗନ୍ନାଥ ବେହେରାଙ୍କ ୯୯ତମ ଜୟନ୍ତୀ ଫାଉଣ୍ଡେସନର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ 'ଓଡିଆ ଭାଷା ସୁରକ୍ଷା ଦିଗରେ ପାଲାର ଭୂମିକା ଓ ଗାୟକ ଶେଖର ଜଗନ୍ନାଥ ବେହେରାଙ୍କ ଅବଦାନ' ଶୀର୍ଷକ ଆଲୋଚନାଚକ୍ରେର ବରିଷ୍ଠ ଆଇନଜୀବୀ ବୀରନାରାୟଣ ପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ନାରାୟଣ ନାୟକ, ମୁଖ୍ୟବକ୍ତା ବିଶିଷ୍ଟ ପାଲା ଗାୟକ ନାରାୟଣ ମହାରଣା, ପାଲାଗାୟିକା ଲକ୍ଷ୍ମୀପ୍ରିୟା ଦାସ, ସମ୍ମାନିତ ଅତିଥି ଶିକ୍ଷାବିତ ବୈଷ୍ଣବ ଚରଣ ନାୟକ, ପଣ୍ଡିତ ଭାସ୍କର ଚନ୍ଦ୍ର ଶତପଥି, ପଣ୍ଡୁଆ ପଞ୍ଚାୟତ ଅବସରପ୍ରାପ୍ତ କର୍ମଚାରୀ ସଂଘ ସମ୍ପାଦକ ଯଦୁମଣି ଦାସ, କବି କୈଳାସ ଚନ୍ଦ୍ର ପ୍ରଧାନ, ପଣ୍ଡିତ ନାଗମଣି କର, ଲେଖିକା ଗୀତାରାଣୀ ସାହୁ, ସବିତାରାଣୀ ବେହେରା, କବି ମନସୁର ଅଲ୍ଲୀ ପ୍ରମୁଖ ଯୋଗଦେଇ ଆଜି ପର୍ଯ୍ୟନ୍ତ ଓଡିଆ ଭାଷା ସାହିତ୍ୟର ସୁରକ୍ଷା ଦିଗରେ ପାଲା ପ୍ରମୁଖ ଭୂମିକା ଗ୍ରହଣ କରିଛି। ପାଲାକୁ ରାଜ୍ୟ ସହ ରାଜ୍ୟ ବାହାରେ ଲୋକପ୍ରିୟ କରିବାରେ ଗାୟକ ଶେଖର ଜଗନ୍ନାଥ ବେହେରା ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ବୋଲି କହିଥିଲେ। ଏଇ ଅବସରରେ ପାଲା ଗାୟକ ଶ୍ରୀ ବେହେରାଙ୍କୁ ଫାଉଣ୍ଡେସନ ତରଫରୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ଦୀର୍ଘ ନିରାମୟ ଜୀବନ କାମନା କରାଯାଇଥିଲା। କବି ହୃଷିକେଶ ଜେନା ଅତିଥି ପରିଚୟ ଓ ସାମ୍ବାଦିକ ଚନ୍ଦନ ଦାସ ଧନ୍ୟବାଦ ଦେଇଥିଲେ।

## ଗଞ୍ଜେଇ ଜବତ, ୩ କୋର୍ଟ ଚାଲାଣ

ପାରାଦୀପ, ୧୮।୭ (ସମିସ): ପାରାଦୀପ ଆଦର୍ଶ ଥାନା ଅଧୀନ ଇଫ୍‌କୋ ଛକ ନିକଟରେ ଥିବା ଏକ ଦୋକାନରୁ ୩ କିଲୋ ୨୩୦ ଗ୍ରାମ ଗଞ୍ଜେଇ ଜବତ କରିଛି ପୁଲିସ। ସେମାନେ ହେଲେ ପ୍ରତାପ



ବେହେରା, ପବିତ୍ର ବେହେରା ଓ ସୌମେନ୍ଦ୍ର ମୋହନ ସାହୁ। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯିବା ସହ ତିନି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ବିଦାୟ ନେଲେ ଜଗତସିଂହପୁର ଜିଲ୍ଲାପାଳ ଅନୁପମ ସାହା

# ଖୁବ୍ କମ୍ ଦିନର କାର୍ଯ୍ୟକାଳ ମଧ୍ୟରେ ପାଲଟିଥିଲେ 'ପିପୁଲ୍ସ କଲେକ୍ଟର'

ଜଗତସିଂହପୁର, ୧୮।୭(ସମିସ)

ସାଧାରଣ ନିର୍ବାଚନ- ୨୦୨୪ ପୂର୍ବରୁ ଜଗତସିଂହପୁର ଜିଲ୍ଲାପାଳ ଭାବରେ ଯୋଗ ଦେଇଥିବା ଆଇଏଏସ ଅଧିକାରୀ ଅନୁପମ ସାହାଙ୍କ ଗତକାଲି ଜିଲ୍ଲାରୁ ବଦଳି ହୋଇଛି। ୨୦୧୨ ବ୍ୟାଚର ଆଇଏଏସ ଅଧିକାରୀ ଶ୍ରୀ ସାହାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଭାବରେ ନୂତନ ନିଯୁକ୍ତି ମିଳିଛି। ଗୁରୁବାର ମଧ୍ୟାହ୍ନ ୧୨ଟାରେ ଜିଲା୍ଲପାଳ ଶ୍ରୀ ସାହା ଜଗତସିଂହପୁର ଛାଡିବା ସମୟରେ ତାଙ୍କୁ ବିଦାୟ ଦିଆଯାଇଥିଲା। ଜଣେ ଦାୟିତ୍ୱ ସମ୍ପନ୍ନ ଅଧିକାରୀ ଭାବରେ ସାଧାରଣ ନିର୍ବାଚନକୁ ଶାନ୍ତି ଓ ଶୃଙ୍ଖଳାର ସହିତ ପରିଚାଳନା ସହିତ ମାତ୍ର ୩ମାସ ମଧ୍ୟରେ ଜିଲ୍ଲା ବିକାଶରେ ତାଙ୍କର ଗୁରୁତ୍ୱପୂର୍ଣ୍ଣର୍ ଭୂମିକାକୁ ନେଇ ବିଭିନ୍ନ ମହଲରେ ସେ ଚର୍ଚ୍ଚାରେ ରହିଆସିଥିଲେ। ସେହିପରି ଜନସାଧାରଣଙ୍କ ଅଭିଯୋଗ ଶୁଣି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା,



ଏହା କିପରି ସମାଧାନ ହେଲା ସେ ସମ୍ପର୍କରେ ପୁଣିଥରେ ବୁଝିବା, ସାଧାରଣ ଲୋକଙ୍କ ଫୋନ ଉଠାଇବା ଓ ସମସ୍ତଙ୍କୁ ଶୁଣିବାକୁ ସମୟ ଦେବାକୁ ନେଇ ଜିଲ୍ଲାର ଜନସାଧାରଣ ତଥା ବୁଦ୍ଧିଜୀବୀ ମହଲରେ ଶ୍ରୀ ସାହା ପିପୁଲସ କଲେକ୍ଟର ଭାବରେ ଗ୍ରହଣୀୟ ହୋଇପାରିଥିଲେ।

ଆଇଏଏସ ଅଧିକାରୀ ଅନୁପମ ସାହା ଗତ ସାଧାରଣ ନିର୍ବାଚନ ପୂର୍ବରୁ ଏପ୍ରିଲ ୬ରେ ଜଗତସିଂହପୁର ଜିଲ୍ଲାପାଳ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ୨୦୨୪ ବିଧାନସଭା ଓ ଲୋକସଭା ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହିତ ପରିଚାଳନା କରିବାକୁ ସେ ଯଥେଷ୍ଟ ଉଦ୍ୟମ କରିଥିଲେ। ସକାଳେ ନିଜେ ବିଭିନ୍ନ ଭୋଟ ଗ୍ରହଣ କେନ୍ଦ୍ର ଗସ୍ତକରି ପ୍ରସ୍ତୁତି ସମ୍ପର୍କରେ ପ୍ରତ୍ୟକ୍ଷ ଯାଞ୍ଚ ସହିତ ସେହିଦିନ ଅପରାହ୍ନରେ ନିର୍ବାଚନ ପରିଚାଳନାକୁ ନେଇ ସରକାରୀ ଅଧିକାରୀ ଓ ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ସହିତ ସମନ୍ୱୟ ରକ୍ଷା କରି କାର୍ଯ୍ୟକରିବା ତାଙ୍କର କାର୍ଯ୍ୟ ଦକ୍ଷତା ସମ୍ପର୍କରେ ଜଣାପଡ଼ିଥିଲା। ଜିଲ୍ଲାରେ ହୋଇଥିବା ଭୋଟ ଗ୍ରହଣ, ଭୋଟ ବାକ୍ସର ସୁରକ୍ଷା ତଥା ଭୋଟ ଗଣତି କାର୍ଯ୍ୟକୁ ସେ ସୁଚାରୁରୂପେ ସୁପରିଚାଳନା କରିଥିଲେ। ଏପରିକି ଅନ୍ୟାନ୍ୟ ନିର୍ବାଚନ ଅପେକ୍ଷା ୨୦୨୪ ନିର୍ବାଚନ ଜିଲ୍ଲାରେ ଅଧିକ ଶାନ୍ତି ଓ ଶୃଙ୍ଖଳାର ସହିତ ହୋଇପରିଥିଲା। ଯାହାର ଶ୍ରେୟ ଜିଲ୍ଲାପାଳ ଶ୍ରୀ ସାହାଙ୍କ ନିକଟକୁ ଯାଇଥିଲା। ଏପରିକି ଶ୍ରୀ ସାହାଙ୍କ ନିର୍ବାଚନ ପରିଚାଳନାକୁ ନେଇ ଜିଲ୍ଲାର ବିଭିନ୍ନ ରାଜେନୈତିକ ଦଳ ଓ ପ୍ରାର୍ଥୀମାନେ ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ପ୍ରଶାସନ ଉପରେ ସନ୍ତୁଷ୍ଟ ରହିଥିଲେ। ଶ୍ରୀ ସାହାଙ୍କ ଅନ୍ୟାନ୍ୟ ପଦକ୍ଷେପ ମଧ୍ୟରେ ଜଗତସିଂହପୁରର ଆରାଧ୍ୟ ଦେବୀ ମା' ଶାରଳାଙ୍କ ମନ୍ଦିର ଉନ୍ନତିକରଣ ପାଇଁ ଚାଲିଥିବା '୫-ଟି' କାମକୁ ତ୍ୱରାନ୍ୱିତ କରିବାକୁ ଚେଷ୍ଟା କରିଥିଲେ। ଶାରଳା ମନ୍ଦିର ପରିସରରେ ଚାଲିଥିବା ଭୋଗ ଦୋକାନୀ ଜନସାଧାରଣଙ୍କୁ ଚଡା ଦାମରେ ଭୋଗ ବିକିବା ତଥା ଚୁକ୍ତି ଉଲଂଘନ କରିବା ବିରୋଧରେ କଡା ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସିଦ୍ଧଳ ରଥଯାତ୍ରା ସୁପରିଚାଳନାରେ ତାଙ୍କର ଭୂମିକା ଉଲ୍ଲେଖଯୋଗ୍ୟ ରହିଥିଲା। ଜିଲ୍ଲାରେ ଅନ୍ତର୍ଯ୍ୟାତୀୟ ଯୋଗ ଦିବସକୁ ସେ ସଫଳ ପରିଚାଳନା କରିଥିଲେ। ଜିଲ୍ଲାର ପରିବେଶ ସୁରକ୍ଷାରେ ତାଙ୍କ ଭୂମିକା ଉଲ୍ଲେଖନୀୟ ରହିଥିଲା। ଜିଲ୍ଲାରେ ପାଖାପାଖି ଅଢେଇ ଲକ୍ଷ ବୃକ୍ଷ ରୋପଣ କରିବାକୁ ସେ ଜଙ୍ଗଲ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ବିଳମ୍ବରେ ଆସୁଥିବା କର୍ମଚାରୀଙ୍କ ଉପସ୍ଥାନ ରିପୋର୍ଟ ମାଗି ସେମାନଙ୍କୁ ଠିକ ସମୟରେ ଆସିବାକୁ ଏକ ପ୍ରକାର ବାଧ୍ୟ କରିଥିଲେ। ଲୋକଙ୍କ ଅଭିଯୋଗ ଓ ସମସ୍ୟାକୁ ସେ ସବୁବେଳେ ପ୍ରାଥମିକତା ବା ଗୁରୁତ୍ୱ ଦେଇ ଆସିଥିଲେ। ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିବାକୁ ସେ ସରକାରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବା ସହିତ ପରେ ଏହାର କଣ ସମାଧାନ ହୋଇଛି ସେ ସମ୍ପର୍କରେ ସେ ରିପୋର୍ଟ ମାଗୁଥିଲେ। ଖୁବ କମଦିନ ମଧ୍ୟରେ ସେ ଲୋକଙ୍କ ହୃଦୟରେ ଛାପ ଛାଡିଯାଇଥିବା ନେଇ ଜିଲ୍ଲାର ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ଏସବୁ ସତ୍ତ୍ୱେ ଖୁବ କମ ଦିନରେ ତାଙ୍କର ବଦଳି ଜିଲ୍ଲାର ବିକାଶଧାରାକୁ ପ୍ରଭାବିତ କରିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

## ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ, ଜଣେ ଗିରଫ

**କୁଜଙ୍ଗ, ୧୮।୭(ସମିସ):**କୁଜଙ୍ଗ ଥନା ଅନ୍ତର୍ଗତ ବାମଦେଇପୁର ଗ୍ରାମରେ ଜବରଦଖଲ ଉଚ୍ଛେଦ ପାଇଁ ଉଦ୍ୟମ ଓ ଏହାକୁ ନେଇ ଛକାପଞ୍ଝା, ପାରିବାରିକ ପୂର୍ବ ଶତ୍ରୁତାକୁ ନେଇ ଦୁଇ ପରିବାର ମଧ୍ୟରେ ହାଣ କାଟ ହେବା ଓ ସେଥିରେ ଜଣେ ଆହତ ହେବା ନେଇ ଥାନାରେ ଅଭିଯୋଗ ହୋଇଛି। ଯାହାକୁ ନେଇ ପୁଲିସ୍ କୁଜଙ୍ଗ ଥାନା ଅନ୍ତର୍ଗତ ବାମଦେଇପୁର ଗ୍ରାମର ବିଚିତ୍ର ମହାନ୍ତିଙ୍କ ପୁଅ ପଦ୍ମଲୋଚନ ମହାନ୍ତିକୁ ଗିରଫ କରିଥିବା ଜଣାପଡ଼ିଛି। ଗତ ୧୬ ତାରିଖ ଦିନ ପ୍ରଶାସନ ଉଚ୍ଛେଦ ପାଇଁ ଯାଇଥିବା ବେଳେ ଗ୍ରାମର କେତେକ ମହିଳା ବିରୋଧ କରିଥିଲେ। ଏହି ଘଟଣାକୁ ନେଇ ବୁଧବାର ରାତିରେ ପଦ୍ମଲୋଚନ ମହାନ୍ତି ଓ ଦଳେଇ ପରିବାର ମଧ୍ୟରେ ବଚସାରୁ ଗଣ୍ଡଗୋଳ ହୋଇଥିଲା। ଏହି ସମୟରେ ପଦ୍ମଲୋଚନ ଏକ ଧାରୁଆ ଅସ୍ତ୍ରରେ ରବୀନ୍ଦ୍ର ଦଳାଇଙ୍କ ପୁତୁରା ସୌମ୍ୟରଞ୍ଜନ ଦଳାଇଙ୍କ ହାତକୁ ଏକ ଚୋଟମାରି ରକ୍ତାକ୍ତ କରିଥିବା ଥାନାରେ ସୌମରଞ୍ଜନଙ୍କ ପତ୍ନୀ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୁଲିସ୍ ହତ୍ୟା ଉଦ୍ୟମ ମାମଲା ରଜୁ କରି ପଦ୍ମଲୋଚନକୁ କୋର୍ଟ ଚାଲାଣ କରିଛି। ସେହିପରି ପଦ୍ମଲୋଚନର ଖୁଡ଼ି କାଦମ୍ବିନୀ ମହାନ୍ତି ମଧ୍ୟ ପାଲଟା ଅଭିଯୋଗ କରିଛନ୍ତି।

■ ଚନ୍ଦନପୋଖରୀ ଛକରେ ଦୁର୍ଘଟଣା

## ବର୍ତ୍ତିଲେ ଦୁଇ ବାଇକ୍ ଆରୋହୀ



**ରାଜକନିକା,୧୮।୭(ସମିସ):** କଟକ-ଚାନ୍ଦବାଲି ରାସ୍ତାର ରାଜକନିକା ଚନ୍ଦନପୋଖରୀ ଛକରେ ଘଟିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଆଳି ପଟୁ ଆସୁଥିବା ଏକ ଦଶ ଚକିଆ ଟ୍ରକ ତଳେ ଜୟନଗର ପଟୁ ଆସୁଥିବା ଏକ ବାଇକ ଆରୋହୀ ଓ ପଛରେ ବସିଥିବା ତାଙ୍କ ସମ୍ପର୍କୀୟ ଟ୍ରକକୁ ଆଗପଟୁ ପିଟିବା ପରେ ସିଧା ଟ୍ରକ ତଳେ ପଶିଯାଇଥିଲେ । ଟ୍ରକ ଚାଳକଙ୍କ ଉପସ୍ଥିତ ବୁଦ୍ଧିଯୋଗୁ ହଠାତ ବ୍ରେକ ଦେବାରୁ ବାଇକ ଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ବାଇକ ଆରୋହୀ ଓ ତାଙ୍କ ସମ୍ପର୍କୀୟ ଆଂଶିକ ଆହତ ହୋଇଛନ୍ତି । ଆହତ ଦୁଇ ଜଣଙ୍କ ଘର କୋଇଲିପୁର ପଞ୍ଚାୟତ ଗଜରାଜପୁର ଗାଁର ପ୍ରଫୁଲ୍ଲ ମଲ୍ଲିକଙ୍କ ପୁଅ ପବିତ୍ର ମଲ୍ଲିକ (୨୦), ଭିକାରି ମଲ୍ଲିକଙ୍କ ପୁଅ ସୁରେଶ ମଲ୍ଲିକ (୨୨) ବୋଲି ଜଣାପଡିଛି । ଉଭୟ ଟ୍ରକ ଓ ବାଇକକୁ ରାଜକନିକା ପୁଲିସ ଜବତ କରି ଥାନାରେ ଅଟକ ରଖି ତଦନ୍ତ କରୁଥିବା ବେଳେ ଆହତ ଦୁଇ ଯୁବକ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣାପଡିଛି ।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ରାଜକନିକା,୧୮।୭(ସମିସ):** ଈଶାନେଶ୍ୱର ଉଚ୍ଚ ବିଦ୍ୟାପୀଠର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଗୋଲକ ବିହାରୀ ନାୟକଙ୍କୁ ଚରପଡାସ୍ଥିତ ବୀଣାପାଣି ବିଦ୍ୟା ମନ୍ଦିର ପରିସର ମଧ୍ୟରେ ଉତ୍କଳମଣି ସେବା ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ସଭାରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ ସଞ୍ଜୟ କୁମାର ସାମଲ, ମୁଖ୍ୟବକ୍ତା ଶିକ୍ଷକ ନିରଞ୍ଜନ ବେହେରା, ନଛେନ୍ଦ୍ର ବଳ, ବଟକୃଷ୍ଣ ପଣ୍ଡା,ସୁରେଶ ଚନ୍ଦ୍ର ବିଶ୍ୱାଳ, ରତିକାନ୍ତ ଦାସ, ନିରଞ୍ଜନ ବେହେରା, ବ୍ରଜ କିଶୋର ରାଉତ, ରଘୁନାଥ ପଣ୍ଡା,ଶ୍ରୀନିବାସ ପଣ୍ଡା, ନିତ୍ୟାନନ୍ଦ ନାୟକ, ସାମ୍ବାଦିକ ଶିବରାମ ଦାସ, ସରୋଜ କୁମାର ମହାନ୍ତି



ଦେଉଳତରା ସରପଞ୍ଚ ସଞ୍ଜୟ କୁମାର ପଣ୍ଡା ଉପସ୍ଥିତ ରହି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରଥମେ ଗୋଲକ ସାର୍‌ଙ୍କୁ ପୂଜାର୍ଚ୍ଚନା କରାଯାଇ ଉତ୍ତରୀୟ, ପୁଷ୍ପ ଗୁଚ୍ଛ ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଅତିଥି ମାନଙ୍କୁ ମଞ୍ଚକୁ ଅନୁଷ୍ଠାନର ସୁଦାମ ଚରଣ ଦାସ ଆହ୍ୱାନ କରିଥିଲେ । ମିତ୍ରଭାନୁ ସାମନ୍ତ ସିଂହାର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବାବେଳେ ଲୋତକ ବିନ୍ଦୁ ଦାସ ସ୍ୱାଗତ ଭାଷଣ ଦେଇଥିଲେ । ଶେଷରେ ଗୁରୁଜୀ ଅଶୋକ କୁମାର ରାଉତ ଧନ୍ୟବାଦ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୁରୁମା ଜୟଶ୍ରୀ ଦାଶ, ସ୍ୱର୍ଣ୍ଣ ପ୍ରଭା ବଳ, ପୂର୍ଣ୍ଣ ସ୍ମିତା ବାରିକ, ବୈଶାଖୀ ଦାଶ, ଲିସା ରାଣୀ ଯେନା ପ୍ରମୁଖ ସହଯୋଗ କରିଥିଲେ ।

## ଭାବଗ୍ରାହୀ କଳା ନିକେତନ ପକ୍ଷରୁ ଭଜନ ଓ ନୃତ୍ୟ ସମାରୋହ

**କେନ୍ଦ୍ରାପଡା,୧୮ ।୭(ସମିସ):** ତୁଳସୀ କ୍ଷେତ୍ରାଧିଶ ଶ୍ରୀ ସିଦ୍ଧବଳଦେବଜୀଉଙ୍କ ପବିତ୍ର ବାହୁଡା ଯାତ୍ରା ସନ୍ଧ୍ୟାରେ ମନ୍ଦିର ସନ୍ନିକଟ ଦୋଳ ମଣ୍ଡପରେ ବାରୋସ୍ଥିତ ଜିଲ୍ଲାର ଅନ୍ୟତମ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭାବଗ୍ରାହୀ କଳା ନିକେତନ ଏବଂ ରେଡିଓ ଭାବଗ୍ରାହୀ ଆନୁକୂଲ୍ୟରେ ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ଏବଂ ଜିଲ୍ଲା ସଂସ୍କୃତି ପରିଷଦ ସହାୟତାରେ ଭାବପୂର୍ଣ୍ଣ ଭକ୍ତି ସଙ୍ଗୀତ ଏବଂ ଆଧ୍ୟାତ୍ମିକ ନୃତ୍ୟ ସଫଳତାର ସହିତ ପରିବେଷିତ ହୋଇଯାଇଛି । କଳା ନିକେତନର ପ୍ରତିଷ୍ଠାତା ସଙ୍ଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡା ବାହୁଡା ଯାତ୍ରାର ତାତ୍ପର୍ଯ୍ୟ ସମ୍ପର୍କରେ



ଆଲୋଚନା କରିବା ସହିତ ଚିରସବୁଜ ଅକ୍ଷୟ ମହାନ୍ତିଙ୍କ କାଳଜୟୀ ଭଜନ "କେଣେ ଘେନି ଯାଉଛ ଜଗନ୍ନାଥଙ୍କୁ' ଏବଂ "ଏକା ତୋ ଭକତ ଜୀବନ' ଗାଇବା ସହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ରଶ୍ମୀତା ସୂତାର, ସ୍ମୃତିରେଖା ବିଶ୍ୱାଳ ଏବଂ ରାଜଲକ୍ଷ୍ମୀ ପରିଡା, ଶାସ୍ତ୍ରୀୟ ଓଡିଶୀ ଏବଂ ଶ୍ରୀ ବଳଦେବଙ୍କ ଭଜନରେ ନୃତ୍ୟ ପ୍ରସ୍ତୁତ କରି ହଜାର ହଜାର ଶ୍ରଦ୍ଧାଳୁଙ୍କୁ ବିମୋହିତ କରିଥିଲେ । ଯାତ୍ରା ଜଗତର ବିଶିଷ୍ଟ କଣ୍ଠଶିଳ୍ପୀ ଉପେନ୍ଦ୍ର କୁମାର ପାଢୀ, ସୌଭାଗିନୀ ମହାପାତ୍ର, ସୁଶୀଲ୍ ସୂତାର ଏବଂ ରଞ୍ଜନ ବରାଳ ଓ ବିମଳ ପରିଡାଙ୍କ ରଚିତ ଏବଂ ନିର୍ଦ୍ଦେଶିତ ଶ୍ରୀବଳଦେବଙ୍କ ଭଜନ ଗାଇଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ଆଲୋକ କୁମାର ମହାନ୍ତି କଳାକାରମାନଙ୍କୁ ମଞ୍ଚରେ ସ୍ୱାଗତ କରିଥିଲେ । କାର୍ଯ୍ୟକ୍ରମ ସହକାରୀ ରାଜକିଶୋର ରାଉତ ଏବଂ ଯୋଗଗୁରୁ ସଞ୍ଜୟ ମଥାନ କଳାକାରମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ରଥଯାତ୍ରା ଉପଲକ୍ଷେ ଭାବଗ୍ରାହୀ କଳା ନିକେତନ ମାଧ୍ୟମରେ କୋରୋ ଜଗନ୍ନାଥ ମନ୍ଦିର, କୋରୋ ମିର୍ଜାପୁର ମାଉସୀ ମା ମନ୍ଦିର ଏବଂ ଘିଗିଡିଆ ଜଗନ୍ନଥ ମନ୍ଦିରର ଭଜନ ଏବଂ ଆଧ୍ୟାତ୍ମିକ ନୃତ୍ୟ ସଫଳତାର ସହିତ ପରିବେଷଣ କରାଯାଇଥିଲା ।

# ଖାନନଗର ମାଇନର କେନାଲ୍ ମୁହଁ ରାସ୍ତା ବିପଦସଂକୁଳ



**ଡେରାବିଶ,୧୮।୭(ସମିସ):** ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ଡାମୂଳଠାରେ କରାଣ୍ଡିଆ କେନାଲରୁ ବାହାରିଥିବା ଖାନନଗର ମାଇନର କେନାଲକୁ ଅତିକ୍ରମ କରିଥିବା ଗରାମ-ଶାଗୁଣାଘାଇ ରାସ୍ତାର ଅର୍ଡାମୂଳଠାରେ ଥିବା ପୋଲଟି ବିପଦ ସଙ୍କୁଳ ଅବସ୍ଥାରେ ରହିଛି । ଏହି ପୋଲର ଗୋଟିଏ ପଟରେ ସୁରକ୍ଷା ବାଡ଼ ନଥିବା ବେଳେ ଏଠାରେ ବଡ଼ ବଡ଼ ଖାଲମାନ ସୃଷ୍ଟି ହୋଇଛି । ଏହା କେବଳ ଯାତାୟତରେ ବାଧା ସୃଷ୍ଟି କରୁନାହିଁ ଅନେକ ଛୋଟ ବଡ଼ ଦୁର୍ଘଟଣା ଘଟାଉଛି । ଏହି ସ୍ଥାନରେ ଥିବା ପୋଲଟି ବହୁ ପୁରୁଣା ହୋଇଥିବା ବେଳେ ଏହାର ମରାମତି ହେଉନାହିଁ । ତେବେ ଏଠାରେ ରାସ୍ତାଟି ସାମାନ୍ୟ ବାଙ୍କ ହୋଇଥିବା ବେଳେ ପୋଲ ଉପରେ ଗୋଟିଏ ପଟେ ସୁରକ୍ଷା ବାଡ଼ ନଥିବାରୁ ଯଦି ଅସାବଧାନତାବଶତଃ ଦୁଇଚକିଆ କିମ୍ବା ଚାରିଚକିଆ ଗାଡ଼ି ସାମାନ୍ୟ କଡ଼କୁ ଯିବ ତେବେ ଖାନନଗର ମାଇନର କେନାଲ୍ ମଧ୍ୟକୁ ଖସିପଡ଼ି ଦୁର୍ଘଟଣା ଗ୍ରସ୍ତ ହେବ । ସେଠାରେ ଏକ ନୂଆ ବକ୍ସ ପୋଲ ସହ ସେଠାରେ କେନାଲ୍ ପାଣି କଣ୍ଟ୍ରୋଲ କରି ମାଇନର କେନାଲକୁ ପାଣି ଛାଡ଼ିବା ପାଇଁ ଲାଗିଥିବା କମାଟର ମଧ ମରାମତି ଆବଶ୍ୟକ କରିଲାଣି । ଜଳସେଚନ ବିଭାଗ ଏହାକୁ ତୁରନ୍ତ ନିର୍ମାଣ କରିବା ପାଇଁ ସାଧାରଣରେ ଦାବି ହେଉଛି । ନଚେତ କେତେବେଳେ ଭାରିଯାନ ଯାତାୟତ ସମୟରେ ପୋଲଟି ଦବିଯିବାର ଆଶଙ୍କା ରହିଛି ।

## ସୁନାବେଶ ଦର୍ଶନ କଲେ ହଜାର ହଜାର ଶ୍ରଦ୍ଧାଳୁ



**ପଟ୍ଟାମୁଣ୍ଡାଇ,୧୮।୭(ସମିସ):** ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଥିବା ବିଭିନ୍ନ ଜଗନ୍ନାଥ ମନ୍ଦିରରେ ଲୀଳାମୟ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି । ଏହାକୁ ଦେଖିବାକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା । ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ପୋଖରୀଆପଡା ପତିତପାବନ ମନ୍ଦିରରେ ପ୍ରଭୁ ପତିତପାବନଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି । ମନ୍ଦିର ପରିଚାଳନା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ଦାଶ, ସମ୍ପାଦକ ନରହରି ଲେଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୁଖ୍ୟପୂଜକ ପର୍ଶୁରାମ ଦାଶ ଓ ଦଇତାପତି ସଂଘ ସଭାପତି ସୁଶୀଲ ପାଠୀ, ଦଇତାପତି ବଳରାମ ଦାଶ,ତପନ ବାରିକ, ସଞ୍ଜୟ ଦାଶ,ସୁରଜ ନାୟକ, ଅଭିଜିତ ଦାଶ,ମନୀଷ ପଣ୍ଡା ମନୋରଞ୍ଜନ ପରିଡା, ପ୍ରସନ୍ନଜିତ ପଣ୍ଡା ପ୍ରମୁଖ ପୂଜାପାଠ କରିବା ପରେ ଜଗନ୍ନାଥ ପ୍ରଭୁ ବଳଭଦ୍ର ଓ ମା ସୁଭଦ୍ରାଙ୍କୁ ସୁନାବେଶରେ ସଜାଇଥିଲେ । ଏହି ଅବସରରେ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଥିଲା । ଗୋପାଳ ଦାସ ସ୍ମାରକୀ ସାଂସ୍କୃତିକ ସଂଗଠନ ଗଡ଼ମେକର ପକ୍ଷରୁ ସଭାପତି ଗୀତିକବି ସୁଶାନ୍ତ ପାଣିଙ୍କ ନେତୃତ୍ୱରେ ପ୍ରତିଷ୍ଠିତ କଣ୍ଠଶିଳ୍ପୀମାନେ ଭଜନ ଜଣାଣ ପରିବେଷଣ କରିଥିଲେ ।

ସେହିପରି ପଟ୍ଟାମୁଣ୍ଡାଇ ବ୍ଲକ ବାଲିପାଟଣାଠାରେ ଭବ୍ୟ ମନ୍ଦିର ପ୍ରତିଷ୍ଠାର ୫ବର୍ଷ ପରେ ପ୍ରଥମ କରି ଘୋଷଯାତ୍ରା ଓ ବାହୁଡାଯାତ୍ରା ବିପୁଳ ହୋଇଥିଲା । ରଥାରୁଢ଼ ପ୍ରଭୁ ଜଗନ୍ନାଥ ପ୍ରଭୁ ବଳଭଦ୍ର ଓ ମା' ସୁଭଦ୍ରାଙ୍କ ସୁନାବେଶ ମନ୍ଦିର ପୂଜକ ଦଇତାପତି, ସ୍ଥାନୀୟ ସରପଞ୍ଚ ଓ ମନ୍ଦିର ପରିଚାଳନାକମିଟି ସଦସ୍ୟ ଓ ଗ୍ରାମବାସୀଙ୍କ ପୂର୍ଣ୍ଣ ସହଯୋଗରେ ସୁନାବେଶ ହୋଇଥିଲା । ରାଧାରମଣ ମଠ ପରିସରରେ ଥିବା ଜଗନ୍ନାଥ ମନ୍ଦିରରେ ମଧ୍ୟ ସୁନାବେଶ ଅନୁଷ୍ଠିତ ହୋଇଥିଲା । ପୁରୀ ଗୋବର୍ଦ୍ଧନ ପୀଠ ସନ୍ଥ ସଂରକ୍ଷକ ରାଧାରମଣ ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦ ଦାସମହାରାଜଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ମନ୍ଦିର ପୂଜକଙ୍କ ଦ୍ୱାରା ଚତୁର୍ଦ୍ଧା ମୂର୍ତ୍ତିଙ୍କ ପୂଜାର୍ଚ୍ଚନା ପରେ ପ୍ରଭୁଙ୍କୁ ସୁନାବେଶ କରାଯାଇଥିଲା । ଅନ୍ୟତମ ପ୍ରସିଦ୍ଧ ଶୈବ ପୀଠ ହରପାର୍ବତୀ ମନ୍ଦିର ପରିସରରେ ଥିବା ଜଗନ୍ନାଥ ମନ୍ଦିରରେ ମଧ ପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହୋଇଛି ।

## ନୂତନ ମନ୍ଦିର ପରିସରରେ ଜଗନ୍ନାଥଙ୍କ ସୁନାବେଶ

**କୁଜଙ୍ଗ,୧୮।୭(ସମିସ):** କୁଜଙ୍ଗ ବ୍ଲକ ତାଳଦଣ୍ଡାଠାରେ ପୂଜା ପାଇ ଆସୁଥିବା ରଥାରୂଢ଼ ଜଗନ୍ନାଥଙ୍କର ବୁଧବାର ସୁନାବେଶ ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମ ଜଗନ୍ନାଥ ମିଶନ ଆନୁକୂଲ୍ୟରେ ଘୋଷଯାତ୍ରା ସୁରୁଖୁରୁରେ ସମ୍ପନ୍ନ ହୋଇଥିଲା । ଦଶମୀ ତିଥିରେ ବାହୁଡା ଯାତ୍ରା ପରଦିନ ସୁନାବେଶ ଅନୁଷ୍ଠିତ ହୋଇଯାଇଛି । ଆଜି ସକାଳୁ ରଥାରୂଢ଼ ପ୍ରଭୁ ଜଗନ୍ନାଥଙ୍କ ମଙ୍ଗଳ ଆଳତି ସହ ଅନ୍ୟାନ୍ୟ ନୀତିକାନ୍ତି ସମ୍ପନ୍ନ ହେବାପରେ ସୁନାବେଶ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ରଥ ଉପରେ ଶ୍ରୀଜୀଉମାନଙ୍କର ବଡତଢାଉ ବେଶ ବା ସୁନାବେଶ ଅନୁଷ୍ଠିତ ସହ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ହୋଇଥିଲା । ସକାଳୁ ତିନିରଥ ଉପରେ ଦୈନନ୍ଦିନ ନୀତି କରାଯାଇ ମଧ୍ୟାହ୍ନ ଧୂପ ଓ ମଇଲମ ପରେ ସୁନାରେ ବିଭୂଷିତ ହୋଇଥିଲେ ଶ୍ରୀଜିଉ । ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ରଥାରୂଢ଼ ଶ୍ରୀଜୀଉଙ୍କ ଦର୍ଶନ କରିଥିଲେ ।

## ବୀରେନ୍ଦ୍ରଙ୍କ ମୃତ୍ୟୁରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ

**ଜଗତସିଂହପୁର,୧୮।୭(ସମିସ):** ଜିଲ୍ଲାର ରଘୁନାଥପୁର ବ୍ଲକ ଅନ୍ତର୍ଗତ ରେଡୁଆ ସେବା ସମବାୟ ସମିତିର ବୋର୍ଡ ଡାଇରେକ୍ଟର ସ୍ୱର୍ଗତ ବୀରେନ୍ଦ୍ର ପ୍ରାସାଦ ସ୍ୱାଇଁଙ୍କ ଅକାଳ ମୃତ୍ୟୁକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ମୃତ୍ୟୁ ପରେ ଦୁଇ ଗୋଟି କିଡ୍‌ନୀ ଦାନକରି ଦୁଇଟି ଅମୂଲ୍ୟ ଜୀବନ ବଞ୍ଚାଇବା ବୈଦାନ୍ୟତା ତାଙ୍କର ମହାନତାକୁ ପ୍ରମାଣ କରିଛି । ଏଥିପାଇଁ ତାଙ୍କ ଶେଷକୃତ୍ୟ ସମ୍ପନ୍ନବେଳେ ଜିଲ୍ଲା ପୁଲିସ ପକ୍ଷରୁ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଛି । ସ୍ୱର୍ଗତ ସ୍ୱାଇଁଙ୍କ ମୃତ୍ୟୁରେ ଜିଲ୍ଲା କୃଷକ ସଂଘର ସମ୍ପାଦକ ଦିଲୀପ ରଥ, ସୋମାଂଶୁ ଜେନା, ସମାଜସେବୀ ବସନ୍ତ ଦାଶ, ବିପିନ ରାଉତ, ଗୋବିନ୍ଦ ବାରିକ, ସୁଜୟ ମହାପାତ୍ର, ସମୀର ଖଟୁଆ, ଶରତ ଓଝା, ସୁକାନ୍ତ କୁମାର ଦୀକ୍ଷିତ, ଅବସର ପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିଶ୍ୱଜିତ୍ ମହାପାତ୍ର, ସେବା ସମବାୟ ସମିତିର ପୂର୍ବତନ ସଭାପତି ବିଜୟ କୁମାର ସ୍ୱାଇଁ, ରମେଶ ଚନ୍ଦ୍ର ରାଉତ, ଗୋବିନ୍ଦ ଓଝା, ସର୍ବୋଦୟ କର୍ମୀ ରବି ମହାନ୍ତି ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ସରୋଜକାନ୍ତ ସ୍ୱାଇଁ, ନିରୋଦ କୁମାର ରଥ ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି ।

## 'ଶିଳ୍ପ କରିଡ଼ର ପ୍ରତିଷ୍ଠା ଦ୍ୱାରା ଉପକୃତ ହେବେ ମହାକାଳପଡ଼ାବାସୀ'



**ମାର୍ଶାଘାଇ,୧୮।୭(ସମିସ):** ଆଗାମୀ ଦିନରେ ମହାକାଳପଡ଼ା ଶିଳ୍ପହବ୍ ହେବାକୁ ଯାଉଛି । ନିର୍ବାଚନ ସମୟରେ ପ୍ରଧାନମନ୍ତ୍ରୀ ଭଦ୍ରକ ଜିଲ୍ଲା ଧାମରାବନ୍ଦର-ଜଗତ୍‌ସିଂହପୁର ଜିଲ୍ଲା ପାରାଦ୍ୱୀପବନ୍ଦର ପର୍ଯ୍ୟନ୍ତ ଶିଳ୍ପକରିଡ଼ର ପ୍ରତିଷ୍ଠା କରିବାକୁ ଯୋଜନା ରହିଛି । ଯାହାଫଳରେ ମଧ୍ୟବର୍ତ୍ତି ଅଞ୍ଚଳ କେନ୍ଦ୍ରାପଡ଼ା ଜିଲ୍ଲା ତଥା ମହାକାଳପଡ଼ା ନିର୍ବାଚନକ୍ଷେତ୍ର ଶିଳ୍ପ ସମୃଦ୍ଧ ହେବା ସହ ସ୍ଥାନୀୟ ଯୁବକ ମାନଙ୍କୁ ଥଇଥାନ କରାଯିବ ବୋଲି ମାର୍ଶାଘାଇ ବ୍ଲକ ଅଙ୍ଗୁଲାଇ-ବରେଇ ଖୁସିମଣ୍ଡପ ପରିସରରେ ମତଦାତା ଅଭିନନ୍ଦନ କାର୍ଯ୍ୟକ୍ରମ ଓ ସମ୍ବର୍ଦ୍ଧନା ଉତ୍ସବରେ ଯୋଗ ଦେଇ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା କହିଛନ୍ତି । ନିର୍ବାଚନମଣ୍ଡଳୀ ସଂଯୋଜକ ସରୋଜକାନ୍ତ ସାହୁଙ୍କ ସଭାପତିତ୍ୱରେ ସାଂସଦ ଶ୍ରୀ ପଣ୍ଡା ବିଜେପି ନିର୍ବାଚନ ଇସ୍ତାହାର କମିଟ୍ ଘୋଷଣା ମୁତାବକ ପର୍ଯ୍ୟାୟକ୍ରମେ ସମସ୍ତ ଯୋଜନା ସରକାର କାର୍ଯ୍ୟ କରିବାକୁ ଯାଉଛନ୍ତି । ମହାକାଳପଡ଼ା ବିଧାୟକ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକ ଯୋଗଦେଇ ମହାକାଳପଡ଼ା ବିକାଶଧାରାକୁ ଆଗେଇ ନେବାକୁ ସମସ୍ତଙ୍କ ସହଯୋଗ କାମନାକରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି କିଶୋର ପଣ୍ଡା, ପ୍ରତାପ ଚନ୍ଦ୍ର ଦାଶ, ସଞ୍ଜୟ ରଥ, ଯୁବନେତା ହିରକ ପରିଡ଼ା,ଗୀତାଞ୍ଜଳୀ ସେଠୀ,ସଲିମ୍ ଖାଁ, କ୍ରିଷ୍ଣପଦ ମଣ୍ଡଳ, ପୂର୍ବତନ ସରପଞ୍ଚ ରାଜୀବ କୁମାର ପୃଷ୍ଟି,ଜାନକୀ ପ୍ରଧାନ,ରାଜଲକ୍ଷ୍ମୀ ଦାସ,ଜିଲ୍ଲା ବିଜେପି କୋଷାଧ୍ୟକ୍ଷା ପ୍ରତିମା ନାୟକ, ସମାଜସେବୀ ହୃଷିକେଶ ଦାସ, ପ୍ରାର୍ଥ ମହାପାତ୍ର, ତରୁଣକାନ୍ତି କାଞ୍ଜିଲାଲ, ବିକ୍ରମାଦିତ୍ୟ ସାହୁ, ମିହିର ସାମଲ ପ୍ରମୁଖ ଯୋଗଦେଇଥିଲେ ।

## ମହିମା ଆଶ୍ରମ ପରିସର ଓ ରାସ୍ତା ପାର୍ଶ୍ୱରେ ବୃକ୍ଷରୋପଣ



**ଡେରାବିଶ,୧୮।୭(ସମିସ):** ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଖାନନଗର ସ୍ଥିତ ମହିମା ଆଶ୍ରମ ପରିସର ଓ ବସପୁର ପଞ୍ଚାୟତ ହାଟବାଣପୁର ନିକଟସ୍ଥ ଯେନା ସାହିର ରାସ୍ତା ପାଶ୍ୱର୍ରେ ବୃକ୍ଷରୋପଣ କରି ସବୁଜ ବନାନୀ ସୃଷ୍ଟିର ଉଦ୍ୟମ କରିଛନ୍ତି ବିଜେପି ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡ଼ା । ଖାନନଗର ସ୍ଥିତ ମହିମା ଆଶ୍ରମ ପରିସରରେ ଶ୍ରୀ ପରିଡ଼ାଙ୍କ ଉଦ୍ୟମରେ ଆଶ୍ରମର ମୁଖ୍ୟ କିଶୋର ବାବାଙ୍କ କରକମଳରେ ଆଶ୍ରମ ପରିସରରେ ଏକ ଔଷଧୀୟ ବୃକ୍ଷ ରୋପଣ ପରେ ଯଅଁରାବାରିମୂଳ ପଞ୍ଚାୟତ ଅଞ୍ଚଳର କଳ୍ପତରୁ ଶତପଥୀ, ପ୍ରିୟତୋଷ ପରିଡ଼ା, ସୁଶାନ୍ତ ରାଉତ, ସରୋଜ ସ୍ୱାଇଁ, ବିପିନ ବିହାରୀ ସ୍ୱାଇଁ, ଅନାଦି ରାଉତ, ନିର୍ମଳ ବଳ, ସୁବାସ ସାହୁ, ଅନିରୁଦ୍ଧ ନାୟକ, ନିରଞ୍ଜନ ବଳ, ମନୋରଞ୍ଜନ ପ୍ରଧାନ ଓ ସୁରେନ୍ଦ୍ର ସ୍ୱାଇଁ ପ୍ରମୁଖ ଚାରାରୋପଣ କରିଥିଲେ । ସେହିପରି ଶ୍ରୀ ପରିଡ଼ା ବସପୁର ପଞ୍ଚାୟତର ହାଟବାଣପୁର ଯେନାସାହିଠାରେ ରାସ୍ତା ପାଶ୍ୱର୍ରେ ମଧ ସ୍ଥାନୀୟ ଯୁବକଙ୍କ ସହଯୋଗରେ ବିଭିନ୍ନ ବୃକ୍ଷ ରୋପଣ କରିଥିଲେ । ସେଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ସ୍ଥାନୀୟ ଯୁବକଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିବା ଶ୍ରୀ ପରିଡ଼ା ପ୍ରକାଶ କରିଛନ୍ତି । ଏହି ଉଭୟ ସ୍ଥାନରେ ଶ୍ରୀ ପରିଡ଼ାଙ୍କ ସହିତ ତାଙ୍କ ସହଯୋଗୀ ଭଞ୍ଜନ କୁମାର ମହାନ୍ତି, ଦୀପ୍ତିକାନ୍ତ ସାହୁ, ସତ୍ୟବ୍ରତ ପରିଡ଼ା, ସତ୍ୟରଞ୍ଜନ ସ୍ୱାଇଁ, ଶରତ ବେହେରା ପ୍ରମୁଖ ସାମିଲ ହୋଇଥିଲେ ।

## ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଜଗତସିଂହପୁର,୧୮।୭(ସମିସ):** ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ଘୋଷାଘର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ସ୍ୱାଇଁଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଅବସରରେ ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ ଏରସମା ସମିତି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବରେ ମଣ୍ଡଳ ଶିକ୍ଷାଧିକାରୀ ଅକ୍ଷୟ କୁମାର ବେହେରା ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀଙ୍କ ସୁସ୍ଥ ଓ ସୁଖମୟ ଅବସର ଜୀବନ କାମନା କରିଥିଲେ । ପ୍ରଧାନଶିକ୍ଷକ ରଞ୍ଜନ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ବିଶ୍ୱ କଲ୍ୟାଣୀ ନାୟକ, ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ଜ୍ୟୋସ୍ନା ରାଣୀ ଦାଶ, ସାଧନ କେନ୍ଦ୍ର ସଂଯୋଜକ ବିଚିତ୍ର କୁମାର ସ୍ୱାଇଁ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ୍ ରାଜ୍ୟ ଉପ ସଭାପତି ନରେନ୍ଦ୍ର ମହାରଣା, ନାଉଗାଁ ସମ୍ପାଦକ ନରେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ଶିକ୍ଷୟିତ୍ରୀଙ୍କ ଗୁଣଗାନ ସହ ତାଙ୍କ ମାର୍ଗଦର୍ଶନ ଆମପାଇଁ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ ବୋଲି କହିଥିଲେ । ଶିକ୍ଷୟିତ୍ରୀ ସଂଯୁକ୍ତା ଜେନା, ଶିକ୍ଷକ ହେମନ୍ତ ମଲ୍ଲିକ, ରଞ୍ଜନ କୁମାର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିକ୍ଷକ ରଶ୍ମୀ ରଞ୍ଜନ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଏକ ଶୋଭାଯାତ୍ରାରେ ଗ୍ରାମବାସୀ ଓ ଛାତ୍ରଛାତ୍ରୀମାନଙ୍କ ଗହଣରେ ଶିକ୍ଷୟିତ୍ରୀଙ୍କୁ ଗ୍ରାମ ପରିକ୍ରମା କରାଯାଇ ଘରେ ଛଡାଯାଇଥିଲା ।

ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ

# ଗାୟତ୍ରୀ ଡିଜିଟାଲ୍ ଏକ୍ସରେ ଆଣ୍ଡ ଲାବ୍ରୋଟରୀ ସିଲ୍



**କେନ୍ଦ୍ରାପଡ଼ା/ପଟ୍ଟାମୁଣ୍ଡାଇ,୧୮।୭(ସମିସ):** ପଟ୍ଟାମୁଣ୍ଡାଇ କେନାଲରୋଡସ୍ଥ ଏବି କମ୍ପ୍ଲେକ୍ସରେ ଚାଲୁଥିବା ଗାୟତ୍ରୀ ଡିଜିଟାଲ୍ ଏକ୍ସରେ ଆଣ୍ଡ ଲାବ୍ରୋଟରୀକୁ ଆଜି ସିଲ୍ କରିଛି ପ୍ରଶାସନ । ଉପଯୁକ୍ତ ଅଧିକାରୀଙ୍କଠାରୁ ବୈଧ ଅନୁମତିପତ୍ର ବା ଲାଇସେନ୍ସ ନ ନେଇ ମନଇଛା ଲାବ୍ରୋଟୋରୀରେ ପରୀକ୍ଷା ଚଳାଉଥିବାରୁ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଓ ପୁଲିସ୍ ପ୍ରଶାସନର ଉପସ୍ଥିତିରେ ଆଜି ଦିନ ୧୧ଟାଠାରୁ ଏହାକୁ ପ୍ରଶାସନ ସିଲ୍ କରିଛି । ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ନିର୍ଦ୍ଦେଶକ୍ରମେ ଆଜି ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡକ୍ଟର ନିରାକାର ପରିଡ଼ା ଏବଂ ଡ୍ରଗ୍ ଇନିସ୍‌ପେକ୍ଟର୍ ପ୍ରଦୀପ କୁମାର ସାହୁ ମିଳିତଭାବେ ଏହାର ଯାଞ୍ଚ କରିଥିଲେ । ପଟ୍ଟାମୁଣ୍ଡାଇ କଷଣଅଣ୍ଡାର ବସନ୍ତ କୁମାର ରାଉତ ଏବଂ ବଡ଼ମୂଳବସନ୍ତ ପଞ୍ଚାୟତ ଅନ୍ତର୍ଗତ ନସିପୁର ଗ୍ରାମର ପ୍ରାର୍ଥସାରଥି ବିଶ୍ୱାଳ ନିଜକୁ ଗାୟତ୍ରୀ ଡିଜିଟାଲ୍ ଏକ୍ସରେ ଆଣ୍ଡ ଲାବ୍ରୋଟୋରୀର ମାଲିକ ବୋଲାଉଥିବା ବେଳେ ସେମାନେ ସେମାନଙ୍କ ଲାବ୍ରୋଟୋରୀ ଟେକ୍‌ନିସିଆନ୍‌ର ସାର୍ଟିଫିକେଟ୍ ଦେଖାଇପାରିନଥିଲେ । ଡିଜିଟାଲ ଏକ୍ସ-ରେ ମେସିନ୍ ଚାଲୁଛି ମାତ୍ର ପରିତାପର କଥା ନା ସେମାନଙ୍କ ପାଖରେ ଏକ୍ସ-ରେ ମେସିନ୍ ଚଳାଇବା ପାଇଁ ଅନୁମତିପତ୍ର ଅଛି ନା ଆଟୋମିକ୍ ଏନର୍ଜି ରେଗୁଲାଟୋରୀ ବୋରଡ଼ର ସାର୍ଟିଫିକେଟ୍ ଅଛି । ସୂଚନାଯୋଗ୍ୟ, ଯାଞ୍ଚ ସମୟରେ କୌଣସି ପ୍ରକାରର ଔଷଧ ସେଠାରେ ଗଚ୍ଛିତ ନଥିଲା । ଲାବ୍ରୋଟୋରୀରେ ଗଚ୍ଛିତ ଥିବା ଉପକରଣ, ଯନ୍ତ୍ରପାତି, ଉପସାଧନ ବା ସହାୟକ ଉପକରଣ ଆଦିର ଏକ ତାଲିକା କରି ବସନ୍ତ କୁମାର ରାଉତ ଏବଂ ପ୍ରାର୍ଥସାରଥି ବିଶ୍ୱାଳଙ୍କୁ ପ୍ରଶାସନ ପକ୍ଷରୁ ହସ୍ତାନ୍ତର କରାଯାଇଛି । ଏହା ସହ ଜିଲ୍ଲାରେ ଅନୁମତିପତ୍ର ନନେଇ ବେଆଇନ୍‌ଭାବେ ଲାବ୍ରୋଟୋରୀ ଚଳାଉଥିବା ସମସ୍ତ ନକଲି ଟେକ୍ନିସିଆନଙ୍କୁ ପ୍ରଶାସନ ପକ୍ଷରୁ ଚରମ ଚେତାବନୀ ଶୁଣାଯାଇଛି । ଆଗାମୀ ଦିନରେ ଯଦି ଏଭଳି ଅନୁମତିପତ୍ର ନ ନେଇ ଲାବ୍ରୋଟୋରୀ ଚଳାଉଥିବାର ଅଭିଯୋଗ ଆସେ ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି ।

## ଆଦର୍ଶ ଗ୍ରାମ ରାସ୍ତା କାଦୁଅ ପଚପଚ



**ପଞ୍ଚୁପାଣ୍ଡବ,୧୮।୭(ସମିସ):** ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ରାଏତୁଣ୍ଡି ଗ୍ରାମର ଦଳିତ ସାହିକୁ ଯାଇଥିବା ରାସ୍ତା କାଦୁଅ ପଚପଚ ହୋଇଥିବାରୁ ସାହି ବାସିନ୍ଦାମାନେ ନାହିଁନଥିବା ହଇରାଣ ହେଉଛନ୍ତି । ଏହି ରାଏତୁଣ୍ଡି ଗ୍ରାମଟି ଆଦର୍ଶ ଗ୍ରାମର ମାନ୍ୟତା ପାଇଥିଲେ ବି ଏହି ଦଳିତ ସାହି ପାଇଁ ରାସ୍ତାଟି ଅଦ୍ୟାବଧି ନିର୍ମାଣ ହୋଇପାରିଲା ନାହିଁ । ଏହି ସାହିରେ ୨୦ ପରିବାର ଲୋକ ବସବାସ କରି ରହୁଥିବା ବେଳେ ପ୍ରଶାସନ ପକ୍ଷରୁ କାହାରି ନଜର ଏଠାରେ ପଡୁନାହିଁ । ଏହି ରାସ୍ତାଟି ପଟ୍ଟାମୁଣ୍ଡାଇ କେନାଲ୍‌ର ୮ନଂ କେନାଲ୍ ବନ୍ଧରେ ଯାଉଥିବାରୁ ଜଳସେଚନ ବିଭାଗର ଅଧିକାରୀମାନେ ମଧ ଏଥିପ୍ରତି ନଜର ଦେଉନାହାଁନ୍ତି । କିଛିଦିନ ତଳେ ଏହି ରାସ୍ତାରେ ସରକାରଙ୍କ ପକ୍ଷରୁ ଆସିଥିବା ଟଙ୍କାରେ ମୋହରମ ସିଞ୍ଚିଦେଇ ଠିକାଦାରମାନେ ଟଙ୍କାକୁ ହରିଲୁଟ କରିଥିଲେ । ଏବେ ବର୍ଷାଋତୁ ଥିବାରୁ ଲୋକମାନଙ୍କ ଯାତାୟାତ ପାଇଁ ତୁରନ୍ତ ରାସ୍ତା ମରାମତି କରିବାକୁ ଗ୍ରାମର ବଂଶୀଧର ସାହୁ, ପ୍ରମୋଦ ବେହେରା, ରମାକାନ୍ତ ଦଳାଇ, ସଦାଶିବ ଦଳାଇ, ଶତ୍ରୁଘ୍ନ ଦଳାଇ, ଚିତ୍ରସେନ ଦଳାଇ ଓ ବଟକୃଷ୍ଣ ଦଳାଇ ପ୍ରମୁଖ ଦାବି କରିଛନ୍ତି ।

ସକାଳ THE SAKALA



## ଢେଙ୍କାନାଳ ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥା ପ୍ରହସନରେ ପରିଣତ

# ୧୫୮ ପ୍ରାଥମିକ ବିଦ୍ୟାଳୟରେ ପଡ଼ିଛି ତାଲା

**ଢେଙ୍କାନାଳ, ୧୮ ।୭(ସମିସ)**

ଢେଙ୍କାନାଳ ଜିଲ୍ଲାରେ ରହିଥିବା ୧୫୮ଟି ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ସଂଖ୍ୟା କମ ଦର୍ଶାଇ ତାଲାପକାଇ ବନ୍ଦ କରିଦିଆଯାଇଥିବା ବେଳେ ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ ୪୫୫ଟି ଶିକ୍ଷକ ପଦବି ଖାଲି ପଡ଼ିଥିବା ଜଣାପଡ଼ିଛି। ସରକାର ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ ଦେଉଥିବା ବେଳେ ଶିକ୍ଷକ ନଥାଇ କିଭଳି ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଉଛି, ଏହାକୁ ନେଇ ଅଭିଭାବକ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଢେଙ୍କାନାଳ ଜିଲ୍ଲାରେ ୮ଟି ବ୍ଲକରେ ୨୧୨ଟି ଗ୍ରାମପଞ୍ଚାୟତ ରହିଥିବା ବେଳେ ୧୦୬୭ଟି ମୁଖ୍ୟ ଗ୍ରାମ ରହିଛି। ଜିଲ୍ଲାରେ ୧ ହଜାର ୬୨୬ଟି ବିଦ୍ୟାଳୟ ରହିଥିବା ବେଳେ ପ୍ରାଥମିକ ବିଦ୍ୟାଳୟ ୮୮୭ଟି, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୬୯୫ ଟି ଏବଂ ମାଧ୍ୟମିକ ବିଦ୍ୟାଳୟ ୨୭୬ଟି ରହିଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧ ଲକ୍ଷ ୨୧ ହଜାର ୨୮୩ ଜଣ ଛାତ୍ରଛାତ୍ରୀ ଶିକ୍ଷାଲାଭ କରୁଛନ୍ତି। ରାଜ୍ୟର ସାକ୍ଷରତା ହାର ଅନୁସାରେ ଜିଲ୍ଲାରେ ୭୮.୮ ପ୍ରତିଶତ ରହିଥିବା ବେଳେ ପୁରୁଷମାନଙ୍କ କ୍ଷେତ୍ରରେ ୮୬.୨ ଭାଗ ଏବଂ ମହିଳାମାନଙ୍କ କ୍ଷେତ୍ରରେ ୭୧ ଭାଗ ସାକ୍ଷର ବୋଲି ଜଣାପଡ଼ିଛି। ସେହିପରି ଗ୍ରାମାଞ୍ଚଳରେ ସାକ୍ଷରତା ହାର ୭୭.୬ରହିଥିବା ବେଳେ ପୁରୁଷମାନଙ୍କ କ୍ଷେତ୍ରରେ ୮୫.୪ ଭାଗ ଏବଂ ମହିଳାମାନଙ୍କ କ୍ଷେତ୍ରରେ ୬୪.୫ ଭାଗ ରହିଛି। ସହରାଞ୍ଚଳରେ ମୋଟ ସାକ୍ଷରତା ହାର ୮୯.୩ ଭାଗ ରହିଥିବା ବେଳେ ପୁରୁଷମାନଙ୍କ କ୍ଷେତ୍ରରେ ୯୩.୩ ଭାଗ ଏବଂ ମହିଳାମାନଙ୍କ କ୍ଷେତ୍ରରେ ୮୪.୯ଭାଗ ଜନସାଧାରଣ ସାକ୍ଷର ବୋଲି ତଥ୍ୟରୁ ଜଣାପଡ଼ିଛି। ଢେଙ୍କାନାଳ ଜିଲ୍ଲାର ୮ ଟି ବ୍ଲକ ଏବଂ ୩ଟି ସହରାଞ୍ଚଳର ୨୫୬ ଉଚ୍ଚ ବିଦ୍ୟାଳୟ ରହିଛି। ସେଗୁଡିକ ମଧ୍ୟରୁ ୧୪୩ ଟି ସରକାରୀ ଉଚ୍ଚ ବିଦ୍ୟାଳୟ (୧୮ ସମ୍ପୂର୍ଣ୍ଣ ଅନୁଦାନପ୍ରାପ୍ତ ଏବଂ ୯୫ଟି ନୂଆ ଅନୁଦାନ ପ୍ରାପ୍ତ) ରହିଛି। ଏହି ବିଦ୍ୟାଳୟ ଗୁଡିକରେ ପ୍ରାୟ ୪୫୫ଟି ଶିକ୍ଷକ ପଦ ଖାଲି ପଡ଼ିଛି। ଜିଲ୍ଲାରେ ରହିଥିବା ମୋଟ ୧୪୩ ଟି ସରକାରୀ ଉଚ୍ଚ ବିଦ୍ୟାଳୟରୁ ୧୬୫

**● ଉଚ୍ଚ ବିଦ୍ୟାଳୟରେ ୪୫୫ ଶିକ୍ଷକ ପଦବି ଖାଲି**

ଶିକ୍ଷକ ପଦବି ଏବଂ ୨୧୦ ଅଣଶିକ୍ଷକ ସେକ୍ସନ ଅଫିସର ସିନିୟର ଆସିଷ୍ଟାଣ୍ଟ, ଜୁନିଅର ଆସିଷ୍ଟାଣ୍ଟ ଏବଂ ପିଅନ ପଦବି ଖାଲି ପଡ଼ିଛି। ଜିଲ୍ଲାରେ ସମ୍ପୂର୍ଣ୍ଣ ଅନୁଦାନପ୍ରାପ୍ତ ୧୮ଟି ବିଦ୍ୟାଳୟ ରହିଥିବା ବେଳେ ୧୦୮ ଶିକ୍ଷକ ଏବଂ ନୂଆ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ୧୮୨ ଶିକ୍ଷକ ପଦବି ଖାଲିପଡ଼ିଛି। ଅନୁଦାନପ୍ରାପ୍ତ ୧୦୩ଟି ବିଦ୍ୟାଳୟରେ ୨୯୦ ଏବଂ ସରକାରୀ ବିଦ୍ୟାଳୟରେ ୧୬୫ ଟି ଏଭଳି ମୋଟ ୪୫୫ଟି ଶିକ୍ଷକ ପଦବି ଖାଲି ପଡ଼ିଛି। ଜିଲ୍ଲାରେ ରହିଥିବା ବିଦ୍ୟାଳୟଗୁଡିକ ଚକାଚକ ରହିଥିବା ବେଳେ ଶିକ୍ଷକ ନଥାଇ ଶିକ୍ଷାଦାନ କିପରି ହେଉଛି, ତାହା ସାଧାରଣରେ ଅନୁମେୟ। ଜିଲ୍ଲାରେ ଥିବା ୧୪୩ଟି ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନାହାନ୍ତି, ଯେଉଁଠି ଅଛନ୍ତି ସେଠି ୧୦ରୁ ୨୦ବର୍ଷ ପର୍ଯ୍ୟନ୍ତ ଗୋଟିଏ ସ୍ଥାନରେ ରହିଛନ୍ତି। ସେହିପରି ୮ଟି କଳା ଶିକ୍ଷକ, ପିସିଏମରେ ୧୧ ଓ ସିବିଜେଡରେ ୨ଟି, ୨୪ଟି କ୍ଲାସିକାଲ ଶିକ୍ଷକ ପଦବି ଖାଲିପଡ଼ିଛି। ଛାତ୍ରଛାତ୍ରୀମାନଙ୍କୁ ଖେଳ ଶିକ୍ଷାଦେବା ପାଇଁ ରହିଥିବା ଶିକ୍ଷକ ପଦବିରୁ ୨୯ଟି ପଦବି ଖାଲି ପଡ଼ିଛି। ସେହିପରି ଟ୍ରେଣ୍ଡ ଇଣ୍ଟର ମିଡିଏଟ ୧୬ଶିକ୍ଷକ ପଦବି ଏବଂ ଟ୍ରେଣ୍ଡ ମାଟ୍ରିକରେ ୨୦ ପଦବି ଖାଲିପଡ଼ିଛି।



ଏହା ସହିତ ୩ ସେକ୍ସନ ଅଫିସର, ୫ ସିନିୟର ଏବଂ ୮ଜୁନିୟର, ୧୪୭ଟି ପିଅନ ପଦବି ଖାଲିପଡ଼ିଛି। ବିଦ୍ୟାଳୟକୁ ଦେଖାଶୁଣା କରିବାକୁ ଏବଂ ଜଗିବା ପାଇଁ ୧୨୬ଜଣ କର୍ମଚାରୀଙ୍କ ମଧ୍ୟରୁ ୪୭ଟି ଖାଲିପଡ଼ିଛି। ସମ୍ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ କ୍ଷେତ୍ରରେ ୧୮ ବିଦ୍ୟାଳୟରେ ୧୦୮ଟି ଶିକ୍ଷକ, ନୂତନ ଅନୁଦାନପ୍ରାପ୍ତ ୯୫ଟି ବିଦ୍ୟାଳୟରେ ୧୮୨ପଦ ଖାଲିପଡ଼ିଛି। ସରକାର ବିଦ୍ୟାଳୟ ଗୁଡିକର ରୂପାନ୍ତରିକରଣ କରିବା ସହିତ ସମସ୍ତ ପ୍ରକାର ସରଞ୍ଜାମ ଯୋଗାଇ ଦେଇଛନ୍ତି। କିନ୍ତୁ ଜିଲ୍ଲାରେ ରହିଥିବା ବିଭିନ୍ନ ବିଦ୍ୟାଳୟ ଗୁଡିକରେ ଛାତ୍ରଛାତ୍ରୀମାନଙ୍କୁ ପାଠ ପଢ଼ାଇବା ପାଇଁ ଶିକ୍ଷକ ନାହାନ୍ତି। ସେହିପରି ପ୍ରାଥମିକ ବିଦ୍ୟାଳୟ କ୍ଷେତ୍ରରେ ବିପରୀତ ଅବସ୍ଥା ଦେଖିବାକୁ ମିଳିଛି। ସଦର ବ୍ଲକରେ ୨୪, ପୌରାଞ୍ଚଳରେ ୧୧, ଗଁଦିଆରେ ୧୨, ଓଡାପଡ଼ାରେ ୨୦, ହିନ୍ଦୋଳରେ ୨୭, ହିନ୍ଦୋଳ ଏନଏସିରେ ୧ଟି, ଭୁବନରେ ୧୧, କାମାକ୍ଷାନଗରରେ ୧୯ ଏବଂ ଏନଏସିରେ ୪ଟି, ପରଜଙ୍ଗରେ ୨୦ ଏବଂ କଙ୍କଡାହାଡ଼ରେ ୯ ଏଭଳି ମୋଟ ୧୫୮ଟି ବିଦ୍ୟାଳୟ ବନ୍ଦ ହୋଇ ପଡ଼ିରହିଛି। ହିନ୍ଦୋଳ ବ୍ଲକରେ ସର୍ବାଧିକ ୨୭ଟି ବିଦ୍ୟାଳୟ ବନ୍ଦ ହୋଇପଡ଼ିଥିବା ବେଳେ ହିନ୍ଦୋଳର ବହୁ ଅଞ୍ଚଳରେ ଯାତାୟାତର ସମସ୍ୟା ସହିତ ହାତୀ ଭୟ ମଧ୍ୟରେ ଛାତ୍ରଛାତ୍ରୀମାନେ ଯାତାୟାତ କରୁଛନ୍ତି। ହିନ୍ଦୋଳ ବ୍ଲକ କୁଟୁଣିଆ ପଞ୍ଚାୟତ ଅନ୍ତର୍ଗତ ସୋରଡ ଗ୍ରାମରୁ ଛୋଟଛୋଟ ପିଲାମାନେ ହାତୀ ଭୟ ମଧ୍ୟରେ ୩ କିଲୋମିଟର ଦୂର ଗଦାଶିଳା ପଞ୍ଚାୟତ ଚାଇଁପୁର ଏବଂ ସୋରଡ ସ୍କୁଲକୁ ଯାତାୟାତ କରୁଛନ୍ତି। ଏଭଳି ପରିସ୍ଥିତିରେ ଜିଲ୍ଲାରେ ଉଭୟ ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟ ଗୁଡିକରେ ଶିକ୍ଷାର ଗତି କୁଆଡେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟିହୋଇଛି।

## ଟ୍ରକ୍ ଦୁର୍ଘଟଣାରେ ୨ ବ୍ୟାଙ୍କ କର୍ମଚାରୀ ମୃତ

**ଢେଙ୍କାନାଳ, ୧୮ ।୭(ସମିସ) :** ଢେଙ୍କାନାଳ ଜିଲ୍ଲାର ମୋଟଙ୍ଗା ଥାନା ଅନ୍ତର୍ଗତ ୫୫ନଂ. ଜାତୀୟ ରାଜପଥର ଚିନ୍ତାପୋଖରୀ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ୨ଜଣ ବ୍ୟାଙ୍କ କର୍ମଚାରୀଙ୍କ ଶୋଚନୀୟ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଢେଙ୍କାନାଳ ଜିଲ୍ଲାର ଚନ୍ଦ୍ରଶେଖର ପ୍ରସାଦ ଗ୍ରାମର ପିନୁ ଧଳ ଓ ସାଲେପୁର ଅଞ୍ଚଳର ସୁବ୍ରତ ମହାପାତ୍ର ଏଚଡିଏଫସି ବ୍ୟାଙ୍କର ଗ୍ରୁପ ଲୋନର କର୍ମଚାରୀଭାବେ କାର୍ଯ୍ୟ କରନ୍ତି। ଗୁରୁବାର ସନ୍ଧ୍ୟାରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଗ୍ରାହକମାନଙ୍କଠାରୁ ଋଣ ଅର୍ଥ ସଂଗ୍ରହ କରି ଏକ ହିରୋ ଗ୍ଲାମର ମୋଟରସାଇକଲ ଯୋଗେ ଢେଙ୍କାନାଳ ଫେରୁଥିଲେ। ୫୫ନଂ. ଜାତୀୟରାଜପଥର ଚିନ୍ତାପୋଖରୀ ନିକଟରେ ଏକ ଦ୍ରୁତଗାମୀ ଟ୍ରକ୍ ( ଓଡି ୩୫ ଜି ୯୭୦୬) ଉଭୟଙ୍କୁ ପଛ ପାର୍ଶ୍ୱରୁ ଦୁର୍ଘଟଣା ଘଟାଇଥିଲା। ଏହି ଦୁର୍ଘଟଣାରେ ୨ ଜଣ ବାଇକ୍ ଆରୋହୀଙ୍କୁ ଗୁରୁତର ଅବସ୍ଥାରେ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟକୁ ଆମ୍ବୁଲାନ୍ସ ଯୋଗେ ଅଣାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଛନ୍ତି। ୫୫ନଂ. ଜାତୀୟ ରାଜପଥରେ ଦୈନିକ ଦୁର୍ଘଟଣା ଘଟୁଥିଲେ ମଧ୍ୟ ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉ ନଥିବା ଯୋଗୁ ସାଧାରଣରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି।

## ଘରେ ଅଗ୍ନିକାଣ୍ଡ;ନାବାଳକ ଓ ବୃଦ୍ଧ ଉଦ୍ଧାର



**ଢେଙ୍କାନାଳ, ୧୮ ।୭(ସମିସ) :** ସ୍ଥାନୀୟ ରିଜର୍ଭ ପୁଲିସ ଲାଇନରେ ଜିପ୍ଲସ ଟୁରେ ଥିବା ଜନୈକ ବ୍ୟକ୍ତିଙ୍କ ବାସଘରେ ଅଗ୍ନିକାଣ୍ଡ ଘଟିଥିବା ବେଳେ ଖବରପାଇ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହିତ ନାବାଳକ ସହିତ ଜନୈକ ବୃଦ୍ଧଙ୍କୁ ଉଦ୍ଧାର କରିଛନ୍ତି। ଗୁରୁବାର ଅପରାହ୍ନ ୪ଟା ସମୟରେ ରିଜର୍ଭ ପୁଲିସ ଲାଇନର ଜିପ୍ଲସ ଟୁର ଏକ ବାସଘର ପ୍ରଥମ ମହଲରେ କୌଣସି କାରଣରୁ ହଠାତ ନିଆଁ ଲାଗିଯାଇଥିଲା। ଢେଙ୍କାନାଳ ଅଗ୍ନିଶମ ବାହନୀର କର୍ମଚାରୀମାନେ ଖବରପାଇ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହିତ ସିଡି ସାହାଯ୍ୟରେ ଅବସରପ୍ରାପ୍ତ ପୁଲିସ ଏଏସଆଇ ନିତ୍ୟାନନ୍ଦ ପତି(୬୨) ଏବଂ ଅନ୍ୟ ଜଣେ ୧୦ ବର୍ଷର ପୁଅକୁ ଉଦ୍ଧାର କରିଥିଲେ। ଅଗ୍ନିଶମ ବାହିନୀ କର୍ମଚାରୀଙ୍କ ଦ୍ୱାରା ସେମାନଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିବା ବେଳେ ଅଗ୍ନିକାଣ୍ଡର କାରଣ ଖୋଜା ଚାଲିଛି।

## ସାପ କାମୁଡ଼ାରେ ଜଣେ ମୃତ



ଗଁଦିଆ,୧୮ ।୭(ସମିସ) :ଗଁଦିଆ ଥାନା ଅନ୍ତର୍ଗତ ସୋରିଶିଆପଦା ଗ୍ରାମ ପଞ୍ଚାୟତର ଚଟିଘର ଗ୍ରାମରେ ସାପ କାମୁଡ଼ାରେ ଜନୈକ ଯୁବକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଚଟିଘର ଗ୍ରାମର ବୁଦୁ ପିଙ୍ଗୁଆ (୪୦) ନିଜ ବାସଘର ନିକଟରେ ଘାସ ବାଛୁଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ସଦସ୍ୟ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଗଁଦିଆ ପୁଲିସ ପକ୍ଷରୁ କେସ ନଂ ୧୭/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଛି।

## ମା' ତାରିଣୀଙ୍କ ଆଷାଢ଼ାଇ ପର୍ବ ପାଳିତ



ଢେଙ୍କାନାଳ,୧୮ ।୭(ସମିସ) : ସ୍ଥାନୀୟ ଗାନ୍ଧୀ ମନ୍ଦିର ରୋଡ ସ୍ଥିତ ମା' ତାରିଣୀଙ୍କ ପୀଠରେ ମା' ତାରିଣୀଙ୍କ ଆଷାଢ଼ାଇ ପର୍ବ ପାଳିତ ହୋଇଯାଇଛି। ଦିନସାରା ମନ୍ଦିର ପହଡ଼ ପଡ଼ିଥାଏ। ସନ୍ଧ୍ୟାରେ ପହଡ଼ ଫିଟାଯାଇ ମା'ଙ୍କୁ ମହାସ୍ନାନ ନୂତନ ବସ୍ତ୍ର, ବିଭିନ୍ନ ଫୁଲ ହାରରେ ସୁସଜ୍ଜିତ କରାଯାଇଥାଏ। ବିଭିନ୍ନ ଭୋଗରାଗ, ମିଠା, ଫଳ ଲାଗି କରାଯାଇଥାଏ। କର୍ପୁର ଆଳତି, ଝୁଣା ଧୂପ ଓ ରାତ୍ରରେ ପହଡ଼ ପଡ଼ିଥାଏ।

**■ ହିନ୍ଦୋଳର ବିଭିନ୍ନ ପଞ୍ଚାୟତରେ ସାଂସଦ ରୁଦ୍ର ପାଣିଙ୍କୁ ସମ୍ବର୍ଦ୍ଧନା**

## ଲୋକଙ୍କୁ ଭେଟି ବୁଝିଲେ ସମସ୍ୟା



**ହିନ୍ଦୋଳ, ୧୮ ।୭(ସମିସ) :** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ ସାଂସଦ ରୁଦ୍ରନାରାୟଣ ପାଣିଙ୍କୁ ସ୍ଥାନୀୟ କାର୍ଯ୍ୟକର୍ତ୍ତା ଓ ଜନସାଧାରଣ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିବା ଦେଖିବାକୁ ମିଳିଛି। ଏହି ଗ୍ରସ୍ତ ଅବସରରେ ସାଂସଦ ଗୁଳେହି, ମହାଲୁଣ୍ଡା, ପାଟଲା ଓ ସାତମାଇଲ ଅଞ୍ଚଳରେ ପହଞ୍ଚି ଜନସାଧରଣଙ୍କ ସହିତ ମିଶି ବିଭିନ୍ନ ସୁବିଧା ଅସୁବିଧା ପଚାରିଥିବା ଦେଖାଯାଇଛି। ଆଗାମୀ ଦିନରେ ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ଜନସାଧାରଣ କିପରି ନିଜର ସମସ୍ୟା ଜନପ୍ରତିନିଧିଙ୍କ ଜରିଆରେ ସମାଧାନ କରିପାରିବେ, ପ୍ରତ୍ୟେକ ମାସରେ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମ ବୁଲି ସମାଧାନ କରିବେ ବୋଲି ସେ କହିଥିଲେ। ହିନ୍ଦୋଳ ନିର୍ବାଚନ ମଣ୍ଡଳୀର ସାତମାଇଲ, ରାସୋଳ ଦେଇ ଟ୍ରେନ ଲାଇନ ଯିବାପାଇଁ ବିଭାଗୀୟ ମନ୍ତ୍ରୀଙ୍କୁ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ। ଏହି ଗ୍ରସ୍ତ ସମୟରେ ହାତୁରା ମଣ୍ଡଳ ସଭାପତି ମନୋଜ କୁମାର ପଟନାୟକ, ଅଜୟ ଦାସ, ମନୋରଞ୍ଜନ ନାଏକ, ବାନାମ୍ବର ପତି, ବିଜୟ କୁମାର ପଟନାୟକ, ରୁନା ସାହୁ, ଅନିରୁଦ୍ଧ ବେହେରା ପ୍ରମୁଖ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ସାଂସଦ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ।

## ଦେଓଗାଁରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ

ଗଁଦିଆ,୧୮ ।୭(ସମିସ) : ପବିତ୍ର ବାହୁଡ଼ା ଏକାଦଶୀ ଓ ସୁନାବେଶ ଉପଲକ୍ଷେ କପିଳାସ ଦେଓଗାଁ ଶ୍ରୀ ଶ୍ରୀ ବଳଦେବଜୀଉ ଭଜନ କମିଟି ଦ୍ୱାରା ଆୟୋଜିତ ଭଜନ ସମାରୋହ ବହୁ ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ସୁନାମ ଧନ୍ୟ କଣ୍ଠଶିଳ୍ପୀ ଅନୁସୟା ନାଥ, ବିଶ୍ୱଜିତ ଆଚାର୍ଯ୍ୟ, ଇପସୀତା ପଣ୍ଡା, ସନତ୍ କୁମାରଙ୍କୁ ନେଇ ଭଜନ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦେଓଗାଁ ସରପଞ୍ଚ ବିଜୟ କୁମାର ଦେହୁରୀ ଏବଂ ଚନ୍ଦ୍ରଶେଖର ଜୀଉଙ୍କ ମୁଖ୍ୟ ପୂଜାପଣ୍ଡା ଗୋପୀନାଥ ପଣ୍ଡା ପ୍ରଥମେ ମଞ୍ଚ ଉପରେ ମହାପ୍ରଭୁଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ଶ୍ରୀ ଶ୍ରୀ ବଳଦେବ ଭଜନ କମିଟିର ବରିଷ୍ଠ ସଦସ୍ୟ ଦୁଷ୍ମନ୍ତ ମହାନ୍ତି, ବିଜୟ କୁମାର ଷଡ଼ଙ୍ଗୀ, ବିଜୟ ମହାପାତ୍ର, ସହଯୋଗୀ ଗୌରହରି ପଣ୍ଡା, ସୁମନ୍ତ ମହାନ୍ତି ଏବଂ ଦେଓଗାଁ ଗ୍ରାମ୍ୟ କମିଟିର ସମ୍ପାଦକ ଗୁରୁଚରଣ ମହାପାତ୍ର, ଭାଗିରଥି ବେହେରା, ଅକ୍ଷୟ କୁମାର ରଣା ସମସ୍ତ କଳାକାର ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ଶ୍ରୀ ବଳଦେବଜୀଉ ଭଜନ କମିଟିର ସଦସ୍ୟ ଓ ଦେଓଗାଁ ଗ୍ରାମ୍ୟ କମିଟିର ସଦସ୍ୟମାନେ ସହଯୋଗ କରିଥିଲେ।



## ବିଦ୍ୟୁତ୍ ବିଭାଗ ଓ ବନ ବିଭାଗର ସମନ୍ୱୟ ବୈଠକ



ଢେଙ୍କାନାଳ, ୧୮ ।୭(ସମିସ) : ସ୍ଥାନୀୟ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ଠାରେ ଜିଲ୍ଲାର ଟିପିସିଓଡିଏଲ୍ ବିଭାଗ ଓ ବନ ବିଭାଗର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଥିବା ଜନସାଧାରଣ ଏବଂ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଥିବା ହାତୀ ମାନଙ୍କର ଚଳପ୍ରଚଳ କରୁଥିବା ସ୍ଥାନରେ ସାବଧାନତା ସହିତ ଚଳପ୍ରଚଳ କରିବା ପାଇଁ ସଚେତନେ କରାଯିବା ନିମନ୍ତେ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ବୈଠକରେ ଟିପିସି ଓଡିଏଲ୍ ନିର୍ବାହ ଯନ୍ତ୍ରୀ ବେଣୁଧର ଦାସ, ଏସିଏଫ ମିଶ୍ର, ବନବିହାରି, ରେଞ୍ଜର ବିଜ୍ଞଦାନନ ସାହୁଙ୍କ ସମତେ ଉଭୟ ବିଭାଗ ଉପସ୍ଥିତ ଥିଲେ।

## କାମାକ୍ଷାନଗର ପଞ୍ଚାୟତ ସମିତିର ସାଧାରଣ ବୈଠକ

**କାମାକ୍ଷାନଗର, ୧୮ ।୭(ସମିସ):** କାମାକ୍ଷାନଗର ପଞ୍ଚାୟତ ସମିତିର ସପ୍ତମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପଞ୍ଚାୟତ ସମିତିର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ସମସ୍ତଙ୍କ ସହଯୋଗରେ କିପରି କରାଯାଇପାରିବ ଉଭୟ ମତବ୍ୟକ୍ତ କରିଥିଲେ। ଏହି ବୈଠକରେ ପଞ୍ଚାୟତ ସମିତି ଅଧୀନରେ ଥିବା ସମସ୍ତ ୨୨ ଗୋଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିଲେ। ଏହି ବୈଠକରେ କାମାକ୍ଷାନଗର ବିଡିଓ ଅବିନାଶ ପାଣ୍ଡିଆ, ବ୍ଲକ ଉପାଧ୍ୟକ୍ଷା, ବିଭିନ୍ନ ଜିଲ୍ଲା ପରିଷଦ ସଦସ୍ୟ, ସଦସ୍ୟା ଉପସ୍ଥିତ ଥିଲେ।




## ବିଭିନ୍ନ ଗ୍ରୋସରୀ ଓ ଜର୍ଦ୍ଦା ଷ୍ଟୋର ଉପରେ ଚଢ଼ଉ

**କାମାକ୍ଷାନଗର ୧୮ ।୭(ସମିସ)**

କାମାକ୍ଷାନଗର ସହରର ବିଭିନ୍ନ ଗ୍ରୋସରୀ ଓ ଜର୍ଦ୍ଦା ଷ୍ଟୋର ଉପରେ ଚଢ଼ଉ କରାଯାଇଛି। ବସ୍ତାବସ୍ତା ନକଲି ସର୍ଫ ଏକ୍ସଲ ଜବତ କରାଯାଇଛି। ସହରର ତରୁଣବଜାର, ମୁଣ୍ଡିଦେଉଳି, ହନୁମାନ ବଜାର, ଆଳତୁମା ଠାରେ ଥିବା ବିଭିନ୍ନ ଗ୍ରୋସରୀ ଓ ଜର୍ଦ୍ଦା ଷ୍ଟୋର ଉପରେ ଚଢ଼ଉ ହୋଇଛି। ବସ୍ତା ବସ୍ତା ନକଲି ସର୍ଫ ଏକ୍ସଲକୁ ଜବତ କରିଥିଲେ କମ୍ପାନୀ କର୍ତ୍ତୃପକ୍ଷ

**● ବସ୍ତାବସ୍ତା ନକଲି ସର୍ଫ ଏକ୍ସଲ ଜବତ**

ଓ ସ୍ଥାନୀୟ କାମାକ୍ଷାନଗର ପୁଲିସ। ସୂଚନା ଅନୁସାରେ କାମାକ୍ଷାନଗର ସହରରେ ଥିବା ଗ୍ରୋସରୀ ଓ ଜର୍ଦ୍ଦା ଷ୍ଟୋର ଗୁଡିକରେ ନକଲି ସର୍ଫ ଏକ୍ସଲ ବିକ୍ରି ହେଉଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ସର୍ଫ କମ୍ପାନର କର୍ତ୍ତୃପକ୍ଷ ଆଜି ବିଭିନ୍ନ ଜର୍ଦ୍ଦା ଷ୍ଟୋର ଉପରେ ଚଢ଼ଉ କରି ସେଠାରୁ ବସ୍ତା



ବସ୍ତା ନକଲି ସର୍ଫ ଏକ୍ସଲ ଓ ଡିଟରଜେଣ୍ଟ ଜବତ କରିଛନ୍ତି। ଅନେକ ଦିନ ଧରି ଏହି ଦୋକାନରେ ନକଲି ସର୍ଫ କାରବାର ହେଉଥିବା ବେଳେ ଅଭିଯୋଗ ଆଧାରରେ ଚଢ଼ଉ ହୋଇଛି। ଚଢ଼ଉରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହିତ ବମ୍ବେ ହାଇକୋର୍ଟର ଏକ ଛଅ ଜଣିଆ ଟିମ ଓ କାମାକ୍ଷାନଗର ପୁଲିସ ସାମିଲ ଥିଲେ। ଏହି ଚଢ଼ଉ ଫଳରେ ନକଲି ସାମଗ୍ରୀ କାରବାର କରୁଥିବା ବ୍ୟବସାୟୀଙ୍କ ମନରେ ଛନକା ପଶିଥିବା ବେଳେ ଅନେକ ଭୟରେ ଦୋକାନ ବନ୍ଦ କରିଦେଇଥିବା ଦେଖିବାକୁ ମିଳିଥିଲା।

## ପିଡିଏସ୍ ଚାଉଳ ଓଜନରେ ଠକେଇ

**● ହିତାଧିକାରୀ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ**



**ଢେଙ୍କାନାଳ, ୧୮ ।୭(ସମିସ) :** ସଦର ବ୍ଲକ ଅନ୍ତର୍ଗତ ଓସ୍ତପାଳ ଗ୍ରାମରେ ସାଧାରଣ ଲୋକଙ୍କୁ ପିଡିଏସ୍ ଚାଉଳ ବଣ୍ଟନ କରୁଥିବା ଏସଏସଜି ଗ୍ରୁପ ମାପ ଓଜନରେ ଠକୁଥିବା ଘଟଣାକୁ ନେଇ ହିତାଧିକାରୀମାନେ ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ।

ଓସ୍ତପାଳ ଗ୍ରାମରେ ମା' ଦୁର୍ଗା ମହିଳା ସମିତି ଗ୍ରାମରେ ଥିବା ହିତାଧିକାରୀଙ୍କୁ ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ଚାଉଳ ବଣ୍ଟନ ଦାୟିତ୍ୱ ନେଇଛନ୍ତି । ଗ୍ରୁପର ସଭାପତି ଏବଂ ତାଙ୍କ ପୁଅ ଲୋକଙ୍କୁ ମାପ ଓଜନରେ ଠକୁଥିବା ଅଭିଯୋଗ ହୋଇଛି । ଏପରିକି ଲୋକଙ୍କୁ ଗାଳିଗୁଲଜ କରୁଥିବା ମଧ୍ୟ ଅଭିଯୋଗ ହୋଇଛି । ମାପ ଓଜନ କମ ନେଇ କହିଲେ ମଧ୍ୟ ଗାଳିଗୁଲଜ କରୁଥିବା ଗ୍ରାମବାସୀ କହିଛନ୍ତି । ଏହାକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେବା ସହିତ ମା' ଦୁର୍ଗା ଏସଏସଜି ଗ୍ରୁପ ବଦଳରେ ଅନ୍ୟ ଗ୍ରୁପ ଜରିଆରେ ଚାଉଳ ପ୍ରଦାନ କରିବାକୁ ଗ୍ରାମର ସାରଙ୍ଗଧର ପ୍ରଧାନ, ବିକ୍ରମ ସାହୁ, ଆନନ୍ଦ ରାଉତ, ଅନ୍ତର୍ଯ୍ୟାମୀ ପ୍ରଧାନ, ଅଖିଳ ସାହୁ ସିତୁ ନାୟକ, କୁନି ପ୍ରଧାନ, ସିତୁ ନାୟକ, ପ୍ରେମାନନ୍ଦ ସାହୁ ପ୍ରମୁଖ ଲିଖିତ ଭାବରେ ଉପଜିଲ୍ଲାପାଳଙ୍କୁ ଅବଗତ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ।

## ସରକାରୀ ଜମିରେ କୁକୁଡ଼ା ଫାର୍ମ ଓ ମୋବାଇଲ ଟାୱାର

**ଢେଙ୍କାନାଳ, ୧୮ ।୭(ସମିସ)**

**● ଆଦାୟ ହେଉଛି ଭଡ଼ା, ଜବରଦଖଲମୁକ୍ତ କରିବାକୁ ଜିଲ୍ଲାପାଳଙ୍କୁ ନିବେଦନ**



ଢେଙ୍କାନାଳ ଜିଲ୍ଲାର ଓଡାପଡ଼ା ତହସିଲ ଅନ୍ତର୍ଗତ ସଦାଶିବପୁର ଗ୍ରାମରେ ୨ଏକର ସରକାରୀ ଜମିରେ କୁକୁଡ଼ା ଫାର୍ମ କରାଯିବା ସହିତ ମୋବାଇଲ ଟାୱାର ନିର୍ମାଣ କରାଯାଇଛି । ମାସକୁ ମାସ ଭଡ଼ା ଆଦାୟ କରାଯାଉଥିବା ବେଳେ ସରକାରୀ ଜମିକୁ ଜବରଦଖଲମୁକ୍ତ କରିବାକୁ ଦାବି ହୋଇଛି ।

ସଦାଶିବପୁର ଗ୍ରାମର ଶ୍ରୀକାନ୍ତ କୁମାର ହୋତାଙ୍କ ଅଭିଯୋଗ ଅନୁସାରେ ସଦାଶିପୁର ଗ୍ରାମର ପ୍ଲଟ ନଂ ୨୮୬୧ ଏବଂ ୨୮୬୨ ଖାତା ନଂ. ୫୪୫ର ପ୍ରାୟ ୨ ଏକର ସରକାରୀ ଜମିରେ ଜନୈକ ରାଜନୈତିକ ବ୍ୟକ୍ତି ଏକ କୁକୁଡ଼ା ଫାର୍ମ କରିଛନ୍ତି । କୁକୁଡ଼ା ଫାର୍ମ ସହିତ ସେହି ଜମିରେ ବିଏସଏନଏଲ ଏବଂ ଏୟାରଟେଲ କମ୍ପାନୀର ମୋବାଇଲ ଟାୱାର ଦୁଇଟି ନିର୍ମାଣ କରାଯାଇଛି । ସେହି ଟାୱାରରୁ ମାସକୁ ମାସ ଭଡ଼ା ମଧ୍ୟ ଆଦାୟ ହେଉଛି । ସରକାରୀ ଜମିରେ କିପରି ଟାୱାର ନିର୍ମାଣ ହୋଇ ଭଡ଼ା ଆଦାୟ ହେଉଛି ଏବଂ ଫାର୍ମ ହୋଇଛି, ତାକୁ ନେଇ ପ୍ରଶ୍ନ ଉଠୁଥିବା ବେଳେ କେହି ପ୍ରଶ୍ନ ଉଠାଇଲେ ତାକୁ ମାଡ଼ ମରାଯିବା ସହିତ ଏସସିଏସଟି ଆଇନରେ ଥାନାରେ ମାମଲା ରୁଜୁ କରାଯାଉଛି । ସରକାରୀ ସମ୍ପତିରେ ଅନଧିକାର ପ୍ରବେଶ ଉପରେ ସରକାର କଟକଣା ଜାରି କରିଥିବା ବେଳେ ସେହି ସରକାରୀ ଜମିରୁ ତୁରନ୍ତ ଜବରଦଖଲ ହଟାଇବାକୁ ନିବେଦନ କରାଯିବା ସହିତ ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି । ଏ ଦିଗରେ ଜିଲ୍ଲାପାଳଙ୍କୁ ଅବଗତ କରାଯିବା ସହିତ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଅବଗତ କରାଯାଇଛି ।

## ଏମ୍‌ସିଏଲ୍ କଲୋନୀ ରାସ୍ତା ସାଜିଛି ମରଣଯନ୍ତା



**ତାଳଚେର ସଦର, ୧୮।୭(ସମିସ):** ତାଳଚେର ଜଗନ୍ନାଥ କୋଇଲା ଖଣି ଅଧୀନସ୍ଥ ସାଉଥବଲଣ୍ଡା କ୍ୱାର୍ଟର ନଂ-ଏମକ୍ୟୁ -୧୧୩ରୁ ୧୧୬ କଲୋନୀର ରାସ୍ତା ମରଣଯନ୍ତା ସାଜିଥିବା କଲୋନୀବାସୀ ଅଭିଯୋଗ କରିଛନ୍ତି । ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ ନଥିବାରୁ ରାସ୍ତାରେ ପାଣି ଅନବରତ ସୁଅ ଛୁଟିଛି । କଲୋନୀବାସୀ ଅଳ୍ପ କିଛି ବର୍ଷାରେ ସେହି ରାସ୍ତାଦେଇ ଯିବାକୁ ଉଚିତ ମଣୁ ନାହାନ୍ତି । ଏପରିକି ବର୍ଷା ଦିନରେ ଏହି ଜଳରେ ବିଭିନ୍ନ ପ୍ରକାରର ସରିସୃପ ଘରକୁ ପଶି ଯାଉଥିବା ଅଭିଯୋଗ ହୋଇଥାଏ । ତେବେ ଏମସିଏଲ ପକ୍ଷରୁ ରାସ୍ତା ଗୁଡ଼ିକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ କେଉଁଠାରେ ଚିକଣିଆ କରାଯାଉଥିବା ବେଳେ ଆଉ କେଉଁ ଠାରେ ରାସ୍ତାକୁ ଅଣଦେଖା କରୁଥିବା ଶୁଣିବାକୁ ମିଳୁଛି । ଏମସିଏଲ ପକ୍ଷରୁ ଟେଣ୍ଡର କରାଯାଇ ମରମ ଉପରେ ମରମ ବିଛାଯାଇ ଲକ୍ଷଲକ୍ଷ ଟଙ୍କା ହରିଲୁଟ୍ ହେଉଥିବା ଅଭିଯୋଗ ହେଉଛି । ସରକାରଙ୍କ ସ୍ପଷ୍ଟ ନିର୍ଦ୍ଦେଶନାମା ସବୁ ସ୍ଥାନରେ କଙ୍କ୍ରିଟ୍ ରାସ୍ତା ସହିତ ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ କରିବାକୁ ରହିଥିବା ବେଳେ ଏମସିଏଲ କ୍ଷେତ୍ରରେ ଏହାର ବ୍ୟତୀକ୍ରମ କାହିଁକି ଯେ ହେଉଛି ତାହା ତଦନ୍ତ ସାପେକ୍ଷ ବୋଲି ବିଭିନ୍ନ ସଂଗଠନ ପକ୍ଷରୁ ଅଭିଯୋଗ ହେଉଛି । ତେବେ ତୁରନ୍ତ ଏହି କଲୋନୀ ରାସ୍ତାକୁ ନିର୍ମାଣ କରାଯିବା ସହିତ ଉଭୟ ପାର୍ଶ୍ୱରେ ଡ୍ରେନ ବ୍ୟବସ୍ଥା କରିବାକୁ କଲୋନୀବାସୀ ଦାବି କରିଛନ୍ତି । ନତୁବା କଲୋନୀବାସୀ ବାଧ୍ୟହୋଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

## ରାସ୍ତା ମଝିରେ ବାଉଁଶବୋଝେଇ ଟ୍ରକ୍‌ରୁ ଖସିଗଲା ବାଉଁଶ




**ଅନୁଗୋଳ, ୧୮ ।୭(ସମିସ):** ରାସ୍ତା ମଝିରେ ବାଉଁଶ ବୋଝେଇ ଟ୍ରକରୁ ଖସିଗଲା ବାଉଁଶ । ସୌଭାଗ୍ୟବଶତଃ ସେହି ସମୟରେ କେହି ଯାତାୟାତ କରୁ ନ ଥିବାରୁ ଆଜି ଏକ ବଡ଼ ବିପଦ ଟଳି ଯାଇଛି ।

**● ଟଳିଗଲା ବଡ଼ ବିପଦ**

ସୂଚନା ମୁତାବକ, ଆଜି ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଏକ ବାଉଁଶ ବୋଝେଇ ଗାଡ଼ିରୁ ବାଉଁଶ ରାସ୍ତା ଉପରେ ଖସି ପଡ଼ିଥିଲା । ତେବେ ଉକ୍ତ ସମୟରେ କୌଣସି ଯାତ୍ରୀ ରାସ୍ତାରେ ଯାତାୟାତ କରୁ ନଥିବାରୁ ଆସନ୍ନ ଦୁର୍ଘଟଣାରୁ ରକ୍ଷା ପାଇଯାଇଥିବା ଜଣାପଡ଼ିଛି । ଯଦି କେହି ଯାତ୍ରୀ ସେହି ରାସ୍ତା ଦେଇ ଯାଉଥାନ୍ତେ, ତେବେ ପରିସ୍ଥିତି ଅତି ଭୟଙ୍କର ହୋଇଥାନ୍ତା ବୋଲି କୁହାଯାଉଛି । ଏତେ ଖାମଖିଆଲ ଭାବେ ରାସ୍ତାରେ ବାଉଁଶ ଲଦି ନେବା ଓ ଉଚିତ ପଦକ୍ଷେପ ଗ୍ରହଣ ନକରିବା ନିଶ୍ଚିତ ରୂପେ ବିପଦକୁ ଡାକି ଆଣିବା ବୋଲି ଲୋକେ କହିଛନ୍ତି । ତେବେ ଏହି ବାଉଁଶ ବୋଝେଇ ଗାଡ଼ି କୁଆଡ଼େ ଯାଉଥିଲା, ସେ ନେଇ ସ୍ପଷ୍ଟ ସୂଚନା ମିଳିପାରିନାହିଁ ।

## ନିରଞ୍ଜନଙ୍କ ପାଇଁ ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କ ସମବେଦନା



**ଖମାର, ୧୮ ।୭(ସମିସ):** ପାଲଲହଡା ବ୍ଲକ ଅନ୍ତର୍ଗତ କରଡ଼ାପାଳ ଗ୍ରାମର ନିରଞ୍ଜନ ବୋଇତା କେନ୍ଦ୍ର ସରକାରଙ୍କ ପୋଷ୍ଟାଲ ବିଭାଗରେ ତଳ କର୍ମଚାରୀ ଭାବେ କାର୍ଯ୍ୟରତ ଥିଲେ । ଦୁର୍ଭାଗ୍ୟ ବେଳକୁ ତାଙ୍କର ରାସ୍ତା ଦୁର୍ଘଟଣା ଘଟିଥିଲା । ବାରକୋଟିଆ ପୋଷ୍ଟାଲରେ ପୋଷ୍ଟ ପିଅନ ଭାବରେ ସେ କାର୍ଯ୍ୟ କରୁଥିଲେ । ଦୁର୍ଘଟଣା ପରେ ଚିକିତ୍ସାଧୀନ ଅବସ୍ଥାରେ କଟକ ସରକାରୀ ବଡ଼ ମେଡ଼ିକାଲରେ ଥିଲେ । ତାଙ୍କ ପରଲୋକରେ ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଅବନୀକାନ୍ତ ସାହୁ ଶୋକ ପ୍ରକାଶ କରିବା ସହ ଅମର ଆତ୍ମାର ସଦଗତି କାମନା କରି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

## ପଞ୍ଚ ଶ୍ରୀକ୍ଷେତ୍ରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ତିନି ଠାକୁରଙ୍କ ନୀଳାଦ୍ରିବିଜେ



**ବଅଁରପାଳ,୧୮ ।୭(ସମିସ):** ପଞ୍ଚ ଶ୍ରୀଖେତ୍ର ବଅଁରପାଳ ଜଗନ୍ନାଥ ମନ୍ଦିରରେ ଠାକୁର ମାନଙ୍କ ସମସ୍ତ ରୀତି ନିତୀର ସହ ସୁନାବେଶ ଓ ନିଳାଦ୍ରୀ ବିଜେ ପର୍ବ ଅନୁଷ୍ଠିତ ହୋଇଯାଇଛି । ସୁନାବେଶ ଅବସରରେ ଆଖ ପାଖ ୧୪ଟି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରବଳ ଜନସମାଗମ ମଧ୍ୟରେ ସହସ୍ରାଧିକ ଶ୍ରଧାଳୁ ଭକ୍ତ ପ୍ରଭୁଙ୍କ ସୁନାବେଶ ଓ ପିଲାଙ୍କ ମନଲାଖି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ । ଗୁରୁବାର ଅଧରପଣା ସହ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି କରାଯାଇ ଶ୍ରୀମନ୍ଦିରକୁ ଦଇତାପତିଙ୍କ ସହଯୋଗରେ ବିଜେ କରାଯାଇଥିଲା । ଏ ସମସ୍ତ କାର୍ଯ୍ୟକ୍ରମକୁ ମନ୍ଦିର ପରିଚାଳନା କମିଟି ,ଦହିତାପତି ଓ ସ୍ଥାନୀୟ ଶ୍ରଦ୍ଧାଳୁଭକ୍ତଙ୍କ ପ୍ରତ୍ୟକ୍ଷ ସହଯୋଗ ପାଇଁ ସମ୍ଭବ ହୋଇପାରିଥିଲା । ଚଳିତ ବର୍ଷ ପ୍ରଭୁଙ୍କ ସମସ୍ତ କାର୍ଯ୍ୟକ୍ରମ ସଭିଙ୍କ ସହଯୋଗରେ ସୁରୁଖୁରୁ ଓ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିବାରୁ ମନ୍ଦିର ପ୍ରଶାସନ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ପାନୀୟ ଜଳ ଯୋଗାଣ ଦିଗରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା



**କଣିହାଁ, ୧୮ ।୭(ସମିସ):** କଣିହାଁ ବ୍ଲକ ସମଲ ବ୍ୟାରେଜ ଅତିଥି ଭବନରେ ପାଲଲହଡ଼ା ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ଗ୍ରାମର ପାନୀୟ ଜଳ ଯୋଗାଣ ସମସ୍ୟା ଦୂରକରିବା ପାଇଁ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ ଗ୍ରାମୀୟ ଜଳ ଯୋଗାଣ ବିଭାଗର ନିର୍ବାହୀ ଯନ୍ତ୍ରୀ ସୌରଭ ଦୀକ୍ଷିତ, ସହକାରୀ ଯନ୍ତ୍ରୀ ଅକ୍ଷୟ କୁମାର ସାସମଲ, ଶରତ ପ୍ରଧାନ, ସୁମନ୍ତ ତ୍ରିପାଠୀ, ବିଶ୍ୱନାଥ ରଥ, ସବିତା ପ୍ରଧାନ, ବସନ୍ତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତି ରହିଥିଲେ । ବିଶୁଦ୍ଧ ପାନୀୟ ଜଳ ଯୋଗାଣ ମେଗା ପ୍ରୋଜେକ୍ଟକୁ ନେଇ ଦାୟିତ୍ୱ ଥିବା ଠିକା ସଂସ୍ଥା ଏନସିସି ଓ ଏଲ୍‌ଏନଟିର ଅଧିକାରୀଙ୍କ ସହିତ କାର୍ଯ୍ୟର ଅଗ୍ରଗତିକୁ ନେଇ ଆଲୋଚନା ହୋଇଥିଲା । ଖୁବଶୀଘ୍ର କାମ ସାରିବାକୁ ବିଧାୟକ ଶ୍ରୀ ମହାନ୍ତି ନିର୍ଦ୍ଦେଶେ ଦେଇଛନ୍ତି । ଏହି କାର୍ଯ୍ୟ ଅଳ୍ପଦିନରେ ସରିବ । ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାଲଲହଡ଼ା ଉପଖଣ୍ଡ ସହିତ କଣିହା ବ୍ଲକ ବାସିନ୍ଦା ଉପକୃତ ହେବେ ବୋଲି ବିଧାୟକ ମହାନ୍ତି ସୂଚନା ଦେଇଛନ୍ତି । ଏହା ବାଦ ସମସ୍ତ ନଳକୂପ ମରାମତି ସହିତ ଅନ୍ୟାନ୍ୟ ପାନୀୟ ଜଳଯୋଗାଣ ବ୍ୟବସ୍ଥାର ପ୍ରକଳ୍ପ ତଦାରଖ କରିବା ସହିତ ପ୍ରଧାନମନ୍ତ୍ରୀଙ୍କ ଜଳଜୀବନ ମିଶନ ଦ୍ୱାରା କାର୍ଯ୍ୟକ୍ରମ କରାଯିବ ବୋଲି ପ୍ରକାଶ କରିଛନ୍ତି ।

## ରାସ୍ତା ମରାମତି ପାଇଁ ଗ୍ରାମବାସୀଙ୍କ ଶାନ୍ତିପୂର୍ଣ୍ଣ ଗଣଧାରଣା

**ଡେରଙ୍ଗ, ୧୮।୭(ସମିସ):** ଘଣ୍ଟିଆନାଳୀ ଗ୍ରାମବାସୀ ଡେରଙ୍ଗ ଗ୍ରାମପଞ୍ଚାୟତ କଣିହାଁ ବ୍ଲକ ଏବଂ ପାଲଲହଡ଼ା ନିର୍ବାଚନ ମଣ୍ଡଳୀର ବାସିନ୍ଦା ଅଟନ୍ତି । ଘଣ୍ଟିଆନାଳୀ ବଡ଼ଦାଣ୍ଡ ସାହି ଦେଇ ଯାଇଥିବା ରାସ୍ତାରେ ୨୫ ରୁ ଊର୍ଦ୍ଧ୍ୱ ଗ୍ରାମର ଜନସାଧାରଣ ଜୀବନ ଜୀବିକା ପାଇଁ ସେହି ରାସ୍ତାକୁ ବ୍ୟବହାର କରିଥାନ୍ତି । ବଡ଼ ଦୁଃଖର ବିଷୟ ଯେ, ବିଗତ ୧୫ ବର୍ଷରୁ ଅଧିକ ହେବ ଘଣ୍ଟିଆନାଳୀ ଗ୍ରାମ ରାସ୍ତାରେ ଜେଆଇଟିପିଏଲ, ତା'ର ନିଜସ୍ୱ ପାଉଁଶ ଏବଂ ନଦୀରୁ ବାଲିବୋଝେଇ ଟ୍ରକ, ଟ୍ରାକ୍ଟର ଏବଂ ହାଇୱା ଗାଡ଼ି ଦ୍ୱାରା ଦିନ ଏବଂ ରାତିରେ ଫାକ୍ଟ୍ରିକୁ ଅନବରତ ଭାରିଜାନ ଚଳାଚଳ କରି ଗ୍ରାମ ରାସ୍ତାଟିକୁ ବହୁ ଖରାପ କରିବା ସହିତ ଦିନକୁ ଦିନ ଲୋକମାନେ ସେହି ରାସ୍ତାରେ ଯାତାୟାତ ବେଳେ ବିଭିନ୍ନ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ସ୍କୁଲ ପିଲାମାନେ ରାସ୍ତାରେ ଗଲାବେଳେ ନାନା ପ୍ରକାର ବାଧା ଉପୁଜୁଛି । ବର୍ଷା ଦିନରେ ରାସ୍ତାରେ ଭାରିଯାନ ଯାତାୟାତ କରିବା ଫଳରେ ୩/ ୧ ଫୁଟରୁ ଗଭୀର ଗାତ ହୋଇ ପାଣି ଜମି ରହୁଛି । ରାସ୍ତାର ମରାମତି ନିମନ୍ତେ ବାରମ୍ବାର ପ୍ରଶାସନ ଏବଂ ଜେଆଇଟିପିଏଲକୁ ଅବଗତ କରିବା ସତ୍ତ୍ୱେ ବି କୌଣସି ପଦକ୍ଷେପ ନେଉନାହାନ୍ତି । ରାସ୍ତା ମରାମତି କରା ନଯିବା ଫଳରେ ଘଣ୍ଟିଆନାଳୀ ଗ୍ରାମର ସଭାପତି ଟଙ୍କଧର ପ୍ରଧାନ, ସମ୍ପାଦକ ହୃଦୟ ପ୍ରଧାନ, ନିଲମ ସାହୁ, ଅଜୟ ସାହୁ, ବିଶ୍ୱନାଥ ପ୍ରଧାନ, ନବିନା ସାହୁ, ପ୍ରମାଦ ସାହୁ, ପାବିତ୍ରମୋହନ ପ୍ରଧାନ, ପିତାମ୍ବର ପ୍ରଧାନ, ବିଶ୍ୱନାଥ ପ୍ରଧାନ, ନବ ପ୍ରଧାନ, ସୁଦର୍ଶନ ସାହୁ, ପରମା ଦେହୁରୀ ପ୍ରମୁଖ ଘଣ୍ଟିଆନାଳୀ ବଡ଼ଦାଣ୍ଡ ସାହି ରାସ୍ତା ମରାମତି ପାଇଁ ଶାନ୍ତିପୂର୍ଣ୍ଣ ଗଣଧାରଣା ଦେଇଛନ୍ତି ।




## ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର



**ଛେଣ୍ଡିପଦା,୧୮।୭(ସମିସ):** ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ସଭାଗୃହରେ ଗୁରୁବାର ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ପ୍ରଧାନମନ୍ତ୍ରୀ ପୋଷଣ କାର୍ଯ୍ୟକ୍ରମ, ସାମନ୍ୱୟ ଶିଶୁ ସୁରକ୍ଷା ଓ ମମତା ଯୋଜନା ଆର୍ଥିକ ବର୍ଷ ୨୦୨୩-୨୪ର ବ୍ଲକ ସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଛେଣ୍ଡିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିବିକ୍ରମ କୁମୁରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନ ଶୁଣାଣିରେ ଅନୁଗୋଳ ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ମନରେଗାର ଅଧ୍ୟକ୍ଷ ହେମନ୍ତ କୁମାର ସିଂ, ବ୍ଲକ ଉପାଧ୍ୟକ୍ଷା ସୁମିତ୍ରା ସାହୁ, ଉପାଧ୍ୟକ୍ଷା ଝରଣା ସ୍ୱାଇଁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ରଞ୍ଜନ କୁମାର ସେଠୀ, ବିଭୂତି ପଟ୍ଟନାୟକ ଓ ବ୍ଲକର ଏପିଓ ସାଗରୀକା ସାହୁ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମର ସମୀକ୍ଷା କରିବା ସହିତ ଜନଶୁଣାଣି ସମ୍ପର୍କରେ ସୂଚନା ଦେଇଥିଲେ । ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱାଗତ ଭାଷଣ ଦେଇଥିବାବେଳେ ମନରେଗା ଜନଶୁଣାଣିର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି ସମୀକ୍ଷା ବେଳେ ବହୁ ଅଧିକାରୀ ପଞ୍ଚାୟତ ସ୍ତରରେ ହେଉଥିବା ସୋସିଆଲ ଅଡିଟ ସମୟରେ ସଠିକ କାଗଜପତ୍ର ଦାଖଲ କରୁ ନଥିବା ବେଳେ ଜନସାଧାରଣ ଓ ବିଭିନ୍ନ ଯୋଜନାରେ ଥିବା କମିଟିର ସଦସ୍ୟଙ୍କ ସହିତ ଆଲୋଚନା କରି କାର୍ଯ୍ୟ କରିବା ପାଇଁ ତାଗିଦ କରିଥିଲେ । ଏହି ଶିବିରରେ ପଞ୍ଚାୟତ ପ୍ରତିନିଧି ଓ ପ୍ରଶାସନ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କାରିବା ପାଇଁ ପରାମର୍ଶ ଦେଇଥିଲେ । ୨୦୨୩-୨୪ ଆର୍ଥିକ ବର୍ଷରେ ୧୮୪୭ଟି ପ୍ରକଳ୍ପର କାର୍ଯ୍ୟ ହାତକୁ ନିଆଯାଇଥିବା ବେଳେ ସେଥିମଧ୍ୟରୁ ୮୩୭ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଥିବା ବେଳେ ୧୦୦୯ଟି ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି । ୨୪କୋଟି କୋଟି ୭୦ ଲକ୍ଷ ୮୭ହଜାର ଟଙ୍କା ଖର୍ଚ୍ଚ ହୋଇଛି । ୧୭୩୪ ଜଣଙ୍କୁ ୧୦୦ଦିନରେ କାମ ଯୋଗାଇ ଦିଆଯାଇଛି । ୧୫ହଜାର ୨୯୭ଟି ପରିବାରଙ୍କୁ ଗତ ଆର୍ଥିକ ବର୍ଷରେ କାମ ଯୋଗାଇ ଦିଆଯାଇଛି । ସେହିପରି ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ମରିଯାଇଥିବା ଲୋକଙ୍କ ନାମ ଓ ବିବାହିତା ମହିଳାଙ୍କ ନାମ କଟା ଯାଉ ନଥିବାରୁ ଭୂତ ରାସନ ଖାଉଥିବା ନେଇ ଅସନ୍ତୋଷ ଦେଖାଦେଇଥିଲା । ଏପରିକି ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ରାସନ ଯୋଗାଇ ଦିଆଯାଉ ନଥିବା ନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ସିଂ କର୍ମଚାରୀ ମାନଙ୍କୁ ତାଗିତ କରିଥିଲେ । ସେହିପରି ଛେଣ୍ଡିପଦାର ବିଭିନ୍ନ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟାହ୍ନ ଭୋଜନ ବଦଳରେ ବିସ୍କୁଟ ଦିଆଯାଉଥିବା ନେଇ ନିର୍ବାଚିତ ଜଣପ୍ରତିନିଧିମାନେ ଅଭଯୋଗ କରିବା ସହିତ ଅସନ୍ତୋଷ ପ୍ରକାଶ କରିଥିଲେ । ଏହି ଜନ ଶୁଣାଣିରେ ବ୍ଲକର ୩୪ଟି ପଞ୍ଚାୟତର ସରପଞ୍ଚ, ସମିତସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ସାମାଜିକ ସୁରକ୍ଷା ବିଭାଗ, ବନ ବିଭାଗ, ଉଦ୍ୟାନ ବିଭାଗ, ଜଳଛାୟା ପ୍ରକଳ୍ପ ବିଭାଗ ପ୍ରଭୃତି ଲାଇନ ଡିପାର୍ଟମେଣ୍ଟର ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ ।

## ପାଠ ପଢ଼ାଇବା ବେଳେ ଶ୍ରେଣୀ କକ୍ଷରେ ଶୋଇପଡ଼ିଲେ ଶିକ୍ଷକ

**କାମାକ୍ଷାନଗର, ୧୮ ।୭(ସମିସ)**

ଶିକ୍ଷାର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନେକ ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ବାସ୍ତବରେ ଏହା କାର୍ଯ୍ୟକାରୀ ହେଉ ନଥିବା ଅଭିଯୋଗ ହେଉଛି । ଅନେକ ବିଦ୍ୟାଳୟରେ ଶ୍ରେଣୀ ଗୃହ ଓ ଶିକ୍ଷକ ଶିକ୍ଷୟିତ୍ରୀ ଅଭାବ ଥିବାବେଳେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟିପଡୁ ନଥିବା ଅଭିଯୋଗ ହେଉଛି । ସୂଚନା ଅନୁସାରେ ଆଦିବାସୀ ଅଧ୍ୟୁଷିତ କଙ୍କଡାହାଡ଼ ବ୍ଲକ ଗଡ଼ପଳାଶୁଣି ପଞ୍ଚାୟତ ଅନ୍ତର୍ଗତ ଜରଡ଼ା ଗ୍ରାମରେ ଥିବା ସରକାରୀ

**● ଫଟୋ ସୋସିଆଲ ମିଡିଆରେ ଭାଇରାଲ**

**● କାର୍ଯ୍ୟାନୁଷ୍ଠାନ ଦାବିକଲେ ଅଭିଭାବକ**

ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଚନ୍ଦ୍ରମଣି ମହାନ୍ତ ପିଲାଙ୍କୁ ପାଠ ପଢ଼ାଉଥିବା ସମୟରେ ଶ୍ରେଣୀ ଗୃହରେ ଶୋଇପଡ଼ିଥିବାର ଫଟୋ ଏବେ ସୋସିଆଲ ମିଡିଆରେ ଘୂରି ବୁଲୁଛି । ଶିକ୍ଷକ ଶିକ୍ଷୟିତ୍ରୀମାନେ ବିଦ୍ୟାଳୟକୁ ଠିକ ସମୟରେ ଆସୁ ନଥିବା ବେଳେ ଛାତ୍ରଛାତ୍ରୀଙ୍କ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି । ଏ ନେଇ ପୂର୍ବରୁ ଅଭିଭାବକମାନେ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କଲା ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ପୂର୍ବରୁ ବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଛାତ୍ରଛାତ୍ରୀ ଓ ଅଭିଭାବକ ସମୂହ ଧାରଣାରେ ବସିଥିଲେ । ସେମାନଙ୍କ ଅଭିଯୋଗ ହେଉଛି, ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୨୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଛନ୍ତି । ଶିକ୍ଷକ କମ ଯୋଗୁଁ ପାଠ ପଢ଼ାରେ ବାଧା ସୃଷ୍ଟି ହେଉଛି । ସରକାରଙ୍କ ନିୟମ ଅନୁସାରେ ୨୫ ଜଣ ଛାତ୍ରଛାତ୍ରୀଙ୍କ ଅଧ୍ୟୟନ ପାଇଁ ଜଣେ ଶିକ୍ଷକ ନିଯୁକ୍ତି ହେବେ । ଉକ୍ତ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅନୁପାତ ଅନୁଯାୟୀ ୫ ଜଣ ଶିକ୍ଷକଙ୍କ ଆବଶ୍ୟକତା ରହିଥିବା ବେଳେ ୩ ଜଣ ଶିକ୍ଷକ ପାଠ ପଢାଉଛନ୍ତି । ଯେଉଁ ଶିକ୍ଷକ ଓ ଶିକ୍ଷୟିତ୍ରୀ ଅଛନ୍ତି, ସେମାନଙ୍କୁ ଅନ୍ୟତ୍ର ବଦଳି କରାଯାଉ ବୋଲି ବାରମ୍ବାର ଦାବି ହୋଇ ଆସୁଛି । ଏହି ସମସ୍ତ ଅଭିଯୋଗ ନେଇ ଗତ କିଛି ମାସ ତଳେ ବିଦ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିଥିଲେ ଅଭିଭାବକ ଓ ଗ୍ରାମବାସୀ । କିନ୍ତୁ ଅଭିଯୋଗ ହେବାର ମାସେ ନପୂରୁଣୁ ବିଦ୍ୟାଳୟର ଶିକ୍ଷକ ଶ୍ରୀ ମହାନ୍ତ ଶ୍ରେଣୀରେ ପାଠ ପଢା ଚାଲୁଥିବା ସମୟରେ ଅଧିକାଂଶ ଦିନ ଶୋଇପଡୁଥିବା ନଜିର ରହିଛି । ସରକାରଙ୍କ ତରଫରୁ ମୋଟା ଅଙ୍କର ଦରମା ନେଉଥିବା ବେଳେ କିଭଳି ଏମିତି କାର୍ଯ୍ୟରେ ଅବହେଳା ହେଉଛି, ତାହା ଏବେ ଶିକ୍ଷା ବ୍ୟବସ୍ଥାକୁ ଅଙ୍ଗୁଳି ଦେଖାଉଛି । କୋମଳମତି ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ସହ ଖେଳୁଥିବା ଶିକ୍ଷକଙ୍କ ବିରୁଦ୍ଧରେ ବ୍ଲକ ଶିକ୍ଷାଧିକାରୀ ଏବଂ ଜିଲ୍ଲା ଶିକ୍ଷାଧିକାରୀ ଏକ ନିରପେକ୍ଷ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି । ଶ୍ରେଣୀଗୃହରେ ଶୋଇପଡିଥିବା ଶିକ୍ଷକ ଶ୍ରୀ ମହାନ୍ତ ଫୋନ୍ ଯୋଗେ କୁହନ୍ତି ଯେ, ମୋ ମୁଣ୍ଡ ବିନ୍ଧା ହେଉଥିବାରୁ ଔଷଧ ଲଗାଇ ସେହିଦିନ ଟିକିଏ ଶୋଇପଡିଥିଲି ।



ଆଜିଠୁ ମହିଳା ଏସିଆ କପ୍

# ପାକିସ୍ତାନକୁ ହରାଇ ଅଭିଯାନ ଆରମ୍ଭ ଲକ୍ଷ୍ୟରେ ଭାରତ




ଏସିଆ କପ୍ ଟ୍ରଫି ସହ ୮ ଦଳର ଅଧିନାୟିକା

**ଦାମ୍ବୁଲା, ୧୮ ।୭ (ଏଜେନ୍ସି):** ମହିଳା ଏସିଆ କପ୍ କ୍ରିକେଟ୍ ପ୍ରତିଯୋଗିତାର ୯ମ ସଂସ୍କରଣ ଶୁକ୍ରବାରଠାରୁ ଶ୍ରୀଲଙ୍କାରେ ଆରମ୍ଭ ହେବାକୁ ଯାଉଛି। ଟି-୨୦ ଫର୍ମାଟ୍‌ରେ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚ୍ ୟୁଏଇ ଓ ନେପାଳ ମହିଳା କ୍ରିକେଟ୍ ଦଳ ମଧ୍ୟରେ ଅନୁଷ୍ଠିତ ହେବ। ସେହିଭଳି ଶୁକ୍ରବାର ରାତିରେ ଏକ ହାଇଭୋଲଟେଜ ମୁକାବିଲାରେ ଡିଫେଣ୍ଡିଂ ଚାମ୍ପିଅନ ଭାରତ ତାର ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ଏହି ମ୍ୟାଚ୍ ଜିତି ହରମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତ ଏସିଆ କପ୍‌ରେ ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ରହିଛି।

ଆଗାମୀ ଅକ୍ଟୋବରରେ ଆଇସିସି ଟି-୨୦ ବିଶ୍ୱକପ୍ ଆୟୋଜିତ ହେବାକୁ ଯାଉଥିବାରୁ ଏହି ଫର୍ମାଟ୍‌ରେ ଖେଳାଯିବାକୁ ଥିବା ଏସିଆ କପ୍ ହରମନପ୍ରୀତ୍‌ଙ୍କ ଦଳ ଲାଗି ବେଶ୍ ଗୁରୁତ୍ୱବହନ କରୁଛି। ଏସିଆ କପ୍ ୪ଥର ଟି-୨୦ ଫର୍ମାଟ୍‌ରେ ଖେଳାଯାଇଥିବାବେଳେ ସେଥିରୁ ଭାରତ ୩ଥର ଚାମ୍ପିଅନ ହୋଇଛି। ସେହିଭଳି ୫୦ ଓଭର ଫର୍ମାଟ୍‌ରେ ୪ଥର ଅନୁଷ୍ଠିତ ହୋଇଥିବା ଏସିଆ କପ୍‌ରେ ମଧ୍ୟ ଭାରତ ୩ଥର ଟ୍ରଫି ଜିତିବାରେ ସଫଳ ହୋଇଛି। ଏସିଆ କପ୍‌ର ରେକର୍ଡ ଉପରେ ନଜର ପକାଇଲେ ଭାରତ ଏଥିରେ ମୋଟ୍ ୨୦ ମ୍ୟାଚ୍ ଖେଳି ୧୭ଟି ଜିତିଛି। ୨୦୨୨ରେ ଅନୁଷ୍ଠିତ ଗତ ସଂସ୍କରଣ ଫାଇନାଲରେ ବାଂଲାଦେଶକୁ ପରାସ୍ତ କରି ଭାରତ ଡିଫେଣ୍ଡିଂ ଚାମ୍ପିଅନ ରହିଛି।

### ଭାରତ-୧୧; ପାକିସ୍ତାନ- ୩

ଟି-୨୦ ଫର୍ମାଟ୍‌ରେ ପାକିସ୍ତାନ ବିପକ୍ଷରେ ଭାରତର ରେକର୍ଡ ଆଖିଦୃଶିଆ ରହିଛି। ଏହି ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଦଳ ମଧ୍ୟରେ ଟି-୨୦ରେ ୧୪ଟି ମ୍ୟାଚ୍ ଖେଳାଯାଇଛି। ଯେଉଁଥିରୁ ଭାରତ ୧୧ ମ୍ୟାଚ୍ ଜିତି ଆଗରେ ରହିଛି। ତେଣୁ ଶୁକ୍ରବାର ଖେଳାଯିବାକୁ ଥିବା ମ୍ୟାଚରେ ପାକିସ୍ତାନକୁ ମାତ୍ ଦେଇ ଭାରତ ଏହାର ରେକର୍ଡକୁ ଆହୁରି ଉନ୍ନତ କରିବା ଲକ୍ଷ୍ୟରେ ରହିଛି। ବ୍ୟାଟିଂରେ ଭାରତ ପାଇଁ ଦୁଇ ଓପନର୍ ଶେଫାଳି ବର୍ମା ଓ ସ୍ମୃତି ମନ୍ଧାନାଙ୍କ ସମେତ ଅଧିନାୟିକା ହରମନପ୍ରୀତ୍, ଜେମିମା ରୋଡ୍ରିଗ୍ସେଜଙ୍କ ଉପରେ ନିର୍ଭର କରିବ। ସେହିଭଳି ଅଭିଜ୍ଞ ଦୀପ୍ତି ଶର୍ମାଙ୍କ ସହ ସଞ୍ଜିବନ ସଜନା, ଯୁଗ ଲେଗ୍-ସ୍ପିନର ଶ୍ରେୟଙ୍କା ପାଟିଲ ସ୍ପିନରେ ପାକିସ୍ତାନକୁ ଅଡୁଆରେ ପକାଇବା ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବେ। ଗ୍ରୁପ୍‌ରେ ଭାରତ ବ୍ୟତୀତ ପାକିସ୍ତାନ, ନେପାଳ ଓ ୟୁଏଇ ରହିଛନ୍ତି। ସେହିଭଳି ଆୟୋଜକ ଶ୍ରୀଲଙ୍କା, ବାଂଲାଦେଶ, ଥାଇଲାଣ୍ଡ ଓ ମାଲେସିଆ ଗ୍ରୁପ୍-ବି'ରେ ସ୍ଥାନ ପାଇଛନ୍ତି। ପ୍ରତି ଗ୍ରୁପର ଦୁଇ ଶ୍ରେଷ୍ଠ ଦଳ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିବେ।

**ଭାରତ:** ହରମନପ୍ରୀତ୍ କୌର (ଅଧିନାୟିକା), ସ୍ମୃତି ମନ୍ଧାନା, ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସେଜ, ରିଚା ଘୋଷ, ଉମା ଛେତ୍ରୀ (ଉଭୟ ୱିକେଟରକ୍ଷକ), ପୂଜା ବସ୍ତ୍ରାକାର, ଦୀପ୍ତି ଶର୍ମା, ଅରୁନ୍ଧତୀ ରେଡ୍ଡୀ, ରେଣୁକା ସିଂ, ଡି. ହେମଲତା, ଆଶା ଶୋଭନା, ରାଧା ଯାଦବ, ଶ୍ରେୟଙ୍କା ପାଟିଲ ଓ ସଞ୍ଜିବନ ସଜନା।

**ପାକିସ୍ତାନ:** ନିଦା ଦର (ଅଧିନାୟିକା), ଆଲିୟା ରିଜା, ଡିଆନା ବେଗ୍, ଫତିମା ସାନା, ଗୁଲ ଫିରୋଜା, ଇରାମ ଜାଭେଦ, ମୁନିବ ଅଲି, ନାଜିଆ ଆଲଭି (ୱିକେଟରକ୍ଷକ), ନଶ୍ରା ସାନ୍ଧୁ, ଓମାଇମା ସୋହେଲ, ସାଦିଆ ଇକବାଲ, ସିଦ୍ରା ଅମିନ, ସଇଦ ଆରୋବ ଶାହ, ତାସମିଆ ରୁବାବ ଓ ତୁବା ହାସାନ।

**ଆଜିର ମ୍ୟାଚ୍**

ୟୁଏଇ-ନେପାଳ । ସମୟ: ଅପରାହ୍ଣ ୨ଟା

ଭାରତ-ପାକିସ୍ତାନ । ସମୟ: ରାତି ୭ଟା

ସ୍ଥାନ: ଦାମ୍ବୁଲା

ସିଧା ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ ନେଟୱର୍କ, ଡିଜନୀ ହଟଷ୍ଟାର୍

# ପ୍ୟାରିସରେ ଭାରତ, ଓଡ଼ିଶାର ନାମ ରଖିବୁ: ଅମିତ୍

## କିଟ୍‌ର ୧୨ ଖେଳାଳିଙ୍କୁ ୭ ଲକ୍ଷ ଲେଖାଏଁ ପ୍ରୋତ୍ସାହନ ରାଶି

**ଭୁବନେଶ୍ୱର, ୧୮ ।୭ (ସମିସ):** ଆଉ ଗୋଟିଏ ସପ୍ତାହ ପରେ ଫ୍ରାନ୍ସର ରାଜଧାନୀ ପ୍ୟାରିସରେ ବିଶ୍ୱ କ୍ରୀଡ଼ାର ମହାକୁମ୍ଭ ଅଲିମ୍ପିକ୍ସର ୩୩ତମ ସଂସ୍କରଣ ଆରମ୍ଭ ହେବ। ଚଳିତଥର ଅଲିମ୍ପିକ୍ସକୁ ଭାରତର ୧୧୭ଜଣ କ୍ରୀଡ଼ାବିତ୍ ଯୋଗ୍ୟତା ଅର୍ଜନ କରିଛନ୍ତି। ସେମାନଙ୍କ ମଧ୍ୟରେ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟର ୧୨ଜଣ ଖେଳାଳି ରହିଛନ୍ତି। ଦେଶରେ କୌଣସି ଗୋଟିଏ ଶିକ୍ଷାନୁଷ୍ଠାନରୁ ଏତେ ସଂଖ୍ୟକ ଖେଳାଳି ଅଲିମ୍ପିକ୍ସକୁ ଯୋଗ୍ୟତା ହାସଲ କରିବାରେ କିଟ୍ ପ୍ରଥମ ଶିକ୍ଷାନୁଷ୍ଠାନ। ଏଥିଲାଗି ଗୁରୁବାର କିଟ୍ କ୍ୟାମ୍ପସ-୬ସ୍ଥିତ ଅଡିଟୋରିୟମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। କିଟ୍‌ର ଯୋଗ୍ୟତା ଅର୍ଜନକାରୀ ସମସ୍ତ ୧୨ଜଣ ଖେଳାଳି ୟୁରୋପର ବିଭିନ୍ନ ଦେଶରେ ପ୍ରଶିକ୍ଷଣ ଜାରି ରଖିଥିବାରୁ ଭର୍ଚୁଆଲ ଉପସ୍ଥିତ ରହିଥିଲେ। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଅଂଶଗ୍ରହଣକାରୀ ୧୨ଜଣ ଖେଳାଳି ପ୍ୟାରିସରେ ଭଲ ପ୍ରଦର୍ଶନ କରି ଭାରତ ତଥା ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣନ୍ତୁ ବୋଲି ଶୁଭକାମନା କରିଥିଲେ। ଏଥିସହ ପ୍ରଫେସର ସାମନ୍ତ ଅଂଶଗ୍ରହଣକାରୀ ୧୨ଜଣ ଖେଳାଳିଙ୍କୁ ୭ ଲକ୍ଷ ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ଘୋଷଣା କରିଥିଲେ। ଭର୍ଚୁଆଲ ଉପସ୍ଥିତ ରହିଥିବା ଅମିତ୍ ଓ କିଶୋର ଏହି ଆର୍ଥିକ ପ୍ରୋତ୍ସାହନ ଲାଗି କିଟ୍‌କୁ ଧନ୍ୟବାଦ ଜଣାଥିଲେ। ପ୍ୟାରିସରେ ପ୍ରଭାବୀ ପ୍ରଦର୍ଶନ କରି ଭାରତ ତଥା ଓଡ଼ିଶାର ନାମ ରଖିବୁ ବୋଲି ଅମିତ୍ କହିଥିଲେ।

ଏହି କାର୍ଯ୍ୟକ୍ରମ ଶେଷରେ ରାଜ୍ୟର ଜଣାଶୁଣା ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ଶ୍ରାବଣୀ ନନ୍ଦ, ଲିଲିମା ମିଞ୍ଜ, ସୁନିତା ଲାକ୍ରା, ଦୂତୀ ଚାନ୍ଦଙ୍କ ସମେତ ଅମୀୟ ମଲ୍ଲିକ, ଷ୍ଟାଲିନ ଭିକ୍ଟର ମିଞ୍ଜ, ଆଥ୍‌ଲେଟିକ ପ୍ରଶିକ୍ଷକ ସଞ୍ଜୟ ଗଡ଼ନାୟକ, ପ୍ୟାରିସ ଅଲିମ୍ପିକ୍ସରେ ଯୋଗଦେବାକୁ ଥିବା କିଟ୍‌ର ଡାକ୍ତର ସୁଦୀପ ଶତପଥୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିଭାବେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରଣଜିତ୍ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିଟ୍ ଓ କିସ୍‌ର ମୁଖ୍ୟ ଆଥ୍‌ଲେଟିକ ପ୍ରଶିକ୍ଷକ ସଞ୍ଜୟ କୁମାର ଗଡ଼ନାୟକ, କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ରହିଥିଲେ।



ପ୍ୟାରିସ ଅଲିମ୍ପିକ୍ସ ଭାଗ ନେବାକୁ ଥିବା କିଟ୍ ଖେଳାଳି: ଅମିତ୍ ରୋହିଦାସ (ହକି), କିଶୋର ଜେନା, ଅନୁରାଣୀ (ଉଭୟ ଜାଭେଲିନ), ତେଜିନ୍ଦର ସିଂ ତୁର୍, ଆଭା ଖଟୁଆ (ଶଟ୍‌ପୁଟ), ପାରୁଲ ଚୌଧୁରୀ (୩ ହଜାର ଓ ୫ ହଜାର ମି. ଷ୍ଟିପଲଚେଜ୍), ପ୍ରିୟଙ୍କା ଗୋସ୍ୱାମୀ (ମିକ୍ସଡ ମାରାଥନ ରେସୱାକ), ପରମଜିତ୍ ବିସ୍ତ (୨୦କିମି ରେସୱାକ), ସୂରଜ ପନୱର (୨୦କିମି ରେସ୍ ମିକ୍ସଡ ରିଲେ), ଜ୍ୟୋତି ୟାରାଜୀ (୧୦୦ମି. ହର୍ଡଲ୍ସ), ଅଙ୍କିତା (୫୦୦୦ମି. ରେସ୍), ପ୍ରାଚୀ (୪ ଗୁଣା ୪୦୦ମି. ରିଲେ ଟିମ୍)।

## କ୍ରୀଡ଼ା ସଚିବଙ୍କୁ ଭେଟିଲେ ଅଭିଜିତ



**କଟକ,୧୮ ।୭ (ସମିସ):** ଓଡିଶା ଅଲିମ୍ପିକ ସଂଘ ସମ୍ପାଦକ ତଥା ଫୁଟବଲ ଆସୋସିଏସନ ଅଫ ଓଡିଶାର ଯୁଗ୍ମ ସମ୍ପାଦକ ଅଭିଜିତ ପାଲ ନବନିଯୁକ୍ତ କ୍ରୀଡ଼ା ସଚିବ ଭାସ୍କର ଜ୍ୟୋତି ଶର୍ମାଙ୍କୁ ଭେଟି ସମ୍ବର୍ଦ୍ଧନା ଜଣାଇଛନ୍ତି। ଉଭୟଙ୍କ ମଧ୍ୟରେ ରାଜ୍ୟର କ୍ରୀଡ଼ାର ସର୍ବାଙ୍ଗୀନ ବିକାଶ ଦିଗରେ ଆଲୋଚନା ହୋଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ସଚିବ ଶ୍ରୀ ଶର୍ମା ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ଅଲିମ୍ପିକ ସଂଘ ଓ ଫାଓ ପକ୍ଷରୁ ଅଭିଜିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କ୍ରୀଡ଼ା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। କ୍ରୀଡ଼ା ସଚିବ ଶ୍ରୀ ଶର୍ମାଙ୍କ ତତ୍ତ୍ୱାବଧାନରେ ରାଜ୍ୟ କ୍ରୀଡ଼ାର ବିକାଶ ହେବାର ସମ୍ଭାବନା ଅଛି ବୋଲି ଫାଓ ପକ୍ଷରୁ ପ୍ରେସବିବୃତ୍ତି ମାଧ୍ୟମରେ ଜଣାଯାଇଛି।

## ବିଜୟୀ ପାରାଆଥ୍‌ଲେଟଙ୍କୁ ବିପୁଳ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ୧୮ ।୭ (ସମିସ):** ବେଙ୍ଗାଲୁରୁରେ ଅନୁଷ୍ଠିତ ତ୍ରୟୋଦଶ ଜାତୀୟ କନିଷ୍ଠ ଓ ଉପକନିଷ୍ଠ ପାରା ଆଥଲେଟିକ୍ସ ଚାମ୍ପିଅନସିପ ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଭାଗନେଇଥିବା ଓଡ଼ିଶାର ଆଥ୍‌ଲେଟମାନେ ୩ଟି ସ୍ୱର୍ଣ୍ଣ ସହ ୧୩ଟି ପଦକ ବିଜୟୀ ହୋଇ ରାଜ୍ୟର ଗୌରବ ବଢ଼ାଇଛନ୍ତି। ଦଳକୁ ୩ଟି ରୌପ୍ୟ ଓ ୭ଟି କାଂସ୍ୟ ପଦକ ମଧ୍ୟ ମିଳିଛି। ବିଜୟୀ ପ୍ରତିଯୋଗୀମାନେ ଗୁରୁବାର ଭୁବନେଶ୍ୱରରେ ପହଞ୍ଚିବା ପରେ ସେମାନଙ୍କୁ କ୍ରୀଡ଼ା ବିଭାଗ, ପାରା ଅଲିମ୍ପିକ୍ ସଂଘ ଓ ଅନ୍ୟ ସଂଗଠନ ଗୁଡିକ ଭବ୍ୟ ସମ୍ବର୍ଦ୍ଧନା ଜଣାଇଥିଲେ। ବିମାନବନ୍ଦରରେ କ୍ରୀଡ଼ା ଓ ଯୁବସେବା ବିଭାଗର ଓଏସ୍‌ଡି ବିଜୟ ରାଉତ, ଓଡ଼ିଶା ପାରା ସ୍ପୋର୍ଟ୍ସ ସଂଘ ସଭାପତି କମଳାକାନ୍ତ ରଥ, ସଦସ୍ୟ ପ୍ରଶାନ୍ତ ବେହେରା ଉପସ୍ଥିତ ରହି ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ପ୍ରଥମଥର ଲାଗି ପାରା ଆଥ୍‌ଲେଟମାନେ ଏତେ ବଡ଼ ସଫଳତା ପାଇଛି। କିନ୍ତୁ ଖେଳାଳିମାନେ ଉପଯୁକ୍ତ ପ୍ରଶିକ୍ଷଣ ନ ପାଇ ମଧ୍ୟ ଏଭଳି ପ୍ରଦର୍ଶନ କରିବାରେ ସମର୍ଥ ହୋଇଛନ୍ତି। ସରକାର ଏଥିଲାଗି ଯଦି ସହାୟତା ଯୋଗାଇଦିଅନ୍ତି, ତେବେ ଅଧିକ ସଫଳତା ମିଳିବ ବୋଲି ପାରା ସଂଘ ପକ୍ଷରୁ କୁହାଯାଇଛି।



## ଆଜିଠୁ ବାରିପଦାରେ ରାଜ୍ୟସ୍ତରୀୟ କନିଷ୍ଠ ବ୍ୟାଡମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ

**ବାରିପଦା, ୧୮ ।୭ (ସମିସ):** ବାରିପଦା ଇନଡୋର ଷ୍ଟାଡିୟମରେ ଶୁକ୍ରବାରଠାରୁ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ସବଜୁନିୟର (୧୫ ବର୍ଷରୁ କମ) ଓ ଜୁନିୟର (୧୯ ବର୍ଷରୁ କମ) ବ୍ୟାଡମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ ଆସନ୍ତା ୨୧ ପର୍ଯ୍ୟନ୍ତ ଚାଲିବ। ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ୍ ଆସୋସିଏସନ୍ ଏବଂ ଜିଲ୍ଲା କ୍ରୀଡା ବିଭାଗ ଆନୁକୂଲ୍ୟରେ ହେବାକୁ ଥିବା ଉକ୍ତ ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ଖେଳାଳି ଅଂଶଗ୍ରହଣ କରିବେ। ଏ ନେଇ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନି ଦିନ ଧରି ହେବାକୁ ଥିବା ଟୁର୍ଣ୍ଣାମେଣ୍ଟରେ ସମସ୍ତ ଖେଳାଳିଙ୍କ ରହିବା ଏବଂ ସମସ୍ତ ସୁବିଧା ଦାୟିତ୍ୱ ଜିଲ୍ଲା ପ୍ରଶାସନ ନେଇଛନ୍ତି। ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନର ସଫଳତା କାମନା କରିଛନ୍ତି।

## ରକି ଫ୍ଲିଣ୍ଟଫ୍ ସର୍ବକନିଷ୍ଠ ଶତକ ହାସଲକାରୀ

ଇଂଲଣ୍ଡ-ଶ୍ରୀଲଙ୍କା ୨ୟ ୟୁଥ୍ ଟେଷ୍ଟ

**ଲଣ୍ଡନ, ୧୮ ।୭ (ଏଜେନ୍ସି):** ଭ୍ରମଣକାରୀ ଶ୍ରୀଲଙ୍କା ବିପକ୍ଷରେ ଚାଲିଥିବା ଦ୍ୱିତୀୟ ୟୁଥ୍ (୧୯ ବର୍ଷରୁ କମ୍) ଟେଷ୍ଟରେ ଇଂଲଣ୍ଡ ଦୃଢ଼ସ୍ଥିତିରେ ରହିଛି। ଶ୍ରୀଲଙ୍କା ୟୁଥ୍ ଦଳର ପ୍ରଥମ ପାଳି ସ୍କୋର ୧୫୩ ରନ ଜବାବରେ ଘରୋଇ ଇଂଲଣ୍ଡ ୟୁଥ୍ ଦଳ ୪୭୭ ରନରେ ଅଲ୍‌ଆଉଟ୍ ହୋଇଛି। ଇଂଲଣ୍ଡ ୟୁଥ୍ ଦଳ ପକ୍ଷରୁ ପ୍ରାକ୍ତନ ମହାନ ଅଲ୍‌ରାଉଣ୍ଡର ଆଣ୍ଡ୍ରିଉ ଫ୍ଲିଣ୍ଟଫ୍‌ଙ୍କ ପୁଅ ରକି ଫ୍ଲିଣ୍ଟଫ୍ ୧୦୬ ରନର ଶତକୀୟ ପାଳି ଖେଳିଥିଲେ। ୧୮୧ ବଲ୍‌ର ଏହି ପାଳିରେ ରକି ୯ ଚୌକା ଓ ୨ ଛକା ମାରିଥିଲେ। ଏଥିସହ ରକି ସର୍ବକନିଷ୍ଠ ଖେଳାଳି ଭାବେ ଇଂଲଣ୍ଡ ୧୯ ବର୍ଷରୁ କମ୍ ଦଳ ତରଫରୁ ଶତକ ହାସଲ କରିବାର ରେକର୍ଡ କରିଛନ୍ତି। ରକିଙ୍କୁ ବର୍ତ୍ତମାନ ୧୬ ବର୍ଷ ବୟସ । ଏହି ମ୍ୟାଚ୍ ଖେଳୁଥିବା ଇଂଲଣ୍ଡର ପ୍ରାକ୍ତନ ଅଧିନାୟକ ମାଇକେଲ ଭନଙ୍କ ପୁଅ ଆର୍ଚି ଓପନିଂ କରିବାକୁ ଆସି ମାତ୍ର ୬ ରନ କରି ବିଫଳ ହୋଇଛନ୍ତି। ପ୍ରଥମ ପାଳିରେ ୩୦୧ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଶ୍ରୀଲଙ୍କା ୟୁଥ୍ ଦଳ ଶେଷ ଖବର ସୁଦ୍ଧା ୩ ୱିକେଟ୍‌ରେ ୧୦୪ ରନ କରି ପାଳି ପରାଜୟ ଏଡ଼ାଇବାକୁ ସଂଘର୍ଷ ଜାରି ରଖିଛି।

● ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ

## ବିରଞ୍ଚିଙ୍କୁ ୭ ୱିକେଟ; କେନ୍ଦ୍ରାପଡ଼ା ବିଜୟୀ



**କଟକ,୧୮ ।୭ (ସମିସ):** ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ୧୯ବର୍ଷରୁ କମ୍ ଆନ୍ତଃଜିଲ୍ଲା ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଗୁରୁବାର ଗୋଟିଏ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ କେନ୍ଦ୍ରାପଡ଼ା ୫ ୱିକେଟରେ ସମ୍ବଲପୁର-ଏ'କୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ସମ୍ବଲପୁର-ଏ ସମସ୍ତ ୱିକେଟ ହରାଇ ୧୪୩ରନ କରିଥିଲା। କ୍ରୀଶ ସିଂହ ସର୍ବାଧିକ ୫୫ରନ ଏବଂ ଶିଭମ ସ୍ୱରୂପ ୨୭ରନ କରିଥିଲେ। କେନ୍ଦ୍ରାପଡ଼ା ପକ୍ଷରୁ ବିରଞ୍ଚି ନାରାୟଣ ସ୍ୱାଇଁ ୩୬ରନ ବିନିମୟରେ ୭ଟି ୱିକେଟ ଅକ୍ତିଆର କରି ସମ୍ବଲପୁର-ଏ'ର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। କ୍ରୀଷ୍ଣା ମହାନ୍ତିଙ୍କୁ ଗୋଟିଏ ୱିକେଟ ମିଳିଥିଲା। ୧୪୪ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା କେନ୍ଦ୍ରାପଡା ୩୫.୧ ଓଭର ସୁଦ୍ଧା ୫ ୱିକେଟ ହରାଇ ୧୩୮ ରନ ସଂଗ୍ରହ କରିଥିବା ବେଳେ ବର୍ଷା ଯୋଗୁଁ ମ୍ୟାଚ୍ ବାତିଲ ହୋଇଥିଲା। ପରବର୍ତ୍ତୀ ସମୟରେ ଖେଳ ଆରମ୍ଭ ହୋଇ ନପାରିବାରୁ ଡିଏଲଏସ୍ ପଦ୍ଧତିରେ କେନ୍ଦ୍ରାପଡାକୁ ବିଜୟୀ ଘୋଷିତ କରାଯାଇଥିଲା। ବିରଞ୍ଚି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ପୂର୍ବାଞ୍ଚଳ କନିଷ୍ଠ ହକି ଚାମ୍ପିଅନସିପ୍

# ଓଡ଼ିଶା ବାଳକ ଜିତିଲେ, ବାଳିକା ହାରିଲେ

**ଭୁବନେଶ୍ୱର, ୧୮ ।୭ (ସମିସ):** କୋଲକାତାର ସଲ୍ଟଲେକ୍ ହକି ଷ୍ଟାଡିୟମ୍‌ରେ ଚାଲିଥିବା ପୂର୍ବାଞ୍ଚଳ କନିଷ୍ଠ ହକି ଚାମ୍ପିଅନସିପ୍‌ରେ ଗୁରୁବାର ୫ଟି ଖେଳ ଅନୁଷ୍ଠିତ ହୋଇଯାଇଛି। ଏହା ମଧ୍ୟରୁ ଓଡ଼ିଶାର ବାଳକ ଦଳ ବିଜୟୀ ହୋଇଛି। ଝାଡଖଣ୍ଡକୁ ୨-୦ ଗୋଲରେ ହରାଇ ଦଳ ନକ୍‌ଆଉଟ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଅନ୍ୟ ପକ୍ଷରେ ବାଳିକା ଦଳ ପରାଜିତ ହୋଇଛି। ବେଙ୍ଗଲ ୩-୦ ଗୋଲରେ ଓଡ଼ିଶାକୁ ହରାଇଦେଇଛି। କନିଷ୍ଠ ବିଭାଗରେ ଓଡ଼ିଶାରେ ଏତେ ଅତ୍ୟାଧୁନିକ ସୁବିଧା ସୁଯୋଗ ଥାଇ ମଧ୍ୟ ବେଙ୍ଗଲ ପରି ଦୁର୍ବଳ ଦଳଠାରୁ ପରାଜିତ ହେବା ଚିନ୍ତାଜନକ ସାବ୍ୟସ୍ତ ହୋଇଛି। ଆଜିର ଅନ୍ୟ ମ୍ୟାଚ୍ ଗୁଡ଼ିକ ମଧ୍ୟରୁ ବାଳକ ବିଭାଗରେ ବିହାର ଓ ମଣିପୁର, ବାଳିକା ବିଭାଗରେ ମଣିପୁର, ଝାଡଖଣ୍ଡ ମଧ୍ୟ ବିଜୟୀ ହୋଇଛନ୍ତି।

ଆଜି ଖେଳାଯାଇଥିବା ଚତୁର୍ଥ ମ୍ୟାଚ୍‌ରେ ଓଡ଼ିଶା ବାଳକ ଦଳ ଅନ୍ୟତମ ଶକ୍ତିଶାଳୀ ଦଳ ଝାଡଖଣ୍ଡକୁ ୨-୦ ଗୋଲରେ ପରାସ୍ତ କରିଛି। ବିଜୟୀ ଓଡ଼ିଶା ଦଳ ପକ୍ଷରୁ ଖେଳର ୪୪ତମ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣରରୁ ସୁନୀଲ ଲାକ୍ରା ଓ ୪୮ତମ ମିନିଟ୍‌ରେ ଦୀପକ ପ୍ରଧାନ ଫିଲ୍ଡ ଗୋଲ ସ୍କୋର କରିଥିଲେ। ଏହା ଫଳରେ ଓଡ଼ିଶା ତାହାର ଚମତ୍କାର ଖେଳ ପ୍ରଦର୍ଶନ କରିବାରେ ସମର୍ଥ ହୋଇଥିଲା। ବାଳିକା ବିଭାଗରେ ଓଡ଼ିଶା ଦଳ ପରାଜିତ ହୋଇଛି। ବେଙ୍ଗଲଠାରୁ ୦-୩ ଗୋଲରେ ହାରିଯାଇଛି ଓଡ଼ିଶା ଦଳ। ବେଙ୍ଗଲ ଭଳି ଏକ ଦୁର୍ବଳ ଦଳ ବିପକ୍ଷରେ ହାରିବା, ଗୋଟିଏ ହେଲେ ଗୋଲ ସ୍କୋର କରି ନ ପାରିବା ନିଶ୍ଚିତ ଭାବେ ଚିନ୍ତାଜନକ। କନିଷ୍ଠସ୍ତରରେ ଓଡ଼ିଶାର ଖେଳାଳିମାନଙ୍କୁ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ଦିଆଯାଉଛି। ଅତ୍ୟାଧୁନିକ ଆନୁଷଙ୍ଗିକ ସୁବିଧା ସୁଯୋଗ, ପ୍ରତିଷ୍ଠିତ ତଥା ବିଦେଶୀ କୋଚ୍‌ଙ୍କ ଦ୍ୱାରା ପ୍ରଶିକ୍ଷଣ, ବିପୁଳ ପରିମାଣରେ ଆର୍ଥିକ ପ୍ରୋତ୍ସାହନ ସତ୍ତ୍ୱେ ଦଳର ଏପରି ପ୍ରଦର୍ଶନ ସମର୍ଥକଙ୍କ ଲାଗି ଆଦୌ ଗ୍ରହଣୀୟ ହୋଇପାରି ନାହିଁ।




ବାଳିକା ବିଭାଗରେ ଗୁରୁବାର ଖେଳାଯାଇଥିବା ଅନ୍ୟ ମ୍ୟାଚ୍‌ଗୁଡ଼ିକ ମଧ୍ୟରୁ ମଣିପୁର ୧୨-୦ ଗୋଲରେ ଆସାମକୁ ଓ ଝାଡଖଣ୍ଡ ୧୦-୦ ଗୋଲରେ ବିହାରକୁ ପରାସ୍ତ କରିଛି। ମଣିପୁର ପକ୍ଷରୁ ଦେବୀ ମୁତୁମପ୍ରିୟା ଦୁଇଟି ହ୍ୟାଟ୍ରିକ ସହ ସର୍ବାଧିକ ୬ଟି ଗୋଲ ସ୍କୋର କରିଛନ୍ତି। ତନୁ ଓ ଚାନୁ ୨ଟି ଲେଖାଏଁ ଗୋଲ ଦେଇଛନ୍ତି। ସେହିପରି ବିହାର ବିପକ୍ଷରେ ବିଜୟୀ ଝାଡଖଣ୍ଡ ପକ୍ଷରୁ ମୁଣ୍ଡୁ ସୁକରମାନି ସର୍ବାଧିକ ୩ଟି, ରୋଶନି ଆଇନ୍ଦ ଓ ଅଧିନାୟିକା ରଜନୀ କେରକେଟ୍ଟା ୨ଟି ଲେଖାଏଁ ଗୋଲ ସ୍କୋର କରିଥିଲେ।

ବାଳକ ବିଭାଗରେ ଶୁକ୍ରବାର ଖେଳାଯାଇଥିବା ବିହାର ୭-୨ ଗୋଲରେ ଆସାମକୁ ହରାଇଦେଇଛି। ବିଜୟୀ ଦଳ ପକ୍ଷରୁ ଅତୀତ କୁମାର, ଆକାଶ ଯାଦବ ୨ଟି ଲେଖାଏଁ ଗୋଲ ସ୍କୋର କରିଥିଲେ। ଆଜି ଖେଳାଯାଇଥିବା ଶେଷ ମ୍ୟାଚ୍‌ରେ ମଣିପୁର ୨-୧ ଗୋଲରେ ବେଙ୍ଗଲକୁ ପରାସ୍ତ କରିଛି। ବିଜୟୀ ମଣିପୁର ପକ୍ଷରୁ ସୋମିକାନ୍ତ ସିଂ ଓ ଅଧିନାୟକ ଶିଲହେଇବା ଲାଇଶମ୍ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ବେଙ୍ଗଲ ଅଧିନାୟକ ବିବେକ କୁମାର ଖେଳର ୪ର୍ଥ ମିନିଟ୍‌ରେ ପ୍ରଥମ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଏହି ଅଗ୍ରଣୀ ବେଶି ସମୟ ତିଷ୍ଠି ରହିପାରି ନ ଥିଲା।

ଏହି ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ବିଶ୍ରାମ ଦିବସ। ଏହା ପରେ ଶନିବାର ଖେଳାଯିବାକୁ ଥିବା ମ୍ୟାଚ୍‌ରେ ଓଡ଼ିଶା ବାଳିକା ଦଳ ଝାଡଖଣ୍ଡ ସହ ଓ ବାଳକ ଦଳ ବିହାର ସହ ଖେଳିବ। ଏହି ଦିନ ଖେଳ ଶେଷପରେ ନକ୍‌ଆଉଟରେ କିଏ କାହା ସହ ଖେଳିବ ତାହା ସ୍ଥିର ହେବ।

## ସକାଳର ସ୍ୱାସ୍ଥ୍ୟ

# ଗାଉଟ୍

**ଆମେ ଗ୍ରହଣ କରୁଥିବା ଖାଦ୍ୟ ଶରୀର ଭିତରେ ବିଭିନ୍ନ ପ୍ରକାରରେ ପରିବର୍ତ୍ତିତ ହୋଇ ଶକ୍ତିରେ ପରିଣତ ହୋଇଥାଏ। ଏହି ପ୍ରକ୍ରିୟାରେ ଶରୀରରେ ୟୁରିକ୍ ଏସିଡ୍ ମଧ ତିଆରି ହୋଇ ରକ୍ତ ସାଙ୍ଗରେ ମିଶିଥାଏ। ୟୁରିକ୍ ଏସିଡ୍ ମୂତ୍ରଗ୍ରନ୍ଥି ମାଧ୍ୟମରେ ଶରୀରରୁ ବାହାରି ଯାଇଥାଏ। ହେଲେ ଶରୀରରେ ୟୁରିକ୍ ଏସିଡ୍ ଅମ୍ଳ ବୃଦ୍ଧି ପାଇଲେ ଏହା କ୍ରିଷ୍ଟାଲରେ ପରିଣତ ହୋଇ ଖଞ୍ଜାରେ ଜମାଟ ବାନ୍ଧିଯାଏ। ଏଥିରୁ ଖଞ୍ଜା ଯନ୍ତ୍ରଣା ସମସ୍ୟା "ଗାଉଟ୍" ହୋଇଥାଏ। ଆୟୁର୍ବେଦରେ ଗାଉଟ୍‌କୁ ବାତରକ୍ତ କୁହାଯାଏ। ଏଥିରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଗୋଇଠିରୁ ଯନ୍ତ୍ରଣା ଆରମ୍ଭ ହୋଇ ଅନ୍ୟାନ୍ୟ ସନ୍ଧିସ୍ଥଳ ହାତରେ ଆଦି ପ୍ରଭାବ ପକାଏ। ଗାଉଟ ଚିକିତ୍ସାରେ ଅବହେଳା ହେଲେ, ବାରମ୍ବାର ଖଞ୍ଜା ଯନ୍ତ୍ରଣା, ଖଞ୍ଜା ଅଚଳ, ବୃକ୍‌କଜନିତ ରୋଗ, ଉଚ୍ଚ ରକ୍ତଚାପ ବୃଦ୍ଧି, ହୃଦ୍‌ସମ୍ବନ୍ଧୀୟ ସମସ୍ୟା ସମେତ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ହେବାର ଆଶଙ୍କା ବୃଦ୍ଧି ପାଇଥାଏ। ତେଣୁ ସମୟ ପୂର୍ବରୁ ଅଭିଜ୍ଞ ଡାକ୍ତରଙ୍କୁ ପରାମର୍ଶ କରି ଉଚିତ ପଦକ୍ଷେପ ନେବା ନିହାତି ଦରକାର।**



**କେଉଁମାନଙ୍କୁ ବିପଦ:** ବଂଶାନୁଗତ, ମୋଟାପା, ଅତ୍ୟଧିକ ଔଷଧ ସେବନ, ଖାଦ୍ୟ ଶୈଳୀରେ ପରିବର୍ତ୍ତନ, ଅଧିକ ପ୍ରୋଟିନ୍ ଯୁକ୍ତ ଖାଦ୍ୟ- ଲାଲ୍ ମାଂସ, ମାଛ, ସାମୁଦ୍ରିକ ମାଛ, ଅଧିକ ନିଶାସେବନ, ଉଚ୍ଚ ରକ୍ତଚାପ, ଥାଇରଏଡ, ଅତ୍ୟଧିକ ଔଷଧ ସେବନ, ବୃକ୍କ ଜନିତ ରୋଗ ଆଦି କାରଣରୁ ୟୁରିକ୍ ଏସିଡ୍ ବୃଦ୍ଧି ପାଇ ବିଭିନ୍ନ ଗଣ୍ଠିଜନିତ ସମସ୍ୟା ତଥା ଗାଉଟ୍ ହୋଇଥାଏ। ଗ୍ରହଣ କରୁଥିବା ପୁଷ୍ଟିସାରଜନିତ ଆହାର ପାଚନ ପ୍ରକ୍ରିୟାରେ ହଜମ ହୋଇନପାରି ଆମଯୁକ୍ତ ଅମ୍ଳରସରେ ପରିଣତ ହୋଇ ରକ୍ତକୁ ଦୂଷିତ କରିଥାଏ, ଏହା ମଧ ଗାଉଟ୍ ହେବାର ପ୍ରମୁଖ କାରଣ। ସେହିପରି ଚିନ୍ତା, ସର୍ଜରୀ, ଅସ୍ତ୍ରୋପଚାର, କିଛି ଔଷଧ ସେବନ ଦ୍ୱାରା ଗାଉଟ୍ ଅଧିକ ବଢ଼ିଯାଇଥାଏ।

**ଲକ୍ଷଣ:** ଗୋଇଠିରୁ ଆରମ୍ଭ ହୋଇ ଅନ୍ୟାନ୍ୟା ସନ୍ଧିସ୍ଥଳ ଓ ହାତ ପର୍ଯ୍ୟନ୍ତ ଏହା ବ୍ୟାପିଯାଏ। ପୀଡ଼ିତ ବ୍ୟକ୍ତି ଚଳପ୍ରଚଳ କରିପାରନ୍ତିନି। ବୁଢ଼ା ଆଙ୍ଗୁଠିରେ ହଠାତ୍ ଯନ୍ତ୍ରଣା ହେବା, ଯନ୍ତ୍ରଣା ସ୍ଥାନଟି ଫୁଲିଯିବା, ଲାଲ୍ ପଡ଼ିଯିବା, ଉକ୍ତ ସ୍ଥାନରେ ଗରମ ଲାଗିବା ଆଦି ଲକ୍ଷଣ ଦେଖାଯାଇଥାଏ। ଅନେକାଂଶ କ୍ଷେତ୍ରରେ ଜ୍ୱର ମଧ ହୋଇଥାଏ। ଚଲାବୁଲାରେ ସମସ୍ୟା ସହ ଜଣେ ବ୍ୟକ୍ତି ପୂରା ଅଚଳ ମଧ ହେବା ଏହାର ଲକ୍ଷଣରେ ଅନ୍ତର୍ଭୁକ୍ତ।



**ଜୀବନଶୈଳୀରେ ପରିବର୍ତ୍ତନରୁ ଆରୋଗ୍ୟ:** ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଯନ୍ତ୍ରଣାବିହୀନ ଔଷଧ ସେବନ କରିପାରିବେ। ରକ୍ତରେ ୟୁରିକ୍ ଏସିଡ୍ ଅମ୍ଳ ପରୀକ୍ଷା, ଇମାଜିଂ ଟେଷ୍ଟ, ଏକ୍ସରେ, ଅଲଟ୍ରାସାଉଣ୍ଡ, ଏମ୍ଆର୍ଆଇ ଆଦି ପରୀକ୍ଷା କରିବା ଉଚିତ। ପୌଷ୍ଟିକ୍‌ଯୁକ୍ତ ଭିଟାମିନ୍-ସି, ସବୁଜ ପନିପରିବା, ସନ୍ତୁଳିତ ଖାଦ୍ୟ ଖାଇପାରିବେ। ବ୍ୟାୟାମ ଓ ଜୀବନଶୈଳୀ ପରିବର୍ତ୍ତନ ଦ୍ୱାରା ସମସ୍ୟାର ସମାଧାନ ହୋଇପାରିବ।

**ଆୟୁର୍ବେଦ ଉପଚାର:** ଗୁଡୁଚି, ଗୁଖୁରୁ, ବଜ୍ରମୂଳୀ ଓ ଶୁଣ୍ଠି ମୋଟ୍ ୧୦ ଗ୍ରାମ୍ ନେଇ ୨୦୦ ଗ୍ରାମ୍ ପାଣିରେ ଫୁଟାଇ ୫୦ ଗ୍ରାମ୍ ରଖି ସକାଳ ଓ ସନ୍ଧ୍ୟାରେ ପାନ କଲେ, ଉପକାର ମିଳିଥାଏ।

- ଦୁଇ କୋଲା ରସୁଣକୁ ଗାଈଘିଅରେ ଭାଜି ସେବନ କଲେ ହିତକର ହୋଇଥାଏ। ଗନ୍ଧ ପଶାରୁଣି ପତ୍ରର ରସକୁ ସାମାନ୍ୟ ଗରମ କରି ମହୁ ମିଶାଇ ସେବନ କଲେ, ଉପକାର ମିଳିଥାଏ। ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ସିଂହନାଦ ଗୁଗ୍ଗୁଲୁ, କୈଶୁର ଗୁଗ୍ଗୁଲୁ, ବଳାରିଷ୍ଟ, ମହାରସ୍ନାଦି କ୍ୱାଥ ଆଦି ବ୍ୟବହାର କରାଯାଇପାରେ।



# ବର୍ଷାଦିନେ ପତ୍ରଯୁକ୍ତ ପରିବା ମନା

**ବର୍ଷାଦିନେ ପାଣି ଓ ଆର୍ଦ୍ରତା କାରଣରୁ ଭୂତାଣୁ, କୀଟାଣୁ, ଜୀବାଣୁଙ୍କ ସଂଖ୍ୟା ବୃଦ୍ଧି ପାଇଥାଏ। ଏହି ଜୀବାଣୁ ତଥା ପରଜୀବୀ ପନିପରିବା ମଧ୍ୟରେ ସହଜରେ ରହିଯାଆନ୍ତି। ଯେହେତୁ ବର୍ଷାଦିନେ ପାଚନତନ୍ତ୍ର କମ୍‌ଜୋର ସହ ରୋଗପ୍ରତିରୋଧଶକ୍ତି ଦୁର୍ବଳ ହୋଇଯାଏ, ତେଣୁ ସଂକ୍ରମଣ ଆଶଙ୍କା ଅଧିକ ବଢ଼ିଯାଇଥାଏ। ଏଥିପାଇଁ ଖାଦ୍ୟପେୟରେ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି। ବର୍ଷାଦିନେ ପତ୍ରଯୁକ୍ତ ପରିବା ଖାଇବାକୁ ବାରଣ କରାଯାଇଥିବାବେଳେ ରୋଗପ୍ରତିରୋଧଶକ୍ତି ବୃଦ୍ଧି କରୁଥିବା ପରିବା ଗ୍ରହଣ କରି ପାରିବେ।**

- ସବୁଜ ପନିପରିବାରେ ଭରପୂର ପୋଷକତତ୍ତ୍ୱ ରହିଥାଏ। ହେଲେ ବର୍ଷା ଦିନେ ପରିବାରେ ସୂର୍ଯ୍ୟକିରଣ ଓ ବାୟୁ ଚଳାଚଳରେ ବାଧା ଉପୁଜିଥାଏ। ଏହାଦ୍ୱାରା ପନିପରିବାରେ କୀଟପତଙ୍ଗ ପ୍ରଜନନ ବଢ଼ିଥାଏ। ଏହି କୀଟ ଏତେ ସୂକ୍ଷ୍ମ ଯେ, ଏହା ଖାଲି ଆଖିକୁ ଆଦୌ ଦେଖାଯାଇନଥାନ୍ତି। ତେଣୁ ଏହି ଦିନେ ପରିବାକୁ ଭଲ ଭାବେ ନ ଧୋଇ ଖାଇଲେ ବିଭିନ୍ନ ପ୍ରକାର ରୋଗ ହେବାର ଆଶଙ୍କା ବୃଦ୍ଧି ପାଇଥାଏ।

**ମାଟିତଳ ପରିବାକୁ ନାଁ:** ମାଟିର ଆର୍ଦ୍ରତା ଯୋଗୁଁ ଏଠାରେ ସହଜରେ ଜୀବାଣୁ ବଢିଥାଏ। ତେଣୁ ବର୍ଷାଦିନେ ମୂଳା, ଗାଜର, ବିଟ୍ ଆଦି ଖାଇବା ଅନୁଚିତ। ଏହିଦିନେ ପତ୍ରଯୁକ୍ତ ପରିବା ଯଥା- ଫୁଲକୋବି, ପତ୍ରକୋବି, ପାଳଙ୍ଗ ଆଦି ଖାଇବା ଦ୍ୱାରା ଖାଦ୍ୟ ହଜମ ହୋଇନପାରି ପାକସ୍ଥଳୀଜନିତ ସମସ୍ୟା ହେବାର ଆଶଙ୍କା ବଢ଼ାଏ। ପତଳା ଝାଡ଼ା, ବାନ୍ତି, ପେଟ ଯନ୍ତ୍ରଣା ଆଦି ହୋଇଥାଏ। ସେହିପରି ବାଇଗଣରେ କବକ ହେବାର ଆଶଙ୍କା ଥିବାରୁ ଏହାକୁ ବର୍ଷାଦିନେ ଖାଇବା ଦ୍ୱାରା ସ୍କିନ୍ ଏଲାର୍ଜି ହୋଇଥାଏ। ଏହିଦିନେ ବାଇଗଣ, କଞ୍ଚାପରିବା ତଥା ସାଲାଡ୍ ମଧ ଖାଇବା ଅନୁଚିତ।

**ଜଳଜନିତ ରୋଗ ଆଶଙ୍କା:** ବର୍ଷାଦିନେ ଜଳଜନିତ ରୋଗ ଆଶଙ୍କା ବୃଦ୍ଧି ପାଇଥାଏ। ଏଥିପାଇଁ ଡାଏଟ୍‌ରେ ଆଣ୍ଟିଅକ୍ସିଡାଣ୍ଟ, ମିନେରାଲ୍ସ, ଭିଟାମିନ୍ ଏବଂ ପୋଷକତତ୍ତ୍ୱ ଯୁକ୍ତ ପନିପରିବା ସାମିଲ କରିପାରିବେ।

**ରୋଗପ୍ରତିରୋଧ ଶକ୍ତି ବୃଦ୍ଧି ପାଇଁ ପରିବା :** କଲରାରେ ଭିଟାମିନ୍ ସି ଓ ରୋଗପ୍ରତିରୋଧକ ଗୁଣ ଥାଏ। ଏହା ଶରୀରକୁ ଶକ୍ତ କରେ। ପାଚନତନ୍ତ୍ର ସମସ୍ୟାକୁ ନିୟନ୍ତ୍ରଣ କରେ। ପୋଟଳ, ଲାଉ, ଭେଣ୍ଡି, ଜହ୍ନି ଆଦି ରୋଗପ୍ରତିରୋଧକ ଶକ୍ତି ବଢ଼ାଏ। ଏହା ଜୀବାଣୁ ଜନିତ ସଂକ୍ରମଣରୁ ରକ୍ଷା କରେ। ତେଣୁ ଏହି ପରିବାକୁ ଡାଏଟ୍‌ରେ ସାମିଲ କରିପାରିବେ। ଅନ୍ୟପଟେ ଖାଦ୍ୟ ରାନ୍ଧିବା ପୂର୍ବରୁ ସବୁଜ ପନିପରିବାକୁ ଗରମ ପାଣିରେ ଅଳ୍ପ ଲୁଣ ପକାଇ ୧୦ରୁ ୧୫ ମିନିଟ୍ ଭିଜାଇବା ଦ୍ୱାରା ଏଥିରୁ ଜୀବାଣୁ ନଷ୍ଟ ହୋଇଯାଏ। ବର୍ଷାଦିନେ ଦୁଗ୍ଧ ସହ ଲୁଣଯୁକ୍ତ ଖାଦ୍ୟ, ମାଛ, ଦହି, ଖଟାଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ଫୁଡ୍ ପଏଜନିଂ ହେବାର ଅଧିକ ଆଶଙ୍କା ରହିଥାଏ। ଏଥିପ୍ରତି ସାବଧାନ ରୁହନ୍ତୁ।

## ଜୀବନ ରକ୍ଷକ

# ସିପିଆର୍



ଅତ୍ୟାଧୁନିକ ଜୀବନଶୈଳୀ ଯୋଗୁଁ ଏବେ ବୟସ୍କଙ୍କ ପରି କମ୍ ବୟସର ପିଲା ହୃଦ୍‌ଘାତର ଶିକାର ହେଉଛନ୍ତି। ଯଦିଓ ହୃଦ୍‌ଘାତ ଏବଂ କାର୍ଡିଆକ୍ ଆରେଷ୍ଟ ହୃଦ୍‌ସମ୍ବନ୍ଧୀୟ ସମସ୍ୟା; ଅନେକ ଏହାକୁ ସମାନ ବୋଲି ଭାବନ୍ତି। ରକ୍ତ ସଞ୍ଚାଳନ ବନ୍ଦ ହୋଇ ହୃଦ୍‌ଘାତ ହେଉଥିବାବେଳେ କାର୍ଡିଆକ୍ ଆରେଷ୍ଟରେ ହୃତ୍‌ପିଣ୍ଡର କାର୍ଯ୍ୟକ୍ଷମତା ଅଚାନକ ବନ୍ଦ ହୋଇଯାଇଥାଏ। ଯଦିଓ କେତେକାଂଶରେ କାର୍ଡିଆକ୍ ଆରେଷ୍ଟର ଚିକିତ୍ସା ସମ୍ଭବ; ହେଲେ ପ୍ରାୟ କ୍ଷେତ୍ରରେ ଏହା ବିଫଳ ହୋଇଥାଏ। ଅଚାନକ କାର୍ଡିଆକ୍ ଆରେଷ୍ଟ ହୋଇ ଛାତିରେ ଯନ୍ତ୍ରଣା, ଶ୍ୱାସକ୍ରିୟାରେ ସମସ୍ୟା, ମୁଣ୍ଡ ଘୂରାଇବା, ମୂର୍ଚ୍ଛା ଯିବା ଆଦି ଲକ୍ଷଣ ଦେଖାଯାଇଥାଏ। କେବଳ ସେତିକି ନୁହେଁ, କାର୍ଡିଆକ୍ ଆରେଷ୍ଟର ପ୍ରାୟ ଘଣ୍ଟାକ ପୂର୍ବରୁ ବାନ୍ତି ଏବଂ ବିଚଳିତ ଲାଗିଥାଏ। ତେଣୁ କାର୍ଡିଆକ୍ ଆରେଷ୍ଟ ହେଲାମାତ୍ରେ ତୁରନ୍ତ ଲକ୍ଷଣକୁ ଚିହ୍ନଟ କରି ରୋଗୀଙ୍କୁ କାର୍ଡିଓ ପଲ୍‌ମୋନାରୀ ରେସୁସିଏସନ୍(ସିପିଆର୍) ଦିଆଯାଏ।

ସିପିଆର୍ ଏକ ଜୀବନ ରକ୍ଷକ କୌଶଳ। ଯାହା ସମସ୍ତେ ସଠିକ ଭାବରେ ଶିକ୍ଷାଲାଭ କରିବାର ଆବଶ୍ୟକତା ରହିଛି। ତେବେ ଯେଉଁମାନଙ୍କର ଶ୍ୱାସପ୍ରଶ୍ୱାସ ବନ୍ଦ ହୋଇଯାଇଥାଏ, ସେମାନଙ୍କ ପାଇଁ ଜରୁରିକାଳୀନ ସ୍ଥିତିରେ ସିପିଆର ଉପଯୋଗୀ ହୋଇଥାଏ। ସିପିଆର୍ ଦେଉଥିଲେ, କିଛି ବିଶେଷ କଥାକୁ ଧ୍ୟାନ ଦିଆଯିବା ଉଚିତ। ଯେମିତିକି ରୋଗୀର ସ୍ଥିତିକୁ ଧ୍ୟାନ ଦେବା, ଅଚାନକ ଯଦି ଜଣେ ମୂର୍ଚ୍ଛାଯାଇ ବିପଦସ୍ଥଳରେ ଅଛନ୍ତି, ସୁରକ୍ଷିତ ସ୍ଥାନକୁ ଆଣି ତାଙ୍କ କାନ ପାଖରେ କ'ଣ ହୋଇଛି ବୋଲି ପଚାରିବା ଦରକାର। ନାକରେ ଆଙ୍ଗୁଠି ଲଗାଇ ଛାତିରେ ହାତ ରଖି ତାଙ୍କ ଶ୍ୱାସକ୍ରିୟାକୁ ପରଖିବା ଉଚିତ। ଏହାରି ମଧ୍ୟରେ ଜରୁରିକାଳୀନ ଆମ୍ବୁଲାନ୍ସକୁ ଫୋନ୍ କରାଯିବା ବୁଦ୍ଧିମାନର କାମ। ଯଦି ରୋଗୀଙ୍କଠାରୁ କୌଣସି ପ୍ରତିକ୍ରିୟା ନ ମିଳେ, ତାହେଲେ ତାଙ୍କ ହାତ ଏବଂ ବେକରେ ନାଡ଼ି ଦେଖିବା। ନାଡ଼ି ନ ପାଇଲେ, ଆଣ୍ଠେଇ ତାଙ୍କ ଛାତିର ମଧ୍ୟମ ଏବଂ ବାମପାର୍ଶ୍ୱକୁ ଜୋର ଜୋରରେ ଚାପିବାକୁ ହୋଇଥାଏ। ୩୦ଥର ଚାପିବା ପରେ ଦୁଇଥର ରୋଗୀର ପାଟିରେ ନିଃଶ୍ୱାସ ଦେବା କାର୍ଯ୍ୟ ଜାରି ରଖିବା ଦରକାର। ଏପରି କରିବା ଦ୍ୱାରା ହୃତ୍‌ପିଣ୍ଡର ସ୍ପନ୍ଦନ ଏବଂ ଶ୍ୱାସପ୍ରଶ୍ୱାସ ଫେରିବା ଦରକାର। ତେଣୁ କୌଣସି ସ୍ଥାନରେ ଏପରି ସ୍ଥିତି ଦେଖିଲେ ତୁରନ୍ତ ସିପିଆର ଦେଇ ଜଣକ ଜୀବନ ବଞ୍ଚାଇହେବ।

# ହାଡ଼ଫୁଟିର ଘରୋଇ ଉପଚାର



**ହାଡ଼ଫୁଟି ଏକ ଭୂତାଣୁ ଜନିତ ସଂକ୍ରମଣ ରୋଗ। ଏହା ସାଧାରଣତଃ ଛୋଟ ଛୋଟ ପିଲାଙ୍କୁ ଅଧିକ ସଂକ୍ରମିତ କରିଥାଏ। ଅଧିକାଂଶ ପିଲାଙ୍କୁ ପ୍ରଥମେ ଜ୍ୱର ହୋଇ ପରେ ହାଡ଼ଫୁଟି ହୋଇଥାଏ। ସଂକ୍ରମିତ ପିଲାର ଶରୀରରେ ଲାଲ୍‌ଲାଲ ଚକଳା ପଡ଼ି ଦେହ ହାତ ବିନ୍ଧା ହେବା ଏହି ରୋଗର ଲକ୍ଷଣ। ଏହି ସଂକ୍ରମଣ ଶରୀରରେ ୩ରୁ ୭ ଦିନ ରହିଥାଏ। ତେବେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ କିଛି ଔଷଧ ସେବନ ସହ ଘରୋଇ ଉପଚାର ଦ୍ୱାରା ହାଡଫୁଟି ସଂକ୍ରମଣକୁ କମ୍ କରିହେବ।**

- ଡାକ୍ତରଙ୍କ ପରାମର୍ଶନେଇ ଗୁଗ୍ଗୁଲୁ ଝୁଣାର ଧୂପ ଦେଇ ଘର ପରିବେଶକୁ ଶୁଦ୍ଧ ରଖିବାର ଆବଶ୍ୟକତା ଥାଏ।
- ହାଡ଼ଫୁଟି ସଂକ୍ରମିତ ପିଲାର ବିଛଣାରେ କଅଁଳ ନିମପତ୍ର ପକାଇ ଶୟନ କଲେ କୁଣ୍ଡାଇ ହେବା କମିଥାଏ।
- ମସୁରଡାଲିର ପାଣିକୁ ବ୍ୟବହାର କଲେ ଏହି ରୋଗରୁ ଉପଶମ ମିଳେ।
- କଲରାପତ୍ର ରସ ସାମାନ୍ୟ ଗରମ କରି ଦିନକୁ ଦୁଇଥର କରି ତିନିଦିନ ସେବନ କଲେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ।
- ଉଷୁମ ପାଣିରେ ଚାରିଚାମଚ ୨୦ ମିଲି ଗୋମୂତ୍ର ମିଶାଇ ସେବନ କଲେ ଏହା ଶରୀରକୁ ଶୋଧନ କରିଥାଏ। ସେହିପରି ଏକ ଗ୍ଲାସ୍ ଉଷୁମ ପାଣିରେ ଫାଳେ ଲେମ୍ବୁ ଚିପୁଡ଼ି ସକାଳେ ଏବଂ ସନ୍ଧ୍ୟାରେ ପାନ କଲେ ଏହି ରୋଗ ପାଇଁ ହିତକର ହୋଇଥାଏ।
- ପୋଟଳପତ୍ର, ଗୁଡୁଚି, ଅପାମାର୍ଗ, ଲିମ୍ବପତ୍ର, ତୁଳସୀ ପତ୍ର ଆଦିର ସିଝାପାଣି ରୋଗୀକୁ ପାନ କରିବାକୁ ଦେଲେ ଉପକାର ମିଳିଥାଏ। ଚିକିତ୍ସକଙ୍କ ପରାମର୍ଶରେ ଆରୋଗ୍ୟ ବର୍ଦ୍ଧନୀ ବଟି, କୈଶୋର ଗୁଗ୍ଗୁଲୁ, ଅମୃତାରିଷ୍ଟ, ମହାମଞ୍ଜିଷ୍ଠାଦି କ୍ୱାଥ୍ ଆଦି ବ୍ୟବହାର କରାଯାଇପାରେ।
- ଶୃଙ୍ଗାରହାର ପତ୍ର ରସରେ ମହୁ ମିଶାଇ ଦିନକୁ ଦୁଇବେଳା ସେବନ କରାଯାଇପାରେ। ଚିକିତ୍ସକଙ୍କ ପରାମର୍ଶରେ ସିଦ୍ଧମକରଧ୍ୱଜ, ରସସିନ୍ଦୂର ଆଦି ମଧ ଏଥିପାଇଁ ବ୍ୟବହାର କରାଯାଇଥାଏ।

# ଋତୁସ୍ରାବ ଚକ୍ରକୁ ପ୍ରଭାବିତ କରେ ଜଙ୍କ୍‌ଫୁଡ୍

**ଜଙ୍କ୍‌ଫୁଡ୍‌ରେ ଅସ୍ୱାସ୍ଥ୍ୟକର ଫ୍ୟାଟ୍, ଅଧିକ ମାତ୍ରାର ଚିନି ଏବଂ ଲୁଣ ଥାଏ। ଏଥିରେ କମ୍ ପୋଷକତତ୍ତ୍ୱ ମିଳେ। ଚିପ୍‌ସ, କୁର୍‌କୁରା, ଫାଷ୍ଟଫୁଡ୍ ଏବଂ ସୋଡା ଓ ସଫ୍ଟଡ୍ରିଙ୍କ୍ ଆଦି ଜଙ୍କ୍‌ଫୁଡ୍‌ରେ ଅନ୍ତର୍ଭୁକ୍ତ। ଏହାକୁ ସେବନ କରିବା ଦ୍ୱାରା ଶରୀରରେ ବିଭିନ୍ନ ପ୍ରକାର ରୋଗ ଉପୁଜିଥାଏ। ହେଲେ ଅତ୍ୟଧିକ ଜଙ୍କଫୁଡ୍ ସେବନ ମହିଳାଙ୍କ ମାସିକ ଋତୁସ୍ରାବ ଚକ୍ରକୁ ପ୍ରଭାବିତ କରିଥାଏ।**

ମାସିକ ଋତୁସ୍ରାବ ସମୟରେ ମହିଳାଙ୍କ ଅଣ୍ଟା ଓ ପେଟ ଯନ୍ତ୍ରଣା ହୋଇଥାଏ। ଏହି ସମୟରେ ଅଧିକାଂଶ କିଛି ଖାଇବାକୁ ଇଚ୍ଛା ପ୍ରକାଶ କରନ୍ତିନି। ଏହି ସମୟରେ ଚଟ୍‌ପଟା ଖାଇବାକୁ ଇଚ୍ଛା ହେଉଥିବାରୁ ଅଧିକାଂଶ ମହିଳା ଜଙ୍କ୍‌ଫୁଡ୍ ଖାଇବାକୁ ପସନ୍ଦ କରନ୍ତି। ହେଲେ ମହିଳାମାନେ ଅଧିକ ଜଙ୍କ୍‌ଫୁଡ୍ ଖାଇବା ଦ୍ୱାରା ସେମାନଙ୍କ ଓଜନ ବୃଦ୍ଧି ପାଇ ପଲିସିଷ୍ଟିକ୍ ଓଭାରିୟନ୍ ସିଣ୍ଡ୍ରୋମ୍ (ପିସିଓଏସ୍) ହେବାର ଆଶଙ୍କା ବୃଦ୍ଧି ପାଏ। ଏହା ଗର୍ଭାଶୟକୁ ପ୍ରଭାବିତ କରେ। ଅନେକାଂଶରେ ମହିଳାଙ୍କୁ ବନ୍ଧ୍ୟାତ୍ୱର ଶିକାର ହେବାକୁ ହୁଏ। କେବଳ ସେତିକି ନୁହେଁ, ସେମାନଙ୍କ ଠାରେ ଟାଇପ୍ ୨ ମଧୁମେହ ସମେତ ହୃଦ୍‌ସମ୍ବନ୍ଧୀୟ ରୋଗ ହେବାର ଆଶଙ୍କା ବୃଦ୍ଧି ପାଏ।

ଏହାଛଡ଼ା ଜଙ୍କ୍‌ଫୁଡ୍ ଆଣ୍ଡ୍ରୋଜେନ୍ ସ୍ତରକୁ ବୃଦ୍ଧି କରାଏ। ଋତୁସ୍ରାବ ଠିକ୍ ସମୟରେ ନ ହୋଇ ପ୍ରଜନନ କ୍ଷମତାକୁ ପ୍ରଭାବ ପକାଏ। ମହିଳାଙ୍କ ହର୍ମୋନ ପରିବର୍ତ୍ତନ ହେବାର ଜଙ୍କ୍‌ଫୁଡ୍ ମୂଳ କାରଣ। ଏହା ଏଣ୍ଡୋମେଟ୍ରିୟୋସିସ୍ ଏବଂ ଏଣ୍ଡୋକ୍ରାଇନ୍ ସମ୍ବନ୍ଧୀୟ ରୋଗ ଆଶଙ୍କା ବଢ଼ାଏ।

ଅନ୍ୟପଟେ ଜଙ୍କ୍‌ଫୁଡ୍ ଖାଇବା ଦ୍ୱାରା ଶରୀରରେ କୋର୍ଟିସୋଲ ସ୍ତର ବୃଦ୍ଧି ପାଏ। ଏହା ପ୍ରୋଜେଷ୍ଟେରୋନକୁ ପ୍ରଭାବିତ କରେ। ତେଣୁ ଜଙ୍କ୍‌ଫୁଡ୍ ବଦଳରେ ମହିଳାମାନେ ପର୍ଯ୍ୟାପ୍ତ ମାତ୍ରାର ଲୌହସାର, ପୋଷକତତ୍ତ୍ୱଯୁକ୍ତ ଖାଦ୍ୟ ଖାଇପାରିବେ। ଫଳ, ସବୁଜ ପରିବା, ଡ୍ରାଏଫ୍ରୁଟ୍‌ସ, ଦୁଗ୍ଧ, ପନିର, ଶସ୍ୟ ଆଦି ଖାଇପାରିବେ। ଋତୁସ୍ରାବଜନିତ ସମସ୍ୟା ଦେଖାଦେଲେ, ତୁରନ୍ତ ଡାକ୍ତରଙ୍କୁ ପରାମର୍ଶ କରିବା ଜରୁରି।



# କର୍କଟରୋଧୀ ଲେମନ୍ ଗ୍ରାସ୍



**ଆୟୁର୍ବେଦରେ ବିଭିନ୍ନ ରୋଗର ଚିକିତ୍ସା ପଦ୍ଧତିରେ ପତଳା ଓ ସୁଗନ୍ଧିତ ଲେମନ୍‌ଗ୍ରାସର ବ୍ୟବହାର କରାଯାଏ। ଏହି ଘାସରୁ ମିଳୁଥିବା ସିଟ୍ରାଲ ଗୁଣ କର୍କଟରୋଧୀ ହୋଇଥାଏ। ତେଣୁ ସ୍ତନ କର୍କଟ ଏବଂ ଚର୍ମ କର୍କଟ ଚିକିତ୍ସା ଆଦିରେ ଲେମନ୍‌ଗ୍ରାସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।**

ଲେମନ୍‌ଗ୍ରାସ୍‌ରେ କ୍ୟାଲସିୟମ୍, ପଟାସିୟମ୍, ମାଙ୍ଗାନିଜ୍, ମାଗ୍ନେସିୟମ୍, ଲୌହସାର, ଆଣ୍ଟି ଆମୋଏବିକ୍, ଆଣ୍ଟି-ଇନ୍‌ଫ୍ଲେମେଟାରୀ, ଏନାଲଜେସିକ୍, ଆଣ୍ଟିଡିପ୍ରେସେଣ୍ଟ, ଆଣ୍ଟିସେପ୍ଟିକ୍, ଆଣ୍ଟିଫଙ୍ଗାଲ, ଆଣ୍ଟିବ୍ୟାକ୍ଟେରିଆଲ୍, କର୍କଟରୋଧୀ, ଆଣ୍ଟି ଏଜିଂ ଗୁଣ ସମେତ ଭିଟାମିନ୍, ଏ, ସି, ଫୋଲେଟ୍ ଏବଂ ନିଆସିନ୍ ଆଦି ରହିଛି। ଏଥିରେ ଥିବା ଆଣ୍ଟି ଇନ୍‌ଫ୍ଲାମେଟରି ଏବଂ ଆଣ୍ଟିଅକ୍ସିଡାଣ୍ଟ ଗୁଣ ପାଚନ ସମ୍ବନ୍ଧୀୟ ରୋଗକୁ ସୁଧାରିଥାଏ। ଲେମନ୍‌ଗ୍ରାସ୍‌ରେ ଥିବା ଭିଟାମିନ୍ ସି ଶରୀରର ରୋଗପ୍ରତିରୋଧକ କ୍ଷମତା ବୃଦ୍ଧି କରାଏ।

ଔଷଧୀୟ ଗୁଣରେ ଭରପୂର ଲେମନ୍‌ଗ୍ରାସ୍‌କୁ ବ୍ୟଞ୍ଜନ ପାଇଁ ବ୍ୟବହାର କରାଯାଏ। ଏହି ଘାସରୁ ସୁଗନ୍ଧିତ ତେଲ ମଧ ଉତ୍ପାଦନ ହୁଏ। ଲେମନଗ୍ରାସ୍‌କୁ ଜୁସ୍ ବନାଇ ପିଇ ପାରିବେ। ଶୁଖିଲା ଲେମନ୍‌ଗ୍ରାସ୍ ପତ୍ରରୁ ହର୍ବାଲ ଚା' ପ୍ରସ୍ତୁତ ହୁଏ। ପେଟ ଫୁଲା ବା କାଟିବାରୁ ଉପଶମ ପାଇଁ ଚା' କରି ପିଇପାରିବେ।

# ଅବସାଦ ବାରିବ ଏଆଇ

ବ୍ୟସ୍ତବହୁଳ ଜୀବନରେ ଅନେକଜଣ ନିଜ ପାଇଁ ସମୟ ବାହାର କରିପାରନ୍ତି ନାହିଁ। ଏହି କାରଣରୁ ଚିନ୍ତା ଓ ଅବସାଦରେ ପୀଡ଼ିତ ହୋଇଥାନ୍ତି। ଅଧ୍ୟୟନ ମୁତାବକ, ଦେଶରେ ପ୍ରାୟ ୩୫% ଲୋକଙ୍କ ମଧ୍ୟରେ ନକାରାତ୍ମକ ଚିନ୍ତା ରହୁଥିବାବେଳେ ଏମାନେ ଖୁସି ଅନୁଭବ କରିପାରନ୍ତି ନାହିଁ। ଅଧିକାଂଶ ଚିନ୍ତା ଦୂର କରିବାକୁ ଔଷଧ ଉପରେ ମଧ ନିର୍ଭରଶୀଳ ରୁହନ୍ତି। ଯଦିଓ ଚିନ୍ତା ଆରମ୍ଭରୁ ନିଜ ସମସ୍ୟା ବିଷୟରେ ଅନେକ ଜାଣିପାରନ୍ତିନି। ହେଲେ ଏବେ ଜଣେ ବ୍ୟକ୍ତି ଚିନ୍ତା ଓ ଅବସାଦରେ ପୀଡ଼ିତ ରହିଛନ୍ତି କି ନାହିଁ, ତାହା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଜରିଆରେ ଜଣାପଡ଼ିବ। ପିଜିଆଇ ଲକ୍ଷ୍ନୌ ଏବଂ ଆଇଆଇଟି କାନପୁର ସାହାଯ୍ୟରେ ଏହି କୃତ୍ରିମ ବୁଦ୍ଧିମତ୍ତା ଆପ୍ ଲଞ୍ଚ୍ କରାଯାଇଛି। ଏହି ଆପ୍‌ରେ ପ୍ରଥମେ କିଛି ପ୍ରଶ୍ନ ପଚରାଯାଇଥାଏ। ପରେ ଭଏସ୍ ସ୍ୟାମ୍ପଲ ଜରିଆରେ ଜଣେ ବ୍ୟକ୍ତି ଚିନ୍ତାରେ ଅଛନ୍ତି କି ନାହିଁ ସ୍ପଷ୍ଟ ହୋଇଥାଏ। ଏହାଦ୍ୱାରା ଜଣେ ବ୍ୟକ୍ତି ଚିନ୍ତାରେ ରହିଥିବା କଥାକୁ ସ୍ୱୀକାର କରନ୍ତି। ଯେହେତୁ ଏହି ଆପ୍ ଦ୍ୱାରା ଚିନ୍ତାର ପ୍ରାରମ୍ଭିକ ସ୍ଥିତି ବିଷୟରେ ଜାଣିହୁଏ, ତେଣୁ ଜଣେ ଦୈନିକ ଯୋଗ ପ୍ରାଣାୟାମ ଯଥା -ବାଳାସନ, ଭୁଜଙ୍ଗାସନ, ସେତୁ ବନ୍ଧାସନ, ଅନୁଲୋମ ବିଲୋମ ପ୍ରାଣାୟମ ଓ ଖାଦ୍ୟପେୟ ଜରିଆରେ ଚିନ୍ତାମୁକ୍ତ ରହିପାରିବେ। ଏହାସହ କଠିନ ପରିଶ୍ରମ କରିବା ସହ ସକାରାତ୍ମକ ଚିନ୍ତାଧାରା ସହିତ ନିଜ ସମସ୍ୟା ବିଷୟରେ ଅନ୍ୟମାନଙ୍କ ସହିତ ଆଲୋଚନା କରିବା ଜରୁରି।



### ଶ୍ରୀଲଙ୍କା ଗସ୍ତରେ ଶୁବମାନ ଗିଲ୍ ଉପଅଧିନାୟକ

# ଟି-୨୦ରେ ସୂର୍ଯ୍ୟ, ଦିନିକିଆରେ ରୋହିତଙ୍କୁ ନେତୃତ୍ୱ



**ମୁମ୍ବଇ, ୧୮।୭(ଏଜେନ୍ସି):** ଦୀର୍ଘ ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ଶ୍ରୀଲଙ୍କା ଗସ୍ତ ଲାଗି ବିସିସିଆଇ ଭାରତୀୟ କ୍ରିକେଟ ଦଳର ନାମ ତାଲିକା ଘୋଷଣଶ କରିଛି। ଏଥିରେ ୩୩ ବର୍ଷୀୟ ବିସ୍ଫୋରକ ବ୍ୟାଟର ସୂର୍ଯ୍ୟକୁମାର ଯାଦବଙ୍କୁ ଟି-୨୦ ଲାଗି ନେତୃତ୍ୱ ପ୍ରଦାନ କରାଯାଇଛି। ନିକଟରେ ଭାରତ ବିଶ୍ୱ ଚାମ୍ପିଅନ ହେବା ପରେ ରୋହିତ ଶର୍ମା ଟି-୨୦ ଫର୍ମାଟରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଗ୍ରହଣ କରିଥିଲେ। ଟି-୨୦ ନେତୃତ୍ୱ ଦୌଡ଼ରେ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଥିଲେ ମଧ୍ୟ ଫିଟନେସ କାରଣରୁ ତାଙ୍କ ଉପରେ ଅଧିକ ଚାପ ସୃଷ୍ଟି ନ କରିବାକୁ ନେତୃତ୍ୱ ପ୍ରଦାନ କରାଯାଇ ନାହିଁ। ଅନ୍ୟ ପକ୍ଷରେ ରୋହିତ ଶର୍ମା ପୂର୍ବବି ଦିନିକିଆ ଦଳର ନେତୃତ୍ୱ ନେବେ। ଟି-୨୦ ବିଶ୍ୱକପ୍ ପରେ ରୋହିତ, ବିରାଟ କୋହଲି ଓ ଯଶପ୍ରୀତ ବୁମ୍ରାଙ୍କୁ ବିଶ୍ରାମ ଦିଆଯିବ ବୋଲି ଆଲୋଚନା ହୋଇଥିଲା। କିନ୍ତୁ ଆସନ୍ତାବର୍ଷ ପାକିସ୍ତାନରେ ଖେଳାଯିବାକୁ ଥିବା ଚାମ୍ପିଅନ୍ସ ଟ୍ରଫି ଦିନିକିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଲାଗି ପ୍ରସ୍ତୁତି ହେବା ସକାଶେ ରୋହିତ ଓ ବିରାଟଙ୍କୁ ଦିନିକିଆ ଦଳରେ ସାମିଲ କରାଯାଇଛି। ବୁମ୍ରାଙ୍କୁ ପୂରା ଟୁର୍‌ରେ ବିଶ୍ରାମ ଦିଆଯାଇଥିଲାବେଳେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅନୁରୋଧକ୍ରମେ ତାଙ୍କୁ ଦିନିକିଆ ଦଳରେ ସାମିଲ କରାଯାଇ ନାହିଁ। ଅନ୍ୟପକ୍ଷରେ ଶୁବମାନ ଗିଲ୍‌ଙ୍କୁ ଉଭୟ ଟି-୨୦ ଓ ଦିନିକିଆ ଦଳର ଉପଅଧିନାୟକ ମନୋନୀତ କରାଯାଇଛି। ଏହି ଗସ୍ତରେ ୬ଟି ସୀମିତ ଓଭର ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏହା ମଧ୍ୟରୁ ଜୁଲାଇ ୨୭ରୁ ତିନି ମ୍ୟାଚ୍ ବିଶିଷ୍ଟ ଟି-୨୦ ଓ ଅଗଷ୍ଟ ୨ରୁ ସମାନ ସଂଖ୍ୟକ ଦିନିକିଆ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

**ଖେଳ ଆରମ୍ଭ (ଭାରତୀୟ ସମୟ)**
**ଟି-୨୦:** ରାତି ୭ଟା, **ଦିନିକିଆ :** ଅପରାହ୍ଣ ୨ଟା୩୦।
**ପ୍ରସାରଣ :** ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ, ଡିଜନୀ ହଟ୍ ଷ୍ଟାର

### ଟି-୨୦ରୁ ଋତୁରାଜ, ଅଭିଷେକ ଓ କୁଲଦୀପ ବାଦ୍

ନିକଟରେ ୱେଷ୍ଟଇଣ୍ଡିଜ୍ ଓ ଆମେରିକାରେ ଶେଷ ହୋଇଥିବା ଟି-୨୦ ବିଶ୍ୱକପ୍‌ରେ ଚମତ୍କାର ଖେଳ ପ୍ରଦର୍ଶନ କରି ୧୦ଟି ୱିକେଟ ନେଇଥିବା ବାମହାତୀ ସ୍ପିନର କୁଲଦୀପ ସିଂଙ୍କୁ ସୂର୍ଯ୍ୟକୁମାରଙ୍କ ନେତୃତ୍ୱାଧିନ ଟି-୨୦ ଦଳରେ ସାମିଲ କରାଯାଇନାହିଁ। ସେହିପରି ଚେନ୍ନଇ ସୁପର କିଙ୍ଗସ ଅଧିନାୟକ ଋତୁରାଜ ଗାଏକ୍ୱାଡ୍ ଓ ଦମ୍‌ଦାର ଅନ୍ତର୍ଜାତୀୟ ଡେବ୍ୟୁ କରିଥିବା ଅଭିଷେକ ଶର୍ମାଙ୍କୁ ମଧ୍ୟ ବାଦ୍ ଦିଆଯାଇଛି। ଋଷଭ ପନ୍ତଙ୍କୁ ଉଭୟ ଦଳର ୱିକେଟ ରକ୍ଷକ ଭାବେ ମନୋନୀତ କରାଯାଇଛି। ଟି-୨୦ରେ ସଞ୍ଜୁ ସାମସନ ଓ ଦିନିକିଆରେ ଲୋକେଶ ରାହୁଲ ଦ୍ୱିତୀୟ ୱିକେଟକିପର ଭାବେ ଖେଳିବେ। ନିକଟରେ ଜିମ୍ବାୱେ ଗସ୍ତରେ ଭଲ ଖେଳିଥିବା ଖେଳାଳିମାନଙ୍କୁ ପ୍ରାୟ ଦଳରେ ସାମିଲ କରାଯାଇଛି। ଯାହା ଫଳରେ ୱାଶିଂଟନ ସୁନ୍ଦରଙ୍କୁ ଉଭୟ ଦଳରେ ନିଆଯାଇଛି। ଟି-୨୦ ସିରିଜ୍ ଜୁଲାଇ ୨୭ରୁ ଆରମ୍ଭ ହେବ। ଜୁଲାଇ ୨୮ ଓ ୩୦ରେ ଅନ୍ୟ ଦୁଇଟି ମ୍ୟାଚ୍ ଖେଳାଯିବ। ଏ ସମସ୍ତ ୩ଟି ଯାକ ମ୍ୟାଚ୍ ପାଲିକଲ ଷ୍ଟାଡିୟମ୍‌ରେ ଖେଳାଯିବ।

### ଦିନିକିଆରେ କୋହଲି, ରାହୁଲ ଓ ଆୟର ସାମିଲ

ଦିନିକିଆ ଫର୍ମାଟ ଖେଳିବାକୁ ରୋହିତ ଶର୍ମା ଓ ବିରାଟ କୋହଲି ଉପଲବ୍ଧ ହେବା ପରେ ଚୟନକର୍ତ୍ତାଙ୍କୁ ଅଶ୍ୱସ୍ତି ମିଳିଛି। ରୋହିତ ନେତୃତ୍ୱ ନେଇଥିଲାବେଳେ କୋହଲିଙ୍କ ସହ ଶ୍ରେୟସ ଆୟରଙ୍କୁ ସାମିଲ ନିଆଯାଇଛି। ଚାମ୍ପିଅନ୍ସ ଟ୍ରଫିକୁ ଆଖିଆଗରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି। ଘରୋଇ ବିଜୟ ହଜାରେ ଟ୍ରଫି କ୍ରିକେଟରେ କ୍ରମାଗତ ୭ଟି ଅର୍ଦ୍ଧଶତକ ହାସଲ କରିଥିବା ରିଆନ ପରାଗ ଓ ଦିଲ୍ଲୀ ମିଡିୟମ୍ ପେସ୍ ବୋଲର ହର୍ଷିତ ରାଣାଙ୍କୁ ବ୍ୟାକ୍ ଅପ୍ ବୋଲରଭାବେ ନିଆଯାଇଛି। ଉଭୟ ପ୍ରଥମଥର ଦିନିକିଆ ଫର୍ମାଟରେ ଜାତୀୟ ଦଳରେ ସାମିଲ ହୋଇଛନ୍ତି। ନିକଟରେ ଟି-୨୦ ଫର୍ମାଟରୁ ଅବସର ନେଇଥିବା ରବୀନ୍ଦ୍ର ଜାଡେଜାଙ୍କୁ ଅନୁରୋଧ କ୍ରମେ ବିଶ୍ରାମ ଦିଆଯାଇଛି। ଟି-୨୦ ବିଶ୍ୱକପ୍ ଦଳରେ ସ୍ଥାନ ପାଇଥିଲେ ମଧ୍ୟ ଗୋଟିଏ ହେଲେ ମ୍ୟାଚ୍ ଖେଳି ନ ଥିବା ଯୁଜବେନ୍ଦ୍ର ଚହଲଙ୍କୁ କୌଣସି ଦଳରେ ନିଆଯାଇ ନାହିଁ।

**ଟି-୨୦ ଦଳ**

ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଶୁବମାନ ଗିଲ (ଉପଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ରିଙ୍କୁ ସିଂ, ରିଆନ ପରାଗ, ଋଷଭ ପନ୍ତ ଓ ସଞ୍ଜୁ ସାମସନ (ଉଭୟ ୱିକେଟରକ୍ଷକ), ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ରବି ବିଷ୍ଣୋଇ, ଅର୍ଶଦୀପ ସିଂ, ଖଲୀଲ ଅହମ୍ମଦ୍ ଓ ମହମ୍ମଦ୍ ସିରାଜ।

**ଭାରତ-ଶ୍ରୀଲଙ୍କା ଖେଳସୂଚୀ**

| | |
|---|---|
| ୨୭।୭ | ପ୍ରଥମ ଟି-୨୦, ପାଲିକଲ |
| ୨୮।୭ | ଦ୍ୱିତୀୟ ଟି-୨୦, ପାଲିକଲ |
| ୩୦।୭ | ତୃତୀୟ ଟି-୨୦, ପାଲିକଲ |
| ୦୨।୮ | ପ୍ରଥମ ଦିନିକିଆ, କଲମ୍ବୋ |
| ୦୪।୮ | ଦ୍ୱିତୀୟ ଦିନିକିଆ, କଲମ୍ବୋ |
| ୦୬।୮ | ତୃତୀୟ ଦିନିକିଆ, କଲମ୍ବୋ |

**ଦିନିକିଆ ଦଳ**

ରୋହିତ ଶର୍ମା (ଅଧିନାୟକ), ଶୁବମାନ ଗିଲ (ଉପଅଧିନାୟକ), ବିରାଟ କୋହଲି, ଶ୍ରେୟାସ ଆୟର, ରିଆନ ପରାଗ, ଋଷଭ ପନ୍ତ ଓ ଲୋକେଶ ରାହୁଲ (ଉଭୟ ୱିକେଟରକ୍ଷକ), ହର୍ଷିତ ରାଣା, ଶିବମ ଦୁବେ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ଅର୍ଶଦୀପ ସିଂ, ଖଲୀଲ ଅହମ୍ମଦ୍ ଓ ମହମ୍ମଦ୍ ସିରାଜ।

# ପାଣ୍ଡ୍ୟା-ନତାଶାଙ୍କ ବିବାହ ବିଚ୍ଛେଦ



**ନୂଆଦିଲ୍ଲୀ, ୧୮।୭ (ଏଜେନ୍ସି):** ଗତ କିଛି ମାସ ଧରି ଯାହା ଚର୍ଚ୍ଚା ଚାଲିଥିଲା ଶେଷରେ ତାହା ସତରେ ପରିଣତ ହୋଇଛି। ଭାରତୀୟ ଦଳର ତାରକା ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ତାଙ୍କ ସର୍ବିୟ ମଡେଲ ପତ୍ନୀ ନତାଶା ଷ୍ଟାଙ୍କୋଭିଚ୍‌ଙ୍କ ମଧ୍ୟରେ ବିବାହ ବିଚ୍ଛେଦ ଘଟିଛି। ୩୦ ବର୍ଷୀୟ ପାଣ୍ଡ୍ୟା ଓ ୩୨ ବର୍ଷୀୟା ନାତାଶା ଗୁରୁବାର ଅଫିସିଆଲ୍ ଭାବେ ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମରେ ଏକ ମିଳିତ ବାର୍ତ୍ତାରେ ଏହି ସୂଚନା ଦେଇଛନ୍ତି। ପାଣ୍ଡ୍ୟା ଏହି ଭାବବିହ୍ୱଳ ବାର୍ତ୍ତାରେ ଲେଖିଛନ୍ତି, '୪ ବର୍ଷ ଏକାଠି ରହିବା ପରେ ନତାଶା ଓ ମୁଁ ପରସ୍ପର ସହମତିରେ ଅଲଗା ହେବାକୁ ନିଷ୍ପତ୍ତି ନେଇଛୁ। ଆମେ ଉଭୟ ମିଶି ଆମର ସର୍ବଶ୍ରେଷ୍ଠ ପ୍ରୟାସ କରିଛୁ ଏବଂ ସର୍ବଶ୍ରେଷ୍ଠ ଦେଇଛୁ ମଧ୍ୟ। ଏହି ନିଷ୍ପତ୍ତି ଆମ ଦୁଇଜଣଙ୍କ ଲାଗି ସର୍ବୋତ୍ତମ ହେବ। ଏହା ଆମ ଲାଗି ଏକ କଠିନ ନିଷ୍ପତ୍ତି ଥିଲା। ପୁଅ ଅଗସ୍ତ୍ୟା ଆମ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇରହିବ। ଆମେ ଉଭୟ ପିତାମାତା ହିସାବରେ ତାହାର ଯତ୍ନ ନେବୁ।' ପ୍ରକାଶଯୋଗ୍ୟ, ପାଣ୍ଡ୍ୟା ଓ ନତାଶାଙ୍କ ମଧ୍ୟରେ ୨୦୨୦ ଜାନୁଆରୀ ୧ରେ ନିର୍ବନ୍ଧ ଅନୁଷ୍ଠିତ ହୋଇଥିଲା। ସେହିବର୍ଷ ଜୁଲାଇ ୩୦ରେ ସେମାନଙ୍କ ଅଗସ୍ତ୍ୟା ନାମରେ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ୨୦୨୩ ଫେବୃଆରୀରେ ଉଭୟ ହିନ୍ଦୁ ରୀତିନୀତି ଅନୁସାରେ ୨ୟଥର ଲାଗି ବିବାହ କରିଥିଲେ। ଗତ ଦୁଇଦିନ ତଳେ ନତାଶା ତାଙ୍କ ପୁଅ ଅଗସ୍ତ୍ୟାକୁ ନେଇ ସର୍ବିଆ ଚାଲିଯାଇଥିଲେ।

### ଫିଫା ମାନ୍ୟତା: ଭାରତ ୧୨୪ରେ ସ୍ଥିର

# ଆର୍ଜେଣ୍ଟିନାର ଶୀର୍ଷ ସ୍ଥାନ ଆହୁରି ଦୃଢ଼



**ଜୁରିକ୍,୧୮।୭(ସମିସ):** ସଦ୍ୟ ପ୍ରକାଶିତ ଫିଫା ମାନ୍ୟତାରେ କୋପା ଆମେରିକା ଫୁଟବଲ ଚାମ୍ପିଅନ ଆର୍ଜେଣ୍ଟିନା ତା'ର ଶୀର୍ଷ ସ୍ଥାନକୁ ଆହୁରି ଦୃଢ଼ କରିଛି। ଅନ୍ୟପଟେ ଭାରତ ପୂର୍ବପରି ମାନ୍ୟତାର ୧୨୪ତମ ସ୍ଥାନରେ ସ୍ଥିର ରହିଛି। ଭାତତୀୟ ଦଳ ଗତ ଜୁନରେ ୩ଟି ସ୍ଥାନ ତଳକୁ ଖସିଥିଲା। ୨୦୨୬ ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ତୃତୀୟ ରାଉଣ୍ଡରେ ପ୍ରବେଶ କରିବାକୁ ବିଫଳ ହେବାପରେ ଭାରତର ଅବନତୀ ହୋଇଥିଲା। ଭାରତ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ କତାର, ଆଫଗାନିସ୍ତାନ ଭଳି ଦଳଠାରୁ ପରାସ୍ତ ହୋଇଥିଲା। ଫଳରେ ଫିଫା ମାନ୍ୟତାରେ ତଳକୁ ଖସିଥିଲା। ଗତବର୍ଷ ଡିସେମ୍ବରଠାରୁ ଭାରତ ଫିଫା ମାନ୍ୟତାରେ କ୍ରମାଗତ ଭାବେ ତଳକୁ ଖସିଛି। ଏକଦା ଭାରତ ୯୯ତମ ସ୍ଥାନରେ ରହି ଶ୍ରେଷ୍ଠ-୧୦୦ରେ ସ୍ଥାନୀତ ହୋଇଥିଲା। ଏସୀୟ ମାନ୍ୟତାରେ ଲେବାନନ, ପାଲେଷ୍ଟାଇନ୍ ଓ ଭିଏତନାମ ଭଳି ଦଳ ପଛରେ ରହି ଭାରତ ୨୨ତମ ସ୍ଥାନରେ ପୂର୍ବପରି ସ୍ଥିର ରହିଛି।

ବିଶ୍ୱ ମାନ୍ୟତାରେ ଆର୍ଜେଣ୍ଟିନା କୋପ ଆମେରିକା ଟାଇଟଲ ବଜାୟ ରଖି ତା'ର ନଂ୧ ସ୍ଥାନକୁ ଆହୁରି ଦୃଢ଼ କରିଛି। ସେହିପରି ୟୁରୋକପ୍ ସେମିଫାଇନାଲରେ ପ୍ରବେଶ କରିଥିବା ଫ୍ରାନ୍ସ ଦ୍ୱିତୀୟ ସ୍ଥାନରେ ରହିଛି। ୟୁରୋକପ୍ ଟାଇଟଲ ହାସଲ କରିଥିବା ସ୍ପେନ୍ ୫ଟି ସ୍ଥାନ ଉପରକୁ ଉଠି ତୃତୀୟ ସ୍ଥାନ ଅଧିକାର କରିଛି। ସେହିପରି ଉପ-ବିଜେତା ଇଂଲଣ୍ଡ ଗୋଟିଏ ସ୍ଥାନ ଉପରକୁ ଉଠି ଚତୁର୍ଥ ସ୍ଥାନ ଅଧିକାର କରିଛି। ଅନ୍ୟପଟେ ବ୍ରାଜିଲ ଗୋଟିଏ ସ୍ଥାନ ତଳକୁ ଖସି ୫ମ ସ୍ଥାନରେ ରହିଛି। ବେଲଜୟମ ୩ଟି ସ୍ଥାନ ତଳକୁ ଖସି ୬ଷ୍ଠରେ ରହି ଶ୍ରେଷ୍ଠ-୫ରୁ ବାଦ ପଡିଛି। ସେହିପରି ନେଦରଲାଣ୍ଡସ ୭ମ, ପର୍ତ୍ତୁଗାଲ ୨ଟି ସ୍ଥାନ ହରାଇ ୮ମ, କଲମ୍ବିଆ ୩ଟି ସ୍ଥାନ ଉପରକୁ ଉଠି ୯ମ ସ୍ଥାନରେ ରହି ଶ୍ରେଷ୍ଠ-୧୦ରେ ସ୍ଥାନ ପାଇଛି।

### ୱେଷ୍ଟଇଣ୍ଡିଜ ବିପକ୍ଷ ୨ୟ ଟେଷ୍ଟ

# ପୋପ୍‌ଙ୍କ ଶତକ; ବଡ଼ ସ୍କୋର ଅଭିମୁଖେ ଇଂଲଣ୍ଡ



**ନଟିଂହାମ, ୧୮।୭ (ଏଜେନ୍ସି):** ଘରୋଇ ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ୨ୟ ଟେଷ୍ଟ ଗୁରୁବାରଠାରୁ ସ୍ଥାନୀୟ ଟ୍ରେଣ୍ଟ ବ୍ରିଜ୍ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି। ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ପ୍ରଥମ ଓଭରର ୩ୟ ବଲରେ ଓପନର୍ ଜ୍ୟାକ୍ କ୍ରାଲୀଙ୍କ ୱିକେଟ୍ ହରାଇଥିଲା। ତେବେ ତୃତୀୟ ସ୍ଥାନରେ ଆସିଥିବା ଓଲି ପୋପ୍‌ଙ୍କ ଶତକୀୟ ପାଳି ବଳରେ ଇଂଲଣ୍ଡ ଶେଷ ରିପୋର୍ଟ ଲେଖା ହେଲାବେଳକୁ ଦଳ ୫୭.୧ ଓଭରରେ ୫ ୱିକେଟ୍ ହରାଇ ୨୮୧ ରନ କରିଛି। ପୋପ୍ ୧୨୧, ଅନ୍ୟତମ ଓପନର୍ ବେନ୍ ଡକେଟ୍ ୭୧, ଜୋ ରୁଟ୍ ୧୪, ହ୍ୟାରୀ ବ୍ରୁକ୍ ୩୬ ରନ କରି ଆଉଟ୍ ହୋଇଛନ୍ତି। ପୋପ୍ ଓ ଡକେଟ୍‌ଙ୍କ ମଧ୍ୟରେ ୨ୟ ୱିକେଟ୍ ଭାଗୀଦାରିରେ ୧୦୫ ରନ ସଂଗୃହିତ ହୋଇଥିଲା। ଅଧିନାୟକ ବେନ୍ ଷ୍ଟୋକ୍ସ ୩୦ ରନରେ ଅପରାଜିତ ରହିଛନ୍ତି। ବୋଲିଂରେ ୱେଷ୍ଟଇଣ୍ଡିଜ ପକ୍ଷରୁ ଆଲ୍‌ଜାରୀ ଜୋସେଫ୍ ସର୍ବାଧିକ ୨ଟି ୱିକେଟ୍ ନେଇଛନ୍ତି। ପୂର୍ବରୁ ପ୍ରଥମ ଟେଷ୍ଟକୁ ଏକ ପାଳି ଓ ୧୧୪ ରନରେ ଜିତି ଇଂଲଣ୍ଡ ୩ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି।

### ଦଳୀୟ ଅର୍ଦ୍ଧଶତକରେ ଇଂଲଣ୍ଡର ବିଶ୍ୱରେକର୍ଡ

ଏହି ଟେଷ୍ଟରେ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଇଂଲଣ୍ଡ ଦଳ ଏକ ବିଶ୍ୱରେକର୍ଡ ସ୍ଥାପନ କରିଛି। ପାଳିର ୩ୟ ବଲ୍‌ରେ ଓପନର୍ କ୍ରାଲୀଙ୍କ ୱିକେଟ୍ ହରାଇଥିଲା। କିନ୍ତୁ ଏଥିରେ ବ୍ୟାକ୍‌ଫୁଟ୍‌କୁ ଚାଲି ନ ଯାଇ ଇଂଲଣ୍ଡ ଦ୍ରୁତଗତିରେ ରନ ସଂଗ୍ରହ କରିଥିଲା। ଏପରିକି ୪.୨ ଓଭରରେ ଦଳୀୟ ସ୍କୋର ୫୦ ରନ ଛୁଇଁଥିଲା। ଫଳରେ ଟେଷ୍ଟ କ୍ରିକେଟ୍ ଇତିହାସରେ ଦ୍ରୁତତମ ଦଳଗତ ୫୦ ରନ କରିବାରେ ଇଂଲଣ୍ଡ ନୂଆ ବିଶ୍ୱରେକର୍ଡ କରିଛି। ପୂର୍ବରୁ ୩୦ ବର୍ଷ ତଳେ ୧୯୯୪ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟରେ ଇଂଲଣ୍ଡ ୪.୩ ଓଭରରେ ୫୦ ରନ ପୂରଣ କରି ଏହି ବିଶ୍ୱରେକର୍ଡର ଅଧିକାରୀ ରହିଥିଲା। ଏହାପରେ ୨୦୦୨ରେ ମଧ୍ୟ ଶ୍ରୀଲଙ୍କା ବିପକ୍ଷରେ ଇଂଲଣ୍ଡ ୩୦ ବଲରେ ଦଳୀୟ ଅର୍ଦ୍ଧଶତକ ପୂରଣ କରିଥିଲା।

● ମେଜର ଲିଗ୍ କ୍ରିକେଟ

# ଲସ୍ ଏଞ୍ଜେଲ୍ସର ଦ୍ୱିତୀୟ ବିଜୟ

**ମୋରିସ୍‌ଭିଲେ, ୧୮।୭(ଏଜେନ୍ସି):** ଉନ୍ମୁକ୍ତ ଚାନ୍ଦଙ୍କ ଚମତ୍କାର ୬୨ ରନ୍ ସହାୟତାରେ ଲସ୍ ଏଞ୍ଜେଲସ ନାଇଟ୍ ରାଇଡର୍ସ ୪ ୱିକେଟରେ ସିଏଟଲ ଓର୍କାସକୁ ପରାସ୍ତ କରି ପ୍ଲେ ଅଫ୍ ଦୌଡ଼ରେ ତିଷ୍ଠି ରହିଛି। ଏହି ମ୍ୟାଚ୍‌ରେ ର୍‌ୟାନ୍ ରିକେଲଟନଙ୍କ ୮୯ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ସିଆଟଲ ଓର୍କାସ ୬ ୱିକେଟରେ ୧୪୨ ରନ୍ କରିଥିଲା। ଜବାବରେ ଲସ୍ ଏଞ୍ଜେଲ୍ସ ୧୯.୧ ଓଭରରେ ୬ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା। କିନ୍ତୁ ପରାଜିତ ଦଳର ରିକେଲଟନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ପୂର୍ବର ୫ମ ମ୍ୟାଚ୍‌ରୁ ଚତୁର୍ଥ ବିଜୟ ସହ ୱାଶିଂଟନ ଫ୍ରିଡମ ପ୍ରଥମ ଦଳ ଭାବେ ପ୍ଲେ ଅଫ୍‌ରେ ପ୍ରବେଶ କରିସାରିଛି। ଟେକ୍ସାସ ସୁପର କିଙ୍ଗସ ଦ୍ୱିତୀୟ ସ୍ଥାନରେ ରହିଛି।

### ବଷ୍ଟାଡ ଓପନ୍ ଟେନିସ

# କ୍ୱାର୍ଟରରେ ନାଡାଲ

**ଷ୍ଟକହୋମ, ୧୮।୭ (ଏଜେନ୍ସି):** ସ୍ୱିଡେନରେ ଚାଲିଥିବା ବଷ୍ଟାଡ ଓପନ୍ ଟେନିସ ପ୍ରତିଯୋଗିତା ପୁରୁଷ ଏକକ କ୍ୱାର୍ଟର ଫାଇନାଲରେ ରାଫେଲ ନାଡାଲ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ପ୍ରି-କ୍ୱାର୍ଟର ମ୍ୟାଚରେ ସ୍ପାନିଶ ତାରକା ନାଡାଲ ୬-୪, ୬-୪ ସିଧାସଳଖ ସେଟ୍‌ରେ ବ୍ରିଟେନର କାମେରନ ନୋରିଙ୍କୁ ପରାସ୍ତ କରିଥିଲେ। ଏଥିପୂର୍ବରୁ ସେ ରାଉଣ୍ଡ-୩୨ରେ ସ୍ଥାନୀୟ ଖେଳାଳି ଲିଓ ବର୍ଗଙ୍କୁ ହରାଇଥିଲେ। କ୍ୱାର୍ଟର ଫାଇନାଲରେ ନାଡାଲଙ୍କ ମୁକାବିଲା ଆର୍ଜେଣ୍ଟିନାର ମାରିଆନୋ ନାଭୋନେଙ୍କ ସହ ହେବ। ୩୮ ବର୍ଷୀୟ ନାଡାଲ ଏଥିସହ ବର୍ଷର ୯ମ ଟୁର୍ ବିଜୟ ହାସଲ କରିଛନ୍ତି। ଶେଷଥର ଲାଗି ସେ ଗତ ଏପ୍ରିଲରେ ମାଡ୍ରିଡ ଓପନରେ କ୍ରମାଗତ ୨ଟି ମ୍ୟାଚ୍ ଜିତିଥିଲେ।




# କ୍ରମାଗତ ୩ୟ ପଦକ ଲକ୍ଷ୍ୟରେ ସିନ୍ଧୁ

**ପ୍ୟାରିସ ଅଲିମ୍ପିକ୍ସ**
**ଆଉ ୬ ଦିନ**



**ନୂଆଦିଲ୍ଲୀ, ୧୮।୭ (ଏଜେନ୍ସି):** ବିଶ୍ୱ କ୍ରୀଡ଼ାର ମହାକୁମ୍ଭ ଅଲିମ୍ପିକ୍ସର ୩୩ତମ ସଂସ୍କରଣ ଆଉ ଗୋଟିଏ ସପ୍ତାହ ପରେ ଫ୍ରାନ୍ସର ରାଜଧାନୀ ପ୍ୟାରିସରେ ଆରମ୍ଭ ହେବାକୁ ଯାଉଛି। ଭାରତୀୟ ବ୍ୟାଡ୍‌ମିଣ୍ଟନ ତାରକା ପିଭି ସିନ୍ଧୁ ଏହି ମେଗା ଇଭେଣ୍ଟରେ ପଦକ ଜିତି ଅଲିମ୍ପିକ୍ସରେ ହ୍ୟାଟ୍ରିକ ପଦକ ହାସଲ ଲକ୍ଷ୍ୟରେ ରହିଛନ୍ତି। ପୂର୍ବରୁ ୨୦୧୬ ରିଓ ଅଲିମ୍ପିକ୍ସରେ ରୌପ୍ୟ ଓ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ସିନ୍ଧୁ କାଂସ୍ୟ ପଦକ ଜିତିଥିଲେ। ଏଥର ସ୍ୱର୍ଣ୍ଣ ପଦକ ଜିତିବାକୁ ଶତଚେଷ୍ଟା ଜାରି ରଖିଛି ବୋଲି ୨୯ ବର୍ଷୀୟା ସିନ୍ଧୁ ଏକ ସାକ୍ଷାତ୍‌କାରରେ କହିଛନ୍ତି।

'ପ୍ୟାରିସରେ ୩ୟ ପଦକ ନିଶ୍ଚିତରୂପେ ମୋତେ ପ୍ରେରିତ କରୁଛି। ଏବେ ମୁଁ ସେହି ସ୍ୱର୍ଣ୍ଣ ପଦକ ପାଇବା ଲାଗି ଶତଚେଷ୍ଟା ଜାରି ରଖିଛି। ମୋ ଲାଗି ଅଲିମ୍ପିକ୍ସ ହେଉଛି ସେହି ସ୍ଥାନ ଯେଉଁଠାରେ ମୁଁ ମୋର ୨୦୦ ପ୍ରତିଶତ ଦେଇଥାଏ। ୨୦୧୬ ଓ ୨୦୨୦ର ଯାତ୍ରା ବେଶ୍ ଅଭୁତପୂର୍ବ ଥିଲା, ଯେଉଁଥିରେ ଅପାର ପ୍ରୟାସ ଓ ଅବିସ୍ମରଣୀୟ ମୁହୂର୍ତ୍ତ ଭରି ରହିଥିଲା' ବୋଲି ସିନ୍ଧୁ ଏହି ଅବସରରେ ପ୍ରକାଶ କରିଛନ୍ତି। ଏଥିସହ ଏହି ସେ ଆହୁରି ମଧ୍ୟ କହିଛନ୍ତି, ଏବେ ମୁଁ ପ୍ୟାରିସ ପାଇଁ ପ୍ରସ୍ତୁତି କରୁଛି। ଏହା ମୋ ପାଇଁ ନୂଆ ଆରମ୍ଭ। ଯାହାବି ହେଇଯାଉ ମୋତେ ୧୦୦ ପ୍ରତିଶତ ହେବାର ଅଛି। ଅଲିମ୍ପିକ୍ସର ଅନେକ ପୂର୍ବ ଅଭିଜ୍ଞତା ମୋ ପାଖରେ ରହିଛି। ଯାହାକୁ ମୁଁ ପ୍ୟାରିସରେ ଉପଯୋଗ କରିବି। କିନ୍ତୁ ପଦକ ଜିତିବା କଥା ଭାବି ଅଧିକ ଆତ୍ମବିଶ୍ୱାସୀ ହେବା ଉଚିତ ନୁହେଁ। ମୋର ଆଶା ରହିଛି, ମୁଁ ସାରା ଦେଶବାସୀଙ୍କ ଆଶାକୁ ପୂରଣ କରି ୩ୟ ପଦକ ଅଲିମ୍ପିକ୍ସରେ ଜିତିବି। ଅଲିମ୍ପିକ୍ସରେ କ୍ରମାଗତ ୩ ବ୍ୟକ୍ତିଗତ ପଦକ ଜିତିବା କୌଣସି ସହଜ କଥା ନୁହେଁ। ସ୍ୱର୍ଣ୍ଣ ପଦକ ଜିତିବା ଲାଗି ମୋର ଫୋକସ୍ ରହିଛି' ବୋଲି ଭାରତୀୟ ବ୍ୟାଡ୍‌ମିଣ୍ଟନର ଏହି ମହାନ ଖେଳାଳି କହିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS